
ଦଳରୁ ଇସ୍ତଫା ଦେଲେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଶିଳ୍ପାଙ୍କ ରେଷ୍ଟୋରାଁରେ ଝୁଲିଲା ତାଲା |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୫ Vol. 22 No-155 4 SEPTEMBER 2025 THURSDAY, BHUBANESWAR ଗୁରୁବାର, ୪ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦିଲ୍ଲୀ ଗସ୍ତରେ ବିଜେପି ରାଜ୍ୟ ସଭାପତି

ଭୁବନେଶ୍ୱର,୩।୯(ଭାସ୍କର ନ୍ୟୁଜ): ବୁଧବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ ସେଠାରେ କେତେକ କେନ୍ଦ୍ରୀୟ ନେତାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବାବେଳେ ମନମୋହନଙ୍କ ଏହି ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗସ୍ତ ସମୟରେ ବିଭିନ୍ନ ବୋର୍ଡ ନିଗମ ଓ ରାଜ୍ୟ କମିଟି ନେଇ ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି।

### ସ୍କୁଲ ସହ ମିଶିବ ଅଙ୍ଗନୱାଡ଼ି

ନୂଆଦିଲ୍ଲୀ,୩।୯: ପିଲାଙ୍କ ଶୈଶବ ଯତ୍ନ ଓ ଶିକ୍ଷାକୁ ଆନୁଷ୍ଠାନିକ ଭାବେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଲକ୍ଷ୍ୟରେ ବିଦ୍ୟାଳୟଗୁଡ଼ିକ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଯୋଡ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମହିଳା ଓ ଶିଶୁ ବିକାଶମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।


### ୬ଜଣଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର,୩।୯(ଭାସ୍କର ନ୍ୟୁଜ): ୨୦୦୨ ଅଗଷ୍ଟ ୯ରେ ଜଣେ ସଂପର୍କୀୟଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିବା ଅଭିଯୋଗରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୬ଜଣଙ୍କୁ ଅତିରିକ୍ତ ଦୌରାଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ବାରମାସୀ ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା।

ସେନ୍‌ସେକ୍ସ: ୮୦,୫୬୭.୭୧
ସର୍ବାଧିକ: ୨୮.୨ ଡିଗ୍ରୀ
ସର୍ବନିମ୍ନ: ୨୫.୪ ଡିଗ୍ରୀ

**୩।୯।୨୦୨୫ ର ମତାମତ**

ସେମିକନ ଇଣ୍ଡିଆ ଭାରତକୁ ଡିଜିଟାଲ କରିବା କ୍ଷେତ୍ରରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆତ୍ମହତ୍ୟା ରୋକିବାରେ ସଫଳ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସେପଟେ ଭାସୁଛି ଉତ୍ତର ଭାରତ
ଏପଟେ ଉତ୍ତର ଓଡ଼ିଶା,
ଚାଷବାସ ସବୁ ଚୂଲିକୁ ଗଲାଣି
ନିର୍ଘାତ ଛେଚୁଛି ବରଷା ।
ଏକା ଭଗବାନ ଭରସା,
ପୃଥ୍ୱୀ ଜଳାର୍ଣ୍ଣବ ତ୍ରାହି ତ୍ରାହି ଜୀବ
ବୁଡ଼ିଲାଣି ଜାଣ ବେଉସା !

## ଜାରି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା

# ପୁଣି ବନ୍ୟା ଆଶଙ୍କା





**ସତର୍କ ସଂକେତ ଉପରେ ଜଳକା, ବୈତରଣୀ**

**ସୁବର୍ଣ୍ଣରେଖାରେ ୭ମ ଥର ପାଇଁ ବନ୍ୟା ସମ୍ଭାବନା**

**ବର୍ଷା ହେଲେ ବି ବିପଦ ସଂକେତ ଟପିବନି: ସର୍ବୋଚ୍ଚ ଯନ୍ତ୍ରୀ**

**ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷିବା ନେଇ ସୂଚନା**

**ଉତ୍ତର ଓ ଉପକୂଳ ଓଡ଼ିଶାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୩।୯(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସାରା ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ଥିବାରୁ ପୁଣିଥରେ ବନ୍ୟା ଆସିବାର ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ଆଖୁଆପଦାଠାରେ ବୈତରଣୀ ନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବାବେଳେ ବସ୍ତାର ମଥାନିଠାରେ ଜଳକା ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ସାରା ବାଲେଶ୍ୱର ସହର ଜଳାର୍ଣ୍ଣବ ହୋଇପଡ଼ିଛି। ସତେ ଯେପରି ସାରା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ତଳି ଅଞ୍ଚଳର ବିଭିନ୍ନ ଗଳି ଓ ଛକ ରାସ୍ତାରେ ୨ରୁ ୩ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି। ଚିଡିଆପୋଲ, ନୂଆସାହି, ତେଲେଙ୍ଗାସାହି ଛକ ଆଦିରେ ବର୍ଷାଜଳ ଜମି ରହିବାରୁ ଯାତାୟତ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ଥିବା ଡାକଘରେ ବର୍ଷାଜଳ ପ୍ରବେଶ କରିବାରୁ ସେଠାରେ ରଖା ଯାଇଥିବା ଟଙ୍କା ପାଣିରେ ଭିଜିଯାଇଛି। ଏପରିକି ଅଫିସ ଭିତରେ ମାଛ ଦେଖିବାକୁ ମିଳିଛି। ତେଣୁ ସୁବର୍ଣ୍ଣରେଖାରେ ସପ୍ତମ ଥର ପାଇଁ ବନ୍ୟା ଆସିବା ଆଶଙ୍କା ଦେଖାଦେଇଛି। ଗତ ୩ ମାସ ମଧ୍ୟରେ ସୁବର୍ଣ୍ଣରେଖାରେ ସପ୍ତମ ଥର ବନ୍ୟା ଆସିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି। ବାରମ୍ବାର ବନ୍ୟା ଆସୁଥିବାରୁ ଲୋକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ୩ ମାସରେ ପୂର୍ବରୁ ୬ଥର ବନ୍ୟା ହେବା ସହିତ ୨୦୨୫ ମସିହା ଉତ୍ତର ବାଲେଶ୍ୱରବାସୀଙ୍କ ପାଇଁ ଅଭିଶପ୍ତ ବର୍ଷ ପାଲଟିଛି ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ହେଉଥିବାରୁ ● ପୃଷ୍ଠା ୫ ଦେଖନ୍ତୁ

## ■ ଶାହଙ୍କ ଦୃଢ଼ୋକ୍ତି ■

# ନକ୍ସଲ ନିପାତ ନ ହେବା ଯାଏ ବସିବୁନି



ନୂଆଦିଲ୍ଲୀ,୩।୯: ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରା ପଡ଼ିନାହାନ୍ତି ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସି ପାରିବେନି କି ଶୋଇ ପାରିବେନି। ବୁଧବାର ଛତିଶଗଡ଼ର କାରେଗୁଟା ପାହାଡ଼ରେ ଅପରେସନ ବ୍ଲାକ୍ ଫରେଷ୍ଟ ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ ଏବଂ କୋବ୍ରା ବାହିନୀର ସୁରକ୍ଷାକର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଏହା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ସେ କହିଛନ୍ତି, ଅପରେସନ ବ୍ଲାକ୍ ଫରେଷ୍ଟ ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲବିରୋଧୀ ଅଭିଯାନର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟଭାବେ ସ୍ଥାନ ପାଇବ। ଶାହ କହିଥିଲେ ଯେ ଆଇଇଡିର ବିପଦ ସତ୍ତ୍ୱେ ସୁରକ୍ଷାବାହିନୀ କଠୋର ମନୋବଳ ସହ ଅପରେସନ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍‌କ୍ୟାମ୍ପକୁ ସଫଳତାର ସହ ଧ୍ୱଂସ କରିଥିଲେ। ନକ୍ସଲମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, ନିରନ୍ତର ନକ୍ସଲବିରୋଧୀ ଅଭିଯାନ ଯୋଗୁ ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି। ମୋଦୀ ସରକାର ନକ୍ସଲବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷାକର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ● ପୃଷ୍ଠା ୫ ଦେଖନ୍ତୁ

## ଜିଏସ୍‌ଟି କାଉନସିଲ ବୈଠକରେ ବଡ଼ ନିଷ୍ପତ୍ତି

# ଲାଗୁ ହେବ ୫ ଓ ୧୮% ସ୍ଲାବ୍



**ଉଚ୍ଛେଦ ହେଲା ୧୨,୨୮ ପ୍ରତିଶତ ସ୍ଲାବ୍**

**ଆସନ୍ତା ୨୨ ତାରିଖରୁ ନୂଆ ସ୍ଲାବ୍ ଲାଗୁ**

**୨୩ ଜୀବନ ରକ୍ଷାକାରୀ ଔଷଧ ଉପରେ ଲାଗିବନି ଟିକସ**

**ସୌଖିନ, ତମାଖୁଜାତ ସାମଗ୍ରୀ ଉପରେ ୪୦% ଟିକସ**

**ବ୍ୟକ୍ତିଗତ ଜୀବନବୀମା ଉପରେ ଜିଏସ୍‌ଟି ନାହିଁ**

**ଉପକୃତ ହେବେ ସାଧାରଣ ଲୋକ, ଉଦ୍ୟୋଗୀ, ଚାଷୀ**

**ସାମ୍ବାଦିକ ସମ୍ମିଳନୀରେ ଅର୍ଥମନ୍ତ୍ରୀଙ୍କ ସୂଚନା**

ନୂଆଦିଲ୍ଲୀ,୩।୯: ବୁଧବାର ଦିଲ୍ଲୀରେ ଅନୁଷ୍ଠିତ ଜିଏସ୍‌ଟି କାଉନସିଲ ବୈଠକରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ପ୍ରଚଳିତ ଥିବା ୧୨ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ବନ୍ଦ କରାଯାଇଛି। ସାରା ଦେଶରେ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ୍ ଲାଗୁ ହେବ ବୋଲି ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଅଗଷ୍ଟ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସଂକେତ ଦେଇଥିଲେ। ପୂଜା ପୂର୍ବରୁ ଦେଶବାସୀଙ୍କୁ ବଡ଼ ଭେଟି ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ପ୍ରତିଶ୍ରୁତି ପୂରଣ ନିମନ୍ତେ ଏହି ମାନସମନ୍ବନ ଆରମ୍ଭ ହୋଇଥିଲା। ପୂର୍ବରୁ ପ୍ରଚଳିତ ୪ଟି ସ୍ଲାବ୍‌କୁ ଏବେ ୨ଟି ସ୍ଲାବ୍‌କୁ ପରିବର୍ତ୍ତନ କରାଯାଇ ଏବେ ମାତ୍ର ଦୁଇଟି ସ୍ଲାବ ପ୍ରଚଳନ କରାଯିବ। ବୈଠକ ପୂର୍ବରୁ ଆଶା କରାଯାଉଥିଲା ଯେ ୨୮ ପ୍ରତିଶତ ଉଚ୍ଚ ଟିକସ ସ୍ଲାବରେ ଥିବା ସମସ୍ତ ସାମଗ୍ରୀକୁ ୧୮ ପ୍ରତିଶତକୁ ଆଣିବା ପାଇଁ ସମ୍ଭାବନା ରହିଥିଲା। ଯାହାକି ବୈଠକରେ ଅନୁମୋଦିତ ହୋଇଛି। ସେହିପରି ପୂର୍ବରୁ ପ୍ରଚଳିତ ଥିବା ୧୨ ପ୍ରତିଶତ ଟିକସକୁ ୫ ପ୍ରତିଶତକୁ ଅଣାଯାଇଛି। ତେବେ ତମାଖୁ ଭଳି ସାମଗ୍ରୀ ଉପରେ ଉଚ୍ଚ ଟିକସ ଅର୍ଥାତ ୪୦ ପ୍ରତିଶତ ଜିଏସ୍‌ଟି ଆଦାୟର ପ୍ରସ୍ତାବ ରହିଛି। ଅର୍ଥମନ୍ତ୍ରୀ ● ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟରେ ଆଉ କେହି କରିବେନି ଆତ୍ମହତ୍ୟା

# ଆରମ୍ଭ ହେବ 'ଜୀବନ ଜିନ୍ଦାବାଦ୍' କାର୍ଯ୍ୟକ୍ରମ




ଭୁବନେଶ୍ୱର,୪।୯(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସାରା ରାଜ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଯୁବବର୍ଗମାନଙ୍କ ମଧ୍ୟରେ ଏଭଳି ମାନସିକତା ଦେଖିବାକୁ ମିଳୁଛି। ରାଜ୍ୟରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ବୟସ ବର୍ଗର ଲୋକେ ତଥା କଲେଜରେ ଯୁବବର୍ଗ ନିଜ ଜୀବନ ନେବା ଘଟଣାରେ ରୋକ୍ ଲାଗିବ ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବୁଧବାର ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଉଚ୍ଚଶିକ୍ଷାବିଭାଗ ସଚିବ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଭଳି ଅଭାବନୀୟ ଘଟଣାକୁ ରୋକିବା ପାଇଁ ଜିଲ୍ଲା ସଦରମହକୁମାରେ ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୦ ତାରିଖରୁ ଏହି କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲା ସଦର ମହକୁମାରେ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ତି। ଏଥିରେ କଲେଜ, ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ଯୁବବର୍ଗଙ୍କୁ ସାମିଲ କରାଯିବ। ଏଥିସହ ୭୦ରୁ ଅଧିକ କଳାକାରଙ୍କୁ ମଧ୍ୟ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇଛି। ମହିଳା ଏବଂ ଶିଶୁବିକାଶ ବିଭାଗ, ଗୃହ ବିଭାଗ ଏବଂ ଉଚ୍ଚଶିକ୍ଷାବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ବାଣୀବିହାରରେ ଦେଖା ଦେଇଥିବା ● ପୃଷ୍ଠା ୫ ଦେଖନ୍ତୁ

## ମେଘାଳୟରେ ଓଡ଼ିଆ ଯବାନ ସହିଦ

# ଗାଁରେ ଶୋକର ଛାୟା

ଅତାବିରା,୩।୯(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡ଼ଭଗାର ବିଏସ୍‌ଏଫ ଯବାନ ଖଗେନ୍ଦ୍ର ମହାପାତ୍ର (୩୬) ବୁଧବାର ମେଘାଳୟରେ ସହିଦ ହୋଇଛନ୍ତି। ଏହି ଖବର ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯିବା ସହ କାନ୍ଦବୋବାଳିରେ ଗାଁ ଫାଟି ପଡ଼ୁଛି। ମିଳିଥିବା ସୂଚନା ଅନୁଯାୟୀ ସ୍ୱର୍ଗତଃ ଖଗେନ୍ଦ୍ର ବିଏସଏଫର ଯବାନ ଭାବେ ମଣିପୁର ଓ ମେଘାଳୟ ଅଞ୍ଚଳରେ କାର୍ଯ୍ୟରତ ଥିଲେ। ବୁଧବାର ସକାଳେ ପଡ଼ିଆରେ ଘାସ ସଫା କରୁଥିବାବେଳେ କୌଣସି କାରଣବଶତଃ ବିଦ୍ୟୁତ ଆଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋଡ଼ଭଗାରେ ଥିବା ଯବାନଙ୍କ ପରିବାରବର୍ଗଙ୍କୁ ଫୋନ୍ ଯୋଗେ ଜଣାଇ ଦିଆଯାଇଥିଲା। ଗାଁ ଲୋକମାନେ ତାଙ୍କ ବାସଭବନ ସମ୍ମୁଖରେ ରୁଣ୍ଡ ହୋଇଛନ୍ତି। କାନ୍ଦବୋବାଳିରେ ସମଗ୍ର ଗାଁ ଫାଟିପଡ଼ୁଛି। ସହିଦ ଯବାନ ଖଗେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଜନ୍ମସ୍ଥାନ ଗୋଡ଼ଭଗାକୁ ଅଣାଯିବାର ବ୍ୟବସ୍ଥା କରାଯାଉଛି। ଗୁରୁବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଛି। ଗୋଡ଼ଭଗା ଗ୍ରାମର ଫକୀର ମହାପାତ୍ରଙ୍କ ପୁଅ ସ୍ୱର୍ଗତଃ ଖଗେନ୍ଦ୍ର ତାଙ୍କ ବିଧବା ସ୍ତ୍ରୀ ନିଲମ ଏବଂ ୪ ବର୍ଷର ପୁଅ ରୋନାଲଙ୍କୁ ଛାଡ଼ି ଯାଇଛନ୍ତି। ତେବେ ପୁଅ ବାପା କୁଆଡ଼େ ଗଲେ ବୋଲି ମଝିରେ ମଝିରେ ପଚାରୁଥିବାରୁ ଏହି ଦୃଶ୍ୟ ଯନ୍ତ୍ରଣାଦାୟକ ବୋଲି ଗ୍ରାମବାସୀ କହିଛନ୍ତି। ଖଗେନ୍ଦ୍ରଙ୍କ ବିୟୋଗରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଥିବାବେଳେ ତାଙ୍କ ଶବ ସତ୍କାର ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବା ନେଇ ମଧ୍ୟ ପ୍ରଶାସନ ତତ୍ପରତା ପ୍ରକାଶ କରିଛି।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ଧାଡି ଦର୍ଶନ ବ୍ୟବସ୍ଥାକୁ ଅନୁମୋଦନ



ପୁରୀ,୩।୯(ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ହେବ ସୁଖଦ ଦର୍ଶନ । ଖୁବ ଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପରେ ଆରମ୍ଭ ହେବ ଧାଡି ଦର୍ଶନ ବ୍ୟବସ୍ଥା । ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି । ଏଥିସହ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଇସ୍କନକୁ ଅବଗତ କରିବ ଶ୍ରୀମନ୍ଦିର ପ୍ରଶାସନ । ସେହିପରି ପରିଚାଳନା କମିଟି ବୈଠକରେ ଦୀଘା ଜଗନ୍ନାଥ ମନ୍ଦିରର ଧାମ ନାମକରଣକୁ ଘୋର ବିରୋଧ କରିଛି ପରିଚାଳନା କମିଟି ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି, 'ଶ୍ରୀମନ୍ଦିର ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସବ କମିଟି ଗଠନ କରାଯାଇଛି । ଏହି କମିଟିରେ ପରିଚାଳନା କମିଟି ସଦସ୍ୟ, ପୁରୀ ଏସପି, ଶ୍ରୀମନ୍ଦିର ନୀତି ପ୍ରଶାସକ, ଏଏସଆଇର ଅଧିକାରୀ, ଓବିସିସି ଅଧିକାରୀ ରହିଥିବା ବେଳେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ କଣ ସୁବିଧା ଏବଂ ଅସୁବିଧା ହେବ ତାହାର ଅନୁଧ୍ୟାନ କରିବ ଏହି କମିଟି । ସେହିପରି ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମହାପ୍ରଭୁଙ୍କ ନୀତି କାନ୍ତି ଯେଭଳି ପ୍ରଭାବିତ ନହୁଏ ସେନେଇ ସମ୍ପୃକ୍ତ ସେବାୟତ ● ପୃଷ୍ଠା ୫ ଦେଖନ୍ତୁ

**ସୁରକ୍ଷା ପାଇଁ ସବ୍‌କମିଟି ଗଠିତ**

## ପାରାଦୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ

# ସାଗର କବଚ-୨ ଆରମ୍ଭ

ପାରାଦୀପ/ଜଗତସିଂହପୁର,୩।୯ (ଭାସ୍କର ନ୍ୟୁଜ): ୨୬/୧୧ ମୁମ୍ବାଇ ଆତଙ୍କୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ମିଳିତ ସମରାଭ୍ୟାସ ସାଗର କବଚ ଦୁଇଥର ଲେଖାଏଁ ଆୟୋଜିତ ହେଉଛି। ଏହି କ୍ରମରେ ବୁଧବାରଠାରୁ ପାରାଦୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ଗଭୀର ସମୁଦ୍ରରେ ଏହି ସମରାଭ୍ୟାସ କରାଯାଉଛି। ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକୁ କିପରି ପ୍ରତିରୋଧ କରାଯାଇପାରିବ ସେ ନେଇ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ୧୮ରୁ ଊର୍ଦ୍ଧ୍ୱ ବିଭାଗ । ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ, ଓଡ଼ିଶା ପୋଲିସ, ବନ ବିଭାଗ, ପାରାଦୀପ ବନ୍ଦର ସାମିଲ ହୋଇଛନ୍ତି। ସେମାନଙ୍କୁ ଦୁଇଟି ଟିମ୍‌ରେ ବିଭକ୍ତ କରାଯାଇଛି। ଗଭୀର ସମୁଦ୍ରରେ ଭାରତୀୟ ନୌସେନା, କୂଳରେ ତଟରକ୍ଷୀବାହିନୀ, ସାମୁଦ୍ରିକ ଥାନା ପୋଲିସ ଓ ମତ୍ସ୍ୟବିଭାଗ ପଇଁତରା ମାରିବା ସହିତ ଅନ୍ୟ ବିଭାଗଗୁଡ଼ିକ ସ୍ଥଳଭାଗରେ ଉପକୂଳକୁ ସୁରକ୍ଷା ଯୋଗାଉଛନ୍ତି। ରେଡ୍ ଟିମ୍ ଆତଙ୍କବାଦୀଙ୍କ ରୂପରେ ଜଳପଥରେ ଆସି ସ୍ଥଳପଥରେ ପ୍ରବେଶ କରି ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ବ୍ଲୁ ଟିମ୍ ସ୍ଥଳଭାଗରେ ପ୍ରତିରୋଧ କରିବେ। ସାଗର କବଚ-୨ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକୁ କିପରି ପ୍ରତିରୋଧ କରାଯାଇପାରିବ ସେ ନେଇ କଳାକୌଶଳ ପ୍ରଦର୍ଶନ କରୁଛନ୍ତି। ବୁଧବାର ସକାଳେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପାରାଦୀପର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା କର୍ମୀମାନେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି।



କଟକ(ଭାସ୍କର ନ୍ୟୁଜ୍): ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ରାଜ୍ୟ ସରକାର ଆଗାମୀ ୬ ସପ୍ତାହ ମଧ୍ୟରେ ସାନି ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସଂରକ୍ଷଣ ଆଧାରରେ ଏହି ବିଜ୍ଞପ୍ତି ପ୍ରକାଶ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଥିସହ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ନିମନ୍ତେ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ସମ୍ବଲପୁର ମ୍ୟୁନିସିପାଲିଟି ପ୍ରଥମ ଥର ପାଇଁ ୨୦୧୪ ମସିହାରେ ମହାନଗର ନିଗମରେ ପରିଣତ ହୋଇଥିଲା। ଏଥିରେ ହୀରାକୁଦ ଓ ବୁର୍ଲା ଏନ୍ଏସି ସମେତ ମାନେଶ୍ୱର ବ୍ଲକର ୫ଟି ଓ ଧାନକୁଦ ବ୍ଲକର ୭ଟି ପଞ୍ଚାୟତ ସାମିଲ କରାଯାଇ ମହାନଗର ନିଗମର ମାନଦଣ୍ଡ ପୂରଣ କରାଯାଇଥିଲା। ତେବେ ସମ୍ବଲପୁର ମହାନଗର ନିଗମର ପ୍ରଥମ ନିର୍ବାଚନ ପାଇଁ ୨୦୧୫ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୱାର୍ଡଗୁଡ଼ିକର ପୁନର୍ଗଠନ ଓ ସିଟ୍ ସଂରକ୍ଷଣ ନେଇ ସରକାର ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିଥିଲେ।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ତନଖି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଶେଷ କରି ବଡ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ରାଜ ଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସଂପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଂଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟ କ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟ ଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସଂପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କେ -୯ ସ୍କ୍ୱାଡ୍ ନିୟୋଜନ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସଂପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍‌ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ। ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିଥିଲେ ଏବଂ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡି.ଜି. ଅଗ୍ନିଶମ ଓ ଆପତକାଳୀନ ସେବା, କମାଣ୍ଡାଣ୍ଟ ଜେନେରାଲ ହୋମଗାର୍ଡସ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଡି.ଆଇ.ଜି. ଫାୟାର ଆଣ୍ଡ ଇମରଜେନ୍ସି ସର୍ଭିସ୍ ଆଣ୍ଡ ହୋମଗାର୍ଡସ୍ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୋ ପାର୍କିଂ ଜୋନ୍‌ରେ ଏମିତି...




କଟକ(ଭାସ୍କର ନ୍ୟୁଜ୍): ନୋ ପାର୍କିଂ ଜୋନରେ ମାସ ମାସ ଧରି ଶତାଧିକ ଗାଡ଼ି ପାର୍କିଂ ହେଉଛି ଏମିତି... । ପୋଲିସ ଓ ପ୍ରଶାସନ ନିରବ । ଲୋକଙ୍କ କହିବା କଥା ଯେଉଁଠି ସାଧାରଣ ଲୋକ, ସାମ୍ବାଦିକମାନେ କୌଣସି ଜରୁରୀ କାମ ପାଇଁ ରାସ୍ତାରେ ଟିକେ ଗାଡ଼ି ଛିଡା କରିଦେଲେ କିମ୍ବା ହେଲମେଟ ନଥିଲେ ନଂ ପ୍ଲେଟ ଫଟୋ ଉଠି ହଜାର ହଜାର ଟଙ୍କା ଜୋରିମାନା ଚାଲାଣ ହୋଇ ଲୋକଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି । କିନ୍ତୁ ଏକ ବହୁ ପୁରାତନ ସରକାରୀ ହାଇସ୍କୁଲ, ସିଏମସି କାର୍ଯ୍ୟାଳୟ ଓ ପେଟ୍ରୋଲ ପମ୍ପକୁ ଯିବା ଆସିବା ମୁଖ୍ୟ ରାସ୍ତା ନୋ ପାର୍କିଂରେ ମାସ ମାସ ଧରି ପ୍ରତିଦିନ ଯେଉଁ ଗାଡ଼ି ପାର୍କିଂ କରୁଛନ୍ତି ତାଙ୍କୁ ଫାଇନ କରୁଛି କିଏ ? ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ ସହିଦ ଭବନ ଓ କଲ୍ୟାଣ ମଣ୍ଡପ ବନ୍ଦ ହୋଇ ପୁଣି ନବୀକରଣ ହେବା ପରେ ମଧ ଏହି ଗାଡ଼ି ପାର୍କିଂ ହେଉଛି ଏଭଳି ଲୋକଙ୍କର ଅନେକ ପ୍ରଶ । ଦୟାକରି ଜିଲ୍ଲା ପ୍ରଶାସନ, ମେୟର ଓ ସ୍ଥାନୀୟ ଥାନା ଅଧିକାରୀ ଏହାକୁ ଦୃଷ୍ଟି ଦେବା ପାଇଁ ସାଧାରଣ ଲୋକଙ୍କ ଅନୁରୋଧ ।

### ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନ

# ସୁଯୋଗର ସଦୁପଯୋଗ କରିବାକୁ ରାଷ୍ଟ୍ରଦୂତଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି । ବିଭିନ୍ନ ଦେଶରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ମଧ ରପ୍ତାନୀ ବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ତେଣୁ ଓଡ଼ିଆ ରପ୍ତାନିକାରୀ ବନ୍ଧୁଗଣ ଏହି ସୁଯୋଗର ସଦୁପଯୋଗ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବାକୁ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେଇ ରାଷ୍ଟ୍ରଦୂତମାନେ ଆହ୍ୱାନ ଦେଇଛନ୍ତି । ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ 'ରପ୍ତାନୀ ନୀତି ଓ ବିଶ୍ୱ ବଜାର ସଂଯୋଗୀକରଣ' ଶୀର୍ଷକ ପ୍ରଶିକ୍ଷଣ ଅଧିବେଶନରେ ଯୋଗ ଦେବା ଅବସରରେ ରାଷ୍ଟ୍ରଦୂତମାନଙ୍କ ପକ୍ଷରୁ ଏହି ମତ ପ୍ରକାଶ ପାଇଛି । ରପ୍ତାନୀ କ୍ଷେତ୍ରକୁ ଅଧିକ ସୁଦୃଢ କରିବା ପାଇଁ ଏହି ଅବସରରେ ଏକ ଆଲୋଚନା ଆୟୋଜିତ ହୋଇଥିଲା । ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ ନାରଙ୍ଗ, ମାଲଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗତେ ପ୍ରମୁଖ ଅନ୍ତର୍ଜାତୀୟ ସହଯୋଗ ଓ ରପ୍ତାନୀ ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଆଲୋଚନାକୁ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ସଂଚାଳନ କରିଥିଲେ । ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଓଡ଼ିଶାରେ ଥିବା ରପ୍ତାନୀ ସମ୍ଭାବନା ଉପରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ । କଲିକତାସ୍ଥିତ ଆପେଡା ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏମପେଡାର ଉପ-ନିର୍ଦ୍ଦେଶକ ଡକ୍ଟର ଅଚିମାନ ଲାହିରି, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଜ୍ଞାନ ମହାନ୍ତି, ଫିକି ପକ୍ଷରୁ ରାଜେନ ପାଢୀ, ଏଫଆଇଇଓ ଓଡ଼ିଶା ମୁଖ୍ୟ କମଳକାନ୍ତ ସାହୁ ପ୍ରମୁଖ ରପ୍ତାନୀ କ୍ଷେତ୍ରକୁ ବିସ୍ତାର କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସହକାରୀ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ମହେଶ ଚୌଧୁରୀ, ଯୁଗ୍ମ ଶାସନ ସଚିବ କମଳଜିତ ଦାସ, ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ, ବହୁ ଉଦ୍ୟୋଗୀ, ରପ୍ତାନିକାରୀ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### 'ରାଜଭାଷା ହିନ୍ଦୀ ଏବଂ ପୋଷଣ ମାସ' କର୍ମଶାଳା

# ହିନ୍ଦୀର ପ୍ରଚାର ସହ ସୁସ୍ଥ ଭାରତ ଗଠନ ଉପରେ ଆଲୋକପାତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବୁଧବାର 'ରାଜଭାଷା ହିନ୍ଦୀ କର୍ମଶାଳା ସହ ପୋଷଣ ମାସ' କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି। ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଶେଷ ଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ସ୍ନେହଲତା ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ସ୍ୱୟଂପ୍ରଭା ମହାନ୍ତି, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସୁଶ୍ରୀ କିର୍ତ୍ତୀ ସିଂଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ସହିତ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପୋଷଣ ମାସ ପରିପ୍ରେକ୍ଷୀରେ ସାମାଜିକ ସଚେତନତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ରାଜଭାଷା ହିନ୍ଦୀ କେବଳ ଏକ ମାଧ୍ୟମ ନୁହେଁ, ବରଂ ଦେଶର ସାମାଜିକ ଏବଂ ସାଂସ୍କୃତିକ ଏକତାର ପ୍ରତୀକ। ସରକାରୀ କାର୍ଯ୍ୟକଳାପରେ ରାଜଭାଷାର ସୁଚିନ୍ତିତ ପ୍ରୟୋଗ ଦ୍ୱାରା ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୁଏ। ବିଶେଷ ଅତିଥି ଡକ୍ଟର ସ୍ନେହଲତା ଦାଶ କହିଥିଲେ, ରାଜଭାଷା ହିନ୍ଦୀ ହେଉଛି ଦେଶର ସାମାଜିକ, ସାହିତ୍ୟିକ ଓ ପ୍ରଶାସନିକ ଏକତାର ସେତୁ। ସେ କହିଥିଲେ, ହିନ୍ଦୀ କେବଳ ଏକ ଭାଷା ନୁହେଁ, ଏହା ଲକ୍ଷାଧିକ ଜନମାନସର ଭାବନା, ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ପ୍ରଶାସନିକ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ପାଇଲେ ସ୍ୱଚ୍ଛତା ଓ କାର୍ଯ୍ୟକୁଶଳତା ବଢ଼େ। ସାଧାରଣ ଲୋକଙ୍କ ସହ ସଂପର୍କ ଅଧିକ ସହଜ ଓ ପ୍ରଭାବଶୀଳ ହୁଏ। ସ୍ୱତନ୍ତ୍ର ଅତିଥି ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, କହିଥିଲେ ଯେ, ରାଜଭାଷାର ପ୍ରଚାର-ପ୍ରସାର ଏବଂ ସରକାରୀ କାର୍ଯ୍ୟକଳାପରେ ଏହାର ସଚେତନ ପ୍ରୟୋଗ ଏକ ଜାତୀୟ ଦାୟିତ୍ୱ। 'ଭାଷା ହେଉଛି ସମ୍ପ୍ରସାରଣର ମୂଳ ଆଧାର। ରାଜଭାଷାର ବ୍ୟବହାର ବୃଦ୍ଧି ପାଇଲେ, ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଅଧିକ ସ୍ୱଷ୍ଟ, ସୁଗମ ଓ ସୁଦୃଢ ହେବ' ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ସୁଶ୍ରୀ କିର୍ତି ସିଂହ, କହିଥିଲେ ଯେ, ରାଜଭାଷା ହିନ୍ଦୀ ଆମ ଦେଶର ପରିଚୟ, ଏକତା ଓ ସାଂସ୍କୃତିକ ସମ୍ପଦର ପ୍ରତୀକ। ଏହି କାର୍ଯ୍ୟକ୍ରମରେ ଦୂରଦର୍ଶନ ସମାଚାର ବିଭାଗ ମୁଖ୍ୟ ଡା. ଅଭିଷେକ ମିଶ୍ରା, ଆକାଶବାଣୀ ସମାଚାର ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ପଟ୍ଟନାୟକ ଓ ସହାୟକ ନିର୍ଦ୍ଦେଶକ ତପନ କୁମାର ମହାରଣା, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ସହାୟକ ନିର୍ଦ୍ଦେଶକ ମନମୋହନ ପାଢ଼ୀ, ଜିତେନ୍ଦ୍ର ପ୍ରଧାନ, ପାର୍ଥସାରଥୀ ମଲ୍ଲିକ, କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ପତ୍ର ସୂଚନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ମନୋଜ କୁମାର ଜାଲି ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ତାପସ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀ ମାଡ଼ ମାରି ନଷ୍ଟ କଲେ ଛାତ୍ରୀଙ୍କ ଆଖି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଦ୍ୟାଳୟରେ ଭଲ ପାଠ ସହିତ ବୁଦ୍ଧି ଓ ବିଦ୍ୟା ଶିକ୍ଷା ଗ୍ରହଣ କରିବେ ବୋଲି ପିଲାମାନଙ୍କୁ ଅଭିଭାବକ ପଠାଇଥାନ୍ତି। ହେଲେ ରାଜଧାନୀ ଭୁବନେଶ୍ୱର ଏକ ଘରୋଇ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି, ଯାହାକି ଅଭିଭାବକମାନଙ୍କୁ ଭୟ କରାଇ ଦେଇଛି। କମିସନରେଟ୍ ପୋଲିସ ଅଧୀନ ଏକ ଘରୋଇ ବିଦ୍ୟାଳୟରେ ଜଣେ ଛାତ୍ରୀ ଲହୁଲୁହାଣ ହୋଇଛନ୍ତି। ଛାତ୍ରୀଙ୍କୁ ତାଙ୍କର ବିଦ୍ୟାଳୟର ଶିକ୍ଷୟିତ୍ରୀ ନିସ୍ଥୁକ ମାଡ଼ ମାରିଛନ୍ତି। ଶିକ୍ଷୟିତ୍ରୀ ଜଣକ କ୍ରୋଧର ବଶବର୍ତ୍ତୀ ହୋଇ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଭୁଲି ଯାଇଛନ୍ତି। ସୀମା ଅତିକ୍ରମ କରି ନିଷ୍ପାପ ଶିଶୁକୁ ଲହୁଲୁହାଣ କରିଦେଇଛନ୍ତି। ମାଡ଼ ମାରି ଆଖି ନଷ୍ଟ କରିଦେବା ଅଭିଯୋଗରେ ଶିକ୍ଷୟତ୍ରୀଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ଡୁମଡୁମା ଫେଜ୍-୨ ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଆଜି ଏହି ଅଭବନୀୟ ଘଟଣା ଘଟିଛି। ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରି ଶିକ୍ଷୟିତ୍ରୀ ଲହୁ ଲୁହାଣ କରିଦେଇଛନ୍ତି। ପିଲାକୁ ଗଣିତ ଆସିଲାନି ବୋଲି ମାଡ଼ ଖାଇଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ୯ ବର୍ଷ ବୟସର ଛାତ୍ରୀଙ୍କୁ ଏକ ଚକ୍ଷୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟରେ ସ୍କୁଲ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଜାଣିଶୁଣି କିମ୍ବା କାହା ଉପରେ ଆକ୍ରୋଶ ରଖି କେବେ ବି ଏଭଳି କରି ହେବ ନାହିଁ । ମୁଁ ଏହି ଘଟଣା ପାଇଁ ଦୁଃଖିତ । ଗାଲକୁ ଟିକେ ଠେଲୁଠେଲୁ ଏମିତି ବାଜିଯାଇଛି ବୋଲି ସ୍ୱିକାର କରିଛନ୍ତି ।

## ଅର୍ଚ୍ଚନା ନାଗଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ସ୍ୱାମୀ ଅଟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅର୍ଚ୍ଚନା ନାଗଙ୍କୁ ସ୍ୱାମୀ ଜଗବନ୍ଧୁଙ୍କ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଛି। ରାତି ଅଧରେ ଅର୍ଚ୍ଚନା ଓ ତାଙ୍କ ପୁଅଙ୍କୁ ସ୍ୱାମୀ ଜଗବନ୍ଧୁ ମାରଣାସ୍ତ୍ରରେ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଥାନାରେ ଅଟକ ରହିଛନ୍ତି। ଜଗବନ୍ଧୁଙ୍କୁ ମଂଚେଶ୍ୱର ଥାନା ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ବେଡରୁମରେ ଶୋଇଥିବା ବେଳେ ସେ ବେଡରୁମ ୱିଣ୍ଡୋରେ ଆସି, ଘରେ ପଶି ଷ୍ଟାବିଂ କରିବା ପାଇଁ ଚେଷ୍ଟା କରୁଥିବା ଅର୍ଚ୍ଚନା ନାଗ କହିଛନ୍ତି ।

# କଟକ ନଗର କଂଗ୍ରେସ ସଭାପତି ଚୟନ ଦିଗରେ ବିସ୍ତୃତ ଆଲୋଚନା




କଟକ(ଭାସ୍କର ନ୍ୟୁଜ୍): ବୁଧବାର କଟକ ନଗର ଜିଲ୍ଲା କଂଗ୍ରେସ ପାଇଁ ସଙ୍ଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମ କଟକ ସର୍କିଟ ହାଉସ ଠାରେ ପୂର୍ବତନ ବିଧାୟକ ତଥା ପିସିସି ପର୍ଯ୍ୟବେକ୍ଷକ ପଞ୍ଚାନନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରଙ୍କ ମୁଖ୍ୟ ସଚେତକ ସଲିମ୍ ଅହମ୍ମଦ ଯୋଗଦେଇ କଟକ ନଗର କଂଗ୍ରେସ ସଭାପତି କିପରି ଭାବେ ବଛାଯିବ ସେ ଦିଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଚାରିଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଂଗ୍ରେସ ସଭାପତି ଖଡଗେ ଜି ଓ ରାହୁଲ ଗାନ୍ଧୀ ଯେଉଁ ବାର୍ତ୍ତା ଦେଇଛନ୍ତି ତୃଣମୂଳ ସ୍ତରକୁ ଯାଇ କର୍ମୀମାନଙ୍କ ମତ ନେଇ ଜିଲ୍ଲା ସଭାପତି ଚୟନ କରାଯିବ । ସେଥିପାଇଁ ସମସ୍ତ ବରିଷ୍ଠ ନେତା, ପୂର୍ବତନ ବ୍ଲକ କଂଗ୍ରେସ, କର୍ପୋରେଟର, ପୂର୍ବତନ କର୍ପୋରେଟର, କର୍ପୋରେଟର, ୱାର୍ଡ ସଭାପତି, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଆଦି ସମସ୍ତ ବିଭାଗ ମୁଖ୍ୟ ମାନଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରି , ଏହାର ସମସ୍ତ ରିପୋର୍ଟ ଏଆଇସିସି କୁ ପଠେଇ ଦିଆଯିବ। ଏହାର ଏହାକୁ ବିଚାର କରାଯାଇ ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଶ୍ରୀ ଅହମ୍ମଦ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉଚ୍ଛବ ସାହୁ, ସତ୍ୟବ୍ରତ ଦାସ, ନିକୁଞ୍ଜ ପସାୟତ, ଗିରିବାଳା ବେହେରାଙ୍କ ସମେତ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

### ବାଣୀବିହାର କ୍ୟାମ୍ପସ ଅଶାନ୍ତ ଘଟଣା

# କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବ ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣୀବିହାର ବିଶ୍ୱବିଦ୍ୟାଳୟ ଅଶାନ୍ତ ଘଟଣା । ଗତକାଲି ରାତିର ଘଟଣାକୁ ନେଇ ପ୍ରତିକ୍ରିୟା ରଖିଲେ ପୋଲିସ କମିଶନର ଏସ ଦେବଦତ୍ତ ସିଂ । କାହିଁକି କ୍ୟାମ୍ପସ ଅଶାନ୍ତ ହେଉଛି ସେନେଇ କତୃପକ୍ଷଙ୍କ ସହ ଆଲୋଚନା କରାଯିବ । କ୍ୟାମ୍ପସ ଉପରେ ପୋଲିସ ନଜର ରଖିଛି। ଗତକାଲି ଘଟଣା ହେଉଛି ବାଣୀବିହାରର ଇଂଟରନାଲ ମ୍ୟାଟର । କତ୍ତୃପକ୍ଷଙ୍କ ଇଣ୍ଟରନାଲ ମ୍ୟାଟରକୁ ନେଇ ଯେଉଁ ଅଭିଯୋଗ କରିବେ ସେ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆଇନ ଶୃଙ୍ଖଳା ଉପରେ ପୋଲିସ ନଜର ରଖିଛି ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି ।

## କାର୍ଯ୍ୟାନୁଷ୍ଠାନ ନେବାକୁ କୁଳପତିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣୀବିହାର ଘଟଣାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବାଣୀବିହାର ଘଟଣାରେ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଅଣଛାତ୍ର ହୁଅନ୍ତୁ କିମ୍ବା ଶୈକ୍ଷିକ ବାତାବରଣ ରଖୁ ନଥିବା ଯେ କୌଣସି ବ୍ୟକ୍ତି ବିଶେଷ ହୁଅନ୍ତୁ ସେମାନଙ୍କ ଉପରେ ବିଧି ଅନୁସାରେ, ବିଶ୍ୱ ବିଦ୍ୟାଳୟର ନିୟମ ଅନୁସାରେ ଯାହା ଆବଶ୍ୟକ ତାହା କରିବେ । ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ସରକାର ପୂର୍ବରୁ ବି କହି ସାରିଛନ୍ତି ସେହି ଅନୁଯାୟୀ ଆମେ ବି ସକରାତ୍ମକ ଅଛୁ।

# ସିଏମ୍‌ସି ଅଫିସ୍ ଆଗରେ ବସ୍ତିବାସିନ୍ଦାଙ୍କ ଧାରଣା



କଟକ(ଭାସ୍କର ନ୍ୟୁଜ୍): ବୁଧବାର ସ୍ଥାନୀୟ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଓଡ଼ିଶା ଝୋପଡ଼ିପଟି ମହାସଂଘ ତରଫରୁ ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ଏକ ଗଣଧାରଣାର ଆୟୋଜିତ ହୋଇଥିଲା । ଜଗତପୁର ତ୍ରିନାଥ ସାହି ଆଦିବାସୀ ବସ୍ତିରେ ପ୍ରାୟ ଏକ ବର୍ଷ ହେବ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ପ୍ରାୟ ପନ୍ଦରରୁ ଉର୍ଦ୍ଧ ବସ୍ତି ବାସିନ୍ଦା ମାନଙ୍କର ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ହୋଇଥିବାରୁ ବସ୍ତିବାସିନ୍ଦା ମାନେ ନିଜ ଖର୍ଚ୍ଚରେ ଶୌଚାଳୟ ନିର୍ମାଣ କରିଥିଲେ । କିନ୍ତୁ ଏକ ବର୍ଷ ବିତିଲା ପରେ ମଧ ସେମାନଙ୍କୁ ଏ ବାବଦର ଅର୍ଥ ପ୍ରଦାନ କରାଯାଇ ନାହିଁ ଏବଂ ଉକ୍ତ ବସ୍ତିରେ ଥିବା ବୈଦ୍ୟ ମାନଙ୍କ ବସ୍ତିରେ ପେଭର ବ୍ଲକ ରୋଡ ହୋଇ ପାରିନାହିଁ । ତେଣୁ ବର୍ଷା ଦିନେ ସେଠାକାର ପରିବେଶ ନର୍କଠାରୁ ମଧ ଅଧିକ କଦର୍ଯ୍ୟ ହୋଇ ଯାଉଛି, ତେଣୁ ତୁରନ୍ତ ଶୌଚାଳୟ ବାବଦର ଅର୍ଥ ପ୍ରଦାନ କରିବା ଏବଂ ରାସ୍ତା ନିର୍ମାଣ କରିବା ଦାବିରେ ଏକ ଗଣ ଧାରଣାର ଆୟୋଜନ କରାଯାଇ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା । ଏଥିରେ ଶ୍ରୀ ଆଜାଦଙ୍କ ବ୍ୟତୀତ ସର୍ବଶ୍ରୀ ବାବୁ ବୈଦ୍ୟ, କାଶୀନାଥ ସ୍ୱାଇଁ, ଡ଼ଃ, ଜ୍ଞାନଗୁରୁ ଦାସ, ସଞ୍ଜୟ ନାୟକ, କିସନ୍ ବୈଦ୍ୟ, ସୁଜି ଶବର, ରାଜେଶ ବୈଦ୍ୟ, ଚାନ୍ଦିନୀ ବୈଦ୍ୟ, ଲକ୍ଷ୍ମୀ ବୈଦ୍ୟ, ସୀମା ବୈଦ୍ୟ ଇତ୍ୟାଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ

# ଶିଳ୍ପାୟନ ଅଭିବୃଦ୍ଧି ଦିଗରେ ଆଇଏଫ୍‌ଏସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ବୈଦେଶିକ ସେବା ଅଧିକାରୀ ମନୋଜ କୁମାର ମହାପାତ୍ର, ଅମିତ ନାରଙ୍ଗ ଓ ଗ୍ଲୋରିଆ ଗାଙ୍ଗଟେ ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ସେବା ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ କରାଇ କହିଲେ ଯେ ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି । ଓଡ଼ିଶାର ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା ସହ ସ୍ୱଚ୍ଛ ଶାସନ ଓ ବ୍ୟବସାୟ କରିବାର ଅନୁକୂଳତା ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି । ଆପଣମାନେ ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ । ଏହା ଦ୍ୱାରା ବିଦେଶୀ ନିବେଶକମାନେ ଓଡ଼ିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ । ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଖୁବ୍ ଗୁରୁତ୍ୱାରୋପ କରାଯାଉଛି । ବିଶ୍ୱ ଦକ୍ଷତା କେନ୍ଦ୍ରର ବ୍ୟାପକ ନେଟ୍‌ୱାର୍କ ମାଧ୍ୟମରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି । ଆଇଟିଇ ସିଙ୍ଗାପୁର ସହ ସହଭାଗିତା ଦ୍ୱାରା ସର୍ବାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାରେ ତାଲିମ ପ୍ରଦାନକୁ ବ୍ୟାପକ କରାଯାଇଛି । ଓଡ଼ିଶା ଏବେ ଏପରି କର୍ମଶକ୍ତି ସୃଷ୍ଟି କରୁଛି ଯାହା କେବଳ ନିଯୁକ୍ତିଭିତ୍ତିକ ନହୋଇ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆହ୍ୱାନକୁ ମୁକାବିଲା କରିବାରେ ମଧ ସକ୍ଷମ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବିଶ୍ୱସ୍ତରରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ସଠିକ୍ ରୂପେ ପରିଚାଳନା କରିପାରିବେ ଓ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରରୋଚିତ କରିପାରିବେ । ଅନ୍ୟ ପକ୍ଷରେ ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଦଳରୁ ଇସ୍ତଫା ଦେଲେ |୬

ଶିଳ୍ପାଙ୍କ ରେଷ୍ଟୋରାଁରେ ଝୁଲିଲା ତାଲା |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୫ Vol. 22 No-155 4 SEPTEMBER 2025 THURSDAY, BHUBANESWAR ଗୁରୁବାର, ୪ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜିଏସ୍‌ଟି କାଉନସିଲ ବୈଠକରେ ବଡ଼ ନିଷ୍ପତ୍ତି

# ଲାଗୁ ହେବ ୫ ଓ ୧୮% ସ୍ଲାବ୍




- ସାମ୍ବାଦିକ ସମ୍ମିଳନୀରେ ଅର୍ଥମନ୍ତ୍ରୀଙ୍କ ସୂଚନା
- ଉଚ୍ଛେଦ ହେଲା ୧୨,୨୮ ପ୍ରତିଶତ ସ୍ଲାବ୍
- ସୌଖିନ ସାମଗ୍ରୀ, ତମାଖୁ ଦ୍ରବ୍ୟ ଉପରେ ୪୦% ସ୍ୱତନ୍ତ୍ର କର
- ଆସନ୍ତା ୨୨ ତାରିଖରୁ ନୂଆ ସ୍ଲାବ୍ ଲାଗୁ
- ୨୩ ଜୀବନ ରକ୍ଷାକାରୀ ଔଷଧ ଉପରେ ଲାଗିବନି ଟିକସ
- ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଜୀବନବୀମା ଉପରେ ଜିଏସ୍‌ଟି ନାହିଁ
- ଉପକୃତ ହେବେ ସାଧାରଣ ଲୋକ, ଉଦ୍ୟୋଗୀ, ଚାଷୀ
- ୩୩ ଜରୁରି ଔଷଧ ଉପରେ ଜିଏସ୍‌ଟି ନାହିଁ

**୫% ଜିଏସ୍‌ଟି**

କେଶ ତୈଳ, ସାମ୍ପୁ, ଟୁଥ୍‌ପେଷ୍ଟ, ଟୁଟ୍ ବ୍ରସ, ସେଭିଂ କ୍ରିମ୍, ଘିଅ, ଲହୁଣୀ, କ୍ଷୀରଜାତ ସାମଗ୍ରୀ, ଭୁଜିଆ, ମିକ୍ଚର, ଶିଶୁଖାଦ୍ୟ ବୋତଲ, ଥର୍ମୋମିଟର, ମେଡ଼ିକାଲ ଗ୍ରେଡ୍ ଅକ୍ସିଜେନ, ଟ୍ରାକ୍ଟର ଟାୟାର ଏବଂ ଯନ୍ତ୍ରାଂଶ, ଟ୍ରାକ୍ଟର, ନିର୍ଦ୍ଦିଷ୍ଟ ଜୈବ କୀଟନାଶକ, ଡ୍ରିପ୍ ସିଞ୍ଚନ ପ୍ରଣାଳୀ, ମାଟି ପ୍ରସ୍ତୁତି, ଉଦ୍ୟାନ କୃଷି, ବନୀକରଣ ମେସିନ୍

**୧୮% ଜିଏସ୍‌ଟି**

ପେଟ୍ରୋଲ, ପେଟ୍ରୋଲ ହାଇବ୍ରିଡ୍, ଏଲପିଜି, ସିଏନ୍‌ଜି କାର, ଡିଜେଲ ଏବଂ ଡିଜେଲ ହାଇବ୍ରିଡ୍ କାର୍, ଏୟାର କଣ୍ଡିସନର, ୩ଚକିଆ ଯାନ, ଟେଲିଭିଜନ, ଏଲଇଡି ଓ ଏଲସିଡି ଟିଭି ସମେତ, ମନିଟର ଏବଂ ପ୍ରୋଜେକ୍ଟର, ଡିସ୍ ୱାଶିଂମେସିନ

ନୂଆଦିଲ୍ଲୀ,୩।୯: ବୁଧବାର ଦିଲ୍ଲୀରେ ଅନୁଷ୍ଠିତ ଜିଏସ୍‌ଟି କାଉନସିଲ ବୈଠକରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ପ୍ରଚଳିତ ଥିବା ୧୨ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ବନ୍ଦ କରାଯାଇଛି। ସାରା ଦେଶରେ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ୍ ଲାଗୁ ହେବ ବୋଲି ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଅଗଷ୍ଟ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସଂକେତ ଦେଇଥିଲେ। ପୂଜା ପୂର୍ବରୁ ଦେଶବାସୀଙ୍କୁ ବଡ଼ ଭେଟି ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ପ୍ରତିଶ୍ରୁତି ପୂରଣ ନିମନ୍ତେ ଏହି ମାନସମନ୍ଥନ ଆରମ୍ଭ ହୋଇଥିଲା। ପୂର୍ବରୁ ପ୍ରଚଳିତ ୪ଟି ସ୍ଲାବ୍‌କୁ ଏବେ ୨ଟି ସ୍ଲାବ୍‌କୁ ପରିବର୍ତ୍ତନ କରାଯାଇ ଏବେ ମାତ୍ର ● ପୃଷ୍ଠା ୫ ଦେଖନ୍ତୁ

## ■ ଶାହଙ୍କ ଦୃଢୋକ୍ତି ■

# ନକ୍ସଲ ନିପାତ ନ ହେବା ଯାଏ ବସିବୁନି



ନୂଆଦିଲ୍ଲୀ,୩।୯: ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରା ପଡ଼ିନାହାନ୍ତି ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସି ପାରିବେନି କି ଶୋଇ ପାରିବେନି। ବୁଧବାର ଛତିଶଗଡ଼ର କାରେଗୁଟା ପାହାଡ଼ରେ ଅପରେସନ ବ୍ଲାକ୍ ଫରେଷ୍ଟ ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ ଏବଂ କୋବ୍ରା ବାହିନୀର ସୁରକ୍ଷାକର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଏହା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ସେ କହିଛନ୍ତି, ଅପରେସନ ବ୍ଲାକ୍ ଫରେଷ୍ଟ ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲବିରୋଧୀ ଅଭିଯାନର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟଭାବେ ସ୍ଥାନ ପାଇବ। ଶାହ କହିଥିଲେ ଯେ ଆଇଇଡିର ବିପଦ ସତ୍ତ୍ୱେ ସୁରକ୍ଷାବାହିନୀ କଠୋର ମନୋବଳ ସହ ଅପରେସନ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍‌କ୍ୟାମ୍ପକୁ ସଫଳତାର ସହ ଧ୍ୱଂସ କରିଥିଲେ। ନକ୍ସଲମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, ନିରନ୍ତର ନକ୍ସଲବିରୋଧୀ ଅଭିଯାନ ଯୋଗୁ ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି। ମୋଦୀ ସରକାର ନକ୍ସଲବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷାକର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଦିଲ୍ଲୀ ଗସ୍ତରେ ବିଜେପି ରାଜ୍ୟ ସଭାପତି

ଭୁବନେଶ୍ୱର,୩।୯(ଭାସ୍କର ନ୍ୟୁଜ): ବୁଧବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ ସେଠାରେ କେତେକ କେନ୍ଦ୍ରୀୟ ନେତାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବାବେଳେ ମନମୋହନଙ୍କ ଏହି ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗସ୍ତ ସମୟରେ ବିଭିନ୍ନ ବୋର୍ଡ ନିଗମ ଓ ରାଜ୍ୟ କମିଟି ନେଇ ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି।

### ସ୍କୁଲ ସହ ମିଶିବ ଅଙ୍ଗନୱାଡ଼ି

ନୂଆଦିଲ୍ଲୀ,୩।୯: ପିଲାଙ୍କ ଶୈଶବ ଯତ୍ନ ଓ ଶିକ୍ଷାକୁ ଆନୁଷ୍ଠାନିକ ଭାବେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଲକ୍ଷ୍ୟରେ ବିଦ୍ୟାଳୟଗୁଡ଼ିକ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଯୋଡ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମହିଳା ଓ ଶିଶୁ ବିକାଶମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।


### ୬ଜଣଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର,୩।୯(ଭାସ୍କର ନ୍ୟୁଜ): ୨୦୦୨ ଅଗଷ୍ଟ ୯ରେ ଜଣେ ସଂପର୍କୀୟଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିବା ଅଭିଯୋଗରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୬ଜଣଙ୍କୁ ଅତିରିକ୍ତ ଦୌରାଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ବାରମାସୀ ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା।

ସେନ୍‌ସେକ୍ସ: ୮୦,୫୬୭.୭୧
ସର୍ବାଧିକ: ୨୮.୨ ଡିଗ୍ରୀ
ସର୍ବନିମ୍ନ: ୨୫.୪ ଡିଗ୍ରୀ

**୩।୯।୨୦୨୫ ର ମତାମତ**

ସେମିକନ ଇଣ୍ଡିଆ ଭାରତକୁ ଡିଜିଟାଲ କରିବା କ୍ଷେତ୍ରରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆତ୍ମହତ୍ୟା ରୋକିବାରେ ସଫଳ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଜାରି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା

# ପୁଣି ବନ୍ୟା ଆଶଙ୍କା



- ସତର୍କ ସଂକେତ ଉପରେ ଜଳକା, ବୈତରଣୀ
- ସୁବର୍ଣ୍ଣରେଖାରେ ୭ମ ଥର ପାଇଁ ବନ୍ୟା ସମ୍ଭାବନା
- ବର୍ଷା ହେଲେ ବି ବିପଦ ସଂକେତ ଟପିବନି: ସର୍ବୋଚ୍ଚ ଯନ୍ତ୍ରୀ
- ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷିବା ନେଇ ସୂଚନା
- ଉତ୍ତର ଓ ଉପକୂଳ ଓଡ଼ିଶାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩।୯(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସାରା ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ଥିବାରୁ ପୁଣିଥରେ ବନ୍ୟା ଆସିବାର ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ଆଖୁଆପଦାଠାରେ ବୈତରଣୀ ନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବାବେଳେ ବସ୍ତାର ମଥାନିଠାରେ ଜଳକା ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ସାରା ବାଲେଶ୍ୱର ସହର ଜଳାର୍ଣ୍ଣବ ହୋଇପଡ଼ିଛି। ସତେ ଯେପରି ସାରା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରର ତଳି ଅଞ୍ଚଳର ବିଭିନ୍ନ ଗଳି ଓ ଛକ ରାସ୍ତାରେ ୨ରୁ ୩ ଫୁଟ ● ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟରେ ଆଉ କେହି କରିବେନି ଆତ୍ମହତ୍ୟା

# ଆରମ୍ଭ ହେବ 'ଜୀବନ ଜିନ୍ଦାବାଦ୍' କାର୍ଯ୍ୟକ୍ରମ




ଭୁବନେଶ୍ୱର,୪।୯(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସାରା ରାଜ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଯୁବବର୍ଗମାନଙ୍କ ମଧ୍ୟରେ ଏଭଳି ମାନସିକତା ଦେଖିବାକୁ ମିଳୁଛି। ରାଜ୍ୟରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ବୟସ ବର୍ଗର ଲୋକେ ତଥା କଲେଜରେ ଯୁବବର୍ଗ ନିଜ ଜୀବନ ନେବା ଘଟଣାରେ ରୋକ୍ ଲାଗିବ ବୋଲି କହିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବୁଧବାର ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ଉଚ୍ଚଶିକ୍ଷାବିଭାଗ ସଚିବ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଭଳି ଅଭାବନୀୟ ଘଟଣାକୁ ରୋକିବା ପାଇଁ ଜିଲ୍ଲା ସଦରମହକୁମାରେ ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୦ ତାରିଖରୁ ଏହି କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲା ସଦର ମହକୁମାରେ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ତି। ଏଥିରେ କଲେଜ, ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ଯୁବବର୍ଗଙ୍କୁ ସାମିଲ କରାଯିବ। ଏଥିସହ ୭୦ରୁ ଅଧିକ କଳାକାରଙ୍କୁ ମଧ୍ୟ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇଛି। ମହିଳା ଏବଂ ଶିଶୁବିକାଶ ବିଭାଗ, ଗୃହ ବିଭାଗ ଏବଂ ଉଚ୍ଚଶିକ୍ଷାବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ବାଣୀବିହାରରେ ଦେଖା ଦେଇଥିବା ● ପୃଷ୍ଠା ୫ ଦେଖନ୍ତୁ

## ମେଘାଳୟରେ ଓଡ଼ିଆ ଯବାନ ସହିଦ

# ଗାଁରେ ଶୋକର ଛାୟା

ଅତାବିରା,୩।୯(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡ଼ଭଗାର ବିଏସ୍‌ଏଫ ଯବାନ ଖଗେନ୍ଦ୍ର ମହାପାତ୍ର (୩୬) ବୁଧବାର ମେଘାଳୟରେ ସହିଦ ହୋଇଛନ୍ତି। ଏହି ଖବର ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯିବା ସହ କାନ୍ଦବୋବାଳିରେ ଗାଁ ଫାଟି ପଡ଼ୁଛି। ମିଳିଥିବା ସୂଚନା ଅନୁଯାୟୀ ସ୍ୱର୍ଗତଃ ଖଗେନ୍ଦ୍ର ବିଏସଏଫର ଯବାନ ଭାବେ ମଣିପୁର ଓ ମେଘାଳୟ ଅଞ୍ଚଳରେ କାର୍ଯ୍ୟରତ ଥିଲେ। ବୁଧବାର ସକାଳେ ପଡ଼ିଆରେ ଘାସ ସଫା କରୁଥିବାବେଳେ କୌଣସି କାରଣବଶତଃ ବିଦ୍ୟୁତ ଆଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋଡ଼ଭଗାରେ ଥିବା ଯବାନଙ୍କ ପରିବାରବର୍ଗଙ୍କୁ ଫୋନ୍ ଯୋଗେ ଜଣାଇ ଦିଆଯାଇଥିଲା। ଗାଁ ଲୋକମାନେ ତାଙ୍କ ବାସଭବନ ସମ୍ମୁଖରେ ରୁଣ୍ଡ ହୋଇଛନ୍ତି। କାନ୍ଦବୋବାଳିରେ ସମଗ୍ର ଗାଁ ଫାଟିପଡୁଛି। ସହିଦ ଯବାନ ଖଗେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଜନ୍ମସ୍ଥାନ ଗୋଡ଼ଭଗାକୁ ଅଣାଯିବାର ବ୍ୟବସ୍ଥା କରାଯାଉଛି। ଗୁରୁବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଛି। ଗୋଡ଼ଭଗା ଗ୍ରାମର ଫକୀର ମହାପାତ୍ରଙ୍କ ପୁଅ ସ୍ୱର୍ଗତଃ ଖଗେନ୍ଦ୍ର ତାଙ୍କ ବିଧବା ସ୍ତ୍ରୀ ନିଲମ ଏବଂ ୪ ବର୍ଷର ପୁଅ ରୋନାଲଙ୍କୁ ଛାଡ଼ି ଯାଇଛନ୍ତି। ତେବେ ପୁଅ ବାପା କୁଆଡ଼େ ଗଲେ ବୋଲି ମଝିରେ ମଝିରେ ପଚାରୁଥିବାରୁ ଏହି ଦୃଶ୍ୟ ଯନ୍ତ୍ରଣାଦାୟକ ବୋଲି ଗ୍ରାମବାସୀ କହିଛନ୍ତି। ଖଗେନ୍ଦ୍ରଙ୍କ ବିୟୋଗରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଥିବାବେଳେ ତାଙ୍କ ଶବ ସତ୍କାର ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବା ନେଇ ମଧ୍ୟ ପ୍ରଶାସନ ତତ୍ପରତା ପ୍ରକାଶ କରିଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ସେପଟେ ଭାସୁଛି ଉତ୍ତର ଭାରତ<br>
ଏପଟେ ଉତ୍ତର ଓଡ଼ିଶା,<br>
ଚାଷବାସ ସବୁ ଚୂଲିକୁ ଗଲାଣି<br>
ନିର୍ଘାତ ଛେଚୁଛି ବରଷା ।<br>
ଏକା ଭଗବାନ ଭରସା,<br>
ପୃଥ୍ୱୀ ଜଳାର୍ଣ୍ଣବ ତ୍ରାହି ତ୍ରାହି ଜୀବ<br>
ବୁଡ଼ିଲାଣି ଜାଣ ବେଉସା !

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅନୁମୋଦନ




ପୁରୀ,୩।୯(ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ହେବ ସୁଖଦ ଦର୍ଶନ । ଖୁବ ଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପରେ ଆରମ୍ଭ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା । ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି । ଏଥିସହ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଇସ୍କନକୁ ଅବଗତ କରିବ ଶ୍ରୀମନ୍ଦିର ପ୍ରଶାସନ । ସେହିପରି ପରିଚାଳନା କମିଟି ବୈଠକରେ ଦୀଘା ଜଗନ୍ନାଥ ମନ୍ଦିରର ଧାମ ନାମକରଣକୁ ଘୋର ବିରୋଧ କରିଛି ପରିଚାଳନା କମିଟି ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି, 'ଶ୍ରୀମନ୍ଦିର ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ସବ କମିଟି ଗଠନ କରାଯାଇଛି । ଏହି କମିଟିରେ ପରିଚାଳନା କମିଟି ସଦସ୍ୟ, ପୁରୀ ଏସପି, ଶ୍ରୀମନ୍ଦିର ନୀତି ପ୍ରଶାସକ, ଏଏସଆଇର ଅଧିକାରୀ, ଓବିସିସି ଅଧିକାରୀ ରହିଥିବା ବେଳେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ କଣ ସୁବିଧା ଏବଂ ଅସୁବିଧା ହେବ ତାହାର ଅନୁଧ୍ୟାନ କରିବ ଏହି କମିଟି । ସେହିପରି ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମହାପ୍ରଭୁଙ୍କ ନୀତି କାନ୍ତି ଯେଭଳି ପ୍ରଭାବିତ ନହୁଏ ସେନେଇ ସମ୍ପୃକ୍ତ ସେବାୟତ ● ପୃଷ୍ଠା ୫ ଦେଖନ୍ତୁ

**ସୁରକ୍ଷା ପାଇଁ ସବ୍‌କମିଟି ଗଠିତ**

## ପାରାଦୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ

# ସାଗର କବଚ-୨ ଆରମ୍ଭ

ପାରାଦୀପ/ଜଗତସିଂହପୁର,୩।୯ (ଭାସ୍କର ନ୍ୟୁଜ): ୨୬/୧୧ ମୁମ୍ବାଇ ଆତଙ୍କୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ମିଳିତ ସମରାଭ୍ୟାସ ସାଗର କବଚ ଦୁଇଥର ଲେଖାଏଁ ଆୟୋଜିତ ହେଉଛି। ଏହି କ୍ରମରେ ବୁଧବାରଠାରୁ ପାରାଦୀପରେ ଦୁଇଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ଗଭୀର ସମୁଦ୍ରରେ ଏହି ସମରାଭ୍ୟାସ କରାଯାଉଛି। ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକୁ କିପରି ପ୍ରତିରୋଧ କରାଯାଇପାରିବ ସେ ନେଇ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ୧୮ରୁ ଊର୍ଦ୍ଧ୍ୱ ବିଭାଗ । ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ, ଓଡ଼ିଶା ପୋଲିସ, ବନ ବିଭାଗ, ପାରାଦୀପ ବନ୍ଦର ସାମିଲ ହୋଇଛନ୍ତି। ସେମାନଙ୍କୁ ଦୁଇଟି ଟିମ୍‌ରେ ବିଭକ୍ତ କରାଯାଇଛି। ଗଭୀର ସମୁଦ୍ରରେ ଭାରତୀୟ ନୌସେନା, କୂଳରେ ତଟରକ୍ଷୀବାହିନୀ, ସାମୁଦ୍ରିକ ଥାନା ପୋଲିସ ଓ ମତ୍ସ୍ୟବିଭାଗ ପଇଁତରା ମାରିବା ସହିତ ଅନ୍ୟ ବିଭାଗଗୁଡ଼ିକ ସ୍ଥଳଭାଗରେ ଉପକୂଳକୁ ସୁରକ୍ଷା ଯୋଗାଉଛନ୍ତି। ରେଡ୍ ଟିମ୍ ଆତଙ୍କବାଦୀଙ୍କ ରୂପରେ ଜଳପଥରେ ଆସି ସ୍ଥଳପଥରେ ପ୍ରବେଶ କରି ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ବ୍ଲୁ ଟିମ୍ ସ୍ଥଳଭାଗରେ ପ୍ରତିରୋଧ କରିବେ। ସାଗର କବଚ-୨ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକୁ କିପରି ପ୍ରତିରୋଧ କରାଯାଇପାରିବ ସେ ନେଇ କଳାକୌଶଳ ପ୍ରଦର୍ଶନ କରୁଛନ୍ତି। ବୁଧବାର ସକାଳେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପାରାଦୀପର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା କର୍ମୀମାନେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



### ଛାତ୍ର ସଂସଦ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ

# ସରକାରୀ ସ୍ତରରେ ନିଷ୍ପତ୍ତି ଜରୁରି

ଓଡ଼ିଶାରେ ଦୀର୍ଘ ଆଠବର୍ଷ ଧରି ବନ୍ଦ ରହିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରର ଛାତ୍ର ସଂସଦ ନିର୍ବାଚନ ଚଳିତ ବର୍ଷ ହେବ କି ନାହିଁ, ସେଥିନେଇ ଅନିଶ୍ଚିତତା ଏବେ ବି ଜାରି ରହିଛି। ପୂର୍ବତନ ବିଜେଡି ସରକାର ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନକୁ ୨୦୧୮ ମସିହାରୁ ବନ୍ଦ ରଖିଥିବା ବେଳେ ଗତବର୍ଷ ଶାସନ କ୍ଷମତା ଦଖଲ କରିଥିବା ବିଜେପି ସରକାର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଗତବର୍ଷ ହାତରେ କମ୍ ସମୟ ଥିବାରୁ ନିର୍ବାଚନ କରିବା ସମ୍ଭବପର ହୋଇନଥିଲା ଏବଂ ଚଳିତ ଶିକ୍ଷାବର୍ଷରେ ଏହା ଅନୁଷ୍ଠିତ ହେବ ବୋଲି ଅନେକ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଛାତ୍ର ସଂସଦ ନିର୍ବାଚନ କରାଯିବା ଲାଗି ସରକାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ସମସ୍ୱରରେ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏଥିରେ ଅଂଶଗ୍ରହଣ କରିବାକୁ ବେଶ୍ ସକ୍ରିୟ ହୋଇ ଉଠିଥିଲେ। ମାତ୍ର ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାର ପାଖାପାଖି ଦୁଇମାସ ବିତିଯାଇଥିଲେ ହେଁ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରୀ ସ୍ତରରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ କିମ୍ବା ଏଥିନେଇ ଶିକ୍ଷା ପ୍ରଶାସନ ପକ୍ଷରୁ ସାମାନ୍ୟତମ ସୂଚନା ମିଳୁନାହିଁ। ଲିଙ୍ଗଡୋ କମିଶନ୍‌ଙ୍କ ସୁପାରିଶ ଅନୁଯାୟୀ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାର ଛ'ରୁ ଆଠ ସପ୍ତାହ ମଧ୍ୟରେ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର କଥା। ଚଳିତବର୍ଷ ଆମ ରାଜ୍ୟରେ ଜୁଲାଇ ୧୦ ତାରିଖରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି, ଅଥଚ ଛାତ୍ର ସଂସଦ ନିର୍ବାଚନ କରାଯିବା ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ହସ୍ତଗତ ହୋଇନାହିଁ। ଫଳରେ ଛାତ୍ର ସଂଗଠନଗୁଡ଼ିକ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଦିନକୁ ଦିନ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଓଡ଼ିଶାରେ ଦୀର୍ଘଦିନରୁ ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଦୁର୍ଗାପୂଜା ଓ ଦଶହରା ଛୁଟି ପୂର୍ବରୁ ହିଁ ଛାତ୍ର ସଂସଦ ନିର୍ବାଚନ ଶେଷ କରାଯାଏ। କାରଣ ନିର୍ବାଚନ ପ୍ରଚାରବେଳେ ଶିକ୍ଷାନୁଷ୍ଠାନ ପରିସରରେ ସୃଷ୍ଟି ହୋଇଥିବା ଉତ୍ତେଜନା ଓ ହିଂସା ପୂଜା ଛୁଟି ଭିତରେ ଥଣ୍ଡା ପଡ଼ିଯାଏ। ଚଳିତବର୍ଷ ଦୁର୍ଗାପୂଜା ଛୁଟି ମାସକରୁ କମ୍ ସମୟ ଥିବା ସ୍ଥଳେ ସରକାରୀ ସ୍ତରରେ ପ୍ରସ୍ତୁତିର ନାମଗନ୍ଧ ନାହିଁ। ନିୟମ ଅନୁଯାୟୀ ଛାତ୍ର ସଂସଦ ନିର୍ବାଚନ କରାଯିବା ପୂର୍ବରୁ ପ୍ରଥମେ ବିଜ୍ଞପ୍ତି ଜାରି କରାଯାଏ ଓ ତତ୍‌କ୍ଷଣାତ୍ ଆଚରଣ ବିଧି ଲାଗୁ ହୁଏ। ଏହାପରେ ନାମାଙ୍କନପତ୍ର ଦାଖଲ, ପ୍ରତ୍ୟାହାର ଓ ଶେଷରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଆଦିର ବ୍ୟବସ୍ଥା ହୋଇଥାଏ। ଯେତେଦୂର ମନେ ହେଉଛି ଚଳିତ ବର୍ଷ ମାସକରୁ କମ୍ ସମୟ ଭିତରେ ଏତେଗୁଡ଼ିଏ କାର୍ଯ୍ୟ କରାଯିବା ହୁଏତ ସମ୍ଭବପର ନହୋଇପାରେ। ଓଡ଼ିଶାରେ ଶେଷ ଥର ପାଇଁ ୨୦୧୭ ମସିହାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ସ୍ଥଳେ ପରବର୍ତ୍ତୀ ସମୟରେ କେତେବେଳେ ବାତ୍ୟା ଫନି ଓ ଅନ୍ୟ କେତେବେଳେ ମହାମାରୀ କରୋନାର ଆଳ ଦେଖାଇ ଏହାକୁ ବନ୍ଦ କରାଗଲା। ଅବଶ୍ୟ ଶିକ୍ଷାନୁଷ୍ଠାନରେ ଏଭଳି ନିର୍ବାଚନର ଉଭୟ ସକାରାତ୍ମକ ଓ ନକରାତ୍ମକ ଦିଗ ଯେ ରହିଛି, ତାକୁ ଅସ୍ୱୀକାର କରିହେବନାହିଁ। ଭବିଷ୍ୟତରେ ରାଜ୍ୟ ଓ ଦେଶରେ ବଳିଷ୍ଠ ତଥା ଉପଯୁକ୍ତ ନେତୃତ୍ୱ ସୃଷ୍ଟି କ୍ଷେତ୍ରରେ ଏଭଳି ନିର୍ବାଚନର ଯଥେଷ୍ଟ ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଏହାଫଳରେ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରମାନଙ୍କ ମଧ୍ୟରେ ବିଦ୍ୱେଷ, ଉତ୍ତେଜନା ଓ ହିଂସା ସୃଷ୍ଟି ହେବାର ଦୃଷ୍ଟାନ୍ତ ମଧ୍ୟ କିଛି କମ୍ ନଥାଏ। ସବୁ ଦୃଷ୍ଟିରୁ ବିଚାର କରି ସରକାର ଏ ଦିଗରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଅବିଳମ୍ବେ ଗ୍ରହଣ କରିବା ବିଜ୍ଞତାର କାର୍ଯ୍ୟ ହେବ।

# ୨୦୩୫ ସୁଦ୍ଧା ଭାରତର ନିଜସ୍ୱ ମହାକାଶ କେନ୍ଦ୍ର



ଡକ୍ଟର ଜିତେନ୍ଦ୍ର ସିଂହ
କେନ୍ଦ୍ର ମନ୍ତ୍ରୀ

ଗଗନଯାନ ଭାରତର ମହାକାଶ ଆକାଂକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବାକୁ ଯାଉଛି। ଏହା ତା'ର ମାନବ ମହାକାଶ ଉଡ଼ାଣ କ୍ଷମତାକୁ ପୁନଃନିର୍ଦ୍ଧାରଣ କରିବ ଏବଂ ପୃଥିବୀ-ଉପକାରୀ ପ୍ରୟୋଗ ସହିତ ପ୍ରଯୁକ୍ତି ଓ ବୈଜ୍ଞାନିକ ଜ୍ଞାନକୁ ଆଗକୁ ଅଗ୍ରସର କରାଇବ ବୋଲି କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି।

ପ୍ରଶ୍ନ: ଭାରତର ମହାକାଶ ଭବିଷ୍ୟତ ପାଇଁ ଗଗନଯାନର ସବୁଠାରୁ ବଡ଼ ପରିଣାମ କ'ଣ ହେବ ?

ଉତ୍ତର: ମହାକାଶ ଗବେଷଣା ଓ ଅଭିଯାନ କ୍ଷେତ୍ରରେ ଭାରତର ଉତ୍ଥାନ ଢେର୍ ପୂର୍ବରୁ ଆରମ୍ଭ ହୋଇସାରିଛି ଏବଂ ବିଶ୍ୱ ସ୍ତରରେ ଏଥିପାଇଁ ଆମେ ସ୍ୱୀକୃତି ଲାଭ କରିସାରିଛୁ। ଆମେ ଆଉ କାହାର ଅନୁଗାମୀ ହୋଇ ନୁହେଁ, ଆମେ ଆନ୍ତର୍ଜାତୀୟ ସହଯୋଗରେ ସମାନ ଅଂଶୀଦାର ହୋଇସାରିଛୁ। ଗଗନଯାନ ମିଶନ ଆଉ ଏକ ନିର୍ଣ୍ଣାୟକ ମୁହୂର୍ତ୍ତର ପ୍ରତୀକ ହେବାକୁ ଯାଉଛି। ଏହା କେବଳ ମାନବ ମହାକାଶ ଉଡ଼ାଣରେ ଭାରତର କ୍ଷମତାକୁ ପୁନଃ ନିର୍ଦ୍ଧାରିତ କରିବ ନାହିଁ ବରଂ ଆମର ବୈଜ୍ଞାନିକ ଜ୍ଞାନର ପରିସୀମାକୁ ବୃଦ୍ଧି କରିବ। ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ମାଇକ୍ରୋ ଗ୍ରାଭିଟି, କୃଷି ଏବଂ ଜୀବନ ବିଜ୍ଞାନ ଉପରେ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ସହିତ, ମିଶନ ପୃଥିବୀରେ ପ୍ରୟୋଗ ସହିତ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ଏହା ଭାରତକୁ ମହାକାଶ ଅନୁସନ୍ଧାନରେ ଏକ ନେତା ଭାବରେ ଆହୁରି ପ୍ରତିଷ୍ଠା କରିବ ଯେତେବେଳେ ଆମେ ଭିତ୍ତିଭୂମି, ବିକାଶ ଏବଂ ଜୀବନ ଧାରଣର ସହଜତା ପାଇଁ ମହାକାଶ ପ୍ରଯୁକ୍ତିବିଦ୍ୟା ଅଭିଯାନ ଜାରି ରଖିବୁ।

ପ୍ରଶ୍ନ: ଶୁଭାଂଶୁ ଶୁକ୍ଲାଙ୍କ ଭଳି ଯୁବ ମହାକାଶଚାରୀଙ୍କ ଆସିବା ସହିତ, ଆମର ମାନବ ମହାକାଶ ଯାତ୍ରାକୁ ଗଠନ କରିବାରେ ଯୁବପିଢ଼ିଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ?

ଉତ୍ତର: ଭାରତର ଭବିଷ୍ୟତ ପାଇଁ ମହାକାଶ ସମେତ ପ୍ରତ୍ୟେକ କ୍ଷେତ୍ରରେ ଯୁବପିଢ଼ି ଅପରିହାର୍ଯ୍ୟ। ଆମ ଜନସଂଖ୍ୟା ୭୦ ପ୍ରତିଶତରୁ ଅଧିକ ୪୦ ବର୍ଷ ବୟସରୁ କମ୍, ତେଣୁ ସ୍ୱାଭାବିକ ଭାବରେ, ସେମାନେ ବିକଶିତ ଭାରତର ପଥ ପ୍ରଦର୍ଶକ। ମହାକାଶରେ, ଆବଶ୍ୟକ ଶାରୀରିକ ଏବଂ ମାନସିକ ଅନୁକୂଳନ କ୍ଷମତା ହେତୁ ଯୁବପିଢ଼ିଙ୍କର ଏକ ବିଶେଷତ୍ୱ ଅଛି। ଉଦାହରଣ ସ୍ୱରୂପ, ଗଗନଯାନ ପାଇଁ ତାଲିମପ୍ରାପ୍ତ ଚାରି ଜଣ ମହାକାଶଚାରୀଙ୍କ ମଧ୍ୟରୁ ଶୁଭାଂଶୁ ସବୁଠାରୁ କମ୍ ବୟସ୍କ ଥିଲେ ଏବଂ ଏହା ଏକ ସୁବିଧା ଥିଲା। ମହାକାଶ ମିଶନ ପାଇଁ ଶୀଘ୍ର ଅନୁକୂଳନ ଆବଶ୍ୟକ, ଯାହାକୁ ଯୁବପିଢ଼ି ଅଧିକ ଦକ୍ଷତାର ସହିତ ପରିଚାଳନା କରିପାରିବେ।

ପ୍ରଶ୍ନ: ଆପଣ କ'ଣ ଭାବୁଛନ୍ତି ଯେ ଗଗନଯାନ ବୈଜ୍ଞାନିକ, ଇଞ୍ଜିନିୟର ଏବଂ ମହିଳା ମହାକାଶଚାରୀଙ୍କ ପାଇଁ ନୂତନ ସମ୍ଭାବନାର ଦ୍ୱାର ଖୋଲିବ ?

ଉତ୍ତର: ସମ୍ପୂର୍ଣ୍ଣ ଭାବରେ ମୁଁ ଏହା ବିଶ୍ୱାସ କରେ। ମହାକାଶ ବିଜ୍ଞାନରେ ପୁରୁଷ ଏବଂ ମହିଳା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ଅଗଷ୍ଟ, ୨୦୧୮ ରେ ପ୍ରଥମ ଥର ଗଗନଯାନ ଘୋଷଣା କରିବା ସମୟରେ କହିଥିଲେ ଯେ 'ଭାରତ କା ଏକ ବେଟା ୟା ବେଟି' ମହାକାଶକୁ ଯିବେ। ବର୍ତ୍ତମାନ, ମନୋନୀତ ଚାରି ଜଣ ମହାକାଶଚାରୀ ବାୟୁସେନାର ପୁରୁଷ ଅଟନ୍ତି, କାରଣ ସେମାନଙ୍କର ତାଲିମ ଉନ୍ନତ ଥିଲା। କିନ୍ତୁ ଆଗକୁ ଯାଇ, ଆମେ ଶକ୍ତି ବାହାରେ ଥିବା ମହାକାଶଚାରୀମାନଙ୍କୁ ଦେଖିବୁ, ଯେଉଁଥିରେ ମହିଳାମାନେ ମଧ୍ୟ ସାମିଲ ଅଛନ୍ତି। ବିଶ୍ୱ ସ୍ତରରେ, ମହିଳାମାନେ ମହାକାଶ ଅନୁସନ୍ଧାନର ଅଗ୍ର ଭାଗରେ ରହିଆସିଛନ୍ତି। ଭାରତରେ ମଧ୍ୟ, ଅନେକ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପ୍ରକଳ୍ପରେ ମହିଳା ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହୋଇଛି, ତାହା ଚନ୍ଦ୍ରାୟଣ, ଆଦିତ୍ୟ କିମ୍ବା ଅନ୍ୟ କିଛି ହୋଇଥାଉ।

ପ୍ରଶ୍ନ: ଗଗନଯାନ କ'ଣ ଭାରତକୁ ଅନ୍ତର୍ଜାତୀୟ ମାନବଯୁକ୍ତ ମହାକାଶ ଅଭିଯାନରେ ଯୋଗଦେବା ପାଇଁ ପଥ ଉନ୍ମୁକ୍ତ କରିବ କିମ୍ବା ନିଜର ମହାକାଶ କେନ୍ଦ୍ର ସ୍ଥାପନ କରିବ ?

ଉତ୍ତର: ଭାରତ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ନାମରେ ନିଜର ମହାକାଶ କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରିଛି। ପ୍ରଧାନମନ୍ତ୍ରୀ 'ସୁଦର୍ଶନ ସୁରକ୍ଷା ଚକ୍ର' ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯେଉଁଠାରେ ମହାକାଶ ପ୍ରଯୁକ୍ତିବିଦ୍ୟା ଜାତୀୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ, ୨୦୩୫ ଏକ ଐତିହାସିକ ବର୍ଷ ହେବାକୁ ଯାଉଛି.... ଏହାର ପାଞ୍ଚ ବର୍ଷ ପରେ, ଭାରତ ମାନବଯୁକ୍ତ ଯାନକୁ ନେଇ ଚନ୍ଦ୍ରପୃଷ୍ଠକୁ ମିଶନ ପଠାଇବାକୁ ଲକ୍ଷ୍ୟ ରଖିଛି।

ପ୍ରଶ୍ନ: ଭାରତ ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତାଯୁକ୍ତ ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି ସହ, ସରକାର ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଭଳି ପ୍ରକଳ୍ପ ପାଇଁ ମହାକାଶ-ଗ୍ରେଡ୍ ଆବଶ୍ୟକତା ସହିତ ଅର୍ଦ୍ଧପରିବାହୀ ମିଶନକୁ କିପରି ସମନ୍ୱିତ କରୁଛି ?

ଉତ୍ତର: ସେମିକଣ୍ଡକ୍ଟରଗୁଡ଼ିକର ମହାକାଶ ମିଶନ ସମେତ ଏହାର ଆହୁରି ବ୍ୟାପକ ପ୍ରୟୋଗ ରହିଛି। ସେହିପରି, ଛୋଟ ମଡ୍ୟୁଲାର ରିଆକ୍ଟରଗୁଡ଼ିକ କେବଳ ପୃଥିବୀର ଘନ କିମ୍ବା ଦୁର୍ଗମ କ୍ଷେତ୍ରରେ ନୁହେଁ ବରଂ ଦୀର୍ଘକାଳୀନ ମହାକାଶ ଅଭିଯାନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକ ମହାକାଶ ଷ୍ଟେସନ ଭଳି ଭବିଷ୍ୟତର ପ୍ରକଳ୍ପଗୁଡ଼ିକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

ପ୍ରଶ୍ନ: ଚନ୍ଦ୍ର କିମ୍ବା ମଙ୍ଗଳ ଅଭିଯାନ ସମୟରେ ଭାରତୀୟ ମହାକାଶଚାରୀମାନେ କି ପ୍ରକାରର ପରୀକ୍ଷଣ କରିବା ଆପଣ ଆଶା କରନ୍ତି ?

ଉତ୍ତର: ସାମ୍ପ୍ରତିକ ମିଶନରେ, ପରୀକ୍ଷଣଗୁଡ଼ିକୁ ସାତଟି ବର୍ଗରେ ବିଭକ୍ତ କରାଯାଇଥିଲା। ଜୀବ ବିଜ୍ଞାନ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ଉଦାହରଣ ସ୍ୱରୂପ, ମାୟୋଜେନେସିସ୍ – ମାଂସପେଶୀ ନଷ୍ଟ ଏବଂ ମାଇକ୍ରୋଗ୍ରାଭିଟିରେ ପୁନର୍ଜନ୍ମ - କର୍କଟ, ମଧୁମେହ କିମ୍ବା ପୃଥିବୀରେ ସୃଷ୍ଟ ପ୍ରାକୃତିକ ପାଟରୁ ପୁନଃରୁଦ୍ଧାର ଭଳି ପରିସ୍ଥିତି ପାଇଁ ସିଧାସଳଖ ପ୍ରାସଙ୍ଗିକତା ରଖେ। ଅନ୍ୟ ଏକ ସେଟ୍ ଦୀର୍ଘ ସ୍କ୍ରିନ୍ ଏକ୍ସପୋଜରର ଜ୍ଞାନାତ୍ମକ ପ୍ରଭାବ ଅଧ୍ୟୟନ କରିଛି, ଯାହା ଆଜିର ଡିଜିଟାଲ ଯୁଗରେ ଖୁବ୍ ପ୍ରାସଙ୍ଗିକ। ଆମେ ମାଇକ୍ରୋଗ୍ରାଭିଟିରେ ମେଥି ପରି ଚାରା ବୃଦ୍ଧି ସହିତ ମଧ୍ୟ ପରୀକ୍ଷଣ କରିଛୁ, ଯାହା ପୁନର୍ଜନ୍ମ ଜୀବବିଜ୍ଞାନ ଏବଂ ଜେନେଟିକ୍ ପ୍ରୟୋଗରେ ଗବେଷଣାରେ ସହାୟତା କରିପାରିବ।

ମୁଖ୍ୟ କଥା ହେଉଛି ମହାକାଶ ପରୀକ୍ଷଣ କେବଳ କକ୍ଷପଥରେ ଥିବା ମହାକାଶଚାରୀମାନଙ୍କ ପାଇଁ ସୀମିତ ନୁହେଁ ବରଂ ଏହା ପୃଥିବୀର ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ ଏବଂ 'ବିଶ୍ୱଗୁରୁ ଭାରତ'ର ଚିନ୍ତାଧାରାକୁ ଆଗକୁ ନେଇଥାଏ।

ପ୍ରଶ୍ନ: ସ୍ପେସ୍‌ଏକ୍ସ ପରେ, ଭାରତ କେବେ ବିଶ୍ୱ ଗ୍ରାହକମାନଙ୍କ ପାଇଁ ମହାକାଶ ଡକିଂ ଏବଂ ଉପଗ୍ରହ ସେବାର ମୁଦ୍ରୀକରଣ କାର୍ଯ୍ୟ ଆରମ୍ଭ କରିବ ?

ଉତ୍ତର: ଆମେ ସ୍ପେସଏକ୍ସ ମାଧ୍ୟମରେ ଡକିଂ ଏବଂ ଅନ-ଡକିଂ ସହିତ ଅଭିଜ୍ଞତା ହାସଲ କରିବା ଆରମ୍ଭ କରିଛୁ। ଆଗାମୀ ଚନ୍ଦ୍ରଯାନ-୪ ମିଶନ, ଯାହା ପ୍ରାୟ ୨୦୨୮ରେ ସାକାର କରାଯିବ ବୋଲି ଆଶା କରାଯାଉଛି, ଏଥିରେ ଜଟିଳ ଡକିଂ ଏବଂ ଅନ-ଡକିଂ କୌଶଳ ପ୍ରଦର୍ଶନ କରୁଥିବା ଅନେକ ମଡ୍ୟୁଲ୍ ସାମିଲ ହେବ। ଏହା ଆମକୁ ମହାକାଶ ଷ୍ଟେସନ ଭଳି ବଡ଼ ପ୍ରକଳ୍ପ ପାଇଁ ଆବଶ୍ୟକ ବିଶେଷଜ୍ଞତା ପ୍ରଦାନ କରିବ। ମହାକାଶ ପର୍ଯ୍ୟଟନ ସମ୍ଭବ ହୋଇଗଲେ, ଯାତ୍ରୀ ସୁରକ୍ଷା ପାଇଁ ଡକିଂ ପ୍ରଯୁକ୍ତିବିଦ୍ୟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ସମୟ ସହିତ, ଭାରତ ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ପାଇଁ ଡକିଂ, ସେବା ଏବଂ ପର୍ଯ୍ୟଟନ ଭିତ୍ତିଭୂମି ପ୍ରଦାନ କରିବା ସହିତ ମୁଦ୍ରୀକରଣ କରିବାକୁ ସକ୍ଷମ ହୋଇ ପାରିବ।

ପ୍ରଶ୍ନ: ଭାରତ ପାଞ୍ଚ ବର୍ଷ ମଧ୍ୟରେ ସରକାରୀ-ଘରୋଇ ସହଭାଗୀତା ମାଧ୍ୟମରେ ୫୨ଟି ଗୁପ୍ତ ଉପଗ୍ରହ ଉତକ୍ଷେପଣ କରିବାକୁ ଯୋଜନା କରୁଛି। ଏପରି ସହଯୋଗରେ ଜାତୀୟ ସୁରକ୍ଷା କିପରି ସୁନିଶ୍ଚିତ ହେବ ?

ଉତ୍ତର: ସୁରକ୍ଷା ବ୍ୟବସ୍ଥା ପୂର୍ବରୁ ଅଛି। ଆମେ 'ଇନ-ସ୍ପାକ୍' (ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର) ସୃଷ୍ଟି କରିଛୁ, ଯାହା ମହାକାଶରେ ସରକାରୀ-ବେସରକାରୀ ସହଭାଗୀତାକୁ ନିୟନ୍ତ୍ରଣ କରେ। ଏହା ସହଯୋଗର ପରିମାଣ ଏବଂ ପ୍ରକୃତି ନିର୍ଣ୍ଣୟ କରେ, ସୁରକ୍ଷା ବିଚାରକୁ ସମ୍ପୂର୍ଣ୍ଣ ଭାବରେ ସମ୍ପାଦିତ କରାଯାଏ। ସେହି ସମୟରେ, ଆମେ ବିଦେଶୀ ପ୍ରତ୍ୟକ୍ଷ ନିବେଶକୁ ଅନୁମତି ଦେଇ କ୍ଷେତ୍ରକୁ ଉଦାରୀକରଣ କରିଛୁ। ନିୟମ ଏବଂ ଉନ୍ମୁକ୍ତତା ଏହି ସନ୍ତୁଳନ ଜାତୀୟ ସ୍ୱାର୍ଥ ସହିତ ଆପତ୍ତି ନକରି ନବସୃଜନକୁ ଅନୁମତି ଦିଏ।

ପ୍ରଶ୍ନ: ଉତ୍ତର ୧,୦୦୦ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ ପାଣ୍ଠି ମଞ୍ଜୁର କରାଯାଇଛି, କିନ୍ତୁ ଗତ ବର୍ଷ ମହାକାଶ-ପ୍ରଯୁକ୍ତି ପାଣ୍ଠି ହ୍ରାସ ପାଇଛି। ଏହି ପାଣ୍ଠି ଷ୍ଟାର୍ଟଅପଗୁଡ଼ିକୁ କିପରି ସମର୍ଥନ କରିବ ?

ଉତ୍ତର: କିଛି ବର୍ଷ ପୂର୍ବେ, ମହାକାଶ କ୍ଷେତ୍ରରେ ଷ୍ଟାର୍ଟଅପ୍ ହେବା ପ୍ରାୟ ଅସାଧାରଣ ଥିଲା। ଆଜି, ଆମ ଆଖରେ ପ୍ରାୟ ୪୦୦ ଷ୍ଟାର୍ଟଅପ୍ ଅଛନ୍ତି, ଯାହା ମଧ୍ୟରୁ କିଛି ସଫଳ ଉଦ୍ୟୋଗୀ ହୋଇସାରିଛନ୍ତି। ଷ୍ଟାର୍ଟଅପ୍ କେବଳ ରକେଟ୍ ଲଞ୍ଚ୍ କରିବା ବିଷୟରେ ନୁହେଁ, ଏହା ମ୍ୟାପିଂ, ସ୍ମାର୍ଟ ସିଟି, କୃଷି, ଟେଲିମେଡିସିନ୍ ଏବଂ ଟେଲିକମ୍ୟୁନିକେସନ୍ ଭଳି କ୍ଷେତ୍ରକୁ ବ୍ୟାପିଛି।

ଏହି ପାଣ୍ଠି ସେମାନଙ୍କୁ ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। ମହାକାଶ ହଠାତ୍ ଏକ ଲାଭଜନକ କ୍ୟାରିଅର ବିକଳ୍ପ ପାଲଟିଛି। ଏରୋସ୍ପେସ୍ ଇଞ୍ଜିନିୟରିଂ, ଯାହା ଏକଦା ଏକ ସ୍ୱତନ୍ତ୍ର ଧାରା ଥିଲା, ଏବେ ଆଇ.ଆଇ.ଟି. (ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ) ଗୁଡ଼ିକରେ ସବୁଠାରୁ ଅଧିକ ଚାହିଦା ଥିବା ଶାଖା ମଧ୍ୟରେ ରହିଛି। ସେହି ପରିବର୍ତ୍ତନ ନିଜେ ଏହି କ୍ଷେତ୍ରରେ ବଢୁଥିବା ସୁଯାଗକୁ ଦର୍ଶାଏ।

ପ୍ରଶ୍ନ: ଭାରତ ୨୦୩୩ ସୁଦ୍ଧା ବିଶ୍ୱ ମହାକାଶ ବଜାରର ୮ ପ୍ରତିଶତ ଲକ୍ଷ୍ୟ ରଖିଛି। ସାଟେଲାଇଟ୍ ଉତକ୍ଷେପଣ କାର୍ଯ୍ୟକ୍ରମ ବ୍ୟତୀତ, କେଉଁ ପ୍ରଯୁକ୍ତିବିଦ୍ୟା ଭାରତକୁ ସ୍ପେସଏକ୍ସ ଏବଂ ଚୀନ୍ ସହିତ ପ୍ରତିଯୋଗିତା କରିବାରେ ସାହାଯ୍ୟ କରିବ ?

ଉତ୍ତର: ପ୍ରାୟ ଧ୍ୟାନ ରକେଟ୍ ଏବଂ ଲଞ୍ଚ ଉପରେ ରହିଛି, କିନ୍ତୁ ପ୍ରାୟ ଅଧା ମହାକାଶ ପ୍ରୟୋଗ ପୃଥିବୀରେ ଅଛି। ମହାକାଶ ପ୍ରଯୁକ୍ତିବିଦ୍ୟା କୃଷି, ଭିତ୍ତିଭୂମି ଏବଂ ଯୁଦ୍ଧରେ ମଧ୍ୟ ସମନ୍ୱିତ। ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାକୁ ନିଅନ୍ତୁ; ଏହା ସମୟ, ଅର୍ଥ ଏବଂ କାଗଜପତ୍ର ସଞ୍ଚୟ କରିବା ପାଇଁ ସାଟେଲାଇଟ୍ ଚିତ୍ର ବ୍ୟବହାର କରେ, ଯାହା ସିଧାସଳଖ ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦିଏ। ସେହିପରି, ମହାକାଶ ଇନପୁଟ୍ ଚାଷୀମାନଙ୍କୁ ବିହନ ଏବଂ ଫସଲର ସମୟ ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଏହି ସଞ୍ଚୟ ସମ୍ପତ୍ତି ସୃଷ୍ଟି ପରି ମୂଲ୍ୟବାନ। ସେଥିପାଇଁ ଆମେ ଆଶା କରୁଛୁ ଯେ ଭାରତର ମହାକାଶ ଅର୍ଥନୀତି, ବର୍ତ୍ତମାନ ପ୍ରାୟ ୮ ବିଲିୟନ ଡଲାର, ପରବର୍ତ୍ତୀ ଦଶନ୍ଧିରେ ପାଞ୍ଚ ଗୁଣ ବୃଦ୍ଧି ପାଇ ୪୦- ୪୫ ବିଲିୟନ ଡଲାର ହେବ, ଯାହା ଭାରତକୁ ବିଶ୍ୱ ରାଙ୍କିଂରେ ଉପରକୁ ଉଠାଇବାରେ ସାହାଯ୍ୟ କରିବ।

ପ୍ରଶ୍ନ: ଆପଣ କ'ଣ କେବଳ ବାୟୁସେନା ପାଇଲଟମାନଙ୍କୁ ଭାରତର ମହାକାଶଚାରୀ ପୁଲରେ ଯୋଗ ଦେବାକୁ ଉତ୍ସାହିତ କରିବେ ?

ଉତ୍ତର: ନିଶ୍ଚିତ ଭାବରେ। ବର୍ତ୍ତମାନ, ବାୟୁସେନା ପାଇଲଟମାନେ ଉଚ୍ଚ-ଉଚ୍ଚତା ଜେଟରେ ତାଲିମ ଯୋଗୁଁ ଭଲ ଭାବରେ ପ୍ରସ୍ତୁତ, କିନ୍ତୁ ଏହା କେବଳ ଆରମ୍ଭ। ଭବିଷ୍ୟତରେ, ଆମର ମହାକାଶଚାରୀ ପୁଲ୍ ସାଧାରଣ ନାଗରିକ, ମହିଳା, ଜୈବ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ମହାକାଶ ଚିକିତ୍ସକ ଏବଂ ଏପରିକି ଗଣମାଧ୍ୟମ ବୃତ୍ତିଗତମାନଙ୍କୁ ବାସ୍ତବ ସମୟରେ ମିଶନ ରେକର୍ଡ କରିବା ପାଇଁ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାରିତ ହେବ। ଇକୋସିଷ୍ଟମ ବୃଦ୍ଧି ପାଇବା ସହିତ, ଭାରତକୁ ତା'ର ମହତ୍ତ୍ୱାକାଂକ୍ଷୀ ଯୋଜନା ଓ ଲକ୍ଷ୍ୟ ପୂରଣ କରିବା ପାଇଁ ମହାକାଶଚାରୀଙ୍କ ଏକ ବୃହତ ଏବଂ ବିବିଧ ପୁଲ୍ ଆବଶ୍ୟକ ହେବ।

# କ'ଣ ଶିକ୍ଷକଙ୍କ ସ୍ଥାନ ନେଇପାରିବ ଏଆଇ ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆଜିର ଏଆଇ (କୃତ୍ରିମ ମେଧା)ର ଯୁଗରେ ଯେତେବେଳେ ସବୁ କଠିନରୁ କଠିନ ପ୍ରଶ୍ନର ଉତ୍ତର ଚାଟବଟ ନିମିଷେକେ ଦେଇ ପାରୁଛି ସେତେବେଳେ ପିଲାଙ୍କ ଠାରୁ ଆରମ୍ଭ କରି ଗହନ ଗବେଷଣା କରୁଥିବା ଲୋକଙ୍କର ଗୁଗୁଲ ସର୍ଚ୍ଚ ବା ଏଆଇ ମାଧ୍ୟମରେ ସବୁ ଜିଜ୍ଞାସାର ଉତ୍ତର ପାଇବାର ପ୍ରବୃତ୍ତି ବଢ଼ିବାରେ ଲାଗିଛି। ବିଶ୍ୱର ଅର୍ଦ୍ଧାଧିକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ ଗବେଷଣା ପାଇଁ ଏଆଇର ସାହାଯ୍ୟ ନିଆଯାଉଛି। ଯେତେବେଳେ ବୈଜ୍ଞାନିକ ଆବିଷ୍କାର, ଡାକ୍ତରୀ ଜ୍ଞାନକୌଶଳ, ରୋଗ ନିର୍ଦ୍ଧାରଣ ଓ ଚିକିତ୍ସା ପାଇଁ ଏଆଇର ବ୍ୟବହାର କରାଯାଉଛି ସେତେବେଳେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଓ ସେମାନଙ୍କୁ ଉତ୍ତମ ଶିକ୍ଷା ଦେବାପାଇଁ ଶିକ୍ଷକ/ଅଧ୍ୟାପକ ମାନଙ୍କର ମଧ୍ୟ ଆବଶ୍ୟକତା ରହିଛି। ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା ଆଜିର ନୁହେଁ ପ୍ରାକ୍‌କାଳରୁ ଶିକ୍ଷକଙ୍କ ଗୁରୁତ୍ୱ ରହିଛି। ଶିକ୍ଷକ/ଅଧ୍ୟାପକଙ୍କ ପ୍ରସଙ୍ଗରେ ଏବେ ଆଲୋଚନା କରିବାର ଆବଶ୍ୟକତା ଏଇଥିପାଇଁ ହେଉଛି ଯେ ବର୍ତ୍ତମାନ ସମୟରେ ଏଆଇ ଯେ କେବଳ ବିଶେଷଜ୍ଞଙ୍କ ସ୍ଥାନ ନେବ ବା ନେଇପାରିବ ତା ନୁହେଁ ଆଗାମୀ କିଛି ବର୍ଷ ମଧ୍ୟରେ ଏଆଇର ଆବଶ୍ୟକତା ଏତେ ବଢ଼ିଯିବ ଯେ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କର ଆବଶ୍ୟକ ପଡିବ ନାହିଁ ଓ ଏଆଇ ଶିକ୍ଷାଦାନ ବି କରିପାରିବ ବୋଲି ଆଶଙ୍କା ସୃଷ୍ଟି ହେଲାଣି।

କଥା ହେଉଛି ଏସବୁ ଯେତେ ସହଜ ଦେଖାଯାଉଛି ସେତେ ସହଜ ନୁହେଁ। ଅଦ୍ୟାବଧି ଏଆଇ କାରଣରୁ ଶିକ୍ଷକ ପେଷାରେ ଥିବା ଲୋକେ ବେରୋଜଗାର ହେବେ ବୋଲି ସଠିକ୍ ଭାବେ ମଧ୍ୟ କୁହାଯାଇ ପାରିବ ନାହିଁ। ଏହା ଅବସ୍ଥାକୁ ଦେଖି ଆଶଙ୍କା କରାଯାଉଛି। କିନ୍ତୁ ଗୁଗୁଲ ସର୍ଚ୍ଚ ଧୀରେ ଧୀରେ ୯୦ ପ୍ରତିଶତରୁ ଅଧିକ ବିଶ୍ୱସନୀୟ ହୋଇପାରିଥିବା ବେଳେ ଚାଟବଟକୁ ନେଇ ଲୋକଙ୍କର ବିଶ୍ୱାସ ବଢ଼ିବାରେ ଲାଗିଛି। ଚାଟବଟ ମଣିଷ ଭଳି ଲୋକଙ୍କ ଜିଜ୍ଞାସାର ସଠିକ୍ ଉତ୍ତର ଦେବାରେ ସମର୍ଥ ହୋଇଛି। ଏହି ଚାଟବଟର ନୂଆ ରୂପରେ ଏବେ ବଜାରକୁ ଆସିଛି ଏଆଇ ଓ ସବୁ କାମ ସଠିକ୍ ତଥ୍ୟାତ୍ମକ ଢ଼ଙ୍ଗରେ କରି ପାରୁଛି ଯାହା ମଣିଷ କରିପାରେ। ଏଣୁ ଏସବୁ ଦୃଷ୍ଟିରୁ ଭବିଷ୍ୟବାଣୀ କରାଯାଉଛି ଯେ ଆଗାମୀ ଦିନରେ ହୁଏତ ଶିକ୍ଷକ/ଅଧ୍ୟାପକଙ୍କର ଆବଶ୍ୟକତା ପଡିନପାରେ। ପ୍ରକୃତପକ୍ଷେ ଶିକ୍ଷକ/ଅଧ୍ୟାପକଙ୍କ ଭୂମିକା କେବଳ ପାଠପଢ଼ା ବା ଜ୍ଞାନ ପ୍ରଦାନରେ ସୀମିତ ନୁହେଁ। ପ୍ରଥମେ ବହିଛପା ହେଲା, ରେଡିଓ ଆବିଷ୍କାର ହେବା ପରେ ରେଡିଓରେ ଶିକ୍ଷାକୁ ନେଇ ଅନେକ କାର୍ଯ୍ୟକ୍ରମ ପ୍ରସାରିତ ହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଟେଲିଭିଜନ ଆସିଲା ଓ ବିଶେଷଜ୍ଞ ମାନେ ସେମାନଙ୍କର ବିଚାର ସାର୍ବଜନୀନ କରିପାରିଲେ। ଯେତେବେଳେ ଇଣ୍ଟରନେଟର ବ୍ୟବହାର ବଢ଼ିଲା ସେତେବେଳେ ସାରାଦୁନିଆର ଜ୍ଞାନର ଏକ ବ୍ୟବସ୍ଥିତ ସ୍ରୋତ ସୃଷ୍ଟି ହେଲା କିନ୍ତୁ ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା କମିଲା ନାହିଁ ବରଂ ବଢ଼ିଲା।

ଏବେ ଏଆଇ (କୃତ୍ରିମ ମେଧା)ର ଆବିଷ୍କାର ହେଲା। ଏହି ଏଆଇର ବିସ୍ତାରିତ ଆବିଷ୍କାରର ଜନ୍ମ ନେଲା ଚାଟେବଟ ଯାହା ଶିକ୍ଷକ/ଅଧ୍ୟାପକଙ୍କ ଆବଶ୍ୟକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ ଏହି ପ୍ରଶ୍ନ ବା ଆନ୍ୟ ଅର୍ଥରେ ଆଶଙ୍କା କେବଳ ତତ୍‌କାଳୀକ ବୋଲି କୁହାଯାଇପାରେ। ଏ କଥା ମଧ୍ୟ ସତ୍ୟ ଯେ ଯେତେବେଳେ ଚାଟବଟ ର ଅନୁଭବ ପୁରୁଣା ହୋଇଯିବ ସେତେବେଳେ ହିଁ ଆମକୁ ଜଣାପଡିବ ଯେ ଏଆଇ ହେଉ ବା ଅନ୍ୟ ଆବିଷ୍କାର ହେଉ ଏମାନେ ବାସ୍ତବରେ ଶିକ୍ଷକ/ଅଧ୍ୟାପକଙ୍କ ସ୍ଥାନ ନେଇପାରିବେ ନାହିଁ। କାରଣ ଶିକ୍ଷକ/ଅଧ୍ୟାପକ ମେଶିନର ଅନ୍ଦାଜରେ ଛାତ୍ରଙ୍କୁ ଜ୍ଞାନ ଦେଇ ନଥାନ୍ତି, ସେମାନଙ୍କର ଭୂମିକା ଏହାର ବହୁ ଊର୍ଦ୍ଧ୍ୱରେ। ଶିକ୍ଷକ/ଅଧ୍ୟାପକ କେବଳ ଶିକ୍ଷାଦାନ କରି ନଥାନ୍ତି ଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥାନ୍ତି। ଛାତ୍ରଛାତ୍ରୀଙ୍କ ପ୍ରେରଣାର ସ୍ରୋତ ହେଉଛନ୍ତି ଶିକ୍ଷକ/ଅଧ୍ୟାପକ। ଶିକ୍ଷକ/ଅଧ୍ୟାପକ ଛାତ୍ରଛାତ୍ରୀଙ୍କ ମୂଳଦୁଆ ଗଢ଼ିଥାନ୍ତି ଏବଂ ସେମାନଙ୍କ ଏକୀକୃତ ବ୍ୟକ୍ତିତ୍ୱର ସଂରକ୍ଷକ ମଧ୍ୟ ହୋଇଥାନ୍ତି। ଏଣୁ ଏଭଳି ଜଟିଳ ଭୂମିକା କୌଣସି ବୈଜ୍ଞାନିକ ଆବିଷ୍କାର କରିପାରିବେ ନାହିଁ। ଏଣୁ ଉନ୍ନତରୁ ଉନ୍ନତ ଚାଟବାଟ ର ଯୁଗରେ ମଧ୍ୟ ଶିକ୍ଷକ/ଅଧ୍ୟାପକଙ୍କ ଗୁରୁତ୍ୱ ରହିବ ଏବଂ ଏମାନେ ଅଧିକ ପ୍ରାସଙ୍ଗିକ ହେବେ।

ଏଆଇର ବଡ଼ଶକ୍ତି ହେଉଛି ତା'ର ତୀବ୍ରତା। କୌଣସି ପିଲା ଯେତେବେଳେ ଚାହିଁଲେ ଚାଟବଟ ମାଧ୍ୟମରେ ଗଣିତର ଉତ୍ତର ପାଇପାରୁଛନ୍ତି, କୌଣସି ଐତିହାସିକ ଘଟଣା ବାବଦରେ ଜାଣିପାରୁଛି। ଏପରିକି ବିଜ୍ଞାନର ଜଟିଳଠୁ କଥା ମଧ୍ୟ ବୁଝିପାରୁଛି। ଏଦୃଷ୍ଟିରୁ ଏଆଇ ଏକପ୍ରକାର ଶିକ୍ଷକ/ଅଧ୍ୟାପକଙ୍କ କାମ କରିପାରୁଥିଲେ ମଧ୍ୟ ଏଆଇ କୌଣସି ଛାତ୍ରର ହୃଦୟ ବଦଳାଇ ପାରିବ ନାହିଁ, ତାକୁ ପ୍ରୋତ୍ସାହିତ କରିପାରିବ ନାହିଁ କିମ୍ବା ତାକୁ ପ୍ରଭାବିତ କରିପାରିବ ନାହିଁ। ଏହି ଅର୍ଥରେ ଦେଖିଲେ ଶିକ୍ଷକ/ଅଧ୍ୟାପକଙ୍କ ଭୂମିକା ଏଆଇ ଠାରୁ ଊର୍ଦ୍ଧ୍ୱରେ। କାରଣ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କେବଳ ପ୍ରଶ୍ନର ଉତ୍ତର ପାଇବା ନୁହେଁ ବରଂ ଛାତ୍ରଛାତ୍ରୀଙ୍କୁ ଚିନ୍ତା କରିବା, ବୁଝିବା, ଘଟଣାର ବିଶ୍ଳେଷଣ କରିବାର କୁଶଳତାକୁ ବିକଶିତ କରିବା ହେଉଛି ଶିକ୍ଷାର ଉଦ୍ଦେଶ୍ୟ। ଏହି କାର୍ଯ୍ୟ କେବଳ ଶିକ୍ଷକ/ଅଧ୍ୟାପକମାନେ କରିପାରିବେ। ଏସବୁ ପରେ ସବୁଠାରୁ ବଡ଼କଥା ହେଉଛି ଏଆଇର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଶିକ୍ଷକ/ଅଧ୍ୟାପକ ମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡିବ।

# କୂଟନୀତି ଓ ଅର୍ଥନୀତିରେ ଭାରତର ନୂଆ ଅଧ୍ୟାୟ



ଅବିନାଶ ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୭୭୭୮୩୨

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୫ ଅଗଷ୍ଟ ୨୯ରୁ ସେପଟ୍ମେର ୧ ତାରିଖ ପର୍ଯ୍ୟନ୍ତ ଜାପାନ ଏବଂ ଚୀନକୁ ଚାରି ଦିନିଆ ଗସ୍ତରେ ଯାଇଥିଲେ। ଏହି ଗସ୍ତ ଭାରତର କୂଟନୈତିକ ଏବଂ ଅର୍ଥନୈତିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହିତ ଆଞ୍ଚଳିକ ଓ ବିଶ୍ୱ ସ୍ତରରେ ଭାରତର ଭୂମିକାକୁ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିବା ବୈଦେଶିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଏହି ଗସ୍ତରେ ମୋଦି ଜାପାନର ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା, ଚୀନର ରାଷ୍ଟ୍ରପତି ସି.ଜିନପିଙ୍ଗ ଏବଂ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହା ସହିତ ସେ ଚୀନର ତିଆନଜିନରେ ଅନୁଷ୍ଠିତ ଶାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ବୈଠକରେ ଅଂଶଗ୍ରହଣ କରିଛନ୍ତି। ଏହି ଗସ୍ତ ବିଶେଷ କରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତୀୟ ରପ୍ତାନୀ ଉପରେ ଲାଗୁ କରାଯାଇଥିବା ୫୦% ଶୁଳ୍କ (ଟାରିଫ୍) ଏବଂ ଭାରତ-ଚୀନ ସମ୍ପର୍କରେ ଏକ ନୂଆ ଅଧ୍ୟାୟର ପ୍ରାରମ୍ଭ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

ମୋଦି ଏବଂ ଜିନପିଙ୍ଗ ଉଭୟ ଏକମତ ହୋଇଥିଲେ ଯେ, ସୀମାରେ ଶାନ୍ତି ଓ ସ୍ଥିରତା ହେଉଛି ଦୁଇ ଦେଶର ସମ୍ପର୍କର ମୂଳଦୁଆ। ଏହା ସହିତ ସେମାନେ ଏକ ପାରସ୍ପରିକ ଗ୍ରହଣୀୟ ସୀମା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚୀନ ସହ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଭାରତ ଚୀନୀ ନାଗରିକମାନଙ୍କ ପାଇଁ ଭିସା ପ୍ରଦାନ ପୁନଃ ଆରମ୍ଭ କରିଛି ଏବଂ କୈଲାସ ମାନସରୋବର ଯାତ୍ରା ମଧ୍ୟ ପୁନଃ ଚାଲୁ ହୋଇଛି। ଏହା ସହିତ ସେପଟ୍ମେରରୁ ଉଭୟ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ ହେବାକୁ ଯାଉଛି। ଏହି ପଦକ୍ଷେପମାନେ ଭାରତ-ଚୀନ ସମ୍ପର୍କରେ ଏକ ସକାରାତ୍ମକ ପରିବର୍ତ୍ତନକୁ ସୂଚାଇଛି।

ପ୍ରଧାନମନ୍ତ୍ରୀ ମୋଦି ୨୦୨୫ ଅଗଷ୍ଟ ୨୯ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାପାନରେ ଦୁଇ ଦିନିଆ ଗସ୍ତରେ ଥିଲେ। ଏହି ଗସ୍ତ ଥିଲା ୧୫ତମ ଭାରତ-ଜାପାନ ବାର୍ଷିକ ଶିଖର ବୈଠକ, ଯେଉଁଠାରେ ମୋଦି ଜାପାନର ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଭାରତ ଓ ଜାପାନ ମଧ୍ୟରେ ଥିବା ବିଶେଷ ରଣନୀତିକ ଏବଂ ବିଶ୍ୱ ସହଭାଗୀତାକୁ ଆହୁରି ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ମୋଦି ଏବଂ ଇଶିବା ଟୋକିଓରେ ଏକାଠି ବୁଲେଟ ଟ୍ରେନରେ ଯାତ୍ରା କରିଥିଲେ ଏବଂ ମିୟାଗି ପ୍ରିଫେକ୍ଚରର ସେନ୍ଦାଇସ୍ଥିତ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟ (ଟୋକିଓ ଇଲେକ୍ଟ୍ରୋନ ମିୟାଗି ଲିମିଟେଡ) ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନ ଓ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଜାପାନର ସହଯୋଗକୁ ଆଲୋକପାତ କରିଥିଲା। ଏହା ସହିତ ଭାରତ ଓ ଜାପାନ ମଧ୍ୟରେ ୧୩ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଓ ଘୋଷଣା ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ପ୍ରତିରକ୍ଷା, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ଏବଂ ଜନସାଧାରଣ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ଜାପାନ ଆଗାମୀ ଦଶ ବର୍ଷ ମଧ୍ୟରେ ଭାରତରେ ୧୦ ଟ୍ରିଲିୟନ ୟେନ (ପ୍ରାୟ ୬୦,୦୦୦ କୋଟି ଟଙ୍କା) ନିବେଶ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ଏହା ସହିତ ସୁଜୁକି ମୋଟର କମ୍ପାନୀ ଆଗାମୀ ୫-୬ ବର୍ଷ ମଧ୍ୟରେ ଭାରତରେ ୮ ବିଲିୟନ ଡଲାର (ପ୍ରାୟ ୬୦,୦୦୦ କୋଟି ଟଙ୍କା) ନିବେଶ କରିବାକୁ ଘୋଷଣା କରିଛି। ଏହି ନିବେଶ ଭାରତର ଅର୍ଥନୀତିକୁ ଆହୁରି ସଶକ୍ତ କରିବ ଏବଂ ଉଚ୍ଚ-ମୂଲ୍ୟ ଉତ୍ପାଦନ ଓ କ୍ରିଟିକାଲ ମିନେରାଲ୍ସ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ। ମୋଦି ଜାପାନର ୧୬ଟି ପ୍ରିଫେକ୍ଚରର ଗଭର୍ଣ୍ଣରମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମୋଦି ଜାପାନୀ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ପତ୍ନୀ ଯୋଶିକୋ ଇଶିବାଙ୍କୁ ଏକ ପଶ୍ମିନା ଶାଲ ଏବଂ ପାପିୟର ବାକ୍ସ ଉପହାର ଦେଇଥିଲେ, ଯାହା ଭାରତୀୟ ସଂସ୍କୃତିର ଏକ ପ୍ରତୀକ। ଏହା ସହିତ ସେ ଇଶିବାଙ୍କୁ ରାମେନ ବାଉଲ ଏବଂ ଚପଷ୍ଟିକ ଉପହାର ଦେଇଥିଲେ, ଯାହା ଦୁଇ ଦେଶର ସାଂସ୍କୃତିକ ସମ୍ପର୍କକୁ ଆହୁରି ଗଭୀର କରିଥିଲା।

ଜାପାନ ଗସ୍ତ ପରେ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ଯାଇଥିଲେ ଚୀନ୍। ଦୀର୍ଘ ୭ ବର୍ଷ ପରେ ମୋଦିଙ୍କ ଚୀନ ଗସ୍ତ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚୀନର ତିଆନଜିନରେ ଥିଲେ ମୋଦି। ଏହା ଥିଲା ତାଙ୍କର ସାତ ବର୍ଷ ପରେ ଚୀନକୁ ପ୍ରଥମ ଗସ୍ତ, ଯାହା ୨୦୨୦ରେ ଗଲୱାନ ସୀମା ସଂଘର୍ଷ ପରେ ଭାରତ-ଚୀନ ସମ୍ପର୍କରେ ଏକ ନୂଆ ଅଧ୍ୟାୟର ସୂଚନା ଦେଇଥିଲା। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ୨୫ତମ ଶିଖର ବୈଠକରେ ଅଂଶଗ୍ରହଣ କରିବା। ଏହି ବୈଠକରେ ୨୦ରୁ ଅଧିକ ବିଶ୍ୱ ନେତା ଏବଂ ୧୦ଟି ଆନ୍ତର୍ଜାତୀୟ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ମୋଦି ଚୀନର ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଆମନ୍ତ୍ରଣରେ ଏହି ବୈଠକରେ ଯୋଗ ଦେଇଥିଲେ। ଅଗଷ୍ଟ ୩୧ରେ ସେ ସି'ଙ୍କ ସହ ଏକ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ, ଯେଉଁଥିରେ ସୀମା ସମସ୍ୟା, ବାଣିଜ୍ୟ, ଆତଙ୍କବାଦ ବିରୋଧ, ଏବଂ ପାରସ୍ପରିକ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଶାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ବୈଠକ ଅଗଷ୍ଟ ୩୧ରୁ ସେପଟ୍ମେର ୧ ତାରିଖ ପର୍ଯ୍ୟନ୍ତ ଚୀନର ତିଆନଜିନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭାରତ, ଚୀନ, ରୁଷ, ଏବଂ ମଧ୍ୟ ଏସିଆ, ଦକ୍ଷିଣ ଏସିଆ, ମଧ୍ୟ ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟ ଦେଶମାନଙ୍କର ନେତାମାନେ ଅଂଶଗ୍ରହଣ କରିଥିଲେ। ଏସ୍‌ସିଓ ହେଉଛି ଜନସଂଖ୍ୟା ଓ ଭୂମି ଆୟତନ ଆଧାରରେ ବିଶ୍ୱର ସବୁଠାରୁ ବଡ଼ ଆଞ୍ଚଳିକ ସଂଗଠନମାନଙ୍କ ମଧ୍ୟରେ ଅନ୍ୟତମ। ଚୀନ ଏହି ବର୍ଷ ଏହାର ଅଧ୍ୟକ୍ଷତା କରୁଥିଲା ଏବଂ ଏହି ବୈଠକକୁ ଏକ ଐତିହାସିକ ଘଟଣା ଭାବେ ବର୍ଣ୍ଣନା କରିଥିଲା।

ଏହି ବୈଠକରେ ମୋଦି ଆତଙ୍କବାଦ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ଜୋର ଦେଇଥିଲେ। ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗକୁ ସେ ଉପସ୍ଥାପନ କରିଥିଲେ। ସେ ଏସସିଓ ସଦସ୍ୟ ଦେଶମାନଙ୍କୁ ଆତଙ୍କବାଦ ବିରୋଧରେ ଦୋହରା ମାନଦଣ୍ଡ ନଅପଣାଇବାକୁ ଅନୁରୋଧ କରିଥିଲେ। ତିଆନଜିନ ଘୋଷଣାପତ୍ରରେ ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟ ସହଯୋଗ ଏବଂ ସୀମା ପାର ଆତଙ୍କବାଦୀ ଗତିବିଧିକୁ ରୋକିବା ପାଇଁ ଆଲୋଚନା ହୋଇଥିଲା। ଏସସିଓ ସଦସ୍ୟ ଦେଶମାନେ ଆଞ୍ଚଳିକ ସ୍ଥିରତା ଓ ଅର୍ଥନୈତିକ ସହଯୋଗ ପାଇଁ ନୂଆ ପଦକ୍ଷେପ ଘୋଷଣା କରିଥିଲେ।

ଏସ୍‌ସିଓ ଶିଖର ବୈଠକର ସମାନ୍ତରାଳରେ ପ୍ରଧାନମନ୍ତ୍ରୀ ମୋଦି ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସେପ୍ଟେମ୍ବର ୧ ତାରିଖରେ ଏକ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏହି ବୈଠକ ପୂର୍ବରୁ ଉଭୟ ନେତା ଏକାଠି ପୁଟିନଙ୍କ ଅରୁସ କାରରେ ଯାତ୍ରା କରିଥିଲେ, ଯାହା ଚୀନର ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଉପହାର ଥିଲା। ଏହି ଯାତ୍ରା ସମୟରେ ଉଭୟ ନେତା ୪୫ ମିନିଟ ଧରି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ମୋଦି ଏବଂ ପୁଟିନଙ୍କ ମଧ୍ୟରେ ଆଲୋଚନାରେ ଭାରତ-ରୁଷ ସମ୍ପର୍କ, ରୁଷ-ୟୁକ୍ରେନ ଯୁଦ୍ଧ, ଏବଂ ଅର୍ଥନୈତିକ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋଦି ରୁଷ-ୟୁକ୍ରେନ ଯୁଦ୍ଧରେ ଶାନ୍ତି ଓ ସ୍ଥିରତା ପାଇଁ କୂଟନୈତିକ ପ୍ରୟାସକୁ ପ୍ରୋତ୍ସାହିତ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ଭାରତ ଏକ ମାନବୀୟ ଦୃଷ୍ଟିକୋଣରୁ ଏହି ସଂଘର୍ଷରେ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି। ପୁଟିନ ମୋଦିଙ୍କୁ 'ପ୍ରିୟ ବନ୍ଧୁ' ଭାବେ ସମ୍ବୋଧିତ କରି ଭାରତ-ରୁଷ ସମ୍ପର୍କରେ ଏକ ଗଭୀର ରଣନୀତିକ ସହଭାଗୀତାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ଏହି ବୈଠକ ଡିସେମ୍ବର ୨୦୨୫ରେ ପୁଟିନଙ୍କ ଭାରତ ଗସ୍ତ ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା। ଏହା ସହିତ ରୁଷ ଭାରତ ଓ ଚୀନ ସହ ନୂଆ ନିବେଶ ପ୍ରକଳ୍ପ ଘୋଷଣା କରିବାକୁ ଯାଉଛି ବୋଲି ରୁଷ ଡାଇରେକ୍ଟ ଇନଭେଷ୍ଟମେଣ୍ଟ ଫଣ୍ଡର ସିଇଓ ଡିମିତ୍ରିଏଭ କହିଛନ୍ତି। ଟ୍ରମ୍ପଙ୍କ ଟ୍ରେଡ ଉପଦେଷ୍ଟା ପିଟର ନାଭାରୋ ଭାରତକୁ 'କ୍ରେମଲିନର ତୈଳ ମନି ଲଣ୍ଡ୍ରୋମାଟ' ବୋଲି ଅଭିହିତ କରିଥିଲେ, ଯାହା ଭାରତ-ଆମେରିକା ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥିଲା। ଭାରତ ଏହାର ରୁଷୀୟ ତୈଳ କ୍ରୟକୁ ରକ୍ଷା କରି କହିଛି ଯେ ଏହା ଦେଶର ଶକ୍ତି ଖର୍ଚ୍ଚକୁ ସ୍ଥିର ରଖିବା ଏବଂ ବିଶ୍ୱ ବଜାରରେ ଦରକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜାପାନ ଓ ଚୀନ ଗସ୍ତ ଭାରତର କୂଟନୈତିକ ରଣନୀତିରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ଜାପାନ ସହ ସମ୍ପର୍କ ସୁଦୃଢ଼ କରି ଏବଂ ଚୀନ ସହ ଏକ ନୂଆ ସହଯୋଗର ଆରମ୍ଭ କରି ଭାରତ ଆଞ୍ଚଳିକ ଓ ବିଶ୍ୱ ସ୍ତରରେ ନିଜର ସ୍ଥାନକୁ ଆହୁରି ମଜବୁତ କରିଛି। ଏସ୍‌ସିଓ ଶିଖର ବୈଠକ ଏବଂ ମୋଦୀ-ପୁଟିନ ଆଲୋଚନା ଭାରତର ରଣନୈତିକ ସ୍ୱାୟତ୍ତତାକୁ ପ୍ରତିପାଦିତ କରିଛି। ଟ୍ରମ୍ପଙ୍କ ଶୁଳ୍କ ନୀତି ଭାରତ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ, ମୋଦୀଙ୍କ ଏହି ଗସ୍ତ ପ୍ରମାଣ କରିଛି ଯେ ଭାରତ ବିଶ୍ୱ ରାଜନୀତିରେ ନିଜର ସ୍ଥାନ ସୁରକ୍ଷିତ ରଖିବା ପାଇଁ ସମର୍ଥ। ଏହି ଗସ୍ତ ଭାରତର ଅର୍ଥନୈତିକ ଓ ରାଜନୈତିକ ଭବିଷ୍ୟତକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ଆଶା କରାଯାଉଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୁଲ୍ୟରେ ମାଲକାନଗିରି ଜିଲ୍ଲା ଜରୁରି କାଳୀନ ବିଭାଗ ପକ୍ଷରୁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମସ୍ତ ପୌରାଞ୍ଚଳ ଓ ଗ୍ରାମ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବାର ବାର୍ତ୍ତା ପ୍ରଚାର କରିବ। ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାଇବା, ଘଡଘଡି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥା ଶୀଘ୍ର କୌଣସି ପକ୍କା ଘର ଭିତରକୁ ଚାଲି ଆସିବା, ମୋଟା ଚଦର ଛାତ ଥିବା ଗାଡି ଯଥା କାର, ବସ୍ ଆଦି ଯାନ ଭିତରକୁ ଚାଲିଯିବା, ଘର ଭିତରେ ଥିବା ବେଳେ ଝରକା, କବାଟ ବନ୍ଦ ରଖିବା, ମୁଣ୍ଡ ଓ ଦେହରୁ ଧାତୁ ଜିନିଷ ବାହାର କରିବା, ଯଥାସାଧ୍ୟ କମ୍ ଉଚ୍ଚତାରେ ରହିବା, ପାଣି ଭିତରୁ କିମ୍ବା ଡଙ୍ଗା ଭିତରୁ ଯଥା ଶୀଘ୍ର କୂଳକୁ ବାହାରି ଆସିବା ଓ ନିରାପଦ ସ୍ଥାନକୁ ଚାଲିଯିବା, ବଜ୍ରପାତର ସମ୍ଭାବନା ଦେଖା ଦେଲେ ଗୃହପାଳିତ ପ୍ରାଣୀମାନଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖିବା ଇତ୍ୟାଦି ବିଷୟରେ ଏହି ରଥ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁନା ତୁରୁକ୍, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## କଟକ-ପାରାଦୀପ ରାସ୍ତା ପାଲଟିଛି ମରଣଯନ୍ତା

# ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଦାବି



ପାରାଦୀପ, (ଭାସ୍କର ନ୍ୟୁଜ୍): ମୃତ୍ୟୁର ମରଣଯନ୍ତା ପାଲଟିଛି କଟକ-ପାରାଦୀପ ରାଜ୍ୟ ରାଜପଥ ଏବଂ ପାରାଦୀପ ଚଣ୍ଡିଖୋଲ ଜାତୀୟ ରାଜପଥ। ଦୈନନ୍ଦିନ ଏହି ରାସ୍ତାରେ ଚାଲିଛି ମୃତ୍ୟୁର ତାଣ୍ଡବଲୀଳା, ଲୌହ ଦାନବ ରୂପରେ ହାଇୱା ଓ ଟ୍ରକ ଚକତଳେ ଚାଲିଯାଉଛି ଜୀବନ। ଯାହାକୁ ନେଇ ଭୟଭୀତ ହୋଇପଡିଲେଣି ସ୍ଥାନୀୟ ଅଞ୍ଚଳବାସୀ। ତେବେ ଏସବୁ ଦୁର୍ଘଟଣା ଜନିତ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି ବେଆଇନ ଭାବରେ ନିଶା ସେବନ କରି ଦ୍ରୁତ ଗତିରେ ଗାଡି ଚାଳନା। ଏହା ସହିତ ଅନ୍ୟ ଏକ ପ୍ରମୁଖ ଘଟଣା ପାଲଟିଛି ରାଜପଥର ଦୁଇ ପାର୍ଶ୍ୱରେ ବେଆଇନ ଭାବରେ ଟ୍ରକ ପାର୍କିଂ ଏହାର କୁପରିଣାମ ଭୋଗୁଛନ୍ତି ସାଧାରଣ ଜନତା। ଦୁଇପାର୍ଶ୍ୱରେ ବେଆଇନ ପାର୍କିଂ କାରଣରୁ ରାସ୍ତାରେ ବାଇକ ଚାଳକ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଦେଖା ଯାଉନଥିବା କାରଣରୁ ବାଇକ ଚାଳନା କରୁଥିବା ସମୟରେ ବଡ଼ ଗାଡି ଦୃଶ୍ୟମାନ ହେଉ ନଥିବା କାରଣରୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ, ବସ ହେଉ କିମ୍ବା ହାଇୱା ଏଥିରେ ପିଟିହେବା ସହିତ ଅକାଳରେ ଚାଲିଯାଉଛି ଅନେକ ମୂଲ୍ୟବାନ ଜୀବନ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିବା ସହିତ ଏହି ରାସ୍ତାରୁ ଜବରଦଖଲ ହଟାଇବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ଏହି ଦୁଇଟି ରାସ୍ତାରେ କୌଣସି ସ୍ପିଡ଼ ନିୟନ୍ତ୍ରଣର ବ୍ୟବସ୍ଥା ନଥିବା କାରଣରୁ ଦ୍ରୁତ ଗତିରେ ଅତି ବେପରୁଆ ଭାବରେ ଭାରିଜାନ ଚଳାଚଳ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟିବାର ଅନେକ ନଜିର ରହିଛି। ଦୁର୍ଘଟଣାର ଅନ୍ୟ ଏକ କାରଣ ପାଲଟିଛି ନିଶା ସେବନ କରି ବେପରୁଆ ଗାଡି ଚାଳନା ତେବେ ଏପରି ଗାଡି ଚାଳକଙ୍କୁ ଚେକିଂ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୋଲିସ ପେଟ୍ରୋଲିଂକୁ କଡାକଡି କରିବାକୁ ଦାବି କରିଛନ୍ତି କୁଜଙ୍ଗ ଓ ପାରାଦୀପ ଅଞ୍ଚଳର ଅନେକ ବୁଦ୍ଧିଜୀବୀ। କଟକ ପାରାଦୀପ ରାଜ୍ୟ ରାଜପଥରେ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି କୁଜଙ୍ଗ ଅଞ୍ଚଳର ଜଣାଶୁଣା ଆଇନଜିବି ଗତିକୃଷ୍ଣ ଶତପଥୀ। ଏହି ରାସ୍ତାରେ ଘଟୁଥିବା ଦୁର୍ଘଟଣା ସ୍ୱାଭାବିକ ନୁହେଁ ମନୁଷ୍ୟକୃତ ବୋଲି ଦାବି କରିଛନ୍ତି ଏହି ଆଇନଜୀବୀ। ୨୦୨୪ ମସିହାରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଏକ ଯାଚିକା ପ୍ରସ୍ତୁତ ହେବା ସହିତ ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ସକାଳ ୭ ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ କଟକ ପାରାଦୀପ ରାଜ୍ୟ ରାଜପଥରେ ଭାରିଜାନ ଚଳାଚଳକୁ ନିଷେଧ କରାଯାଇଥିଲା। ଯାହାକୁ ନେଇ ତତ୍କାଳୀନ ଜଗତସିଂହପୁର ଜିଲ୍ଲାପାଳ ସମସ୍ତ ଥାନା ଗୁଡିକୁ ଅବଗତ କରିଥିଲେ ମଧ୍ୟ ଏହାର ସୁଫଳ ଦେଖିବାକୁ ମିଳିନଥିଲା। ଯାହାର ପରିଣାମ ଭୋଗୁଛନ୍ତି ସ୍ଥାନୀୟ ଅଞ୍ଚଳ ବାସୀ। ଦୈନନ୍ଦିନ କଟକ ପାରାଦୀପ ରାଜ୍ୟ ରାଜପଥରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟି ଅନେକ ଧନ ଜୀବନ ଅକାଳରେ ଚାଲିଯାଉଛି। ଯଥାଶୀଘ୍ର ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ମାନ୍ୟବର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ସହିତ ବ୍ୟସ୍ତବହୁଳ ଏହି କଟକ ପାରାଦୀପ ରାଜରାସ୍ତାରେ ସକାଳ ୭ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଭାରିଜାନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ଓ ଆଇନଜୀବି। ମୃତ୍ୟୁର ମରଣଯନ୍ତା ପାଲଟିଥିବା କଟକ ପାରାଦୀପ ରାଜରାସ୍ତାର ବେଆଇନ ଜବରଦଖଲ ହଟାଇବା, ରାସ୍ତା ଉପରକୁ ମାଡ଼ିଥିବା ବୃକ୍ଷଲତାକୁ କାଟି ସଫାକରିବା ସହିତ ଯଥାଶୀଘ୍ର ଏହି ରାସ୍ତାରୁ ବେଆଇନ ଭାରୀ ଯାନ ପାର୍କିଂ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

## ବେଦାନ୍ତ ଅନ୍‌ସାଇଟ୍ ମକ୍‌ଡ୍ରିଲ୍ ସହିତ କାର୍ଯ୍ୟସ୍ଥଳ ସୁରକ୍ଷାକୁ ସୁଦୃଢ଼ କରିଛି




ଝାରସୁଗୁଡା, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ସହିତ ମିଳିତ ଭାବରେ, ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟ ମଧ୍ୟରେ ଏକ ବଡ଼ ପରିମାଣର ଅନସାଇଟ୍ ମକ୍‌ଡ୍ରିଲ୍ ଆୟୋଜନ କରିଥିଲା। ଏହି ପଦକ୍ଷେପ ସମ୍ପୂର୍ଣ୍ଣ କର୍ମକ୍ଷେତ୍ର ସୁରକ୍ଷା ଏବଂ ଉଚ୍ଚ ସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଏହି ଅଭ୍ୟାସ ୟୁନିଟ୍‌ର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି)ର ଇନ୍ଧନ ତେଲ ସଂରକ୍ଷଣ କ୍ଷେତ୍ରରେ ଏକ ଅଗ୍ନି ପରିସ୍ଥିତିକୁ ସିମୁଲେଟ୍ କରିଥିଲା ଏବଂ ଜ୍ୱଳନଶୀଳ ତରଳ ପଦାର୍ଥ ପରିଚାଳନା ପାଇଁ ପ୍ଲାଣ୍ଟର ଜରୁରୀକାଳୀନ ପ୍ରତିକ୍ରିୟା ତନ୍ତ୍ରକୁ ପରୀକ୍ଷା ଏବଂ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହି ଡ୍ରିଲ୍ ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା ଏବଂ ଝାରସୁଗୁଡା ଜୋନ୍‌ର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ ପର୍ଯ୍ୟବେକ୍ଷଣ କରିଥିଲେ। ବେଦାନ୍ତ ଆଲୁମିନିୟମର ବରିଷ୍ଠ ନେତା ମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ମକ୍ ଡ୍ରିଲରେ ବେଦାନ୍ତର କର୍ମଚାରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ସୁରକ୍ଷା କର୍ମୀ, ଯୁଦ୍ଧ ଦଳ, ଅଗ୍ନିଶମ ଏବଂ ଉଦ୍ଧାରକାରୀ ଦଳ, ସହାୟକ ଦଳ ଏବଂ ସୁରକ୍ଷା ଦଳ ସାମିଲ ଥିଲେ, ଯେଉଁମାନେ ମିଳିତ ଭାବରେ ଅଗ୍ନି ନିର୍ବାପନ ଉପକରଣ ନିୟୋଜିତ କରି, ପ୍ରଭାବିତ ଅଂଚଳକୁ ସୁରକ୍ଷିତ ରଖି ଏବଂ ତୁରନ୍ତ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ସିମୁଲେଟେଡ୍ ନିଆଁକୁ ନିୟନ୍ତ୍ରଣ କରିବାରେ କାର୍ଯ୍ୟ କରିଥିଲେ। ଏହି ଅଭ୍ୟାସଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, 'ଜିରୋ ହାର୍ମ'ର ଆମର ଦୃଷ୍ଟିକୋଣ ଆମର କାର୍ଯ୍ୟର ପ୍ରତ୍ୟେକ ଦିଗକୁ ମାର୍ଗଦର୍ଶନ କରେ। ଏହି ମକ୍‌ଡ୍ରିଲ୍ ଭଳି ପଦକ୍ଷେପ ଆମର ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସାମୂହିକ ଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶିଳ୍ପ ବିଶେଷଜ୍ଞ, ସରକାରୀ ଏଜେନ୍ସି ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ସହିତ ସହଯୋଗ କରି, ଆମେ ସମସ୍ତଙ୍କ ପାଇଁ ଏକ ସ୍ଥିର ଏବଂ ସୁରକ୍ଷା-ପ୍ରଥମେ ପରିବେଶ ନିର୍ମାଣ କରିଚାଲିଛୁ।' ବେଦାନ୍ତ ଆଲୁମିନିୟମ ଏହାର ପ୍ଲାଣ୍ଟ ସ୍ଥାନଗୁଡ଼ିକରେ ଦୃଢ଼ ଏବଂ ବିଶ୍ୱସ୍ତରୀୟ ସୁରକ୍ଷା ଅଭ୍ୟାସ ଗୁଡ଼ିକୁ ସୁନିଶ୍ଚିତ କରିବା ଉପରେ ନିରନ୍ତର ଧ୍ୟାନ ଦେଇଛି। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ର୍ୟାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ ଅଟେ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

## ସ୍କୁଟି ସହ ନକଲି ଜର୍ଦ୍ଦା ଜବତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ବଜାରରୁ ତିହିଡ଼ି ପୁଲିସ ସ୍କୁଟି ସହ ୨୧ କିଗ୍ରାରୁ ଅଧିକ ନକଲି ଜର୍ଦ୍ଦା ଜବତ କରିଥିବା ବେଳେ ଏକ ସ୍କୁଟିକୁ ମଧ୍ୟ ଜବତ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ପୁଲିସ ୩୦୯/୨୫ରେ ଏକ ମକଦ୍ଦମା ରୁଜୁ କରି ଭଦ୍ରକ ପୁରୁଣାବଜାର ଥାନ ଅଧୀନ ହେଲାସାହି ଗ୍ରାମର ଏସ.କେ. କୁର୍ବାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ବୁଧବାର ମଧ୍ୟାହ୍ନରେ କମାରିଆ ବଜାରରେ ଏସ.କେ. କୁର୍ବାନ ନକଲି ଜର୍ଦ୍ଦା ବିକୁଥିବା ସମ୍ପର୍କରେ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଟିମ୍ କମାରିଆ ବଜାରରେ ପହଞ୍ଚି କୁର୍ବାନଙ୍କୁ ନକଲି ଜର୍ଦ୍ଦା ସହିତ ଧରିଥିଲା। ସେ ଜର୍ଦ୍ଦା ବିକ୍ରିରେ ବ୍ୟବହାର କରୁଥିବା ସ୍କୁଟିକୁ ଜବତ କରିଥିବା ଜଣାଯାଇଛି।

## ଟିପିସିଓଡିଏଲ୍ ଦ୍ୱାରା ପିଏମ କୁସୁମ ଓ ପିଏମ୍ ସୂର୍ଯ୍ୟ ଘର




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଟିପିସିଓଡିଏଲ ସ୍ୱଚ୍ଛ ଓ ସୁଲଭ ଶକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାରଙ୍କ ପ୍ରମୁଖ ପଦକ୍ଷେପ ପିଏମ୍-କୁସୁମ ଓ ପିଏମ୍ ସୂର୍ଯ୍ୟ ଘର : ମୁଫ୍‌ତ ବିଜିଳି ଯୋଜନା ତୃଣମୂଳ ସ୍ତରରେ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି। ସଚେତନତା ଅଭିଯାନ ଏବଂ ଉପଭୋକ୍ତାଙ୍କ ସହ ସିଧାସଳଖ ଯୋଗାଯୋଗ ମାଧ୍ୟମରେ ଟିପିସିଓଡିଏଲ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ଏହାର ଲାଭ ଉପରେ ଲୋକଙ୍କୁ ସଚେତନ କରୁଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପରିବାରମାନେ ଯେପରି ସହଜରେ ଏହି ଯୋଜନାର ଲାଭ ପାଇପାରିବେ ସେ ନେଇ ଗୁରୁତ୍ୱ ଦିଆଯାଉଛି। ଲୋକେ ସରଳ ପ୍ରକ୍ରିୟା ମାଧ୍ୟମରେ ଆବେଦନ କରିପାରିବେ ଏବଂ ନିରନ୍ତର ଶକ୍ତି ବ୍ୟବହାର ଦିଗରେ ଅଗ୍ରସର ହୋଇପାରିବେ, ସେଥିପାଇଁ ଟିପିସିଓଡିଏଲ ପକ୍ଷରୁ ବିଶେଷ ପ୍ରୟାସ କରାଯାଉଛି। ପରିବେଶ ଅନୁକୂଳ ଓ ନିରନ୍ତର ଶକ୍ତି ଉତ୍ସ ସୌର ଶକ୍ତିର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ ପ୍ରତିବଦ୍ଧ। ଯାହା ଉପଭୋକ୍ତାଙ୍କୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ସବୁଜ ଭବିଷ୍ୟତ ପ୍ରତି ପ୍ରେରିତ କରୁଛି।

## ପଶୁ ଚିକିତ୍ସାଳୟ ନିର୍ମାଣ ପାଇଁ ଗୋ-ଚାଷୀ ମାନଙ୍କର ଦାବି



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପୂର୍ବ ସରକାର ଅମଳରେ ପଶୁ ପାଳନ ଉନ୍ନୟନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରି ନଥିବା ବେଳେ ଜରାଜୀର୍ଣ୍ଣ ଘରେ ପଶୁ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳର ଗୋ-ଚାଷୀଙ୍କ ମଧ୍ୟରେ ପ୍ରତିକ୍ରିୟ ଦେଖାଦେଇଛି। ଏ ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ପଞ୍ଚାୟତର ଜନସାଧାରଣ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ପଶୁ ପାଳନ କେନ୍ଦ୍ର ନିର୍ମାଣ ପାଇଁ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଛଣିଜଙ୍ଗ ପଞ୍ଚାୟତରେ ପୂର୍ବରୁ ଏକ ପଶୁ ଚିକିତ୍ସାଳୟ ଚାଲିଥିଲା। ସେହି ଘରଟି ଭାଙ୍ଗି ତୁଟି ଯାଇଥିବା ବେଳେ ଘରର ଚାରିପାଖରେ ଆବର୍ଜ୍ଜନା ପରିବେଶ ସୃଷ୍ଟି ହେବା ସହ ଲତା ଝଟାରେ ଘରଟି ଆଚ୍ଛାଦିତ ହୋଇ ରହିଛି। ପଶୁ ଚିକିତ୍ସାଳୟର ଚିକିତ୍ସାଧୀକାରୀ ଗାଁ ଗାଁ ବୁଲି ଗୋରୁମାନଙ୍କର ସେବା କରୁଛନ୍ତି। ଏହି ପଞ୍ଚାୟତରେ ଛଣିଜଙ୍ଗ ମୌଜାରେ ଥିବା ଖାତା ନଂ-୩୩୮, ପ୍ଲଟ ନଂ-୬୦୧ ଏ୦.୨୭ ଡ଼ିସିମିଲି, ପ୍ଲଟ୍ ନଂ-୫୯୬ ଏ୦.୦୫ ଡିସିମିଲି ସରକାରୀ ଜମି ପଶୁ ଚିକିତ୍ସାଳୟ ନାମରେ ସଂରକ୍ଷିତ ରହିଅଛି। ଏହି ଅଞ୍ଚଳରେ ଗୋରୁ ଚାଷୀ ଅଧିକ ରହିଥିବା ବେଳେ ଦୁଗ୍ଧ ସୋସାଇଟି ମାନ ରହିଅଛି। ସେଠାରେ ଥିବା ଗୃହ ଏକ ଭଗ୍ନ ସ୍ତୁପରେ ପରିଣତ ହୋଇଛି। ଦୀର୍ଘଦିନ ହେବ ପଞ୍ଚାୟତବାସୀ ପୂର୍ବ ସରକାରକୁ ଗୃହ ନିର୍ମାଣ ପାଇଁ ଜଣାଇଥିଲେ ମଧ୍ୟ ତାହା ହୋଇପାରି ନାହିଁ। ପଶୁ ଚିକିତ୍ସାଳୟ ଗୃହ ନିର୍ମାଣ ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଗୋ-ଚାଷୀମାନେ ନିବେଦନ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଏହି ଘଟଣା ଉପରେ ଦୃଷ୍ଟି ଦିଅନ୍ତୁ ବୋଲି କାର୍ତ୍ତିକ ବେହେରା, ଭ୍ରମରବର ବେହେରା, ସୁରେନ୍ଦ୍ର ଜେନା, ଅମିତ ପଟ୍ଟନାୟକ, ପବିତ୍ର କୁମାର ବେହେରା, ରଂଜନ କୁମାର ଜେନା, ବାଦଲ କୁମାର କାଣ୍ଡିଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

## ବିଦ୍ୟାଳୟକୁ ନର୍ଦ୍ଦମାରେ ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ



ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ବହୁତ ପରିବର୍ତ୍ତନ ଆଣି ଉଚ୍ଚମାନର ଶିକ୍ଷା ଗ୍ରହଣ କରିବା ଲକ୍ଷ୍ୟରେ ଛାତ୍ରଛାତ୍ରୀଙ୍କୁ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ତାର ବ୍ୟତିକ୍ରମ ଦେଖାଦେଇ ଦୀପ ତଳ ଅନ୍ଧାର ସଦୃଶ୍ୟ ହୋଇଛି। ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ କୁନି କୁନି ପିଲାମାନେ ଅଧ୍ୟୟନ କରିବାକୁ ନର୍ଦ୍ଦମାରେ ପଶି ଯିବା ଆସିବା କରୁଛନ୍ତି। କେତେବେଳେ ପିଲା ବିଭିନ୍ନ ମହାମାରୀ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ନିକଟରେ ସାହି ବାସିନ୍ଦା ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ଏପରି ଅସ୍ୱାଭାବିକ ପରିସ୍ଥିତି ଏବେ ନୁହେଁ ଦୀର୍ଘ ୨/୩ ବର୍ଷ ହେବ ଘଟିଥିଲେ ମଧ୍ୟ ପ୍ରଶାସନ ବିଜେଡି ସରକାରର ନେତାଙ୍କ ଚାପରେ ଚାପି ହୋଇ କୋମଳମତି ପିଲାଙ୍କୁ ମରଣ ମୁଖକୁ ଠେଲି ଦେଇଛନ୍ତି। ଯାହାକି ଆଜି ପର୍ଯ୍ୟନ୍ତ ନର୍ଦ୍ଦମା କାଦୁଅ ଗନ୍ଧରେ ଅଣ ନିଃଶ୍ୱାସୀ ହୋଇଯାଉଛନ୍ତି ଛାତ୍ରଛାତ୍ରୀ, ଅଭିଭାବକ, ହାଟୁଆ ଏବଂ ବେପାରୀ। ଏହାର ପ୍ରତିବନ୍ଧକ କାରଣ ହେଉଛି ସ୍କୁଲକୁ ଯିବା ଆସିବା ସିସି ରାସ୍ତା ଅବରୋଧ କରି ହାଟର ପ୍ରବେଶ ପଥରେ ଶୌଚାଳୟ ନିର୍ମାଣ କରିବା। ବିଜେଡ଼ି ସରକାର ବେଳେ ଜଣେ ୱାର୍ଡ ସଭ୍ୟକୁ ସନ୍ତୁଷ୍ଟ କରିବା ତଥା ଲଙ୍କା ବାବୁ ଗୋଟେ ରୁମ ହାତେଇବାକୁ ଯୋଜନା କରି ତହସିଲଦାର ଓ ବିଡ଼ିଓ ତଥା ଗ୍ରାମବାସୀଙ୍କ ବିନା ଅନୁମତି ତଥା ରାଜସ୍ୱ ବିଭାଗର ବିନା ସ୍କେଚ ମ୍ୟାପରେ ସ୍କୁଲକୁ ଯାତାୟାତ ସିସି ରାସ୍ତାକୁ ଅବରୋଧ କରି ପଞ୍ଚାୟତ ସରପଞ୍ଚ ଓ ୱାର୍ଡସଭ୍ୟଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପିଲାମାନଙ୍କ ଯାତାୟତରେ ଅସୁବିଧା ଯୋଗୁ ପ୍ରଧାନ ଶିକ୍ଷକ, ବିଇଓ, ବିଡ଼ିଓ ତହସିଲଦାର, ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ପରେ କାର୍ଯ୍ୟ ଅଧା ପନ୍ତରାରୁ ବନ୍ଦ କରାଯାଇଛି। ହେଲେ ଚତୁରତା ସହିତ ବିଲ୍ ହାତେଇ ନେଇଛନ୍ତି। କିନ୍ତୁ ପ୍ରଧାନ ଶିକ୍ଷକ ଗୋପି ଲେଙ୍କା ଶୌଚାଳୟ ନିର୍ମାଣର ପ୍ରାରମ୍ଭରୁ ପ୍ରୋତ୍ସାହନ ଦେଇଥିବା ବେଳେ ବିରୋଧ କରିନଥିଲେ। କାରଣ ବିଇଓ ଏବଂ ପ୍ରଧାନ ଶିକ୍ଷକ ଗୋପି ବାବୁଙ୍କ ବଦଳୀର ଭୟ ରହିଥିଲା। ଏନେଇ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଅବରୋଧ ହଟାଇବାକୁ ଚିଠି ଦେଇଥିଲେ। କିନ୍ତୁ ବିଜେଡି ଶାସନରେ ବିଧାୟକ ବଳିଆନ ଥିବାରୁ ତତ୍କାଳୀନ ବିଡ଼ିଓ କିଂ କର୍ତ୍ତବ୍ୟ ମୁଢରେ ନିରବ ରହିଗଲେ। ଏନେଇ ବିଜେପି ଯୁବ ନେତା ସହଦେବ ସାହୁଙ୍କ ନେତୃତ୍ୱରେ ଅଭିଭାବକ ଓ ଗ୍ରାମବାସୀ ମାନେ ଧାରଣାରେ ବସିବା ପରେ ସେହି ଅର୍ଦ୍ଧ ନିର୍ମିତ ଘରେ ଭଙ୍ଗାଯାଇ ଉତ୍ତର ଦିଗ ବସ୍ତି ପଟେ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଯାହା ଫଳରେ ଦୁର୍ଗନ୍ଧ ସହ କାଦୁଅ କାଟଡା ପିଲାଙ୍କ ପାଇଁ କ୍ଷତିକାରକ ହୋଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘରର ରୋଜଗାରିଆ ପୁଅର ମୃତ୍ୟୁ ଘଟିଛି। ଯାହାକୁ ନେଇ ପରିବାର ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ଘୋଷଣା କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ମିଟେଇପୁର ପଂଚାୟତ ଛିଟିକଣା ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୩୦)ନିଜ ଘରେ ଗତ ମଙ୍ଗଳବାର ରାତ୍ର ୧୦ଟା ସମୟରେ ବିଦ୍ୟୁତ୍ ତାର ସଜାଡୁ ଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆଘାତ ଲାଗି ଟଳି ପଡ଼ିଥିଲେ। ପରିବାର ଲୋକେ ହୋହାଲ୍ଲା କରି ଗ୍ରାମବାସୀଙ୍କୁ ଡ଼ାକ ପକାଇବାରୁ ଗ୍ରାମବାସୀମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡ଼ାକ୍ତର ମୃତ ଘୋଷଣା କରି ପୋଲିସକୁ ସୂଚନା ଦେବାରେ ପୋଲିସ ପହଂଚି ଶବକୁ ଜବତ କରିଥିଲା। ପରେ ମୃତକଙ୍କ ପରିବାର ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲା। ଶବ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଛି। ସ୍ୱର୍ଗତ ପ୍ରଶାନ୍ତଙ୍କର ଗୋଟିଏ ଶିଶୁପୁତ୍ର ଓ ଶିଶୁକନ୍ୟା ରହିଥିବା ବେଳେ ପରିବାରର ଏକମାତ୍ର ରୋଜଗାର-କ୍ଷମ ବ୍ୟକ୍ତି ଥିଲେ। ଏହି ଖବର ପାଇବା ପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଅବଗତ କରାଇ ଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ତହସିଲଦାର ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଖବର ପ୍ରଚାର ହେବା ପରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ଇଫ୍‌କୋ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ପୌରାଞ୍ଚଳର ୫ ନମ୍ବର ୱାର୍ଡ ବାଲିଝରା ଠାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଦିନ ଇଫ୍‌କୋ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇଫକୋ ପକ୍ଷରୁ ବିଦ୍ୟାମନ୍ଦିର ପରିସରରେ କରାଯାଇଥିବା ଏକ ନୂତନ ଶ୍ରେଣି କକ୍ଷକୁ ଇଫକୋର ମୁଖ୍ୟ ମହାପାତ୍ର ଲୋକାର୍ପଣ କରିଥିଲେ। ନିଜର ଭବିଷ୍ୟତ ପାଇଁ ଶିକ୍ଷା ହେଉଛି ପ୍ରମୁଖ ଆବଶ୍ୟକତା। ମନଦେଇ ପାଠ ପଢି ନିଜ ମା ବାପାଙ୍କ ନାମ ରଖିବା ସହିତ ନିଜ ରାଜ୍ୟ ଓ ଦେଶର ନାମ ରଖିବା ପାଇଁ କହିଥିଲେ। ଶିକ୍ଷା ଭଳି ପରିବେଶ ସ୍ୱଚ୍ଛତା ମଧ୍ୟ ଭବିଷ୍ୟତ ବଂଶଧରଙ୍କ ପାଇଁ ଆବଶ୍ୟକ। ସେଥିପାଇଁ ପୃଥିବୀ ମା ସୁରକ୍ଷା ପାଇଁ ପ୍ରତିବର୍ଷ ଚାରା ରୋପଣ କରିବା ଜରୁରୀ ବୋଲି ସେ କହିଥିଲେ।

## ବାଦଲ ଫଟା ବର୍ଷା ଯୋଗୁ ଗାଡ଼ି ଚଳାଚଳ ବନ୍ଦ

# ଲୋକଙ୍କ ଘରେ ପଶିଲା ପାଣି



ଯାଜପୁର, (ଭାସ୍କର ନ୍ୟୁଜ୍): ବୁଧବାର ବାଦଲ ଫଟା ବର୍ଷା ହେବାରୁ ଯାଜପୁର ସହର ସମେତ ଜିଲ୍ଲାର ପ୍ରମୁଖ ସହର ବ୍ୟାସନଗର, ପାଣିକୋଇଲି, କୁଆଖିଆ, ଜାରକା, ଚଣ୍ଡିଖୋଲ, ବରୀ, ହରିପୁର, ବିଂଝାରପୁର, ମଙ୍ଗଳପୁର, ସିଂହପୁର, ସୁକିନ୍ଦା, କଳିଙ୍ଗ ନଗର ଇତ୍ୟାଦିରେ ଉବୁଟୁବୁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ଜିଲ୍ଲା ସଦରମହକୁମା ରେ ବିଭିନ୍ନ ଅଫିସ ଓ ସାଧାରଣ ଲୋକଙ୍କ ଘରେ ପାଣି ପଶି ଯାଇଥିଲା। ଜିଲ୍ଲାପାଳଙ୍କ ଅଫିସ ନିକଟସ୍ଥ ବସଷ୍ଟାଣ୍ଡ ଯିବା ମୁଖ୍ୟ ରାସ୍ତା ଉପରେ ୩ ଫୁଟ ପାଣି ଯୋଗୁଁ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କହିବାକୁ ଗଲେ ଯାଜପୁର ଜିଲ୍ଲା ବାସୀ ଆଜି ପ୍ରବଳ ବର୍ଷା ରେ ପେଶି ହୋଇଯାଇଛନ୍ତି। ଏହି କ୍ରମାଗତ ବର୍ଷା ପନିପରିବା ଚାଷ କୁ ବିଶେଷ ପ୍ରଭାବିତ କରିଛି। ଧାନ ଚାଷ କୁ ମଧ୍ୟ କ୍ଷତି ପହଞ୍ଚାଇଛି ଲଗାଣ ବୃଷ୍ଟିପାତ। ଶ୍ରମିକ ଓ ଦିନ ମଜୁରିଆ କାମ ପାଇଁ ଘରୁ ବାହାରି ପାରି ନାହାଁନ୍ତି। ବ୍ୟବସାୟ ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ମେଡିକାଲ ଯାଏଁ ସବୁଠିଁ ବର୍ଷା ର ପ୍ରଭାବ ପରିଲକ୍ଷିତ ହୋଇଛି। ଅନେକ ଯାତ୍ରୀବାହୀ ବସ୍ ସେମାନଙ୍କ ରୁଟ କୁ ବାତିଲ କରିଛନ୍ତି। ଚାଷ ଜମି ଉପରେ ଦୁଇ ଫୁଟର ପାଣି ସୁଅ ଛୁଟିଛି। ନିର୍ମାଣ କାର୍ଯ୍ୟ ପ୍ରଭାବିତ ହୋଇଛି। ବର୍ଷା ସାଧାରଣତଃ ଅଗଷ୍ଟ ମାସ ତୃତୀୟ ସପ୍ତାହ ବା ଶେଷ ଯାଏଁ ଚାଲିଥାଏ। କିନ୍ତୁ କ୍ରମାଗତ ଭାବେ ଲଘୁଚାପ ଯୋଗୁଁ ପ୍ରବଳ ବର୍ଷା ଜାରି ରହିଛି। ଯାଜପୁର ସହର ଉବୁଟୁବୁ ପଛରେ ବଡ଼ କାରଣ ହୋଇଛି ଗତ କିଛି ବର୍ଷ ମଧ୍ୟରେ ଗୃହ ନିର୍ମାଣ ନିମନ୍ତେ ଜଳାଶୟ ଗୁଡିକ ପୋତି ଦିଆଯିବା ଏବଂ ଜଳ ନିଷ୍କାସନ ନିମନ୍ତେ କୌଣସି ଠୋସ ପଦକ୍ଷେପ ନିଆନଯିବା। ଗତ ବିଜେଡି ସରକାରରୁ ଏବର ବିଜେପି ସରକାର ଏହି ଗୁରୁତର ସମସ୍ୟାଟି ପ୍ରତି ଧ୍ୟାନ ଦେଉ ନଥିବାରୁ ଲୋକେ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି। ପୌର ପ୍ରଶାସନ ର ଜଳ ନିଷ୍କାସନ ଏକ ଗୁରୁଦାୟିତ୍ୱ ହୋଇଥିଲେ ଏହା କେବଳ ସହର ବାସୀଙ୍କ ଠାରୁ ଟିକସ ଆଦାୟ କରି ହାତ ବାନ୍ଧି ବସିଛି। ଫଳରେ ସହର ତଳି ଠାରୁ ଆରମ୍ଭ କରି ଉଚ୍ଚା ସ୍ଥାନ ମଧ୍ୟ ବର୍ଷା ଜଳର କରାଳ ରୂପରୁ ବାଦ୍ ପଡୁନାହିଁ। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଉଭୟ ଯାଜପୁର ପୌରାଞ୍ଚଳ ଏବଂ ବ୍ୟାସନଗର ପୌରାଞ୍ଚଳରୁ ବର୍ଷା ଜଳ ନିଷ୍କାସନ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରିବାକୁ ଉଭୟ ସହରବାସୀ ଦାବି କରିଛନ୍ତି।

## ଗୋରୁଗାଈଙ୍କ ଅକ୍ତିଆରରେ ମୁଖ୍ୟରାସ୍ତା



କେନ୍ଦ୍ରାପଡ଼ା, (ଓଡ଼ିଶା ଭାସ୍କର): କେନ୍ଦ୍ରାପଡା ସହରାଞ୍ଚଳରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଦେଖା ଯାଉଛି। ସହରାଞ୍ଚଳର ମୁଖ୍ୟ ରାସ୍ତା ସନ୍ଧ୍ୟା ହେଲେ ଗୋରୁ ଗାଈ, ଷଣ୍ଢମାନେ ଅକ୍ତିଆର କରୁଛନ୍ତି। ବିଭିନ୍ନ ସମୟରେ ଷଣ୍ଢ ମାଡ଼ଗୋଳ ରେ ଅନେକ ବ୍ୟବସାୟୀ ମାନଙ୍କ ବ୍ୟବସାୟୀ ଜିନିଷ ନଷ୍ଟ ହୋଇଥାଏ। ବିଶେଷ କରି କେନ୍ଦ୍ରାପଡ଼ାର ମୁଖ୍ୟ ଛକ ତିନିମୁହାଣି ଓ ଶାନ୍ତ ସାହି ନିକଟରେ ପରିବା ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉ ଥିବା ଛୋଟ ବ୍ୟବସାୟୀ ଆର୍ଥିକ କ୍ଷତି ସହୁଛନ୍ତି। କେନ୍ଦ୍ରାପଡା ପୌର ସଂସ୍ଥା ଦ୍ୱାରା ୨୦୨୨-୨୩ ମସିହା ରେ ଗୋରୁ ଧରା ଗାଡ଼ି ବିଭିନ୍ନ ମୁଖ୍ୟ ଛକରୁ ଗୋରୁମାନଙ୍କୁ ନେଇ ହଜାରି ବଗିଚା ସ୍ଥିତ ଗୋରୁମାନଙ୍କ ପାଇଁ ହୋଇଥିବା କାଞ୍ଜିଆ ହୁଦାରେ ଛଡା ଯାଉଥିଲା। ହେଲେ ଏବେ ତାହା ବନ୍ଦ ହେବା କାରଣରୁ ରାସ୍ତା ଘାଟରେ ଗାଈ,ଗୋରୁ, ଷଣ୍ଢ ମାନଙ୍କ ଭିଡ଼ ଗାଡି ଚାଳକଙ୍କ ପାଇଁ ସବୁଠୁ ବଡ ସମସ୍ୟା ହୋଇଛି। ପୌର ସଂସ୍ଥା ପକ୍ଷରୁ ଏହି ଗାଈଗୋରୁମାନଙ୍କୁ ପୂର୍ବଭଳି ଉଦ୍ଧାର କରିବା ସହିତ ରାସ୍ତାକୁ ଗାଈ ଛାଡୁଥିବା ବ୍ୟକ୍ତି ଉପରେ ଆର୍ଥିକ ଦଣ୍ଡର ବ୍ୟବସ୍ଥା ହେଲେ ସହରାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥାରେ ତ୍ରୁଟି ଦେଖାଯିବ ନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

## ଦେଶୀ ମଦ ଜବତ, ବାପା-ପୁଅ ଗିରଫ



ଭାପୁର, (ଭାସ୍କର ନ୍ୟୁଜ୍): ଫତେଗଡ ଥାନା ଅନ୍ତର୍ଗତ ବନମାଳିପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମ ଛକ ତ୍ରିନାଥ ମନ୍ଦିର ସାମନାରେ ବାପା ମୃତ୍ୟୁଞ୍ଜୟ ତ୍ରିପାଠୀ (୫୬) ଓ ପୁଅ ଦିପୁନା ତ୍ରିପାଠୀ ବୁଧବାର ସକାଳ ୮.୩୦ ସମୟରେ ଦେଶୀମଦ ବସ୍ତାରେ ରଖି ବିକ୍ରି କରୁଥିବା ନେଇ ଅବକାରୀ ନିରୀକ୍ଷକ ଦୀପକ କୁମାର ଜେନାଙ୍କ ନିକଟରେ ଖବର ପହଞ୍ଚିଥିଲା। ନିରୀକ୍ଷକ ଦୀପକ କୁମାର ଜେନାଙ୍କ ସହିତ ଅବକାରୀ ଟିମ୍ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତାରାଣୀ ନାୟକ ଘଟଣାସ୍ଥଳରେ ପହଞ୍ଚି ୪୦ ଲିଟର ଦେଶୀ ମଦ ଜବତ କରିବା ସହିତ ବାପା ଓ ପୁଅକୁ ଗିରଫ କରି କୋର୍ଟ ଫରୱାର୍ଡ କରିଥିଲେ।




କୋରାପୁଟ,(ଭାସ୍କର ନ୍ୟୁଜ) ଜୟପୁର ବାରିଣିପୁଟ ପଂଚାୟତ କାର୍ଯ୍ୟାଳୟରେ ପ୍ରସୋସିଆଲ ମିଡିଆ, ପ୍ଲାଟଫର୍ମର ସୁରକ୍ଷା , ସାଇବର ଆଇନ, ପ୍ରବାସୀ ଶ୍ରମିକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ୱବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି ପ୍ରଦ୍ୟୋମୟୀ ସୁଜାତା. ଡ. ବି ଗାୟତ୍ରୀ ଦେବୀ, ଭବାନୀ ପ୍ରଧାନ, କୋରାପୁଟ ସାଇବର ଥାନା ଡିଏସପି ଅନନ୍ତ ମୁଦୁଲି, ସହକାରୀ ଶ୍ରମ ଅଧିକାରୀ ରାମେଶ୍ୱରୀ ହିକକା ପ୍ରମୁଖ ଯୋଗଦେଇଥିଲେ । ସାଧାରଣ ଜନତାଙ୍କ ପାଇଁ ସାଇବର ସୁରକ୍ଷା ନେଇ କହିଥିଲେ । ସର୍ବଦା ଜଟିଳ ପାସୱାର୍ଡ ବ୍ୟବହାର କରିବା, ଏହାକୁ ଅନ୍ୟ ଆଗରେ ପ୍ରକାଶ ନକରିବା, ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା ଅବଲମ୍ବନ କରିବା, ଅନ୍‌ଲାଇନ ଆର୍ଥିକ କାରବାରରେ ସତର୍କ ରହିବା ନେଇ ସଚେତନ କରାଯାଇଥିଲା । ଅନେକ ପ୍ରବାସୀ ଶ୍ରମିକ ଚାକିରିର ଅନୌପଚାରିକ ପ୍ରକୃତି ଏବଂ ପ୍ରବାସ ଡାଟାଂ ଉପରେ ବ୍ୟାପକ ତଥ୍ୟର ଅଭାବ ଯୋଗୁ ଏହି ସମସ୍ୟା ଆହୁରି ବଢିଯାଏ । ପ୍ରବାସୀ ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖିଥିବା ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ୧୯୭୯ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଉ ନଥିବାରୁ ଅନେକ ଶ୍ରମିକ ଦୁର୍ବଳ ହୋଇପଡୁଥିବା ଓ ରାଜ୍ୟ ଛାଡି ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରିଥାନ୍ତି । ବିନା ପଞ୍ଜୀକରଣରେ କୌଣସି ଠିକାଦାର କିମ୍ବା ଅନ୍ୟ ସହ ବାହାର ରାଜ୍ୟକୁ ନ ଯିବାକୁ ସଚେତନ କରାଯାଇଥିଲା ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ମାଥିଲି (ଭାସ୍କର ନ୍ୟୁଜ୍): ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲ୍ଲି ପଞ୍ଚାୟତ ଅଧୀନ କୁକୁରକୁଣ୍ଡ ଗ୍ରାମରେ ଗତ କିଛି ଦିନ ହେବ ବର୍ଷା ଲାଗିରହିଥିବା ହେତୁ ଇର୍ମେ ମିଡିଆମି ଓ ବାମନ ସୋଡ଼ିଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇ ଯାଇଛି । ମୁଣ୍ଡ ଗୁଞ୍ଜିବା ପାଇଁ ଆଉ ସ୍ଥାନ ନାହିଁ । ନାହିଁ ନଥିବା ହଇରାଣ ହୋଇ ସନ୍ତସନ୍ତିଆ ଘରେ ପରିବାର ପିଲା ଛୁଆଙ୍କ ସହ ବିପଦ ଅବସ୍ଥାରେ ରହୁଛନ୍ତି । ସରକାରୀ ସ୍ତରରେ ସେମାନଙ୍କୁ ଯଦି କିଛି ଯୋଗେଇ ଦେଇଥିଲେ ବର୍ତ୍ତମାନ ପରିସ୍ଥିତିର ସେ ଉଭୟ ପରିବାର ମୁଣ୍ଡ ଗୁଞ୍ଜି ବର୍ଷା ଦିନଟିକୁ ବିତେଇ ଥାନ୍ତେ ଯାହା ପରିବାର ତରଫରୁ ସରକାରଙ୍କୁ ଗୁହାରୀ ଜଣାଇଛନ୍ତି ।

### ସାର ପାଇଁ ହଟହଟା ଚାଷୀକୁଳ
## ଦୁଇ ହଜାର ଚାଷୀଙ୍କ ପାଇଁ ଆସିଛି ଚାରିଶହ ବସ୍ତା

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକରେ ସାରର ଅଭାବ ଦେଖା ଦେଇଥିବାରୁ ଚାଷୀ କୂଳ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀୟ ବ୍ଲକର କାକିରିଗୁମ୍ମା ଲ୍ୟାମ୍ପ ସମ୍ମୁଖରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । କାକିରିଗୁମା ଅଞ୍ଚଳରେ ୨ ହଜାର ଚାଷୀ ଥିବା ବେଳେ ଲ୍ୟାମ୍ପକୁ ସମୁଦାୟ ୪ ଶହ ବସ୍ତା ସାର ଆସିଥିଲା । ସେଥିରୁ ଯେଉଁ ଚାଷୀ ଲ୍ୟାମ୍ପରୁ ଋଣ ନେଇଛନ୍ତି ସେମାନଙ୍କୁ କେବଳ ଦିଆଯିବ ବୋଲି ଏମଡ଼ି କହିଥିବା ବେଳେ ଯେଉଁ ମାନେ ଋଣ ନେଇ ନାହାନ୍ତି ସେମାନେ କଣ କରିବେ ବୋଲି



ପାଟିତୁଣ୍ଡ ହୋଇଥିଲା । ପରେ କାକିରିଗୁମା ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିବା ବେଳେ ପୁଣି ସାର ଆସିଲେ ବାକି ଚାଷୀଙ୍କୁ ବଣ୍ଟନ କରାଯିବ ବୋଲି ଲ୍ୟାମ୍ପ ତରଫରୁ ସୂଚନା ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ବର୍ତ୍ତମାନ ବଳକା ଚାଷୀଙ୍କୁ ସରକାର କେବେ ସାର ପ୍ରଦାନ କରିବେ ତାହା ଦେଖିବାକୁ ବାକି ରହିଲା ।

## ପରକୀୟା ପ୍ରୀତି ପାଇଁ ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ମାଳିଶିରା ପଞ୍ଚାୟତ ଡେଙ୍ଗପଦର ଗ୍ରାମରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ସ୍ତ୍ରୀର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସାମୀଙ୍କୁ ସ୍ତ୍ରୀ ଓ ତାଙ୍କ ଶଳାମାନେ ମିଶି ଛୁରୀ ଭୁସି ବିଭତ୍ସ ହତ୍ୟା କରି ଘର ସମ୍ମୁଖରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ମୃତକ ଗ୍ରାମର ସନ୍ତୋଷ ପରାଭୋଇ (୪୦) ବୋଲି ଜଣାପଡିଛି । ମୃତ ସନ୍ତୋଷ ମହୁଲପଡ଼ା ଗ୍ରାମର ମହିଳା ଭବାନୀ ପରାଭୋଇ (୩୫)ଙ୍କୁ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୨ପୁଅ ଓ ୨ଝିଅ ଅଛନ୍ତି । ସୋମବାର ସମସ୍ତେ ପରିବାର ସହ ନିଜ ଘରେ ଥିବା ବେଳେ ନିଜ ସ୍ତ୍ରୀର ସମ୍ପର୍କୀୟ ଭାଇମାନେ କୁଣିଆ ଆସିଥିଲେ । ରାତି ପ୍ରାୟ ୧୦.୩୦ ମିନିଟ ସମୟରେ ସ୍ୱାମୀ



ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ହୋଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ପରେ ସନ୍ତୋଷ ପରାଭୋଇ ଅତି ଜୋରରେ ଚିତ୍କାର କରିବାରୁ ପାଖପଡ଼ୋଶୀ ଲୋକ ବାହାରକୁ ଆସି ଦେଖିବା ପରେ ସେ ରକ୍ତ ଜୁଡୁ ଜୁଡୁବୁଡୁ ଅବସ୍ଥାରେ ଘର ସମ୍ମୁଖରେ ପଡ଼ିଥିବା ବେଳେ ସନ୍ତୋଷଙ୍କ ପେଟ ପାଖରେ ଗଭୀର ଆଘାତ ଲାଗିଥିବା ସହିତ ରକ୍ତସ୍ରାବ ହେଉଥିଲା । ପରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣା ପରେ ସନ୍ତୋଷଙ୍କ ସ୍ତ୍ରୀ, ୨ ପୁଅ, ୨ଝିଅଙ୍କ ସହ କୁଣିଆ ଆସିଥିବା ଶଳାମାନେ ଘରକୁ ତାଲା ଦେଇ ରାତାରାତି ନିଜ ଗାଁ ମହୁଲପଡାକୁ ଚାଲି ଯାଇଥିଲେ । ପଡୋଶୀମାନେ ଘର ସମ୍ମୁଖରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ । ରାତିରେ ଘଟଣା ସ୍ଥଳକୁ ମୁରିବାହାଲ ପୁଲିସ ପହଞ୍ଚୀ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ସ୍ତ୍ରୀର ପରକୀୟା ପ୍ରୀତିକୁ ବିରୋଧ କରିବାକୁ ନେଇ ଏହି ହତ୍ୟା ହୋଇଥିବା ସନ୍ତୋଷଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡବିଧାନ କରିବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛ କରିଛନ୍ତି । ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ସ୍ତ୍ରୀ ଭବାନୀଙ୍କୁ ବାରମ୍ବାର ଜେରା ଓ ପଚରାଉଚରା କରିବା ବେଳେ ସେ ଅସୁସ୍ଥ ହେବାର ଅଭିନୟ କରିବାରୁ ତାଙ୍କୁ ମଧ୍ୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଲାଙ୍ଗିରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ଅଧିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏହି ବିଭତ୍ସ ହତ୍ୟାକାଣ୍ଡରେ ଅଭିଯୁକ୍ତ ସ୍ତ୍ରୀ, ତାଙ୍କ ଭାଇମାନେ ଓ ତଥାକଥିତ ପ୍ରେମିକଙ୍କ ସଂପୃକ୍ତି ରହିଥିବା ଆଲୋଚନା ହେଉଛି । ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି ।

### ପ୍ରଶାସନ ଶୁଣିଲାନି ଗ୍ରାମବାସୀଙ୍କ ଗୁହାରି
## ନିଜସ୍ୱ ଉଦ୍ୟମରେ ରାସ୍ତା ଓ ପୋଲ ମରାମତି କଲେ ଗ୍ରାମବାସୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଦୀର୍ଘ ଦିନ ଧରି ଗୁହାରି ଶୁଣିଲାନି ପ୍ରଶାସନ । ଶେଷରେ ନିଜେନିଜେ ପରିଶ୍ରମ କରି ରାସ୍ତା ମରମତି କଲେ ଗ୍ରାମବାସୀ । ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ତଥା ବ୍ଲକ୍ ର ଝରାପାଲୀ ପଞ୍ଚାୟତରେ ଓ ସୂଚନା ମୁତାବକ ମାଲକାନଗିରି ସଦର ବ୍ଲକ ଝରପାଲି ପଞ୍ଚାୟତର ରାମପୁର ଠାରୁ ତେଲିମେଟା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ପୋଲ ବିଗତ ବର୍ଷାରେ ଭାଙ୍ଗି ଯାଇଥିବା ବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଯାହାକୁ ନେଇ ଅନେକ ଥର ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଗୁହାରି



ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ ଓ ତେଣୁ ସ୍ଥାନୀୟ ଲୋକଙ୍କ ଯାତାୟତରେ ନାନା ସମସ୍ୟା ଭୋଗୁଥିବା ବେଳେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନଥିବାରୁ ସମସ୍ତ ଗ୍ରାମବାସୀ ନିଜେ ଶ୍ରମଦାନ କରି ପୋଲ ସହ ରାସ୍ତା ନିର୍ମାଣ କରିଛନ୍ତି । ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଯାତାୟତରେ ସୁଧାର ଆଣିବା ପାଇଁ ଶ୍ରମଦାନ କରି ଏହି ପୋଲର ଅସ୍ଥାୟୀ ମରାମତି କରିଥିବା ବେଳେ ପ୍ରଶାସନକୁ ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ଅଧାରେ ରହିଗଲା ଜଗା ଦର୍ଶନ

ଚିକିଟି, (ଭାସ୍କର ନ୍ୟୁଜ୍) : କେ.ନୂଆଗାଁ ଥାନା ଅଧିନସ୍ତ ଚିକିଟି ପେଣ୍ଠରେ ଏକ ଅଭାବନୀୟ ଘଟଣା ଘଟିଛି । ସୂଚନା ପ୍ରକାରେ ଆଜି ପ୍ରାତଃ ଆଠଟା ବେଳେ ଚିକିଟି ପେଣ୍ଠରେ ଟ୍ରାକ୍ଟର ଚାପାରେ ମହିଳାଙ୍କ ମୃତ୍ୟୁ ହୋଇଛି । ଦିଗପହଣ୍ଡି ଥାନା ଅନ୍ତର୍ଗତ ଜକର ଗ୍ରାମର ପ୍ରଭାକାର ସେଠୀ ତାଙ୍କ ଧର୍ମପନ୍ନୀ ପଦ୍ମା ସେଠୀ ମିଶି ବାଇକ ଯୋଗେ ବ୍ରହ୍ମପୁର ଯାଇ ସେଠାରୁ ଜଗା ଦର୍ଶନ କରିବାକୁ ପୁରୀ ଯିବା ବେଳେ ଟ୍ରାକ୍ଟର ଧକ୍କା ଦେଇଥିଲା । ଟ୍ରାକ୍ଟର ଧକ୍କା ପରେ ଉଭୟ ଦମ୍ପତି ଉଭୟ ଦିଗରେ ଛିଟିକି ପଡ଼ିଥିଲେ । ଉଭୟଙ୍କ ମଧ୍ୟରୁ ସ୍ତ୍ରୀ ଗାଡି ଚକା ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଠାଇ ପ୍ରଥମେ ଚିକିଟି ମେଡିକାଲକୁ ନେବା ପରେ ଡାକ୍ତର ପଦ୍ମା ସେଠିଙ୍କୁ ମୃତ ଘୋଷଣା କରିଥିଲେ । ପ୍ରଭାକାର ସେଠୀଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ବ୍ରହ୍ମପୁର ପଠାଇଥିଲେ । ପରେ ପରେ ପୋଲିସ ପହଞ୍ଚି ଶବ ଉଦ୍ଧାର କରିବା ସହ ଟ୍ରାକ୍ଟରକୁ ଜବତ କରିଛି । ଏ ନେଇ ଏକ ମାମଲା ମଧ୍ୟ ରୁଜୁ କରି ମୃତ ଦେହ ବ୍ୟବଛେଦ ନିମନ୍ତେ ପଠାଇଥିଲେ ।

## ବିନା ଲାଇସେନ୍ସରେ ଯୁବପିଢ଼ିଙ୍କ ବେପରୁଆ ଗାଡ଼ି ଚାଳନାରେ ଭୟଭୀତ ସହରବାସୀ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଫୁଲବାଣୀରେ ଲାଇସେନ୍ସ ନଥାଇ କିଛି ଯୁବକ ଯୁବତୀ ବେପରୁଆ ଭାବେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି । ଭଲଭାବରେ ନ ଶିଖି ଚାରି ଚକିଆ ଯାନ ଚଳାଇ ମୁଖ୍ୟ ରାସ୍ତା ଏପରିକି ଜାତୀୟ ରାଜ ପଥରେ ଗାଡି ଚଳାଉଥିଲେ ମଧ୍ୟ ପରିବହନ ବିଭାଗର ନିଘା ନାହିଁ । କେତେକ ଯୁବତୀ ଫୁଲବାଣୀ ସହରରେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି । କିଛି ଯୁବକ ସହର ମଧ୍ୟରେ ଦ୍ରୁତ ଗତିରେ ବଡ ଶବ୍ଦ ଯୁକ୍ତ ବାଇକ ଚଳାଇ ଲୋକଙ୍କୁ ଭୟଭୀତ କରି ଜନଗହଳି ମାର୍କେଟରେ ଚାଲିଯାଉଛନ୍ତି । ଗତକାଲି ସନ୍ଧ୍ୟାରେ ଫୁଲବାଣୀ ବି ଟିମ ପଡ଼ିଆରେ ଡିଜାୟାର କାର ଶିଖୁଥିବା ବେଳେ ହଠାତ ଗେଟ ଦେଇ ରାସ୍ତକୁ ବାହାରି ଥିଲା ଏକ କାର । କାରର ଗତି ଅଧିକ ଥିବାରୁ ଯୁବତୀ ଚାଳକ ଜଣକ ଗାଡିକୁ ଆୟତ୍ତ କରି ବୁଲାଇ ନପାରିବାରୁ ରାସ୍ତା କଡ଼ରେ ଥିବା ଏକ ସରକାରୀ ଘରେ ପଶିଯାଇଥିଲା । ଯାହାର ଫଳ ସ୍ୱରୂପ ଘରର ଗୋଟିଏ କାନ୍ଥ ଭାଙ୍ଗିଯାଇଛି । ଦ୍ୱିତୀୟ କାନ୍ଥ ଭାଙ୍ଗିଥିଲେ ଦୁଇଟି ଲୋକ ଦୁର୍ଘଟଣାର ଶିକାର ହୋଇଥାନ୍ତେ ବୋଲି ପ୍ରତକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ଏ ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୋଲିସ କଣ ପଦକ୍ଷପ ନେଉଛି ତାହା ଦେଖିବା ପାଇଁ ଅପେକ୍ଷା କରିଛନ୍ତି ସହରବାସୀ ।

## ଧରାପୃଷ୍ଠରୁ ବିଦାୟ ନେଲେ ଗଜାନନ



ବେଲପାହାଡ,(ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ଗୁମାଡେରା ମାର୍କେଟ ବଏଜ୍ ଆସୋସିଏସନ୍ ଦ୍ୱାରା ଧୁମଧାମରେ ବିଘ୍ନବିନାଶକ ଗଜାନନଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଘ୍ନ ବିନାଶକଙ୍କ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ବିସର୍ଜନ ପୂଜା ପରେ ମଙ୍ଗଳବାର ସନ୍ଧ୍ୟାରେ ଗୁମାଡେରା ସହର ରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଝାରଖଣ୍ଡର ଆଦିବାସୀ ନୃତ୍ୟ, କଲିକତାର କାଳୀମା ନୃତ୍ୟ, ଛତିଶଗଡ଼ର ଅଘୋରୀ ନୃତ୍ୟ, ରାଇପୁର ଝାଙ୍କି, ବାଙ୍ଗାଲୋରର ଡୁପ୍ଲିକେଟ୍ ମୋଦି, ପୁରୀର ନିଆ ନୃତ୍ୟ (ଆଗ୍ କା ଖେଲ), ବେଲପାହାଡ଼ର ଗୋରିଲା ନୃତ୍ୟ, ବରଗଡ଼ର ଢୋଲବାଜା, ବୌଧର ଘୁମୁରୁ ନୃତ୍ୟ, ଛତିଶଗଡ଼ର ଝୁମର୍ ବାଜା ଏବଂ ବେଲପାହାଡ଼ କଳକେ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ବିସର୍ଜନ କାର୍ଯ୍ୟକ୍ରମ ରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା । ଚଳିତବର୍ଷ ମାର୍କେଟ ବଏଜ୍ ଏସୋସିଏସନ ପକ୍ଷରୁ ଗଣେଶ ପୂଜା ୨୫ବର୍ଷରେ ପହଞ୍ଚିଛି । ଫଳରେ ଗୁମାଡେରାରେ ଗଣେଶ ପୂଜାକୁ ବିଶେଷ ଉତ୍ସାହର ସହିତ ପାଳନ କରାଯାଇଥିଲା । ସୁନ୍ଦର ପେଣ୍ଡାଲ, ସୁଉଚ୍ଚ ଶ୍ରୀଜଗନ୍ନାଥ ମନ୍ଦିର ଢାଞ୍ଚାରେ ତୋରଣ ଓ ଆଲୋକ ସାଜସଜ୍ଜା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଦିନ ଭକ୍ତମାନଙ୍କ ପାଇଁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା । ବିସର୍ଜନ କାର୍ଯ୍ୟକ୍ରମ ସୁରୁଖୁରରେ ନିର୍ବାହ ପାଇଁ ବେଲପାହାଡ ଥାନା ଅଧିକାରୀଙ୍କ ସହ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ମୟୁରଭଞ୍ଜ ଜିଲ୍ଲା ପଞ୍ଚାୟତ ପ୍ରତିନିଧିଙ୍କ କୋରାପୁଟ ଗସ୍ତ

କୋରାପୁଟ,(ଭାସ୍କର ନ୍ୟୁଜ) : ମୟୁରଭଞ୍ଜ ଜିଲ୍ଲାର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ଏକ ଦଳ କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ପରିଦର୍ଶନ କରିଛନ୍ତି । ମୟୁରଭଞ୍ଜ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଆସିଥିବା ଉକ୍ତ ଦଳରେ ବିଭାଗୀୟ ଅଧିକାରୀମାନଙ୍କ ବ୍ୟତୀତ ୫୦ଜଣ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟା ଏବଂ ୱାର୍ଡ ସଭ୍ୟସଭ୍ୟା କୋରାପୁଟ ଜିଲ୍ଲା ଗସ୍ତରେ ଆସି କୋରାପୁଟ ଜିଲ୍ଲା ପରିଷଦ ଓ ବ୍ଲକମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ଅନୁଧ୍ୟାନ କରିଥଲେ । ଏହି ଗସ୍ତ ସମୟରେ ସେମାନେ ପଟାଙ୍ଗି ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଦେଓମାଳି ଶୃଙ୍ଗ ଏବଂ କୋରାପୁଟ ବ୍ଲକ ଡୁମୁରିପୁଟ ୨୬ନଂ ଜାତୀୟ ରାଜପଥରେ ଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ । ସ୍ଥାନୀୟ ପ୍ରଶାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ କାଫେରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ମା ମାନଙ୍କ ହାତ ରନ୍ଧା ଖାଦ୍ୟର ପ୍ରଶଂସା କରିଥିଲେ । କୋରାପୁଟ ଜିଲ୍ଲା ପରିଷଦର ଏପିଡି ହିମାଂଶୁ କୁମାର ଶତପଥୀ, ସନ୍ତୋଷ କୁମାର, ବିପିସି ମଞ୍ଜୁଳା ପାତ୍ର ଏବଂ ଅନ୍ୟମାନେ ଅତିଥିମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଥିଲେ ।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଗୁମ୍ମା ବ୍ଲକ ପରିଦର୍ଶନ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଅକ୍ଷୟ କୁମାର ବେହେରା ଓ ଦୟାନିଧି ଦାଶ ଗୁମ୍ମା ବ୍ଲକର ପରିଦର୍ଶନ କରି ଅନୁକୁଣ୍ଡାଗୁଡା ଅଙ୍ଗନୱାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ବାରେଙ୍ଗସିଂର ଅଙ୍ଗନବାଡ଼ି କେନ୍ଦ୍ର, ଭୂବନିର ସରକାରୀ ଉଚ୍ଚ ବିଦ୍ୟାଳୟ, ସେରୋଙ୍ଗର ଛତୁଆ ତିଆରି ସେଣ୍ଟର ଓ ତୁମୁଲା ଗ୍ରାମ ପରିଦର୍ଶନ କରି ଖାଦ୍ୟ ନିରାପତ୍ତା ଏବଂ ଉନ୍ନତମାନର ଖାଦ୍ୟ ସରକାରଙ୍କ ଦ୍ୱାରା ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ଠିକ ଭାବରେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାଜ୍ୟ ଦକ୍ଷତା ବିକାଶ ମିଶନ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ପୋଷଣ, ମଧ୍ୟାହ୍ନ ଭୋଜନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସମ୍ବନ୍ଧରେ ତଦାରଖ କରିଛନ୍ତି । ଏହି ଗ୍ରସ୍ତ ସମୟରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନେମୀ ମଣ୍ଡଳ,ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାନ୍ ଭୋଇ, ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା ଓ ସବ୍ୟସାଚୀ ବସ୍ତିଆ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସାରର ଘୋର ଅଭାବ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ରାଜ୍ୟରକେନ୍ଦ୍ର ସ୍ଥଳରେ ଅବସ୍ଥିତ ଶିଳ୍ପ ବିହୀନ ବୌଦ୍ଧ ଜିଲ୍ଲା ଜନସାଧାରଣଙ୍କ ଜୀବନ ଧାରଣର ମାନ କୃଷି ହୋଇଥିବାବେଳେ ସମ୍ପ୍ରତି ବର୍ଷାର ଲୁଚକାଳି ଖେଳ ଏବଂ ବର୍ତ୍ତମାନ ସାରର କୃତ୍ରିମ ଅଭାବ ଏ ଜିଲ୍ଲାର ଚାଷୀକୁଳର ମେରୁଦଣ୍ଡ ଭାଙ୍ଗିଦେଇଛି । ୟୁରିଆ ସାର ବଜାର ଦରର ତିନିଗୁଣରୁ ଅଧିକ ଦରରେ ବିକ୍ରି ହେଉଥିବାବେଳେ ଜିଲ୍ଲା ପ୍ରଶାସନର ନୀରବତା ଜିଲ୍ଲା ଗୋଦାମରେ ଆବଶ୍ୟକୀୟ ପରିମାଣରେ ସାର ମହଜୁଦ ନରହିବା ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଏହାର ପ୍ରତିବାଦରେ ବିଜୁ ଜନତାଦଳ ବୌଦ୍ଧ ଜିଲ୍ଲା କମିଟି ପକ୍ଷରୁ ସଭାପତି ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ବିଶ୍ୱଜିତ ମିଶ୍ର ଅଶୋକ ସାହୁ ବସନ୍ତ ସ୍ୱାଇଁ ଅବକାଶ ସାହୁ ସୁବୋଧ ପ୍ରଧାନ ଅଶୋକ ମେଣ୍ଡୁଲି ଜ୍ୟୋତିରଞ୍ଜନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବିଜୁ ଜନତାଦଳ ନେତୃବୃନ୍ଦ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ ସାରର କୃତ୍ରିମ ଅଭାବ କୁ ଦୂର କରିବାପାଇଁ ଚେତାବନୀ ପ୍ରଦାନ କରିଛନ୍ତି ନହେଲେ ବିଜୁ ଜନ୍ତାଦଳ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ।

## ଏନ୍ଆର୍ଇଜିଏସ୍ ବିଷୟରେ ଅଜ୍ଞ ଥିବା ଅଭିଯୋଗ ଆଣିଲେ ଜନସାଧାରଣ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍) : କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷରେ ଏନ୍.ଆର୍.ଇଜିଏସ୍.ର ଗ୍ରୀଭାନ୍ସ ଚାଲିଥିବା ବେଳେ ଜନସାଧାରଣ କିନ୍ତୁ ଏହି ଗ୍ରିଭାନ୍ସ ବିଷୟରେ କିଛି ଜାଣିନାହାନ୍ତି । ଏପରି ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ମାନେ ମଧ ଗ୍ରୀଭାନ୍ସ ବିଷୟରେ କିଛି ଜାଣିନଥିବା ଅଭିଯୋଗ କରିଛନ୍ତି । ଏଠାରେ କହି ରଖିବାକୁ ଚାହୁଁ କି, କୋଷାଗୁମୁଡା ବ୍ଲକରେ କୋଟି କୋଟି ଟଙ୍କାର ଏନ୍.ଆର୍.ଇଜିଏସ୍ କାମ ବାଟ




ମାରଣା ହୋଇଆସୁଛି । ସବୁ କାର୍ଯ୍ୟରେ ଜବ କାର୍ଡଧାରୀ ମାନଙ୍କୁ ବାଦ ଦେଇ ଜେସିବି, ଟ୍ରକ ଓ ଟ୍ରାକ୍ଟର ଲଗେଇ କାମ ସମ୍ପୂର୍ଣ୍ଣ କରି ଦିଆଯାଉଥିବା ବେଳେ ଏବେ ଏନ୍.ଆର୍.ଇଜିଏସ୍.ର ଗ୍ରୀଭାନ୍ସ ବୈଠକରେ ମଧ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ, ୱାର୍ଡ ମେମ୍ବର ଓ ସାଧାରଣ ଲୋକଙ୍କୁ ମଧ ଡକା ଯାଉନାହିଁ । ଯାହାକି ଅତ୍ୟନ୍ତ ପରିତାପର ବିଷୟ । ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ବ୍ଲକରେ କୌଣସି ବି ସରକାରୀ କାର୍ଯ୍ୟକ୍ରମର ଆୟୋଜନ କରାଯିବା ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସୂଚନା ଦିଆଯିବା ସହିତ ପ୍ରତ୍ୟେକ ଜନ ପ୍ରତିନିଧି ମାନଙ୍କୁ ପତ୍ର ପ୍ରେରଣ କରି ଡକାଯିବା ଉଚିତ । ତତ୍ ସହିତ ପ୍ରତ୍ୟେକ କାର୍ଯ୍ୟକ୍ରମର ସୂଚନା ଗଣମାଧ୍ୟମକୁ ପ୍ରଥମେ ପ୍ରଦାନ କରିବା କଥା ହେଲେ କୋଷାଗୁମୁଡା ବ୍ଲକ ପ୍ରଶାସନ କାହାକୁ କିଛି ନଜଣେଇ ନିଜ ମନ ମୁତାବକ କାର୍ଯ୍ୟ କରି ଚାଲିଛନ୍ତି । ଯାହାକୁ କି ସାଧାରଣରେ ତୀବ୍ର ନିନ୍ଦା କରାଯାଉଛି । ଆଜିର କାର୍ଯ୍ୟକ୍ରମରେ ନବରଙ୍ଗପୁର ଏଡିଏମ୍-ତପନ କୁମାର ଖୁଣ୍ଟିଆ, ବ୍ଲକ ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ-ଆଶିଷ ତ୍ରିପାଠୀ, ଏଇ-ଅଶ୍ୱେନି ପଟ୍ଟନାୟକ, ଜିପିଡିଓ-ଅଜିତ କୁମାର ନନ୍ଦ ପ୍ରମୁଖଙ୍କ ସହ ମନରେଗା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ନୂଆପଡା ଜିଲ୍ଲାର ୨୬୦ ଗ୍ରାମରେ ଆରମ୍ଭ ହେବ ଆଦି କର୍ମଯୋଗୀ ଅଭିଯାନ

ନୂଆପଡା, (ଭାସ୍କର ନ୍ୟୁଜ୍) : ଆଦିବାସୀ ମାନଙ୍କ ସର୍ବବିଧ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ 'ଆଦି କର୍ମଯୋଗୀ ଅଭିଯାନ' ନୂଆପଡା ଜିଲ୍ଲାରେ ଅତିଶିଘ୍ର ଆରମ୍ଭ ହେବାକୁ ଯାଉଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏଥିପାଇଁ ଏକ ଦିଶା ନିର୍ଦ୍ଦେଶ ବୈଠକ ଅନୁଷ୍ଠିତ ହେଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ୍, ସମସ୍ତ ବିଡ଼ିଓ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଆଦି କର୍ମଯୋଗୀ ଅଭିଯାନ ହେଉଛି ଏକ ବିକେନ୍ଦ୍ରୀକୃତ ଆଦିବାସୀ ନେତୃତ୍ୱ ଏବଂ ଶାସନ ପରିସଂସ୍ଥା ଗଠନ ପାଇଁ ଏକ ଜାତୀୟ ଆନ୍ଦୋଳନ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା



ଏହା ପରିଚାଳିତ । ଏହା କ୍ଷମତା ନିର୍ମାଣ, ବିକେନ୍ଦ୍ରୀକରଣ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ମାଧ୍ୟମରେ ଦେଶର ୫୫୦ ଆଦିବାସୀ ବହୁଳ ଜିଲ୍ଲାର ୧ ଲକ୍ଷ ଗ୍ରାମରେ ୨୦ ଲକ୍ଷ ଆଦିବାସୀ ପରିବର୍ତ୍ତନକାରୀଙ୍କୁ ସଶକ୍ତ କରିବା ପାଇଁ ଅଭିପ୍ରେତ । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଯୋଜନାରେ ଏହା ସେବା, ସମର୍ପଣ ଏବଂ ସଂକଳ୍ପ ଦ୍ୱାରା ଆଦିବାସୀ ମାନଙ୍କୁ ସଶକ୍ତ କରିବ । ଆଦି କର୍ମଯୋଗୀ ପୋର୍ଟାଲ୍ ଏହି ମିଶନର ଡିଜିଟାଲ ମେରୁଦଣ୍ଡ ଭାବରେ କାର୍ଯ୍ୟ କରି ପଞ୍ଜୀକରଣ, ତାଲିମ, ତଦାରଖ ମାଧ୍ୟମରେ ପ୍ରାଥମିକ ସ୍ତରରେ ପରିବର୍ତ୍ତନକୁ ସକ୍ଷମ କରିବ । ନେତୃତ୍ୱର ତିନୋଟି ସ୍ତମ୍ଭ 'ଆଦି କର୍ମଯୋଗୀ, ଆଦି ସହଯୋଗୀ, ଏବଂ ଆଦି ସାଥୀ' ମାନଙ୍କଦ୍ୱାରା ଏହା କାର୍ଯ୍ୟକାରୀ ହେବ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦେଶର ୨୦ ଲକ୍ଷ ଆଦିବାସୀ ନେତାଙ୍କୁ ତାଲିମ ଏବଂ ସଂଗଠିତ କରିବା । ଏହାଦ୍ୱାରା ୧ ଲକ୍ଷ ଆଦି ସେବା କେନ୍ଦ୍ର ସ୍ଥାପନ କରାଯିବ । ଏହା ଶେଷ ସ୍ତର ପର୍ଯ୍ୟନ୍ତ ଅଭିସରଣ ଏବଂ ପ୍ରଭାବଶାଳୀ ସେବା ପ୍ରଦାନକୁ ପ୍ରୋତ୍ସାହିତ କରିବ । ଆଦିବାସୀ ସମ୍ପ୍ରଦାୟର ସ୍ୱରକୁ ଗୁରୁତ୍ୱ ଦେଇ ଅଭିବୃଦ୍ଧି କରିବ । ପ୍ରତ୍ୟେକ ଗ୍ରାମରେ ଆଦି ସେବା କେନ୍ଦ୍ର ଖୋଲି ଘର ନିକଟରେ ସବୁ ସରକାରୀ ସେବା ଯୋଗାଇ ଦିଆଯିବ । ନୂଆପଡା ଜିଲ୍ଲାର ୯୧ଟି ଗ୍ରାମ ପଞ୍ଚାୟତର ୨୬୦ ଟି ଗ୍ରାମର ୬୫୧୯୧ ଟି ଆଦିବାସୀ ଗୃହରେ ଏହି ଅଭିଯାନର ଲାଭ ପହଞ୍ଚାଇ ଦିଆଯିବ । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ସମସ୍ତ ସରକାରୀ ଅଧିକାରୀ ନିଜର ସମର୍ପଣ ଭାବ ଦ୍ୱାରା ସମାଜର ତଳ ସ୍ତରରେ ରହିଯାଇଥିବା ଆଦିବାସୀ ମାନଙ୍କ ଅସ୍ଥା ଭାଜନ ହୁଅନ୍ତୁ । ସେମାନେ ଘର ଘର ବୁଲି ଆଦିବାସୀ ମାନଙ୍କୁ ଆବାସ ଗୃହ, ପାନୀୟ ଜଳ ଯୋଗାଣ, ଉଜ୍ୱଳା ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଖାଉଟି, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ, ବିଦ୍ୟୁତ୍ ଯୋଗାଣ, ସୂର୍ଯ୍ୟଘର ଯୋଜନା ଇତ୍ୟାଦିର ସେବା ଯୋଗାଇ ଦିଅନ୍ତୁ । ସବୁ ଆଦିବାସୀ ଗାଁ ପ୍ରବାସୀ ଶ୍ରମିକ ମୁକ୍ତ ହେବ । ଏହି ଅଭିଯାନରେ ଆମେ ନୂଆପଡା ଜିଲ୍ଲାର ସବୁ ଆଦିବାସୀ ଗ୍ରାମକୁ ଆଦର୍ଶ ଗ୍ରାମ ହିସାବରେ ଗଢ଼ି ତୋଳିବା । ଶେଷରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ କର୍ମଯୋଗୀ ମାନଙ୍କୁ କର୍ତ୍ତବ୍ୟର ଶପଥ ପାଠ କରାଇଥିଲେ ।

## ଛାତ୍ରଛାତ୍ରୀଙ୍କ ପାଇଁ ସାଇବର ଅପରାଧ ଓ ଯୌନ ନିର୍ଯାତନା ସମ୍ପର୍କିତ କର୍ମଶାଳା

ରାଉରକେଲା, (ଭାସ୍କର ନ୍ୟୁଜ୍): ସଂପ୍ରତି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ସହ ଅପରାଧ କରିବାର ନୂଆ ତରିକା ବା ପ୍ରକ୍ରିୟା ଦିନକୁ ଦିନ ବଦଳିବାରେ ଲାଗିଛି । ତେଣୁ ଏହା ବାବଦରେ ସଜାଗ ଓ ସଚେତନ ରହିବା ପାଇଁ ଯୁବ ବର୍ଗ ଓ ଛାତ୍ରଛାତ୍ରୀ ମଧ୍ୟରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସପି ନୀତିଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କଲେଜରେ ଏବେ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ସେକ୍ଟର ୩ ଥାନା ପୋଲିସ ପକ୍ଷରୁ ସେକ୍ଟର ୪ ସ୍ଥିତ ରାଉରକେଲା କଲେଜରେ ରାଉରକେଲା ପୋଲିସ ପକ୍ଷରୁ ସାଇବର ଅପରାଧ, ଶୈଶବ ବିବାହ, ନୂତନ ଅପରାଧିକ ନିୟମ, ଶାରିରୀକ ଅସଦାଚରଣ, ଶିଶୁଙ୍କ ବିରୋଧରେ ଆପତ୍ତି ଶବ୍ଦ ପ୍ରୟୋଗ ସହ ଶିଶୁ ଶ୍ରମିକ ଓ ପୋକ୍ସୋ ଆକ୍ଟ ଆଦି ବିଷୟରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ଶ୍ରାବଣୀ ନାୟକ, ଡିଏସପି




ଗୁରୁବାରୀ ହେମ୍ବ୍ରମ, ସେରୋଫିନା ଖେସ୍ ଓ ସେକ୍ଟର ୩ ଥାନାର ସବ୍ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ବିଶେଷ କରି ମହିଳା ଓ ଶିଶୁ ସୁରକ୍ଷା ଉପରେ ବିସ୍ତୃତ ଭାବରେ ବିବରଣୀ ପ୍ରଦାନ କରିଥିଲେ । କଲେଜର ଅଧକ୍ଷ ଡଃ ରବିନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କର୍ମଶାଳା ରେ ଓଡ଼ିଆ ବିଭାଗର ପ୍ରଫେସର କରୁଣାକର ପାଟ୍ଟଶାଣୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । କର୍ମଶାଳାରେ କଲେଜର ବହୁ ଛାତ୍ରଛାତ୍ରୀ ଯୋଗ ଦେଇ ଅନେକ ବିଷୟରେ ସଚେତନ ଓ ଅବଗତ ହୋଇଥିଲେ । ବିଶେଷ କରି ଛାତ୍ରୀ ମାନେ ଅସୁରକ୍ଷିତ ମନେ କଲେ ୯୮୨୭୫୭୨୩୩୨ ନମ୍ବରରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବହୁମୁଖୀ ପ୍ରଶ୍ନୋତ୍ତର ପରୀକ୍ଷା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-ଗ
Page-C
ଭୁବନେଶ୍ୱର
Bhubaneswar
୦୪.୦୯.୨୦୨୫
04.09.2025



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡିଆରେ ପିସି ପୁର ଜୋନସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ଦିଗଦର୍ଶନରେ ବାରିପଦା ବ୍ଲକକୁ ୪ଟି ଜୋନରେ ବିଭକ୍ତ କରାଯାଇଥିବାବେଳେ ପିସିପୁର ଜୋନରେ ୧୦ଟି ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ଓ ୧୪ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ଉଭୟ ବର୍ଗର କବାଡି, ଖୋ – ଖୋ ଏବଂ ଫୁଟବଲ ପ୍ରତିଯୋଗିତା ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଉଭୟ ବିଭାଗର ମୋଟ ୯ ଟି ଦଳ ଆସନ୍ତା ୨ ଦିନ ଧରି ଏମସିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ସରୋଜ କୁମାର ରାମ, ଅଭିଷେକ ବେହେରା, ମନୋଜ କୁମାର ରାମ, ପ୍ରଶାନ୍ତ କୁମାର ଦଣ୍ଡପାଟ, ଧରିତ୍ରୀ ମହାନ୍ତ, ସୁପ୍ରଭା ପାତ୍ର, କାପୁରା ସୋରେନ, ଇପ୍ସିତା ମଲ୍ଲିକ, ଓ ମମତା ଦାସ ଖେଳ ପରିଚାଳନା କରିବା ସହ ଖେଳାଳି ଚୟନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସମସ୍ତ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ହଜିଯାଇଥିବା ମୋବାଇଲ୍ ଫେରାଇଲା ପୋଲିସ୍

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ବିଭିନ୍ନ ଥାନାରେ ହଜିଯାଇଥିବା ମୋବାଇଲ୍ ଫେରସ୍ତ କାର୍ଯ୍ୟକ୍ରମ ହୋଇଥିଲା । ଏ ନେଇ ଜିଲ୍ଲା ଆରକ୍ଷୀ ଅଧକ୍ଷ ଯତୀନ୍ଦ୍ର କୁମାର ପଣ୍ଡା ଓ Dsp ସୁନିଲ୍ କୁମାର୍ ମହାନ୍ତିଙ୍କ ଉପସ୍ଥିତ



ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଥାନା ରେ ମୋବାଇଲ ଫେରସ୍ତ ହୋଇଥିବାବେଳେ ଗତ ୨ ମାସ ମଧ୍ୟରେ ସାଧାରଣ ଜନତା ବିଭିନ୍ନ ସ୍ଥାନ ରୁ ହଜିଥିବା ତାଙ୍କର ମୋବାଇଲକୁ ପରିଚୟପତ୍ର ଦେଖାଇ ନେଇଥିବା ଜଣାଯାଇଛି । ଗଜପତି ସାଇବର୍ ସେଲ୍ ଓ ବିଭିନ୍ନ ଥାନା ଅଧିକାରୀଙ୍କ ମିଳିତ ଉଦ୍ୟମରେ ଏହି ସଫଳତା ମିଳିଛି । ସୂଚନାଯୋଗ୍ୟଯେ ପୋଲିସ କନଷ୍ଟେବଲଙ୍କ ହଜିଲା ମୋବାଇଲ ମଧ୍ୟ ଆଜି ତାଙ୍କୁ ହସ୍ତାନ୍ତର କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସାଗର ସାହୁ ଓ ଅନ୍ୟ ଷ୍ଟାଫ୍‌ମାନେ ପରିଚାଳନା କରିଥିଲେ ।

# ଅସୁରକ୍ଷିତ ପାଳଧୁଆବନ୍ଧ: ନୂଆ ସେତୁ ନିର୍ମାଣ ପାଇଁ ଦାବି

ଏରସମା(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍‌ର ବୋରିକିନା ପଞ୍ଚାୟତ ଓ ଏରସମା ବ୍ଲକର ଗୋଡ଼ା ପଞ୍ଚାୟତର ମଧ୍ୟସ୍ଥଳୀ ପାଳଧୁଆବନ୍ଧ ଠାରେ ଅଳକା ନଦୀ ଉପରେ ନିର୍ମାଣ ହୋଇଥିବା ସେତୁଟି ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ପ୍ରତିଦିନ ଶହ ଶହ ଦୁଇଚକିଆ, ଚାରିଚକିଆ ଗାଡ଼ି ସହ ଚିଙ୍ଗୁଡ଼ି ଦାନା, ଚୂନ, ବ୍ଲିଚିଂ ନେଇ ଭାରିଯାନ ଏହି ସେତୁ ଉପରେ ଯିବା ଆସିବା କରିଥାଏ । ମାତ୍ର ୧୯୮୫ମସିହାରେ ନିର୍ମାଣ ହୋଇଥିବା ସେତୁଟି ମରାମତି ଅଭାବରୁ ସେତୁରୁ ପ୍ଲାଷ୍ଟର



ଖସି ରଡ ଦେଖାଗଲାଣି । ସେହିଭଳି ସେତୁର ବାଡ଼ା ଭାଙ୍ଗି ମଧ୍ୟ ଗଲାଣି । ସେତୁ ଉପରେ କାଦୁଅ ଜମା ହୋଇ ରହିବା ଦ୍ୱାରା ଅନେକ ଲୋକ ଗାଡ଼ିରୁ ଖସି ପଡ଼ି ଖଣ୍ଡିଆ ଖାବରା ହେଲେଣି । ଏହି ସେତୁ ଦେଇ ବାଲିକୁଦା ବ୍ଲକ୍‌ର ସାତ ପଞ୍ଚାୟତ ଲୋକ ପ୍ରତିଦିନ ପାରାଦୀପକୁ ଯିବା ଆସିବା କରିଥାନ୍ତି । ଏହି ସେତୁ ବାଲିକୁଦା ବ୍ଲକ୍ ଏରସମା ବ୍ଲକ୍‌କୁ ସଂଯୋଗ କରୁଅଛି । ତୁରନ୍ତ ଆଉ ଏକ ନୂତନ ସେତୁ ନିର୍ମାଣ ପାଇଁ ଗୋଡ଼ା ପଞ୍ଚାୟତର ସମାଜସେବୀ ରବି ନାରାୟଣ ନାୟକ, ଉମେଶ ଲେଙ୍କା, ନିରଞ୍ଜନ ମୁଦୁଲି, ଯୁବନେତା ପ୍ରମୋଦ ରାଉତ, ଶରତ ମହାନ୍ତି, ସୁବ୍ରତ ରାଉତ, କୈଳାଶ ସ୍ୱାଇଁ, ବିଜୟ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି ।

# ହର୍ଷପୁର ପାଇଁ ଅଭିଶାପ ପାଲଟିଛି ଡାଏରୀ ଫାର୍ମ




ପ୍ରତିକାର ପାଇଁ ଦାବିପତ୍ର ଦେଲେ ଜନସାଧାରଣ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମର କିରଣବାଳା ସାହୁ ଡାଏରୀ ଫାର୍ମ କରି ଲାଭବାନ ହେଉଥିବାବେଳେ ସର୍ବସାଧାରଣ ରାସ୍ତାରେ ଗୋମୂତ୍ର ଓ ଗୋବର ପାଣି ଛାଡୁଥିବାର ଅଭିଯୋଗ ହୋଇଛି । ପାଳନ କରୁଥିବା ଗାଈ, ଗୋରୁଙ୍କ ଖତ, ମୂତ୍ର ଧୋଡାକରି ରାସ୍ତାରେ ଛାଡିବା ଦ୍ୱାରା ଗ୍ରାମବାସୀଙ୍କ ସମେତ ଅଙ୍ଗନବାଡି ଶିଶୁ ଓ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ, ହର୍ଷପୁର, ଜଳବଙ୍ଗ, ଖୁଣ୍ଟାପଡ଼ା ଆଦି ଅଞ୍ଚଳର ଜନସାଧାରଣଙ୍କ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ନେଇ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା କୁହାଯାଉଛି । ଯାହାପାଇଁ ପୂର୍ବରୁ ଛାତ୍ର ଛାତ୍ରୀ ମାନେ ରାସ୍ତା ଅବରୋଧ କରିଥିଲେ । ପୋଲିସ ଓ ତହସିଲଦାର ଆସି ଯଥା ଶୀଘ୍ର ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ । ରାସ୍ତା ଉପରେ ଗୋମୂତ୍ର ଓ ଗୋବର ପାଣି ଜମାହେବା ଫଳରେ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ଏହାଛଡା ମଶା ମାଛିଙ୍କ ପ୍ରାଦୁର୍ଭାବ ବଢିବା ସହିତ ରୋଗ ବ୍ୟାଧି ବୃଦ୍ଧିପାଉଛି । ସେନେଇ ଜିଲା ପ୍ରଶାସନଙ୍କ ନିକଟରେ ଅନେକଥର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ଯାଉନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତମାସ ୨ ତାରିଖ ସଦର ଥାନା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ସେ ତଦନ୍ତ କରିବା ସହିତ ସମସ୍ୟା ଭିତ୍ତିକ ଭିଡିଓ ଉପଜିଲାପାଳଙ୍କୁ ପଠାଇଥିଲେ । ସଦର ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି । ସର୍ବସାଧାରଣ ରାସ୍ତାକୁ ପ୍ରଦୂଷଣମୁକ୍ତ କରାଯିବାକୁ ନେଇ ସରପଞ୍ଚ ସରୋଜ ଦେହୁରୀ, ସମିତି ସଭ୍ୟ ବସନ୍ତ ସାହୁ, ଭାସ୍କର ସାହୁ, ସୁଶୀଳା ସାହୁ, ନିରୂପମା ଓଝା, ପ୍ରହ୍ଲାଦ ଷଡଙ୍ଗୀ, ସୁଧାକର ଓଝା, ପଟେଲ ମାହାଣା, ସୁରେନ୍ଦ୍ର ସାହୁ, ଧନେଶ୍ୱର ମାହାଣା ପ୍ରମୁଖ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ମିଳିତ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ସମସ୍ତ ଅସୁବିଧା ବିଷୟରେ ଅବଗତ କରାଇବା ସହ ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିବା ସହ ଏହାର ଆଶୁ ସମାଧାନ ନହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଏ ବିଷୟରେ ଉପଜିଲ୍ଲାପାଳ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ଏହା ଉଚ୍ଚ ନ୍ୟାୟାଳୟ ବିଚାରାଧିନ ଅଛି । ଏ ବାବଦରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଦେଇଥିବାରୁ ସେ କୌଣସି ପଦକ୍ଷେପ ନେଇ ପାରୁନଥିବା କଥା କହିଛନ୍ତି । ତେବେ ବାରମ୍ବାର ଅଭିଯୋଗ ହେଉଥିବା ବିଷୟରେ ଉଚ୍ଚ ନ୍ୟାୟାଳୟକୁ ଅବଗତ କରାଇ ତୁରନ୍ତ ଏହାର ସମାଧାନର ରାସ୍ତା ବାହାର କରାଯିବ ବୋଲି କହିଛନ୍ତି ଉପଜିଲ୍ଲାପାଳ ।

# ଏକ୍‌ଜିଟ୍ ଫ୍ୟାନ୍ ଫାଙ୍କରେ ପଶି ଦୋକାନରୁ ଲୁଟ୍

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ପିଚୁକୁଳି ବଜାରର ଏକ ମିଷ୍ଟାନ୍ନ ଭଣ୍ଡାର ଏକ୍‌ଜିଟ ଫ୍ୟାନ ଫାଙ୍କବାଟେ ପଶି ନଗଦ ଟଙ୍କା, ସୁନାମୁଦି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଅସରଳା ଗ୍ରାମର ସରୋଜ କୁମାର ପଣ୍ଡା ଜାତୀୟ ରାଜପଥ ୫୭ ପାର୍ଶ୍ୱ ଆଦର୍ଶ ବିଦ୍ୟାଳୟ ନିକଟ ପଣ୍ଡା ସୁଇଟ ନାମରେ ପ୍ରସିଦ୍ଧ ପୋଡ ବିକ୍ରି କରୁଛନ୍ତି । ପ୍ରତିଦିନ ୧୦୦କେଜିରୁ ଅଧିକ ପୋଡ଼ ବିକ୍ରି କରନ୍ତି । ବେପାର କରି ସେହି ଦୋକାନ ମଧ୍ୟରେ ଟଙ୍କା ରଖି ଘରକୁ ଫେରନ୍ତି । ସୋମବାର ରାତି ପ୍ରାୟ ୧୦ଟା ସମୟରେ



ଦୋକାନ ବନ୍ଦ କରି ଘରକୁ ଯାଉଥିଲେ । ଆଜି ସକାଳ ଦୋକାନ ଖୋଲିବା ପରେ ଦୋକାନରେ ରଖିଥିବା ୧୪ହଜାର ଟଙ୍କା, ଗୋଟିଏ ସୁନା ମୁଦି ଓ ସମସ୍ତ କଏନ ଚୋରି ହୋଇଥିବା ନେଇ ମଙ୍ଗଳବାର ଦିନ ୯ଟା ସମୟରେ ଲିଖିତ ଭାବେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ । ତେବେ ସଂଧ୍ୟା ସୁଦ୍ଧା ପୋଲିସ୍ ପକ୍ଷରୁ କୌଣସି ଅନୁସନ୍ଧାନ ନହେବାରୁ ସରୋଜ ପୁଣି ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି । ତେବେ ଚୋରି ହେବାର ୧୨ଘଣ୍ଟା ବିତିଯାଇଥିଲେ ମଧ୍ୟ ପ୍ଲୋଲିସ୍ ପ୍ରାଥମିକ ତଦନ୍ତ ନକରିବା ପୁଲିସଙ୍କ ଉପରେ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଛି । ତୁରନ୍ତ ତଦନ୍ତ କରି ଚୋରଙ୍କୁ ଧରିବାକୁ ଦାବି ହୋଇଛି । ତେବେ ପୂର୍ବରୁ ଉକ୍ତ ବଜାର ବହୁବାର ଚୋରି ହୋଇଛି । ବହୁ ଚୋରିର ଅଭିଯୋଗ ପରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ରହିବା ନେଇ ବ୍ୟବସାୟୀମାନେ ପାଳି କରି ବଜାର ଜଗୁଛନ୍ତି । ଚୋରି ଯାଉଥିବା ଦୋକାନ ବଜାର ଠାରୁ ଟିକେ ଦୂରରେ ରହୁଥିବା ଚୋରମାନେ ଏହାର ସୁଯୋଗ ନେଇଛନ୍ତି ।

# ସରିଲା ଭାଲୁକୁଣୀ ମେଳଣ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନାସିଂହପୁର ଓ ଦକ୍ଷବ୍ରହ୍ମପୁର ଠାରେ ଆଜି ଭାଲୁକୁଣୀ ମେଳଣ ମହାସମାରୋହରେ ସମ୍ପନ୍ନ ହୋଇଛି । ନରସିଂହପୁର ଠାରେ ଆଜି ପୂର୍ବାହ୍ନ ୧୦ ଘଟିକାରେ ଗାଦିଶ୍ୱର ମେଢ଼ ମେଳଣ ପଡ଼ିଆରେ ଉପବେଶନ କରିଥିଲେ । ପରେ ଧୀରେ ଧୀରେ ଆଖପାଖ ଗ୍ରାମରୁ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ମେଢ଼ ମେଳଣ ପଡ଼ିଆ ମଧ୍ୟକୁ ବାଜା ବାଣ ଓ ରୋଷଣୀରେ ପ୍ରବେଶ କରି ନିଜ ନିଜ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଉପବେଶନ କରିଥିଲେ । ମେଢ଼ ଗୁଡ଼ିକ ସମ୍ମୁଖରେ ନରସିଂହପୁର ମେଳଣ କମିଟି ପକ୍ଷରୁ ସମସ୍ତ ମେଢ଼ ନିକଟରେ ଭୋଗଲାଗି କରା ଯାଇଥିଲା । ପରେ ସମସ୍ତ ମେଢ଼ ନିଜ ନିଜ ଗ୍ରାମକୁ ଫେରିଯାଇ ବିଭିନ୍ନ ଜଳାଶୟରେ ବିସର୍ଜିତ ହୋଇଥିଲେ । ସେହିପରି ଦକ୍ଷ ବ୍ରହ୍ମପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ମେଳଣରେ ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ମେଢ଼ ବାଜା ବାଣ ରୋଷଣୀ ମଧ୍ୟରେ ପଡ଼ିଆକୁ ପ୍ରବେଶ କରିଥିଲେ । ମେଳଣ କମିଟି ପକ୍ଷରୁ ସମସ୍ତ ମେଢ଼ ସମ୍ମୁଖରେ ଭୋଗଲାଗି କରାଯାଇଥିଲା । ଉପରୋକ୍ତ ମେଳଣ ଦୁଇଟିରେ ପ୍ରବଳ ଜନଗହଳି ହୋଇଥିଲା ।

## ଲଗାଣ ବର୍ଷା ଯୋଗୁଁ ଚାଷୀ ବେହାଲ

ସାରସକଣା, (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଚାଷୀମାନେ ଚିନ୍ତାରେ ଅଛନ୍ତି । ଚାରିଆଡକୁ ଖାଲି ପାଣି ମାଡି ରହିଥିବାରୁ ଧାନ ଗଛଗୁଡ଼ିକ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏପଟେ କତରା ନଦୀର କୂଳ ମାଡ଼ିଲାଣି ତ ଏପଟେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲାଣି । ସାରସକଣା ବ୍ଲକର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ପଞ୍ଚାୟତ ହେଉଛି ଶୀର୍ଷା । ଏହା ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଥିବାରୁ ବର୍ଷା ହେଲେ ସେହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଣି ମାଡି ଆସୁଥିବାରୁ ଫସଲ ଓ ଘରଦ୍ୱାର ଭାଙ୍ଗିବା ଲୋକମାନଙ୍କ ଦେହସୁଆରେ ପରିଣତ ହୋଇଗଲାଣି । ପାଖରେ ଥିବା ନେଦା, ବଣଗାଁ ଲୋକମାନେ ବର୍ଷା ଯୋଗୁଁ ଚିନ୍ତାରେ ଦିନ କାଟୁଛନ୍ତି ।

# ‘ଛାତ୍ରଛାତ୍ରୀଙ୍କୁ ସମାଜରେ ପ୍ରତିଷ୍ଠିତ କରିଛି ଶିକ୍ଷାଦାନ’



ବାରିପଦା, (ଭାସ୍କର ନ୍ୟୁଜ୍) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୩ ନଂ ୱାର୍ଡ ସ୍ଥିତ ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ଚାଟାର୍ଜୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଦାୟକାଳୀନ ସଭାରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ବି ଆରସିସି ତପସ୍ୱିନୀ ଦାଶ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ନାଥ, ଡଃ. ଅସୀମ ଚକ୍ରବର୍ତ୍ତୀ ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ବ୍ଲକ ସଂଘ ସଭାପତି ପ୍ରଦୀପ କୁମାର ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଶିକ୍ଷକ ଗୌରଗୋପାଳ ଲେଙ୍କା, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣରେଖା କରମହାପାତ୍ର, ରତ୍ନାବତୀ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ବାରିକ, ଶିକ୍ଷୟିତ୍ରୀ ଅନୁପମା ହୋତା, ନଗ୍‌ମା ପରବିନ ପ୍ରମୁଖ ଉପସ୍ଥିତ ରହି ଦିଦିଙ୍କର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ସେ ଜଣେ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ସ୍ନେହୀ, ପରପୋକାରୀ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ମହଲରେ ବେଶ ପରିଚିତ ଥିଲେ । ଦୀର୍ଘ ୨୨ ବର୍ଷର ଶିକ୍ଷକତା ଭିତରେ ସେ ବହୁ ଛାତ୍ରଛାତ୍ରୀଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ବ୍ଲକ ସଂଘ ତରଫରୁ ପ୍ରଦୀପ ନାଥ, ସିଦ୍ଧେଶ୍ୱର ମିଶ୍ର, ଆଦର୍ଶ ଶିକ୍ଷକ ଡଃ ବିଶ୍ୱାଳ, ପୂର୍ବତନ ସିଆରସିସି ବଳରାମ ନାଥ, ସୋମନାଥ ସିଂହ ଓ ତପସ୍ୱିନୀ ଦାଶ ତଥା ବିଦ୍ୟାଳୟ ତରଫରୁ କଳ୍ପନା ଦିଦିଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶକ୍ତିପ୍ରକାଶ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାମାୟଣ କଳାକାରଙ୍କ ପରଲୋକ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ନରସଂହପୁର ଗ୍ରାମର ମଞ୍ଚ କଳାକାର କୁନା ନାୟକଙ୍କ ପରଲୋକ ହୋଇଯାଇଛି । ସେ ଗ୍ରାମରେ ହେଉଥିବା ରାମାୟଣ ଗାଥା ଅଭିନୟରେ ରାବଣ ଭୂମିକାରେ ଅଭିନୟ କରୁଥିଲେ । ତାଙ୍କର ନିଖୁଣ ଅଭିନୟ ପାଇଁ ବହୁ ସଂସ୍ଥା ପକ୍ଷରୁ ସେ ପୁରସ୍କୃତ ହୋଇଥିଲେ । ଗତ କିଛିଦିନ ହେବ ଅସୁସ୍ଥ ହେବା କାରଣରୁ ଶଯ୍ୟାଶାୟୀ ହୋଇପଡ଼ିଥିଲେ । ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ହୋଇଥିଲାବେଳେ ପୁଅ ବିଭୁଦେନ୍ଦୁ ମୁଖାଗ୍ନି ଦେଇଥିଲେ । ତାଙ୍କ ଶବାଧାରରେ ଗ୍ରାମର ବହୁ ବ୍ୟକ୍ତିଙ୍କ ସମେତ ତାଙ୍କର ଶୁଭେଚ୍ଛୁମାନେ ଉପସ୍ଥିତ ରହିଥିଲେ ।

## ରାଜ୍ୟ ରାଜପଥରେ ଗଦା ହୋଇଛି ବାଲି
# ଅଭିଯୋଗ ପରେ ବି ଚୁପ୍ ବସିଛି ପ୍ରଶାସନ

ଡେରାବିଶ, (ଭାସ୍କର ନ୍ୟୁଜ୍) : କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ସଲାର ମଠ ଛକ ନିକଟରେ ରାଜପଥ ଉପରେ ଗଦା ହୋଇ ରହିଛି ୫୦ ଟ୍ରିପରୁ ଅଧିକ ବାଲି । ଏହି ବାଲିର ପାହାଡ଼ ଧୀରେ ଧୀରେ ରାଜପଥକୁ ମାଡ଼ି ଚାଲି ପଥଚାରୀଙ୍କ ନିମନ୍ତେ ଉଦ୍ଧିଷ୍ଟ ଧଳାଗାରକୁ ଟପି ରାସ୍ତାର ମଝି ଧଳା ଗାର ଆଡ଼କୁ ମାଡ଼ି ଚାଲିଲାଣି । ଫଳରେ ବାଲି ନିମନ୍ତେ ଦୈନିକ ଦୁର୍ଘଟଣାମାନ ଘଟି ଚାଲିଛି । ଗତକାଲି ସକାଳେ ଜନୈକ ବାଇକ୍ ଆରୋହୀ ରାସ୍ତାକଡ଼ରେ ଯାଉଥିବାବେଳେ ଏହି ବାଲି ଗଦାରେ ପଶି ଭାରସାମ୍ୟ ହରାଇବା ସହିତ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ । ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ କରାଯାଉଥିଲେ ମଧ୍ୟ ଉଭୟ ଖଣି ବିଭାଗ ଓ ତହସିଲ ପ୍ରଶାସନ ଚୁପ୍ ହୋଇ ବସିରହିଛି । ଶୁଣିବାକୁ ମିଳିଛି ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏଠାରେ ଗ୍ରାମ ରାସ୍ତାକାମ ଆଳରେ ବାଲି ଗଦା କରି ବାଲି ବେପାର ନିମନ୍ତେ ମସୁଧା ଚଳାଇଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । କାରଣ ରାସ୍ତା କାମ କରୁଥିବା ବ୍ୟକ୍ତି ଗ୍ରାମ ମଧ୍ୟରେ ବହୁ ଖାଲି ସ୍ଥାନ ଥିବା ସତ୍ତ୍ୱେ ସେଠାରେ ନପକାଇ ଜାତୀୟ ରାଜପଥ ଉପରେ କାହିଁକି ପକାଇଛି । ତେବେ ଲୋକମାନଙ୍କ ଅଭିଯୋଗ ପରେ ଆଜି ଏକ ଜେସିବି ରାଜପଥ ଉପରେ ବିଛେଇ ହୋଇଥିବା ବାଲିକୁ ରାସ୍ତା କଡ଼କୁ ଠେଲୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ବାଲିକୁ ଜେସିବି ଚାଳକ ଜଣକ କେବଳ ପିଚୁ ଉପରୁ ଠେଲି ରାସ୍ତାର ପାଦଚଲା ସ୍ଥାନରେ ଗଦା କରିଛି । ଏପରିକି ଏହି ବାଲିଗଦାର ପଛପଟରେ ବହୁ ଅଦରକାରୀ ଖାଲି ସ୍ଥାନ ଥିଲେ ମଧ୍ୟ ଜାଣିଶୁଣି ଏହି ବାଲିକୁ ରାସ୍ତା ରାଜପଥ କଡ଼ରେ ରଖାଯାଇଛି । ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକମାନେ ଘରୋଇ କାମ ନିମନ୍ତେ ଗଦା କରିଥିବା ବାଲି ପାଇଁ ଫାଇନ୍ କଟାଯାଉଥିବାବେଳେ ରାଜ୍ୟ ରାଜପଥ କଡ଼ରେ ଗଦା ହୋଇରହିଥିବା ଏହି ବାଲି ପାହାଡ଼ ଉପରେ କିପରି ପ୍ରଶାସନର ନଜର ପଡୁନାହିଁ ବୋଲି ଅଭିଯୋଗ ହୋଇଛି । ଏପରିକି ଏହି ରାଜ୍ୟ ରାଜପଥ ଦେଇ ଜିଲ୍ଲା କାର୍ଯ୍ୟାଳୟ ଠାରୁ ତହସିଲ ପ୍ରଶାସନ ଯାଏ ବହୁ ଅଧିକାରୀ ଯାଉଥିଲାବେଳେ କିପରି ଏହି ବାଲିଗଦା ସେମାନଙ୍କ ନଜର ଆଢୁଆଳରେ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଏନ୍‌ଏସି ଦାବିରେ ବିଜେଡିର ବିକ୍ଷୋଭ

ଗୋପ, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ଧରି ପୁରୀ ଜିଲ୍ଲା ଗୋପକୁ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ତାହା ପୂରଣ ହୋଇପାରୁନାହିଁ । ସରକାର ଏବେ ତିନୋଟି ପର୍ଯ୍ୟାୟରେ ୨୮ ଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ଗୋପ କୁ ଉପେକ୍ଷା କରାଯାଇଛି । ଗୋପ ଅଞ୍ଚଳବାସୀଙ୍କ ଆଶା ଥିଲା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡ଼ାରେ ଗୋପ ଥିବାରୁ ନିଶ୍ଚିତ ଗୋପକୁ ନୂତନ ଏନ୍‌ଏସି ଭାବରେ ସରକାର ଘୋଷଣା କରିବେ । ମାତ୍ର ଅଂଚଳବାସୀଙ୍କ ଆଶା ଆଶାରେ ହିଁ ରହିଗଲା । ଯାହାକୁ ନେଇ ବିଜେଡି ପକ୍ଷରୁ ଆଜି ଗୋପକୁ ସରକାର ନୂତନ ବିଜ୍ଞାପିତ ଅଞ୍ଚଳ





ପରିଷଦ ଭାବେ ଘୋଷଣା କରିବା ଦାବିରେ ବିକ୍ଷୋଭ କରାଯାଇଛି । ପୂର୍ବତନ ଗୋପ ପଂଚାୟତ ବିଜେଡି ସଭାପତି ବୈଲୋଚନ ସାହୁଙ୍କ ନେତୃତ୍ୱରେ ଆଜି ଶତାଧିକ ବିଜେଡି କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ଗୋପ ପିଏନ୍‌ବି ବ୍ୟାଙ୍କ ନିକଟରୁ ବାହାରି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିବା ସହିତ ଗୋପ କୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ଦାବିରେ ବିଭିନ୍ନ ସ୍ଲୋଗାନ ଦେଇ ଗୋପ ବଜାର ପରିକ୍ରମା କରିବାସହ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଆନ୍ଦୋଳନରରେ ଯୋଗଦେଇଥିବା ରାଜ୍ୟ ବିଜେଡି ସଂପାଦିକା କସ୍ତୁରୀବାଳା ସ୍ୱାଇଁ କହିଥିଲେ ଯେ ଗୋପ ଏନ୍‌ଏସି ହେବା ପାଇଁ ଜନସଂଖ୍ୟା, ଅଂଚଳ ପରିଧି ଏବଂ ଅନ୍ୟାନ୍ୟ ସମସ୍ତ ଭିତ୍ତିଭୂମି ଉପଲବ୍ଧ ଥିବାବେଳେ କେବଳ ରାଜନୈତିକ ପଶାପାଳିରେ ପଡି ଗୋପ କୁ ଅଣଦେଖା କରାଯାଉଛି । ସରକାର ପୂର୍ଣ୍ଣ ବିଚାର କରି ଗୋପକୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରନ୍ତୁ । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ବିଜେଡି ପକ୍ଷରୁ କୁହାଯାଇଥିଲା ଯେ ଭୌଗୋଳିକ, ରାଜନୈତିକ, ଅର୍ଥନୈତିକ ଦୃଷ୍ଟିକୋଣରୁ ଗୋପ ଏକ ସ୍ୱତନ୍ତ୍ରତା ବହନ କରେ । ଏଠାରେ ପ୍ରାକ୍ ବିଦ୍ୟାଳୟ, ଚିକିତ୍ସାଳୟ,ସବ୍-ରେଜିଷ୍ଟ୍ରାର ଅଫିସ, ଥାନା ସହିତ ତହସିଲ କାର୍ଯ୍ୟାଳୟ ଅବସ୍ଥିତ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପାଇଁ ଯାଇଥାନ୍ତି । ସମସ୍ତ ଭିତ୍ତିଭୂମି ଉପଲବ୍ଧ ଥିବା ବେଳେ କଣ ପାଇଁ ଉପେକ୍ଷା କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ବିଡିଓ ଛବିରାଣୀ ସାହୁଙ୍କୁ ପ୍ରଦାନ କରାଯାଇଥିଲା । ଏହି ଆନ୍ଦୋଳନରେ ପୂର୍ବତନ ଉପାଧକ୍ଷ ନିରଂଜନ ମହାପାତ୍ର, ବନ୍ତୁଲିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ଏରବଙ୍ଗ ସରପଞ୍ଚ ରଶ୍ମି ରେଖା ଦାସ,ଗଣେଶ୍ୱପୁର ସରପଞ୍ଚ ପ୍ରଭାତ ବେହେରା, ପୂର୍ବତନ ସରପଂଚ ପ୍ରହ୍ଲାଦ ସ୍ୱାଇଁ, ସଂଗଠକ ସୁକାନ୍ତ କୁମାର ମହାନ୍ତି, ଗଙ୍ଗାଧର ପାଇକରାୟ, ଯୁବନେତା ସୁଧାଂଶୁ ସେନାପତି, ପ୍ରଶାନ୍ତ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ବାରିକ, ଗୋଲାମ ବକ୍ସ, ବୈଲୋଚନ ଭୋଇ, ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଶିଫଳ


**ଗୁରୁବାର, ୦୪ ସେପ୍ଟେମ୍ବର ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ । ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ ।



**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ । କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି । ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ । ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ପାରଳାଖେମୁଣ୍ଡି: (ଭାସ୍କର ନ୍ୟୁଜ୍): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି, ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ନିବାରଣ ଉପରେ ଏକ ସଚେତନତା କର୍ମଶାଳା ଆୟୋଜନ କରିଥିଲା। ଏହି ଅଧିବେଶନରେ ଗଜପତିର ପୋଲିସ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ, ଯେଉଁମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପ, ସାମୁଦାୟିକ ସଚେତନତା ଏବଂ ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ମହିଳା ଫେଡେରେସନର ସଭାପତି ତପସାଇ ପ୍ରହରାଜ, ଯୁବ ମନ ପାଇଁ ଭାବପ୍ରବଣ ସମର୍ଥନ ପ୍ରଦାନ ଏବଂ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବାରେ ପରିବାର ଏବଂ ଶିକ୍ଷାନୁଷ୍ଠାନର ଭୂମିକା ବିଷୟରେ କହିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର, ଶିକ୍ଷାନୁଷ୍ଠାନ ମଧ୍ୟରେ ମାନସିକ ସୁସ୍ଥତା ଉପରେ ପରାମର୍ଶ ସୁବିଧା ଏବଂ ନିରନ୍ତର ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ, ଆଲୋଚନାରେ ସାମିଲ ହୋଇଥିଲେ ଏବଂ ସେମାନଙ୍କର ଦୃଷ୍ଟିକୋଣ ରଖିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଅବଧାରଣାକୁ ଭାଙ୍ଗିବା ଏବଂ ଆତ୍ମହତ୍ୟା ବିରୁଦ୍ଧରେ ନିବାରଣାତ୍ମକ ପଦକ୍ଷେପ ସମ୍ପର୍କରେ ସଚେତନତା ପ୍ରସାର କରିବା। ଏହି କାର୍ମଶାଳା ରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ର ଛାତ୍ରୀ ଭାଗ ନେଇଥିଲେ।



# ଓଡିଶା ଜନତା ସଂଘର୍ଷ ସମିତିର 'ନୂଆଖାଇ' ବନ୍ଧୁମିଳନ



ବରଗଡ(ଭାସ୍କର ନ୍ୟୁଜ୍): ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଜନକଲ୍ୟାଣ ସଂଗଠନ-ଓଡିଶା ଜନତା ସଂଘର୍ଷ ସମିତି, ବରଗଡ଼ ପକ୍ଷରୁ ୨ୟ ବର୍ଷ 'ନୂଆଖାଇ ଭେଟଘାଟ' ଆୟୋଜିତ କରାଯାଇଛି। ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ଆବାହକ ଏବଂ ଉପସଭାପତି ଅଭୟ କୁମାର ପଧାନ, ସମ୍ପାଦକ ମେଘନାଦ ସାହୁ ଏବଂ ସହ-ସମ୍ପାଦକ ନେପାଳ ଦୁଆନଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମାଜର ପ୍ରତ୍ୟେକ ବର୍ଗର ଅତିଥି ତଥା ଶୁଭେଚ୍ଛୁ ବନ୍ଧୁଗଣ ଯୋଗଦାନ କରି ନୂଆଁଖାଇ ଶୁଭେଚ୍ଛା ଜଣାଇଥିଲେ। ଏହି ନିଆରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ ବ୍ୟକ୍ତିମାନେ ହେଲେ ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ,ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟ୍ରୁସନ ବରଗଡ଼ର ସଭାପତି ଫକୀର କର୍ଣ୍ଣ, ପାୱାର ଅଫ ଦିବ୍ୟାଙ୍ଗର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ଉପସଭାପତି ଅଶୋକ ଅଗ୍ରୱାଲ,ମିଟ କମ୍ପ୍ୟୁଟର ବରଗଡ଼ର ମୁଖ୍ୟ ସରୋଜ ମାଝୀ, ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର ଭୋଇ, ବିଜେପି ଜିଲ୍ଲା ସଭାପତି ଅରୂପାନନ୍ଦ ସାହୁ, ପଂଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପତିତପାବନ ସାହୁ, ମହିଳା ମହାବିଦ୍ୟାଳୟ , ବରଗଡ଼ର ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା,ନିଶାମଣି ଉଚ୍ଚ ବିଦ୍ୟାଳୟ ବରଗଡର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ,ଡୋରା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପଧାନ, ଏ.ଇ.ଏମ. ଇଂଲିଶ ବିଦ୍ୟାଳୟର ନିର୍ଦ୍ଦେଶକ ଯଶବୀର ସିଂ, ସମାଜସେବୀ ସର୍ଦ୍ଦାର ପ୍ରିତମ ସିଂ,ଦିବାକର ମାଝୀ,ପାଣ୍ଡବ କର୍ଣ୍ଣ,ସୁକାନ୍ତ ଦାଶ, ଭଗବାନ ପଧାନ, ଧ୍ରୁବଚରଣ ହୋତା,ଅଶ୍ୱିନୀ ତ୍ରିପାଠୀ, ଅସିତ ସ୍ୱାଇଁ, ରିଂକେଶ ମିଶ୍ର,ବଳରାଜ ବିର୍ଭୀଆ,ଦୟାନିଧି ପଧାନ, ମାମି ମିଶ୍ର,ଉପେନ୍ଦ୍ର ଘିବିଲା, ସୁବାଷ ପଧାନ, ପବିତ୍ର ଦେହେରି,ରାଜକିଶୋର ଦୋରା, ନାରାୟଣ ଗଡ଼ତିଆ, ବଳିଷ୍ଠ ଦୁର୍ଗା, କୋଶଳ ସେନାର ସଭାପତି ବୀରବଲ ମହାକୁଡ଼, ଚାଷୀ ନେତା ରମେଶ ମହାପାତ୍ର, କିଶୋର ଦେବତା, ସାମ୍ବାଦିକ ମାନଙ୍କ ମଧ୍ୟରେ ଉମେଶ ବିଶ୍ୱାଳ, ଆଶୁତୋଷ ରଥ, ହରିଶ ଭୋଇ ବଦ୍ରି ପ୍ରସାଦ ସାହୁ, ବାଲାଜୀ ତରାସିଆ, ସଞ୍ଜୀବ ମହାପାତ୍ର, ଜନ ନିଉଟନ ସିଂ, ପ୍ରଦୀପ୍ତ ଭାନୁ ମହାନ୍ତି, ବୀରେନ ପ୍ରଧାନ, କିଶନ ଅଗ୍ରୱାଲ, ଭଟଲି ଦଧିବାମନ ମହାବିଦ୍ୟାଳୟ ର ଅଧ୍ୟାପକ ଶ୍ୟାମଲାଲ, କମଗାଁ ଜୁନିଅର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ତାଲଶ୍ରୀଗିଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ପଧାନ, ଲଚିଦା ଉଚ୍ଚବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ଭୋଇ, ବରାହଗୋଡା ଉଚ୍ଚବିଦ୍ୟାଳୟ ର ଶିକ୍ଷକ ରମେଶ ପଧାନ, ହାତୀସର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାଣିକ ମାଝୀ, ବାର ପାହାଡ଼ ଉଚ୍ଚବିଦ୍ୟାଳୟ (ବନ୍ଧା) ଖରମୁଣ୍ଡାର ଶିକ୍ଷକ ରମେଶ ସାହୁ, ଜର୍ଜ ଉଚ୍ଚବିଦ୍ୟାଳୟ ବରଗଡ଼ର ଶିକ୍ଷକ ସୁରେଶ କୁମାର ଦାଶ, ରାଣା ପ୍ରତାପ ଉଚ୍ଚବିଦ୍ୟାଳୟ,ବରଗଡ଼ର ସଂସ୍କୃତ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ସୁନା ଲରମ୍ଭା ଉଚ୍ଚବିଦ୍ୟାଳୟ ର ଶିକ୍ଷକ କିରଣ ବିଶ୍ୱାଳ, ଶିକ୍ଷକ ଅରବିନ୍ଦ ଗୁପ୍ତା, ଅବସରପ୍ରାପ୍ତ ସ୍କୁଲ ଏସ. ଆଇ. ନାଥ ପ୍ରଧାନ, ନିରାକାର ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭକ୍ତ ଚରଣ ସାହୁ, ସିମେଣ୍ଟ ନଗର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ପୂର୍ଣ୍ଣ ଚନ୍ଦ୍ର ପଧାନ, କେଦାରନାଥ ଶର୍ମା, ମହେଶ ପଧାନ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ ପରିଚାଳନା କମିଟିର ସଭାପତି ଡ଼ା. ଦିଲୀପ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ରଞ୍ଜନ ନାୟକ, ସମ୍ପାଦକ ଇ.ଅରୁଣ କୁମାର ହୋତା ,ସଭ୍ୟ ଅଧାପକ ରବି ନାରାୟଣ ସାହୁ, ସମାରୁ ପଧାନ , ସୁଶୀଲ କୁମାର ସାହୁ , ଅଶୋକ ପଧାନ, ଶରତ କୁମାର ସାହୁ, ମନୋରଞ୍ଜନ ସାହୁ, ଭକ୍ତ ଚରଣ ଦାଶ, ସମିତିର ବରିଷ୍ଠ ସଭ୍ୟ ତ୍ରିଲୋଚନ ସାହୁ, ସୂର୍ଯ୍ୟ କୁମାର ସେଠ, ଭରତ ଚନ୍ଦ୍ର ସାହୁ, ମିତ୍ରଭାନୁ ବିଶ୍ୱାଳ, ହରିବୋଲ ଅଦାବର ,ମଧୁ ସୁଦନ ସାହୁ, ହେମନ୍ତ ପଧାନ,ଅର୍ଜୁନ ସରାଫ , ବୀରେନ କୁମାର ସାହୁ, ଶ୍ୟାମଘନ ଝାଙ୍କର , ନବଘନ ଝାଙ୍କର, ଖିରେଶ୍ୱର ବେହେରା,ସମାଜ ସେବୀ ରାଜେନ୍ଦ୍ର ବାଗ, ଜଟାଧାରି ପଧାନ ,ଶ୍ରୀ ଅଶୋକ ଭୋଇ,ଡାକ୍ତର ବିଶି, ରାହୁଲ କୁମାରଦାଶ, ହରିହରସାହୁ, ସରୋଜସାହୁ, ପ୍ରଶାନ୍ତସାହୁ, ମନରଞ୍ଜନ ମେହେର, ପଣ୍ଡିତ ପ୍ରସନ୍ନଆଚାର୍ଯ୍ୟ, ଧିରେନଦେବତା, ସ୍ୱରୂପ ଭୋଇ, ଗୋବର୍ଦ୍ଧନ ଭୋଇ, ଅଚ୍ୟୁତ ବାରିକ, ଦୁଃଖୀସେବକସାହୁ, ସୁଶୀଳା ପଶାୟତ, ଶିବାୟନୀ ପଣ୍ଡା, ଗଣେଶ ବର୍ଗେ, ପ୍ରମୋଦସାହୁ, ରଘୁ ପଧାନ, କୈଳାସ ସେଠ,କାମଦେବ ବେହେରା ପ୍ରମୁଖ । ପରିଶେଷରେ ବରିଷ୍ଠ ସଭ୍ୟ ଦୁଃଖୀସେବକ ସାହୁ ସମସ୍ତଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।


# ସାର ଅଭାବ ପାଇଁ କୃଷି ଅଧିକାରୀଙ୍କୁ ଦାବିପତ୍ର





ଖଡ଼ିଆଳ (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ କୃଷି ଭବନ ରେ ଚାଷୀ ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ କୃଷିବିଭାଗ ଯୁଗ୍ମ ନିର୍ଦ୍ଦେଶକ ବସନ୍ତ ଦେ ତଥା ଡେପୁଟୀ ଡାଇରେକ୍ଟର କୃଷି ବିଭାଗ ସାରଦା ପ୍ରସନ୍ନ କରଙ୍କ ସହିତ ନୂଆପଡା ଜିଲ୍ଲାରେ ଦେଖା ଦେଇଥିବା ସାର ବିଶେଷ କରି ୟୁରିଆ ସାର ଅଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ନୂଆଖାଇ ପୂର୍ବରୁ ନୂଆପଡା ଜିଲ୍ଲାକୁ ଆସିଥିବା ୟୁରିଆ ସାର ଯଥେଷ୍ଟ ନଥିଲା। ତୁରନ୍ତ ନୂଆପଡା ଜିଲ୍ଲାକୁ ୟୁରିଆ ସାର ଯୋଗାଣ ପାଇଁ ଉଚିତ ପଦକ୍ଷେପ ନେବାକୁ ଶ୍ରୀ ପାଣିଗ୍ରାହୀ ଦାବି କରିଥିଲେ। ଡେପୁଟୀ ଡାଇରେକ୍ଟର ସାରଦା ପ୍ରସନ୍ନ କର ପ୍ରକାଶ କରିଥିଲେ ଯେ, ଆମେ ଚାଷୀଙ୍କ ପାଇଁ ସମ୍ବେଦଶୀଳ ଅଟୁ। ନୂଆପଡା ଜିଲ୍ଲା ପାଇଁ ଉତ୍ତର ପ୍ରଦେଶର ଫୁଲପୁର ସାର କାରଖାନା ରୁ ନୂଆପଡ଼ାକୁ ଆସନ୍ତା ପାଞ୍ଚ କିମ୍ୱା ଛଅ ସେପ୍ଟେମ୍ବର ପୂର୍ବରୁ ଅଧା ର୍ୟାକ ଅର୍ଥାତ୍ ୨୭, ୦୦୦ କ୍ୱିଣ୍ଟାଲ୍ ୟୁରିଆ ସାର ପହଞ୍ଚିବା ପାଇଁ ବ୍ୟବସ୍ଥା ହୋଇସାରିଛି। ଏହା ବି ଯଥେଷ୍ଟ ହୋଇ ନ ପାରେ।ଆହୁରି ଅଧା ର୍ୟାକ ଅର୍ଥାତ ୨୭୦୦୦ କ୍ୱିଣ୍ଟାଲ ୟୁରିଆ ଆଗାମୀ ସେପ୍ଟେମ୍ବର ଦଶ କିମ୍ୱା ଏଗାର ସେପ୍ଟେମ୍ବର ସୁଦ୍ଧା ପଠେଇବାପାଇଁ ଶ୍ରୀ ପାଣିଗ୍ରାହୀ ଉଭୟ ଅଧିକାରୀ ଙ୍କୁ ନିବେଦନ କରିଛନ୍ତି। ଜିଲ୍ଲାରେ ସାର ଅଭାବ ଦେଖା ଦେଇଥିବାବେଳେ ଏହି ସମସ୍ୟା ର ସମାଧାନ ପାଇଁ କୃଷି ବିଭାଗର ଉଚ୍ଚ ଅଧିକାରୀ ସ୍ତରରେ ମୋର ରୀତିମତ ଯୋଗାଯୋଗ ଓ ସମ୍ପର୍କରେ ପ୍ରଚେଷ୍ଟା ଜାରୀ ରହିଛି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସାର ଯୋଗାଣ ସହିତ ସମ୍ପୃକ୍ତ ଅଧିକାରୀ, ଡିଲର, ରିଟେଲର , ର୍ୟାକ ପଏଣ୍ଟ ହେଣ୍ଡଲର ସେ ଯେ କେହି ବି ସାର ବେନିୟମ ଗଚ୍ଛିତ ରଖି କଳାବଜାରୀ କରୁଥିବା କିମ୍ବା ଛତିଶଗଡକୁ ଚୋରାଚାଲାଣକାରୀଙ୍କ ନୂଆପଡା ଜିଲ୍ଲା ଚାଷୀ ଙ୍କ ହକ୍ ମାରୁଥିବ ତାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି। ଏହା ସହିତ ଚାଷୀ ଙ୍କୁ ୟୁରିଆ ସାର ନେବା ପାଇଁ ବିଭିନ୍ନ କମ୍ପାନୀ ର ପେଷ୍ଟିଶାଇଡ୍ କିମ୍ବା ଅନ୍ୟ ପ୍ରଡକ୍ଟ କୁ ଟେଗ କରି ଚାଷୀ ଙ୍କୁ ହଇରାଣ ଓ ଖର୍ଚ୍ଚାନ୍ତ କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ଦାବି କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି। ସାରର ସୁଗମ ଯୋଗାଣ ପାଇଁ ଇଫକୋର ଓଡ଼ିଶା ମାର୍କେଟିଂ ମ୍ୟାନେଜର ଶ୍ରୀ ସୌମିକ୍ ମଣ୍ଡଳ ଓ ପି ପି ଏଲ ର ରାଜ୍ୟ ମାର୍କେଟିଂ ଅଧିକାରୀ କାଳୀଚରଣ ରାଉତଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ ଆଲୋଚନା କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ଖାତୀଗୁଡା ବ୍ୟାଙ୍କ ସୁକନ୍ୟା ଯୋଜନାରେ ଓଡ଼ିଶାରେ ପ୍ରଥମ



ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଥିବା ଉପର ଇନ୍ଦ୍ରାବତୀ ଡ୍ୟାମ ପ୍ରୋଜେକ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କ ସୁକନ୍ୟା ଯୋଜନା ରେ ପ୍ରଥମ ସ୍ଥାନ ପାଇଛି । ଏହି ବ୍ୟାଙ୍କ ନୂତନ ଭାବେ ଯୋଗଦେଇଥିବା ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜିବ କୁମାର ବୁଡ଼ା ବ୍ୟାଙ୍କର ଗ୍ରାହକ ମାନଙ୍କୁ ସେବା ଯୋଗାଇ ଦେବା ସହ ବିଭିନ୍ନ ପଞ୍ଚାୟତରେ ଶିବିର ମାଧ୍ୟମରେ ଲୋକମାନଙ୍କୁ ସୁକନ୍ୟା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ,ଅଟଳ ପେନସନ ପ୍ରଭୃତି ବିଷୟରେ ବିସ୍ତାର ଭାବେ ବୁଝେଇଛନ୍ତି । ବ୍ୟାଙ୍କ ପରିସର ନିକଟରେ ଏକ ଏଟିଏମ ଥିବାରୁ ଏଟିଏମରେ ପ୍ରାୟତଃ ଭିଡ ଜମିରହିଥିବାରୁ ଏବଂ ରାତ୍ରି ସମୟରେ ପୋଲିସ ବିଭାଗର ଗୃହରକ୍ଷୀ ମାନେ ବସିବା ପାଇଁ ସ୍ୱତନ୍ତ୍ର ମଧ ଚେୟାରର ବନ୍ଦୋବସ୍ତ କରାଯାଇଛି । ସବୁଠାରୁ ଖୁସିର ଖବରଏହି ବ୍ୟାଙ୍କରେ ଗୋଟିଏ ଦିନରେ ଏକ ଶହ ସୁକନ୍ୟା କରି ଓଡ଼ିଶାରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି । ଏହି ଉପାନ୍ତ ଅଞ୍ଚଳରେ ଏହା ଏକ ମାତ୍ର ବ୍ୟାଙ୍କ ହୋଇଥିବାରୁ ବିଚ୍ଛିନ୍ନାଞ୍ଚଳବାସୀ ଏବଂ କଳାହାଣ୍ଡି ଜିଲ୍ଲାର ବହୁତ ଗ୍ରାହକ ଏହି ବ୍ୟାଙ୍କ ଉପରେ ନିର୍ଭର କରିଅସୁଛନ୍ତି । ଗ୍ରାହକମାନେ ଯେପରି ଠକାମିର ଶିକାର ନହୁଅନ୍ତି ସେଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ସଜାଗ ହୋଇ ରହିଛନ୍ତି ବୋଲି ଶାଖା ପରିଚାଳକ ମତବ୍ୟକ୍ତ କରିଛନ୍ତି । ଓଡ଼ିଶାରେ ସୁକନ୍ୟା ଯୋଜନା ପାଇଁ ପ୍ରଥମ ହୋଇଥିବାରୁ ଜୟପୁର ରିଜୋନାଲ ମ୍ୟାନେଜର ସୁବାସ ଚନ୍ଦ୍ର ବେହେରା ଖାତିଗୁଡା ବ୍ୟାଙ୍କ କର୍ମଚାରୀ ପ୍ରତୀକ କୁମାର ବିଷୋୟୀ , ଶାସ୍ୱତ ମିଶ୍ର , ଆଶିଷ ପାତ୍ର , ଜ୍ୟୋତି କୁମାର ହାଲଦାର, ବାଳକୃଷ୍ଣ ମହାକୁଡ , ବ୍ଲେସି ବିଉଟି ଖୁରା,ହିରନ ନାୟକ, ଉପେନ୍ଦ୍ର ବିଶୋୟୀ ,ରାକେଶ ପାତ୍ର ସହିତ ଯେଉଁ କିଓସ୍କ ଆପଟେଟରମାନେ ସାହାଯ୍ୟ କରିଛନ୍ତି ସେମାନଙ୍କୁ ହୃଦୟର ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଲାଠୋର ରାଧା କୃଷ୍ଣ ମନ୍ଦିର ପରିସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ର ମିଳିତ ଉଦ୍ୟମରେ ଦାଦନ ସମସ୍ୟା ରୋକିବାକୁ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ, ସମ୍ମାନୀତ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବଲାଙ୍ଗୀର ଲୋକସଭା ସାଂସଦଙ୍କ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଲାଠୋର ଥାନା ଅଧିକାରୀ ରାକେଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ,ସରପଞ୍ଚ ସୁଶ୍ରୀ ଜୟଶ୍ରୀ ଭଇଁସାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରବାସୀ




ଶ୍ରମିକ ପରିବାର କିଭଳି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଲାଭ ନେଇ ଭିଟାମାଟିରେ ରହିବା ସହିତ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେନେଇ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏପିଓ ପ୍ରଶାନ୍ତ କୁମାର ସାହୁ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ, ଶତାଧିକ ମହିଳା ପୁରୁଷ ଶ୍ରମିକ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ଧନ୍ୟବାଦ ଦେଇଥିଲେ ।

# ସାନଭାଇର ଠେଙ୍ଗା ମାଡରେ ବଡଭାଇ ମୃତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ପାଡୁଆ ଥାନା ଅଧୀନସ୍ଥ କସନ୍ଦି ପଂଚାୟତର ରୁଡିଚୁଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି । ସାନ ଭାଇର ଠେଙ୍ଗା ମାଡରେ ବଡ ଭାଇର ମୃତ୍ୟୁ ଘଟିଥିବା ବେଳେ ପୋଲିସ ଶବ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି । ମୃତକ ଜଣଙ୍କ ଜୟରାମ ପାଙ୍ଗି (୩୮) ଏବଂ ଅଭିଯୁକ୍ତ ଜଣକ ରାମ ପାଙ୍ଗି ବୋଲି ଥାନା ଅଧିକାରୀ ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି। ମୃତ ଜୟରାମଙ୍କ ପତ୍ନୀ ଏତଲା ଅନୁଯାୟୀ, ନିଜ ବାଡିରେ ଥିବା ସଲପ ଗଛକୁ କେନ୍ଦ୍ର କରି ଜୟରାମ ଓ ରାମଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ରାମ ଉତ୍ତ୍ୟକ୍ତ ହୋଇ ବଡ ଭାଇ ଜୟରାମଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହ ଲାତ , ବିଧା ଓ ଗୋଇଠା ମାରିଥିଲେ। ଏଥିରେ ଜୟରାମ ଗୁରୁତର ହୋଇ ନିଜ ଘରେ ଚିକିତ୍ସିତ ହେଉଥିଲା । କିନ୍ତୁ ରାମଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପତ୍ନୀ ମଣି ଓ ସାନ ଭାଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ଆଣିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ବିଶାଖାପଟଣା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । କିନ୍ତୁ ପରିବାର ଲୋକ ରାମଙ୍କୁ ଘରକୁ ନେଇ ଆସିଥିଲେ । ଏହାର କିଛି ସମୟ ପରେ ଜୟରାମଙ୍କ ମୃତ୍ୟୁ ହୋଇଥିଲା । ପରେ ଏନେଇ ମୃତ ଜୟରାମଙ୍କ ପତ୍ନୀ ମଣି ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଅଶୋକ କୁମାର ବିଶୋଇ, ନନ୍ଦପୁର ଥାନା ଅଧିକାରୀ ମମତା ପଣ୍ଡା ପ୍ରମୁଖ ରୁଡିଚୁଆ ଗାଁରେ ପହଞ୍ଚି ମୃତଦେହ ଜବତ କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏଥିସହ ଏନେଇ ପାଡୁଆ ପୋଲିସ କେସ ନଂ ୧୦୦/୨୫ ଅନୁଯାଇ ଏକ ମାମଲାର ରୁଜୁ କରି ଅଭିଯୁକ୍ତ ରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ଦୁର୍ଘଟଣାରେ ଜଣେ ମୃତ

ବାମରା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ବାମରା-ଗଡପୋଷ ରାସ୍ତା ନୂନିଆମୁଣ୍ଡା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍- ହାଇୱା ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଉଚ୍ଚକାପାଟ ପଞ୍ଚାୟତର ପ୍ରଶାନ୍ତ ବେହେରା ନିଜ ଗାଁ ଉଚ୍ଚକାପାଟ ଗାଁ କୁ ବାଇକ୍ ନମ୍ବର - ଓଡି୧୫ଏକ୍ସ ୮୮୫୮ ଯୋଗେ ବାମରା ପଟୁ ଆସୁଥିବା ବେଳେ ଅପରପଟୁ ଆସୁଥିବା ଏକ ହାଇୱା। ଗାଡ଼ି ନମ୍ବର - ଓଡି ୦୯ ଭି ୪୮୭୯ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ଟିକୁ ପ୍ରାୟ ୪୦ ଫୁଟ ଘୋଷାଡି ନେଇଥିଲା । ଖବର ପାଇ ଗୋବିନ୍ଦପୁର ଥାନା ପୋଲିସ ଓ ଗୋବିନ୍ଦପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଚାଳକ ପ୍ରଶାନ୍ତକୁ ଉଦ୍ଧାର କରି ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ତେବେ କାର୍ଯ୍ୟରତ ଡାକ୍ତର ପ୍ରଶାନ୍ତ ବେହେରାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଗୋବିନ୍ଦପୁର ଥାନା ପୋଲିସ ମୃତ ଦେହ ଓ ଗାଡ଼ି କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ହାଇୱା। ଡ୍ରାଇଭର ମୁନ୍ନା ସିଂ କୁ ଗିରଫ କରିଛି। ମୃତ ପ୍ରଶାନ୍ତର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ ।

# ୪ ବାଘଦାନ୍ତ ଜବତ, ୨ ଗିରଫ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ କଲରା ପତରିଆ ବାଘର ୪ ଗୋଟି ବାଘ ଦାନ୍ତ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ଘଟଣାରେ ଏହି ଜିଲ୍ଲାର ଗୋଛାଗୁଡା ଗ୍ରାମର ୨ ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ । ଗିରଫମାନେ ହେଲେ ଗୋଛାଗୁଡା ଗାଁର ଲୁଲୁ ମଲିକ, ସହଦେବ ମଲିକ। ସେମାନଙ୍କ ଠାରୁ ୪ ଟି ବାଘ ଦାନ୍ତ, ଗୋଟିଏ ଧନୁ ତୀର, ୪ ଟି ଫାଶ ଜବତ କରିଛି ବନ ବିଭାଗ । ଗତ କିଛି ଦିନ ତଳେ ଗଞ୍ଜାମ ଭଞ୍ଜନଗର ବନବିଭାଗ ବାଘଛାଲ ସହ ଗୋଛାଗୁଡା ଗାଁର ଚିତ୍ର ମଲିକକୁ ଗିରଫ କରିଥିଲା ଓ ଏହି ଘଟଣାର ତଦନ୍ତ କରି ଗିରଫ ହୋଇଥିବା ଚିତ୍ରଙ୍କ ସହଦେବ ଓ ତାଙ୍କ ସହଯୋଗୀ ଲୁଲୁ ସମ୍ପୃକ୍ତ ଥିବା ଯୋଗୁଁ ୨ ଜଣଙ୍କୁ ଗିରଫ କରାଯାଇଥିବା ପାରଳାଖେମୁଣ୍ଡି ଏ.ସି.ଏଫ ସାଇନି ଶ୍ରୀଦାସ ସୂଚନା ଦେଇଛନ୍ତି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଅଭିଯୁକ୍ତମାନେ ଗୋଛାଗୁଡା ଗାଁ ନିକଟରୁ କଲରା ପତରିଆ ବାଘ ଶିକାର କରି ଭଞ୍ଜନଗର ଅଞ୍ଚଳରେ ଛାଲ ଓ ଦାନ୍ତ ବିକ୍ରି କରିଥିଲେ । ଗତ କିଛି ଦିନ ତଳେ ବାଘ ଛାଲ ସହ ଗୋଛାଗୁଡା ଗାଁର ଚିତ୍ର ମଲିକକୁ ଗିରଫ କରିଥିଲା ଭଞ୍ଜନଗର ବନ ବିଭାଗ। ଏହି ବାଘ ଛାଲ ଜବତ ଘଟଣାର ତଦନ୍ତ କରୁଥିଲା ଭଞ୍ଜନଗର ବନ ବିଭାଗ। ଗିରଫ ଚିତ୍ରଙ୍କ ସୂଚନା ଆଧାରରେ ପାରଳାଖେମୁଣ୍ଡି ଏସିଏଫ ସାଇନି ଶ୍ରୀ ଦାସ, ଭଞ୍ଜନଗର ଏସିଏଫ ବିମଳ ପ୍ରଧାନଙ୍କ ନେତୃତ୍ୱରେ ଗୋଛାଗୁଡା ଗାଁରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପରେ ଚିତ୍ର ମଲିକଙ୍କ ପୁଅ ସହଦେବଙ୍କ ଘରୁ ୪ ଟି ବାଘଦାନ୍ତ, ଗୋଟିଏ ଧନୁ ତୀର ଓ ୪ଟି ଫାଶ ଜବତ କରାଯାଇ ଏହି ୨ ଜଣଙ୍କୁ ଗିରଫ କରାଯାଇଛି।

# କେନାଲ ଟନେଲ ଛାତ ଭୁଶୁଡ଼ି ଚାଷଜମିକୁ ଜଳ ଅବରୋଧ, ଚାଷୀ ହତାଶ



କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧମୁଣୀପଙ୍ଗା ପଞ୍ଚାୟତ ହାତୀମୁଣ୍ଡ ଗାଁର ପାଣି ପଞ୍ଚାୟତ-୧ ନମ୍ବର ମୁଖ୍ୟ କେନାଲ ଆରଡ଼ି-୪୩୦୦ ଅଣ୍ଡର ଟନେଲରେ ଥିବା ଛାତ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଥିବା ହେତୁ ପାଣି ଯାଉଥିବା ମୁଖ୍ୟ କେନାଲ ଚାଷ ଜମିକୁ ଜଳ ସେଚନ ହେଇ ପାରୁନାହିଁ। ଯାହାଫଳରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀମୁଣ୍ଡା ଏମଆଇରେ ତିନୋଟି ପାଣି ପଞ୍ଚାୟତ ରହିଥିବାବେଳେ ୧୬ ହେକ୍ଟର ଜମି ରହିଅଛି।ଯେଉଁଠା କି କଲ୍ୟାଣସିଂହପୁର ବ୍ଲକର ଭାତହାଣ୍ଡି କୁହାଯାଉଥିବାବେଳେ ପାଣି ପଞ୍ଚାୟତ ୧ ନମ୍ବରର ଚାଷୀମାନେ ବାରମ୍ବାର ଅଭିଯୋଗ କଲା ପରେ ବିଭାଗ ପକ୍ଷରୁ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ଅନୁଧାନ କଲା ପରେ ପାଣି ପଞ୍ଚାୟତ ତରଫରୁ ଭାଙ୍ଗି ଯାଇଥିବା କେନାଲ ହିଡ଼ରେ ବାଲିବସ୍ତା ଦେଇ ଚାଷ ଜମିକୁ ଜଳସେଚିତ କରିବା ଦେଖିବା ମିଳିଛି। ପୂର୍ବରୁ ମୁଖ୍ୟ କେନାଲ ୧୮ ଫୁଟ ଥିବା ବେଳେ ଭାଙ୍ଗି ଯିବା ହେତୁ ବର୍ତ୍ତମାନ ୫ ଫୁଟରେ ପାଣି ଯାଉଥିବା ବେଳେ କିଛି ଜମିକୁ ଜଳସେଚନ ହେଉଛି। ଆଉ କିଛି ଜମିକୁ ଜଳସେଚନ ହୋଇପାରୁନାହିଁ। ଯଦି ପ୍ରବଳ ବର୍ଷା ହୁଏ ହିଡ଼ରେ ଦେଇଥିବା ବାଲି ବସ୍ତା ଗୁଡିକ ସମ୍ପୂର୍ଣ୍ଣ ଧୋଇ ହୋଇଗଲେ ଚାଷ ହୋଇଥିବା ଧାନଜମି ଗୁଡିକ ମରୁଡି ହୋଇଯିବ ବୋଲି,ପାଣି ପଞ୍ଚାୟତ ସଭାପତି କାରଗାମ ନାରସିଙ୍ଗୁଲୁ, ସମ୍ପାଦକ ରବି ନାୟର,ବସନ୍ତ କୁନାକା, କଞ୍ଚାକା ରାଇମାଣୀ, ବଗି କୁନାକା, ଚଇତି ହିକକା, ପ୍ରସ୍କା ରାମରାଓ, ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ଭାଙ୍ଗି ଯାଇଥିବା କେନାଲ ଗୁଡିକ ନୂତନ ନିର୍ମାଣ କଲେ ଚାଷୀ ଉପକୃତ ହେବେ।

# ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କଲେ ସାଂସଦ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଲୋକସଭା ସାଂସଦ ଇଂ. ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ସ୍ୱାଗତ କରି ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ବିଷୟରେ ଉପସ୍ଥାପନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସାଂସଦ ଇଂ. ମାଝୀ ଆଗାମୀ ୨୦୨୯ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ବିଶେଷ ଭାବେ ଗରିବୀ ଦୂରୀକରଣ ଓ ଦାଦନ ଶ୍ରମିକ ସଂଖ୍ୟା ହ୍ରାସ କରିବା ଉପରେ ପ୍ରାଧାନ୍ୟତା ଦେବା ସହ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟ ଚାଷ ଉତ୍ପାଦନ କ୍ଷମତା ବୃଦ୍ଧି କରି ଏଥିରେ ଜିଲ୍ଲା ସ୍ୱାବଲମ୍ବୀ ହେବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ କିଭଳି ଅଧିକରୁ ଅଧିକ ଲୋକ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ଲିଡ୍ ବ୍ୟାଙ୍କ୍ ମ୍ୟାନେଜରଙ୍କୁ କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ବୀମାଭୁକ୍ତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଅର୍ଥନୀତି କୃଷି ଭିତ୍ତିକ ଅଟେ। ପୂର୍ବେ ସ୍ୱାଭିମାନ ଅଞ୍ଚଳରେ ଯେଉଁଠାରେ ଗଞ୍ଜେଇ ଚାଷ ହେଉଥିଲା ଉକ୍ତ ପରିତ୍ୟକ୍ତ ସ୍ଥାନ ଚାଷ ନିମନ୍ତେ ବହୁତ୍ ଉର୍ବର ଅଟେ । ଉକ୍ତ ଅଞ୍ଚଳରେ ପରିବା ଓ ଫଳ ଚାଷ ନିମନ୍ତେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟାନ କୃଷି ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମାଲକାନଗିରି ଜିଲ୍ଲା ନଦୀନାଳରେ ଭରପୁର। କିଭଳି ଆମ ଜିଲ୍ଲାର ପାଣି ଆମ ଅଞ୍ଚଳରେ ଉପଯୋଗ ହୋଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୁକୁଡ଼ା, ଛେଳି ଚାଷ ଓ ଗୋପାଳନ ମାଧ୍ୟମରେ କିଭଳି ଲୋକ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇ ପାରିବେ ସେଥି ନିମନ୍ତେ ପ୍ରାଣୀ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୃଷିଙ୍କ ସାର ସମସ୍ୟା, ଚାଷ ଜମିର ମୃତ୍ତିକା ପରୀକ୍ଷଣ ଓ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ବିଷୟରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ସାଂସଦ। ସେହିଭଳି କିଭଳି ଅଧିକରୁ ଅଧିକ ଅଗ୍ରଗତି କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଲକ୍ଷପତି ଦିଦି ହୋଇପାରିବେ ସେଥିରେ ସହଯୋଗ କରିବା ପାଇଁ ମିଶନ ଶକ୍ତି ବିଭାଗକୁ କୁହାଯାଇଥିଲା। ସେହିପରି ବୈଠକରେ ରାସ୍ତା ସେତୁ ନିର୍ମାଣ ରେଳପଥ ଜମି ଅଧିଗ୍ରହଣ କ୍ଷତିପୂରଣ ଦେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପ ଜିଲ୍ଲାପାଳ ଅଶ୍ୱିନୀ ଏଏଲ ଉପସ୍ଥିତ ଥିଲେ।

## ବିନା ଡାକ୍ତରରେ ଚାଲିଛି ମୁଣ୍ଡାପଡ଼ା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

ବୌଦ୍ଧ(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୧୯୯୩ ମସିହାରେ ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ସଦର ମହକୁମାରେ ସ୍ଥାପନ କରିଥିଲେ ମୁଣ୍ଡାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ସ୍ୱାସ୍ଥ୍ୟ କେନ୍ଦ୍ରର ନାମ ବଦଳାଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କରାଗଲା। ନାଁ ବଦଳିଲା ସିନା ଅବସ୍ଥା ବଦଳିଲା ନାହିଁ। ଯଦିଓ ସେ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିୟମିତ ନଥିଲେ ପରେ ଡାକ୍ତର ନିୟମିତ ହେବା ସହିତ, ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସ, ଏଏନ୍‌ଏମ୍ ଓ ଆଟେଣ୍ଡାଣ୍ଟ ଆଦି କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଆଗ ଅପେକ୍ଷା ବର୍ତ୍ତମାନ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ଏହି ଡାକ୍ତରଖାନା ଉପରେ ମୁଣ୍ଡାପଡ଼ା, ବ୍ରାହ୍ମଣୀପାଲି, ପଦ୍ମନପୁର ଓ ଖଜୁରୀପଡା ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ନିର୍ଭର କରୁଥିବା ବେଳେ ଦୈନିକ ଏଠାରେ ୬୦ ରୁ ୮୦ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ତେବେ ଡାକ୍ତର ନ ଥିବାରୁ ନିରାଶ ହୋଇ ସ୍ୱାସ୍ଥ୍ୟକର୍ମୀଙ୍କ ଠାରେ ଚିକିତ୍ସା ହେବାକୁ ପଡେ। ମିଳିଥିବା ସୂଚନା ଅନୁସାରେ ଏଠାରେ ନିଯୁକ୍ତ ଡ଼ ରାଜୀବ ନାଏକଙ୍କୁ ଗତ ଜାନୁଆରୀ ମାସରୁ ଡେପୁଟେସନରେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବାରୁ ଏଠାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ସପ୍ତାହକୁ ଗୋଟିଏ ଦିନ ମୁଣ୍ଡାପଡା ଡାକ୍ତର ଖାନାକୁ ଆସି ବାକି ୫ ଦିନ ବୌଦ୍ଧ ଓପିଡିରେ କାର୍ଯ୍ୟ କରନ୍ତି। ଅନ୍ୟପକ୍ଷରେ କର୍ମଚାରୀ ରହିବା ପାଇଁ କ୍ୱାର୍ଟର୍ସ ନିର୍ମାଣ ହୋଇନଥିବାରୁ ରୋଗୀ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ ଏଠାରେ ଆଟେଣ୍ଡାଣ୍ଟଙ୍କ ପାଇଁ ଏକ କ୍ୱାର୍ଟର୍ସ ନିର୍ମାଣ ହୋଇଛି ହେଲେ ସେ ଏଠାରେ ରହୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ଅନୁଦାନ ଆସିଥିଲା ହେଲେ କେଉଁ କାରଣରୁ ତାହା ଫେରିଗଲା ତାହା ସମସ୍ତଙ୍କୁ ଚକିତ କରିଛି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

ବୌଦ୍ଧ (ଭାସ୍କର ନ୍ୟୁଜ୍):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାରର ଏକ ଆଲମିରା, ବାକ୍ସ ଦୋକାନରୁ ପୁରୁଣାକଟକ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ରଞ୍ଜନ ସାଥୁଆ(୪୨)ଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଗତ ସୋମବାର ସନ୍ଧ୍ୟାରେ ବୌଦ୍ଧ ଏସ. ପି ରାହୁଲ ଗୋୟଲଙ୍କ ଉପସ୍ଥିତିରେ ଉକ୍ତ ଦୋକାନରେ ପୁରୁଣାକଟକ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ପରେ ଦୋକାନରୁ ହରଭଙ୍ଗା ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସନ୍ଦୀପ ଶୁଭଦର୍ଶନ ଧଳଙ୍କ ଉପସ୍ଥିତିରେ ୭୮କେଜି ୪ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଏ ନେଇ ପୁରୁଣାକଟକ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୁରୁଣାକଟକ ଆଇ. ଆଇ. ସି ଅରୁଣ ସିଂ ସୂଚନା ଦେଇଛନ୍ତି।



ଅଷ୍ଟରଙ୍ଗ (ଭାସ୍କର ନ୍ୟୁଜ): ସ୍ୱାଧୀନତାକୁ ଦୀର୍ଘ ୭୮ ବର୍ଷ ବିତିଲାଣି। ଅଥଚ ଗାଁ କୁ ପକ୍କା ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଫଳରେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ବର୍ଷା ହେଲେ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ଗାଡି ମୋଟର ଦୂରର କଥା, ଖାଲି ପାଦରେ ଚାଲି ଯିବା କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ ବାଡ଼ି ଅବା କାହାର ସାହାରା ନ ହେଲେ ରାସ୍ତା ସହଜରେ ଅତିକ୍ରମ କରିହେବ ନାହିଁ। ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ଅଧୀନ ମାଣ୍ଡୁଳି ଗ୍ରାମର ଦଳିତ ବର୍ଗର ବାସିନ୍ଦାଙ୍କୁ ଏ ଦୁର୍ଦ୍ଦଶା ଚିତ୍ର ଦେଖିବାକୁ ମିଳୁଛି। ଗାଁ କୁ ଏବେ ବି ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଲା ନାହିଁ। ଗ୍ରାମବାସୀ ଅଭିଯୋଗ କରି ପ୍ରକାଶ ଯେ,ଅଷ୍ଟରଙ୍ଗ ବ୍ଲକ ମାଣ୍ଡୁଳି ପଂଚାୟତ ମାଣ୍ଡୁଳି ଗ୍ରାମର ଦଳିତ ବର୍ଗର ବାସିନ୍ଦା ବସବାସ କରନ୍ତି। ଛୋଟ ରୁ ବଡ଼ ପର୍ଯ୍ୟନ୍ତ ପାଖାପାଖି ୫ଶହ ରୁ ଉର୍ଦ୍ଧ ଲୋକ ଏହି ମାଟି କାଦୁଅ ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ପଶି ଯିବା ଆସିବା କରୁଛନ୍ତି। ସ୍କୁଲ, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବଜାର, ହାଟକୁ ଯିବା ସହିତ ଗାଈ, ଛେଳି, ମେଣ୍ଢା ନେଇ ପ୍ରତିଦିନ ଲୋକେ ଯାତାୟାତ କରିଥାନ୍ତି। ଯଦି ଦିନରାତ ରାତିରେ କାହାର ଦେହପା 'ଖରାପ ହେଲା ଡାକ୍ତରଖାନା ଯିବା ଦୂରର କଥା ;ଗାଁ ବାହାରକୁ ମଧ୍ୟ ରୋଗୀ ଟିଏ ବାହାରି ପାରେ ନାହିଁ। ପ୍ରସୂତି ଅବା ଅନ୍ୟ ଗୁରୁତର ରୋଗୀ କୁ ନେବା ପାଇଁ ଆମ୍ବୁଲାନ୍ସ ଟିଏ କାଦୁଅ ରାସ୍ତା ଯୋଗୁଁ ଗାଁରେ ପହଞ୍ଚି ପାରେ ନାହିଁ। ପୁଣି ଅଗ୍ନିଶମ ଭଳି ଜରୁରୀ କାଳୀନ ସେବା ମଧ୍ୟ ପ୍ରଭାବିତ ହୋଇଛି। ଖାଲି ସେତିକି ନୁହେଁ ବିଭିନ୍ନ ମୌଳିକ ସୁବିଧାରୁ ଏହି ଲୋକ ମାନେ ବଂଚିତ। ସେପରିକି ସାଧାରଣ ଲୋକଙ୍କର ମୃତ ଗୁଞ୍ଜିବା ପାଇଁ ଶ୍ମଶାନ ଯୋଗାଯାଇ ନାହିଁ, ସ୍କୁଲ ଭାରତ ମାଧ୍ୟମରେ ଶୌଚାଳୟ ନାହିଁ, ପାନୀୟ ଜଳ ଭାବେ ଅନେକ ସମୟରେ ଲୁଣି ପାଣି ପିଇବାକୁ ବାଧ୍ୟ ହୋଇଥାନ୍ତି। ପିଇବା ପାଣି ପାଇଁ ୨କିଲୋମିଟର ରୁ ଉର୍ଦ୍ଧ ବାଟ ଅତିକ୍ରମ କରି ଯିବାକୁ ପଡିଥାଏ। ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ବହୁ ଦୂରରେ ଅବସ୍ଥିତ।

# ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର, ଗାଇଡଲାଇନର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି। ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଗାଇଡଲାଇନରେ ଜୋର ଦିଆଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ। ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା। ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଥିଲେ। ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି। ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍। ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ। ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସଂଯୋଗ କରାଯିବ। ଅସର୍ ଏବଂ ପରଖ ରିପୋର୍ଟର ସାଂଖ୍ୟିକ ତଥ୍ୟନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି। ଏହି ଅଭୂତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ। ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେଉ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଉ, ତେବେ ଯାଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ସହଯୋଗରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ପାଇଁ ଗାଇଡଲାଇନ ଜାରି କରାଯାଇଛି। ଏହି ପଦକ୍ଷେପ ବିକଶିତ ଭାରତର ମାନବ ସମ୍ବଳ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜାତୀୟ ଶିକ୍ଷା ନୀତି ଅଧୀନରେ ଏହି ଗାଇଡଲାଇନ, ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଯୋର ଦେଉଛି। ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ପଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ମଡେଲକୁ ପ୍ରାଥମିକତା ଭିତ୍ତିରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ। ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନୱାଡ଼ି କର୍ମଚାରୀମାନେ ଯୋଗଦେଇଥିଲେ।

## ସାରର କୃତିମ ଅଭାବ

କଣ୍ଟପଡ଼ା (ଭାସ୍କର ନ୍ୟୁଜ): ସାରର କୃତିମ ଅଭାବ ଦେଖିବାକୁ ମିଳୁଛି ଗୋବିନ୍ଦପୁର, ନୂଆଗାଁ ଓ ନାହାକପୁର ପଂଚାୟତ ରେ। ସାରା ଓଡିଶା ରେ ଏଭଳି ସମସ୍ୟା ଥିଲେ ସୁଦ୍ଧା ଏହି ଅଞ୍ଚଳରେ ଏହା ମାତ୍ରାଧିକ। ଏହି ପଂଚାୟତ ମାନଙ୍କରେ ଗୋବିନ୍ଦପୁର ଓ ନାହାକ ପୁର ଭଳି ଦୁଇଟି ସେବା ସମବାୟ ସମିତି ଥିଲେ ସୁଦ୍ଧା ଏହା ଚାଷୀଙ୍କ ହିତ ରେ ନ ଲାଗି ଅହିତ ରେ କାର୍ଯ୍ୟ କରୁଛନ୍ତି। କାହିଁକି ନା ଏହି ସମିତି ମାନେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବସ୍ତା କୌଣସି ସାର ପର୍ଯ୍ୟାପ୍ତ ମାତ୍ରାରେ ଚାଷୀଙ୍କୁ ଯୋଗାଇ ଦେଇ ପାରିନି। ଯାହା ଫଳରେ କୃତିମ ଅଭାବ ଦେଖା ଦେଇଛି। ସରକାର ମଣ୍ଡି ରେ ଧାନ କିଣିବା ପାଇଁ ଚାଷୀ ପଞ୍ଜିକରଣ ସମବାୟ ସମିତି ଦ୍ୱାରା କରୁଥିବା ବେଳେ କିଭଳି ଚାଷ ର ଉନ୍ନତି ପାଇଁ ସାର ଯୋଗାଇଲେ ନାହିଁ। ଚାଷ ପାଇଁ ଏଠାରେ ବିହନ ବିକ୍ରି କରାହେଲା ରିହାତି ମୂଲ୍ୟରେ କେବେ ରିହାତି ମୂଲ୍ୟରେ ସାର କାହିଁକି ଆସିନି ସମିତି କୁ। ଏହା ନିଶ୍ଚିତ ସମିତି କର୍ମଚାରୀ ଓ ଅସାଧୁ ସାର କଳା ବେପାରୀ ଙ୍କ ମଧ୍ୟ ଚକ୍ରିକା ରହିଥିବା ଅନୁମେୟ। ଏହିଭଳି ଭାବେ ସରକାରଙ୍କୁ ଏହି ଅଞ୍ଚଳରେ ବଦନାମ କରାଯାଉଛି। ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବ୍ଲକ କୃଷି ବିଭାଗ, ସମବାୟ ବିଭାଗ ଓ ବ୍ଲକ ପ୍ରଶାସନ ନିକଟରେ ଦାବି ହେଉଛି।

**AFFIDAVIT**

By virtue of an affidavit sworn before the Executive Magistrate, Berhampur (Ganjam), dated:01.09.2025, I Tanuja Kumari Sahu, Address: At- Nigam Nagar 7th Lane, Ankuli, Po- Ankuli, Ps- B.N. Pur, Berhampur, Dist- Ganjam, Odisha, PIN-760010, declare that I have changed my name from Tanuja Kurmari Sahu to Tanuja Kumari Sahu. Henceforth, I shall be known as Tanuja Kumari Sahu for all purposes.

**Sd/- Tanuja Kumar Sahu**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.08.2025, I Bhima Pujari, S/o- Balabhadra Pujari, Vill- Kosagumuda, Po- Kosagumuda, Ps- Kosagumuda, Dist- Nabarangpur, Odisha, declare that. I have changed my minor Daughter's name from URMILA PUJARI to PRAMILA PUJARI. Henceforth she shall be known as PRAMILA PUJARI for all purposes.

**Sd/- Bhima Pujari**

**NOTICE**

By virtue of an affidavit No.10, sworn before Executive Magistrate, Nimapara, Dated 22.08.2025, I, Bijaya Kumar Das, S/o-Gobardhan Das permanent resident of Vill-Hansapada (Talapatak), Po-Chanarpada, Ps-Nimapara, Dist-Puri, Odisha, Pin-752106, declare that I have change my name from Bijay Kumar Das to Bijaya Kumar Das. Henceforth I shall be known as Bijaya Kumar Das for all purpose.

**Sd/- Bijaya Kumar Das**

ଓଡ଼ିଶା ସରକାର
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
RR-12

ବିଜ୍ଞାପନ

୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ସ୍ୱା/-ନିର୍ଦ୍ଦେଶକ,
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR 03029/11/0068/2526

## ବଜ୍ରପାତରେ ଯୁବକ ମୃତ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳୁ ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ନବୀନାବାଗ ଅଞ୍ଚଳର ଲେନିନ ପାଇକରାୟ (୨୭)। ସୂଚନା ଅନୁସାରେ, ଆଜି ସକାଳୁ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଲେନିନ୍ ଘର ଦୁଆରମୁହଁରେ ସକାଳୁ ବସିଥିବାବେଳେ ବଜ୍ରପାତ ରେ ହଠାତ ଆହତ ହୋଇଥିଲେ। ସଂଗେ ସଂଗେ ତାଙ୍କ ମୁହଁରୁ ରକ୍ତବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଲେନିନ୍ ଜଣେ ପରୋପକାରୀ, ଉଦୀୟମାନ ଯୁବକଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକ ର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ଲେନିନ ବାପା ମାଆଙ୍କ ର ଏକମାତ୍ର ପୁଅ ହୋଇଥିବାବେଳେ ଗତ ୪ମାସ ତଳେ ବାପା ଲକ୍ଷ୍ମୀନାରାୟଣ ପାଇକରାୟଙ୍କର ମୃତ୍ୟୁ ହୋଇଥିଲା।

# ନୂଆସାହିରେ ସମ୍ବର୍ଦ୍ଧିତ ହେଲେ ଗଣପତି ବାବା ସ୍ୱାଗତମ୍ ଟିମ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ନୟାପଲ୍ଲୀ ସ୍ଥିତ ନୂଆସାହି ର ଗଣେଶ ପୂଜା ମଞ୍ଚ ରେ ସମ୍ବର୍ଦ୍ଧିତ ହୋଇଛନ୍ତି ଝଉରଠ ଚଜଙଉଟଡ଼- ଛଓଙଘଞ ଶକ୍ସଙ୍କଞଙ୍କଭର ଉଷବଭଭରକ୍ଷ ଦ୍ୱାରା ପ୍ରସ୍ତୁତ ହୋଇଥିବା ମ୍ୟୁଜିକ୍ ଭିଡ଼ିଓ ଗଣପତି ବାବା ସ୍ୱାଗତମ୍ ର ଟିମ୍। ନୟାପଲ୍ଲୀ ନୂଆସାହି ରେ ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ପରିଷଦ ତରଫରୁ ପୂଜା ପାଉଛନ୍ତି ୬୩ ଫୁଟ୍ ର ଗଜାନନ ଙ୍କ ସୁଉଚ୍ଚ ମୂର୍ତ୍ତି। ୨୭ ତାରିଖ ରୁ ପୂଜା ଆରମ୍ଭ ହେବା ସହ ପ୍ରତ୍ୟକ ସନ୍ଧ୍ୟାରେ ଅୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ କିଣୁଛି। ଓଲିଉଡ୍ ଅଭିନେତା ଓ ଅଭିନେତ୍ରୀ ମାନଙ୍କର ଝଲକ ଦେଖିବାକୁ ମଞ୍ଚ ସମ୍ମୁଖ ରେ ଅସମ୍ଭାଳ ଭିଡ଼ ହେଉଛି। ଗତକାଲି ସନ୍ଧ୍ୟାରେ ନିମନ୍ତ୍ରିତ ହୋଇଥିଲେ ଓଡ଼ିଶା ରେ ଚହଳ ପକାଇଥିବା ନୂଆ ମ୍ୟୁଜିକ୍ ଭିଡ଼ିଓ ଗଣପତି ବାବା ସ୍ୱାଗତମ୍ ର ପୁରା ଟିମ୍। ପ୍ରଯୋଜକ ତଥା ଅଭିନେତା ଦେବାଶିଷ ମହାରଣା ଙ୍କ ସହ ଲୋକପ୍ରିୟ ବ୍ଲଗର୍ ହରପ୍ରିୟା ମହାନ୍ତି ଓ ସୂରଜ ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ପରିଷଦ ର ସମ୍ପାଦକ ସାଗର ବଳବନ୍ତରାୟ। ବର୍ତ୍ତମାନ ଗଣପତି ବାବା ସ୍ୱାଗତମ୍ ଗୀତ ଟି ସୋସିଆଲ୍ ମିଡ଼ିଆ ରେ ଚହଳ ପକାଇଛି। ଗୀତଟିକୁ ପୁଷ୍ପକ ପରିଡ଼ା ଲେଖିଥିବା ବେଳେ କଣ୍ଠଦାନ କରିଛନ୍ତି ଓଡ଼ିଶା ର ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ। ସୁଦୀପ୍ତ ସୁନ୍ଦର ଙ୍କ ନିର୍ଦ୍ଦେଶନା ରେ ଗୀତଟିର ଭିଡ଼ିଓଗ୍ରାଫି ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି।



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-17, ତା.26.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର OFC ପୃଷ୍ଠଭୂମିରେ ଷ୍ଟେସନ ଗୁମ୍ଟିରେ RTU ବ୍ୟବସ୍ଥା। (2) ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା। (3) ସମ୍ବଲପୁର ମଣ୍ଡଳର ଭବାନୀପାଟଣା ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (₹):** 7,15,24,335.78, EMD (₹) : 5,07,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.09.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-547/Q/25-26

Government of Odisha
Health & F.W. Department
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MAYURBHANJ
E-361

**Tender Call Notice**

Advt. No. 7536 / Dt.03.09.2025

Sealed tenders are invited from interested reputed Travel Agencies/ Tour Operators/ Individuals for providing 05 Nos of AC Petrol/ Disel driven vehicles having sitting capacity not more than **05** including driver, which shall conform to the terms and conditions (Annexure-A) for official use in Health & FW Department of Mayurbhanj District on monthly basis. The terms & conditions (Annexure-A) and Format for General Information (Annexure-B) can be downloaded from the website **http://mayurbhanj.odisha.gov.in/** Interested bidders fulfilling the eligibility criteria may submit their tender separately (with EMD & document as per Term & Condition). The envelop carrying the Tender completed in all respect must be superscribed in capital letter **"TENDER FOR HIRING OF VEHICLE FOR O/O CDM & PHO, MAYURBHANJ, BARIPADA"** should reach the undersigned on or before **24th September /2025 by 01.00 PM** through Regd/Speed post and shall be opened on the same day at **04.00 PM** in the office chamber of the undersigned in presence of bidders or their authorized representatives. The undersigned reserves the right to reject any or all the tender(s) without assigning any reason thereof. **No tender paper shall be accepted by hand.**

Sd/-
CDM&PHO, Mayurbhanj

OIPR 10020/11/0043/2526

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଲାଗୁ ହେବ...

ଦୁଇଟି ସ୍ଲାବ ପ୍ରଚଳନ କରାଯିବ। ବୈଠକ ପୂର୍ବରୁ ଆଶା କରାଯାଉଥିଲା ଯେ ୨୮ ପ୍ରତିଶତ ଉଚ୍ଚ ଟିକସ ସ୍ଲାବରେ ଥିବା ସମସ୍ତ ସାମଗ୍ରୀକୁ ୧୮ ପ୍ରତିଶତକୁ ଆଣିବା ପାଇଁ ସମ୍ଭାବନା ରହିଥିଲା। ଯାହାକି ବୈଠକରେ ଅନୁମୋଦିତ ହୋଇଛି। ସେହିପରି ପୂର୍ବରୁ ପ୍ରଚଳିତ ଥିବା ୧୨ ପ୍ରତିଶତ ଟିକସକୁ ୫ ପ୍ରତିଶତକୁ ଅଣାଯାଇଛି। ତେବେ ତମାଖୁ ଭଳି ସାମଗ୍ରୀ ଉପରେ ଉଚ୍ଚ ଟିକସ ଅର୍ଥାତ ୪୦ ପ୍ରତିଶତ ଜିଏସ୍‌ଟି ଆଦାୟର ପ୍ରସ୍ତାବ ରହିଛି। ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ହାରକୁ ବ୍ୟାପକ ଭାବେ ହ୍ରାସ କରାଯାଇଛି। ଏଥିରେ ଚାଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟକ୍ଷେତ୍ର ମଧ୍ୟ ଉପକୃତ ହେବ। ବିଶେଷକରି ରୁଟି, ପରଟା, ଛେନା ଓ ପନିର ଉପରେ କୌଣସି ଟିକସ ରହିବ ନାହିଁ। ସେହିପରି ପାସ୍ତା, ଚକୋଲେଟ୍, କଫି ଉପରେ ୧୮ ପ୍ରତିଶତ ବଦଳରେ ୫ ପ୍ରତିଶତ ଲାଗୁ ହେବ। ଏସି,ଟିଭି, ଛୋଟ କାର୍ ଓ ବାଇକ୍ ଉପରେ ୧୮ ପ୍ରତିଶତ ଟିକସ ଲାଗିବ। ସେହିପରି ଯେଉଁ ସାମଗ୍ରୀ ଉପରେ ଜିଏସ୍‌ଟି ୫ ପ୍ରତିଶତକୁ ହ୍ରାସ କରାଯାଇଛି, ସେଗୁଡ଼ିକ ମଧ୍ୟରେ କେଶ ତେଲ, ଟଏଲେଟ୍ ସାବୁନ, ସାମ୍ପୁ, ଟୁଥ୍‌ବ୍ରଶ, ଟୁଥପେଷ୍ଟ, ସାଇକେଲ, ରୋଷେଇ ଘରର ସାମଗ୍ରୀ, ନମକିନ, ଭୁଜିଆ, ସସ୍, ପାସ୍ତା, ଚକୋଲେଟ୍, କଫି ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଅନ୍ତର୍ଭୁକ୍ତ। ଶ୍ରୀମତୀ ସୀତାରମଣ ଆହୁରି କହିଛନ୍ତି ଯେ ମଧ୍ୟମ ଆକାରର ଏବଂ ବଡ଼ କାର୍ ୩୫୦ ସିସିରୁ ଅଧିକ ଇଞ୍ଜିନ କ୍ଷମତାର ବାଇକ ପାଇଁ ୪୦ ପ୍ରତିଶତ ଟିକସ ଲାଗିବ। ସେହିପରି ପାନମସଲା, ସିଗାରେଟ୍, ଗୁଟ୍‌ଖା ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ୪୦ ପ୍ରତିଶତ ଟିକସ ଲାଗୁ ହେବ। ସୂଚନାଯୋଗ୍ୟ ଯେ ଜିଏସ୍‌ଟି ହ୍ରାସ ହେଲେ ମଧ୍ୟବିତ୍ତଙ୍କ କ୍ରୟ କ୍ଷମତା ବୃଦ୍ଧି ପାଇବ। ଯାହାଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ହ୍ରାସ ପାଇବ। ଏଥିସହ ପନିର ଓ ଛେନା ଉପରେ ମଧ୍ୟ କୌଣସି ଟିକସ ଲାଗୁ ହେବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଟିକସ ହ୍ରାସ ଫଳରେ କେନ୍ଦ୍ର ସରକାରଙ୍କ ୫୦ହଜାର କୋଟିର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ୫ ଓ ୧୮ ପ୍ରତିଶତ ଟିକସ ସ୍ଲାବରେ ରହୁଥିବା ସାମଗ୍ରୀଗୁଡ଼ିକୁ ମେରିଟ ଓ ଷ୍ଟାଣ୍ଡାର୍ଡ ନାମରେ ବର୍ଗୀକରଣ କରାଯିବ। ସେହିପରି ମହଙ୍ଗା ସାମଗ୍ରୀଗୁଡ଼ିକୁ ସିନଟ୍ୟାକ୍ସ ନାଁରେ ୪୦ ପ୍ରତିଶତ ସ୍ଲାବରେ ରଖାଯିବ। ବର୍ତ୍ତମାନ ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତର ଜିଏସ୍‌ଟି ଲାଗୁଥିବାବେଳେ ଏହାକୁ ସଂପୂର୍ଣ୍ଣ ଛାଡ଼ କରାଯାଇଛି। ଜିଏସ୍‌ଟି ହ୍ରାସ ଫଳରେ ଜରୁରି ମେଡିସିନ କ୍ରୟ ସୁବିଧାଜନକ ହେବ। ସେହିପରି ଏମଏସଏମଇ ସେକ୍ଟରକୁ ମଧ୍ୟ ଯଥେଷ୍ଟ ରିହାତି ଦିଆଯାଇଛି। ଏହି ବୈଠକ ଉପରେ ସାରା ଦେଶର ମଧ୍ୟ ନଜର ରହିଥିଲା।

## ପୁଣି ବନ୍ୟା...

ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଛି। ଚିଡିଆପୋଲ, ନୂଆସାହି, ତେଲେଙ୍ଗାସାହି ଛକ ଆଦିରେ ବର୍ଷାଜଳ ଜମି ରହିବାରୁ ଯାତାୟତ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ଥିବା ଡାକଘରେ ବର୍ଷାଜଳ ପ୍ରବେଶ କରିବାରୁ ସେଠାରେ ରଖା ଯାଇଥିବା ଟଙ୍କା ପାଣିରେ ଭିଜିଯାଇଛି। ଏପରିକି ଅଫିସ ଭିତରେ ମାଛ ଦେଖିବାକୁ ମିଳିଛି। ତେଣୁ ସୁବର୍ଣ୍ଣରେଖାରେ ସପ୍ତମ ଥର ପାଇଁ ବନ୍ୟା ଆସିବା ଆଶଙ୍କା ଦେଖାଦେଇଛି। ଗତ ୩ ମାସ ମଧ୍ୟରେ ସୁବର୍ଣ୍ଣରେଖାରେ ସପ୍ତମ ଥର ବନ୍ୟା ଆସିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି। ବାରମ୍ବାର ବନ୍ୟା ଆସୁଥିବାରୁ ଲୋକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ୩ ମାସରେ ପୂର୍ବରୁ ୬ଥର ବନ୍ୟା ହେବା ସହିତ ୨୦୨୫ ମସିହା ଉତ୍ତର ବାଲେଶ୍ୱରବାସୀଙ୍କ ପାଇଁ ଅଭିଶପ୍ତ ବର୍ଷ ପାଲଟିଛି ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ହେଉଥିବାରୁ ଏଥିସହ ଲାଗି ରହିଥିବା ଅଞ୍ଚଳଗୁଡ଼ିକ ସୁବର୍ଣ୍ଣରେଖା ଅବବାହିକାରେ ଆସୁଥିବାରୁ ନଦୀର ଜଳପତ୍ତନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସୁବର୍ଣ୍ଣରେଖା ଅବବାହିକାରେ ବର୍ଷାଯୋଗୁ ବନ୍ୟା ଆଶଙ୍କା ଥିବା ଭାରତୀୟ ପାଣିପାଗ ବିଭାଗ ଓ କେନ୍ଦ୍ର ଜଳଆୟୋଗ କହିବା ସହ ସତର୍କ ସୂଚନା ଜାରି କରିଛନ୍ତି। ଫଳରେ ଜଳେଶ୍ୱ, ଭୋଗରାଇ, ବସ୍ତା ଓ ବାଲିଆପାଳ ଆଦି ବ୍ଲକର ନଦୀକୂଳିଆ ଅଞ୍ଚଳରେ ଥିବା ୪୩ଟି ପଞ୍ଚାୟତର ୧୫୪ଟି ଗ୍ରାମର ଲୋକଙ୍କ ମନରେ ଛନକା ପଶିଯାଇଛି। ଗତ ୬ଥର ବନ୍ୟାରେ ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟରେ ଅଢେଇମାସ ଧରି ବନ୍ୟାପାଣି ଶୁଖିବାର ନାଁ ନେଉନାହିଁ। ସେହିପରି ଏହିସବୁ ପଞ୍ଚାୟତର ୬୩ଟି ଗାଁରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ଯାଇଛି। ୩୭୦୦ ହେକ୍ଟର ଜମିରେ ଫସଲ ଉଜୁଡ଼ି ଯାଇଛି ଓ ବହୁଲୋକ ବାସହରା ହୋଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଜଳସମ୍ପଦବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବର୍ଷା ହେଲେ ବି ବିଭିନ୍ନ ନଦୀର ବନ୍ୟାଜଳ ବିପଦସଂକେତ ଟପିବ ନାହିଁ। ତେଣୁ ଲୋକମାନେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ୪ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହାଫଳରେ ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷାର ସମ୍ଭାବନା ରହିଛି।

## ଧାଡ଼ି ଦର୍ଶନ...

ନିଯୋଗ ସହିତ ଆଲୋଚନା କରି ମତାମତ ଗ୍ରହଣ କରିବ କମିଟି। ଏହାପରେ ପରୀକ୍ଷା ମୂଳକ ଭାବେ ନାଟମଣ୍ଡପ ଭିତରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। କେଉଁ ବ୍ୟାରିକେଡ଼ ଦେଇ ମହିଳା, ଶିଶୁ, ବୟସ୍କ ବ୍ୟକ୍ତି ପ୍ରବେଶ କରିବେ ଏବଂ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ ସେନେଇ ତଥ୍ୟ ପୁରୀ ଏସପି ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ମଧ୍ୟ ଅଣାଯିବ? । ଏହି ମାର୍ଗଦର୍ଶିକା ଆସିବା ପରେ ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ତେବେ କେବେ ଠାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ତାହା ଏବେ କହିବା ସମ୍ଭବପର ନୁହେଁ। ଏନେଇ ଗଠନ ହୋଇଥିବା ସ୍ୱତନ୍ତ୍ର କମିଟର ରିପୋର୍ଟ ଆସିବା ପରେ କେବେ ଠାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ହେବ ତାହା କହିବା ସମ୍ଭବ ହେବ। ସେହିପରି ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବାକୁ ଏଏସଆଇର ଅନୁମତି ମିଳିସାରିଥିବା ବେଳେ ଏହାକୁ ମଧ କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ଶ୍ରୀମନ୍ଦିର ଉତ୍ତର ଦ୍ୱାର ପଟେ ରାମ୍ପ ଦେଇ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତି ମାନେ ପ୍ରବେଶ କରିବେ। ତେବେ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତି ମାନେ କିଭଳି ଶ୍ରୀମନ୍ଦିର ଭିତରେ ଶୃଙ୍ଖଳିତ ଦର୍ଶନ କରିପାରିବେ ସେନେଇ ଏକ ମାର୍ଗଦର୍ଶିକା ମଧ୍ୟ ଜାରି କରାଯିବ। ସେହିପରି ଇସ୍କନର ଅଦିନିଆ ରଥଯାତ୍ରାକୁ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଛି। ଖୁବଶୀଘ୍ର ଇସ୍କନ୍ ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଚିଠି ଇସ୍କନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ମହାପ୍ରଭୁଙ୍କ ପର୍ବପର୍ବାଣୀକୁ ଅଦିନିଆ ପାଳନ ଯେଭଳି ନହେବ ସେନେଇ ମଧ ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ସେହିପରି ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ ପ୍ରସଙ୍ଗକୁ ପରିଚାଳନା କମିଟି ମଧ ବିରୋଧ କରିଛି। ଏହି ନାମକରଣ କିଭଳି ପ୍ରତ୍ୟାହାର ହେବ ସେନେଇ ସରକାରୀ ସ୍ତରରେ ପଦକ୍ଷେପ ନେବାପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ସରକାରଙ୍କୁ ଅବଗତ କରାଇବ। ଏଭଳିକି ଆଇନଗତ ଦିଗକୁ ନେଇ ମଧ ପଦକ୍ଷେପ ନିଆଯିବ। ସଂସଦ ଭବନ ପରିସରରେ ମହାପ୍ରଭୁଙ୍କ ତିନି ରଥର ଚକ ସ୍ଥାନିତ କରାଯିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ମଧ ଅନୁମୋଦନ କରିଛି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ୧୪ଟି ନୂତନ ସବ କମିଟି ଗଠନ କରାଯାଇଛି। ପ୍ରଥମଥର ପାଇଁ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସବ କମିଟି, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା ଓ ପ୍ରକାଶନ ପ୍ରଚାର ପ୍ରସାର କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ କହିଛନ୍ତି, 'ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସେବାୟତଙ୍କ କଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପ ସହ ଗୁରୁକୁଳ ନିର୍ମାଣ, ବଡ଼ଦାଣ୍ଡର ସ୍ୱଚ୍ଛତା ଏବଂ ସୌନ୍ଦର୍ଯ୍ୟ, ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତି କାନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ପୁରୀ ବାସିନ୍ଦା ଏବଂ ସାଧୁସନ୍ଥଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କିଭଳି କରାଯାଇପାରିବ ସେନେଇ ମଧ ଶ୍ରୀମନ୍ଦିର ପରିଚାଳନା କମିଟିରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏହାକୁ କିଭଳି କାର୍ଯ୍ୟକାରୀ କରାଯାଇ ପାରିବ ସେନେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧକ୍ଷତା କରିଥିବା ବେଳେ ନୂତନ ମନୋନୀତ ସଦସ୍ୟ ମାନଙ୍କୁ ଗଜପତି ମହାରାଜା ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି, ଏଏସଆଇ ଅଧିକ୍ଷକ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ନକ୍ସଲ ନିପାତ...

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ। ବିଶେଷକରି ଛତିଶଗଡ଼ରେ ମାଓବାଦୀଙ୍କ ଆତଙ୍କ ବୃଦ୍ଧି ପାଇଥିବାବେଳେ ଏହାକୁ ରୋକିବା ପାଇଁ ଘନଘଡ଼ ସର୍ଚ୍ଚ ଅପରେସନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

## ଆରମ୍ଭ ହେବ...

ଅପ୍ରୀତିକର ଘଟଣା ଉପରେ ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଏ ନେଇ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଣଛାତ୍ର ହୁଅନ୍ତୁ କିମ୍ବା ଶୈକ୍ଷିକ ବାତାବରଣ ରଖୁନଥିବା ଯେକୌଣସି ବ୍ୟକ୍ତିବିଶେଷ ହୁଅନ୍ତୁ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କଲେଜ ଛାତ୍ରସଂସଦ ନିର୍ବାଚନକୁ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ ଯେ ସରକାର ପୂର୍ବରୁ କହିସାରିଛନ୍ତି ଯେ ଆମେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବୁ।

**NOTICE**

By virtue of an affidavit sworn before the Executive Magistrate, Jagatsinghpur, Dt 01.09.2025, I Suchitra Kandi, W/o:- Bikram Kandi Permanent Resident At-Arakhakuda, Po-Debidol, Ps- Naugaon, Dist-Jagatsinghpur-754109, Currently living at as above, do here by solemnly affirm and state as follows. I declare that my actual name is Suchitra Swain but in my Aadhar Card No 8649 4533 9026 it has been wrongly mentioned as Suchitra Kandi. Hence, this Notice is to be produced before the concerned Aadhar authority for necessary correction of my name as Suchitra Swain instead of Suchitra Kandi.

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ୍ ରେଳପଥ ମ୍ୟାନେଜର/ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ କାର୍ଯ୍ୟ କରୁଛନ୍ତି। ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। ଟେଣ୍ଡର ନୋଟିସ୍ ନମ୍ବର: ସିକେପି-ଦକ୍ଷିଣ-୨୫-୨୬-୧୦, ତାରିଖ: ୦୩.୦୯.୨୦୨୫। କାର୍ଯ୍ୟର ନାମ: ସିନିୟର ଡେନ୍ (ଦକ୍ଷିଣ) / ଚକ୍ରଧରପୁରର କ୍ଷେତ୍ରାଧିକାରଙ୍କ ଅଧୀନରେ ରାଜଖରସାୱାନ-ପଦାପାହାର, ପଦାପାହାର-ଜାରୋଲି, ପଦାପାହାର-ବୋଲାନିଖାଦନ, ଜିଏକ୍ସ ପ୍ରମୁଖ ସେକ୍ସନରେ ବିଭିନ୍ନ ୟାର୍ଡର ବିଭିନ୍ନ ଲୁପ୍ ଲାଇନରେ ୧୫.୧୭୬ ଟଙ୍କିଆ କିଲୋମିଟର ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ {ସିଟିଆର(ଏସ୍)}। ଟେଣ୍ଡର ମୂଲ୍ୟ: ଟ.୩,୩୬,୭୯,୧୭୮.୫୬। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୩,୧୮,୪୦୦। ଟେଣ୍ଡର ଫର୍ମର ମୂଲ୍ୟ: ଟ.୦। ଖୋଲିବା ତାରିଖ: ୨୫.୦୯.୨୦୨୫। ଟେଣ୍ଡରଟି ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପଲୋଡ୍ କରିବାକୁ ପଡିବ। ଟିପ୍ପଣୀ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃତ୍ୱ- ରେଳବାଇ ବୋର୍ଡର ଚିଠି ସଂଖ୍ୟା ୨୦୨୦/ସିଇ-I/ସିଟି/୩ଇ/ଜିସିସି/ ପଲିସି ତାରିଖ ୧୬.୦୭.୨୦୨୦)।

(PR-593)

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
A-570

Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDL-05/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDL- 05/2025-26
5. Tender Value : Rs. 69,02,275.00
6. Period of Completion : 03(Three) calendar months.
7. Date & time of availability of bid documents in the Portal : From dt.06.09.2025 (10.00 AM) to dt.18.09.2025(5.30 PM)
8. Last date/ time for receipt of bid In the Portal : dt.18.09.2025 (up to 5.30 PM)
9. Date and Place of opening of Technical Bid : dt.19.09.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR 32520/11/0071/2526

CAPITAL REGION URBAN TRANSPORT
Govt of Odisha
Plot No 548/1452, Kalarahanga,
Patia, Bhubaneswar-751031, Odisha
Phone No. 0674-3501580,
E-Mail Id:-crutbbsr@gmail.com
C-998

No.2012 Date03.09.2025

NOTICE INVITING TENDER (NIT)
BID IDENTIFICATION No2012/G.M (Engg.)/CRUT/2025-26

**General Manager (Engg.), CRUT, Bhubaneswar** on behalf of Managing Director, CRUT invites **Percentage Rate** bids in **SINGLE COVER SYSTEM** for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways for execution of Civil Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the State Government of Odisha in appropriate class of eligibility before signing of the agreement.

The bidders may submit bids for the following work through 'e'-Tendering only.

| Sl. No. | Name of work | Approximate value of work (₹ in Amount) Excluding GST | Time of Completion | Class of Contract | Bid Security | Cost of document (In ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Addition and Alteration to Proposed Officer's Room of CRUT at Patia, Bhubaneswar, Odisha. (Civil, PH and Electrical Works) | ₹12,93,611.00 | 01 (One) Calendar Month. | 'D' & 'C' Class | 1% of value of work. | ₹7,080/- (incl. GST) | 18/09/2025 up to 5.30 P.M. |

1. The Bid documents will be available in the website http://tendersodisha.gov.in from **08/09/2025 to 5.30 P.M. of 18/09/2025**.
2. All Corrigendum and Addendum will be published in the Website only.
3. Other details can be seen in the bidding documents.

GM, Engineering on behalf of Managing Director,
Capital Region Urban Transport (CRUT)

OIPR 13183/11/0051/2526

# ଜାତୀୟ ଓ ଅନ୍ତର୍ଜାତୀୟ



ଲକ୍ଷ୍ନୌ:ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ଆଉଟସୋର୍ସ କର୍ମଚାରୀଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ଆଉଟସୋର୍ସ କର୍ମଚାରୀଙ୍କ ପିଏଫ୍ ଏବଂ ଦରମା ସହିତ ଅନ୍ୟାନ୍ୟ ଅନେକ ଜିନିଷରେ ପରିବର୍ତ୍ତନ କରାଯିବ । ଏହି ପଦକ୍ଷେପ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ଉଦ୍ଦିଷ୍ଟ। ଆଉଟସୋର୍ସ କର୍ମଚାରୀଙ୍କ ପାଇଁ ୟୁପି ଆଉଟସୋର୍ସ ସର୍ଭିସ୍ କର୍ପୋରେସନ ଲିମିଟେଡ୍ ଗଠନ କରାଯିବ। ଏହି ପବ୍ଲିକ୍ ଲିମିଟେଡ୍ କମ୍ପାନି ଆଇନ-୨୦୧୩ର ଧାରା ୮ ଅନୁଯାୟୀ ଏକ ଅଣ-ଲାଭକାରୀ ଭିତ୍ତିରେ ପରିଚାଳିତ ହେବ। ଏହି ନିଷ୍ପତ୍ତି କେବଳ ରାଜ୍ୟରେ କାମ କରୁଥିବା ଲକ୍ଷ ଲକ୍ଷ ଆଉଟସୋର୍ସିଂ କର୍ମଚାରୀଙ୍କୁ ସିଧାସଳଖ ଲାଭ ଦେବ ନାହିଁ ବରଂ ଦୀର୍ଘ ସମୟ ଧରି ବିଭାଗଗୁଡ଼ିକରେ ଚାଲିଥିବା ଅନିୟମିତତା ଏବଂ ମଧ୍ୟସ୍ଥି ସଂସ୍କୃତିକୁ ମଧ୍ୟ ରୋକିବାରେ ସାହାଯ୍ୟ କରିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ବିବୃତି ଅନୁଯାୟୀ, ସରକାରୀ ବିଭାଗ, ନିଗମ ଏବଂ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ଆଉଟସୋର୍ସ କର୍ମଚାରୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।



**ରାଜ୍ୟ ସରକାରଙ୍କ ଘୋଷଣା**

## ୭ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ଚଣ୍ଡିଗଡ : ପଞ୍ଜାବରେ ଗତ କିଛି ଦିନ ହେବ ବର୍ଷାର ବିପ୍ଳାତ ଜାରି ରହିଛି । ପ୍ରବଳରୁ ଅତି ପ୍ରବଳ ବର୍ଷାରେ ସ୍ଥିତି ବେହାଲ୍ ହୋଇପଡିଛି। ସାରା ରାଜ୍ୟରେ ଜଳବନ୍ଦୀ ସ୍ଥିତି ସହ ପରିସ୍ଥିତି ଅତ୍ୟନ୍ତ ଖରାପ ରହିଛି। ସେହିପରି ରାଜ୍ୟ ସରକାର ୨୩ ଜିଲାକୁ ବନ୍ୟା ପ୍ରଭାବିତ ଜିଲା ଭାବେ ଘୋଷଣା କରିଛି । ବନ୍ୟା କାରଣରୁ ଏଯାଏଁ ପ୍ରାୟ ୩୭ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି । ଅନେକ ନଦୀ ସତର୍କ ସୂଚନା ପାର କରି ସାରିଛି । ଏହାକୁ ଦୃଷ୍ଟିରେ ରଖି ଅନେକ ଜିଲାକୁ ସତର୍କ ସୂଚନା ଜାରି ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପଞ୍ଜାବରେ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ଆଦିକୁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ପଞ୍ଜାବରୁ ବନ୍ୟା ସହ ଜଡିତ ଅନେକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ପ୍ରବଳ ବର୍ଷା ରାଜ୍ୟର ଅନେକ ଜିଲ୍ଲାର ଅବସ୍ଥାକୁ ଆହୁରି ଖରାପ କରିଦେଇଛି। ପଞ୍ଜାବର ଫିରୋଜପୁରରେ, ଭାରତୀୟ ସେନା ଏବଂ ସ୍ଥାନୀୟ ଲୋକମାନେ ହବିବ୍ ଡ୍ୟାମ୍ ବନ୍ଧ ତଟ ଅଞ୍ଚଳରେ ମରାମତି ପାଇଁ ଏକାଠି କାମ କରୁଛନ୍ତି। ରାଜ୍ୟରେ ପ୍ରବଳ ବର୍ଷା ପରେ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଇଛି। ଅମୃତସରର ଅଜନଲାର ଗଗ୍ଗୁ ମହଲ ଗାଁରେ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକମାନେ ଯାତାୟତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଞ୍ଜାବରେ ବନ୍ୟା ପରିସ୍ଥିତି ଗୁରୁଦାସପୁର, ପଠାନକୋଟ, ଫାଜିଲ୍କା, କାପୁରଥାଲା, ତାରନ ତରନ, ଫେରୋଜପୁର, ହୋଶିଆରପୁର, ଅମୃତସର, ଜଲନ୍ଧର, ରୂପନଗର, ଫେରୋଜପୁର ଏବଂ ମାନସା ସମେତ ଅତି କମରେ ୧୨ଟି ଜିଲ୍ଲାର ୧୩୦୦ ରୁ ଅଧିକ ଗାଁ ଜଳମଗ୍ନ କରି ରଖିଛି।

# ଆଦିବାସୀ ଅଞ୍ଚଳ ସହ ସମସ୍ତ ନାଗରିକଙ୍କୁ ମିଳିବ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା : ବିଷ୍ଣୁଦେବ



ରାୟପୁର: ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଛତିଶଗଡ ସରକାର ବୁଧବାର ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାନଦୀ ଭବନରେ ଆୟୋଜିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଥିଲେ ଯେ, ଛତିଶଗଡର ଆଦିବାସୀ ଅଞ୍ଚଳ ସହିତ ସମସ୍ତ ନାଗରିକଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଛତିଶଗଡର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ମେଡିକାଲ ଶିକ୍ଷା ବିଭାଗ, ଛତିଶଗଡ ଏବଂ କଣ୍ଟିନେଣ୍ଟାଲ ହସ୍ପିଟାଲ ସମେତ ବହୁ ସ୍ୱାସ୍ଥ୍ୟସେବା ଯୋଗାଉଥିବା ସଂସ୍ଥାମାନେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷିରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। ଛତିଶଗଡର ଜଙ୍ଗଲ ଏବଂ ପରିବହନ ମନ୍ତ୍ରୀ କେଦାର କଶ୍ୟପ, ମୁଖ୍ୟ ସଚିବ ଅମିତାଭ ଜୈନ, ବରିଷ୍ଠ ମୁଖ୍ୟ ସଚିବ ମନୋଜ କୁମାର ପିଙ୍ଗୁଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂ, ସଚିବ ରାହୁଲ ଭଗତ, ସ୍ୱାସ୍ଥ୍ୟ ସଚିବ ଅମିତ କଟାରିଆ, ସ୍ୱାସ୍ଥ୍ୟ ବିଭାଗ କମିଶନର ଡା. ପ୍ରିୟଙ୍କ ଶୁକ୍ଲା, ରାଷ୍ଟ୍ରୀୟ ଖଣିଜ ନିଗମର ଅଧିକାରୀ ଜଗଦୀପଦାସ ଗୁପ୍ତା ଏବଂ କଣ୍ଟିନେଣ୍ଟାଲ ହସ୍ପିଟାଲ ହାଇଦ୍ରାବାଦ ଅଧ୍ୟକ୍ଷ ଡା. ଗୁରୁନାଥ ରେଡ୍ଡି, ଡା. ରଘୁନାଥ ରେଡ୍ଡୀ ଏବଂ କେବି ରେଡ୍ଡୀଙ୍କ ସମତେ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ରାଜ୍ୟ ସରକାର ଆଦିବାସୀ ଅଞ୍ଚଳର ସହିତ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ନିକଟରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଛତିଶଗଡ ରାଜ୍ୟ ଗଠନର ରଜତ ଜୟନ୍ତୀ ସମାରୋହ ପୂର୍ବରୁ ଏଭଳି ଏକ ପଦକ୍ଷେପ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଦିଗ୍‌ଦର୍ଶନ ଦେବେ ବେଳେ ଶ୍ରୀ ସାଏ କହିଥିଲେ।

# ରାଜଧାନୀରେ ବନ୍ୟା ଆଲର୍ଟ: ଲୋକଙ୍କ ଘରେ ପଶିଲା ପାଣି



ନୂଆଦିଲ୍ଲୀ: ଦେଶର ରାଜଧାନୀ ଦିଲ୍ଲୀରେ ଲଗାଣ ବର୍ଷା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଯମୁନା ବିପଦ ସଙ୍କେତ ପାର କରିବା ପରେ ତଳିଆ ଅଞ୍ଚଳରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ଯମୁନା ୨୦୫.୩୩ ମିଟର ଅତିକ୍ରମ କରିବା ପରେ ୧୦ ହଜାର ଲୋକ ବିସ୍ଥାପିତ ହୋଇଥିଲେ। ସନ୍ଧ୍ୟା ସୁଦ୍ଧା ଏହା ଆଉ ଗୋଟିଏ ମିଟର ବଢ଼ିଥିବା ବେଳେ ସ୍ଥିତିକୁ ଜଟିଳ କରିଥିଲା। ମଙ୍ଗଳବାର ୪ଟା ସୁଦ୍ଧା ଯମୁନା ୨୦୬ ମିଟର ଓ ରାତି ୧୦ଟା ବେଳକୁ ଏହା ୨୦୬.୪ ମିଟର ଅତିକ୍ରମ କରିଥିଲା। ବୁଧବାର ମଧ୍ୟ ଯମୁନା ଫୁଲିବାରେ ଲାଗିଛି। ସକାଳ ୭ଟା ସୁଦ୍ଧା ଏହା ୨୦୬.୯ ମିଟର ଓ ଏହାର କିଛି ଘଣ୍ଟା ପରେ ନଦୀର ଜଳସ୍ତର ବିପଦ ଜନକ ଭାବେ ୨୦୭ ମିଟରକୁ ପାର କରାଯାଇଛି। ୬୩ ବର୍ଷ ମଧ୍ୟରେ ୪ର୍ଥ ଥର ପାଇଁ ଯମୁନା ନଦୀର ଜଳସ୍ତର ୨୦୭ ମିଟର ଅତିକ୍ରମ କରିଥିବାରୁ ବନ୍ୟା ସ୍ଥିତି ଜଟିଳ ହେବାର ଆଶଙ୍କା ପ୍ରକାଶ ପାଇଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଅନେକ ଘର ଭାସିଯାଇଛି। ବାଦଲଫଟା ବର୍ଷା ଯୋଗୁ ଗତ କିଛିଦିନ ମଧ୍ୟରେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ହଠାତ୍ ବନ୍ୟା ଆସି ଅନେକ ଶହ ଲୋକଙ୍କ ଜୀବନ ଯାଇଛି। ଜମ୍ମୁ-କଶ୍ମୀରରେ ୧୨୨ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପଞ୍ଜାବ ବନ୍ୟାରେ ୨୯ ଜଣଙ୍କ ଜୀବନ ଯାଇଛି। ଅନେକ ହଜାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହିମାଚଳପ୍ରଦେଶରେ ହଠାତ୍ ବନ୍ୟା ଓ ଭୂସ୍ଖଳନରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଅଧିକାରୀମାନେ କହିଛନ୍ତି ଯେ ପୁରୁଣା ରେଳବାଇ ବ୍ରିଜକୁ ଉଭୟ ପାର୍ଶ୍ୱରୁ ସତର୍କତା ପଦକ୍ଷେପ ସ୍ୱରୂପ ବନ୍ଦ କରି ଦିଆଯାଇଛି। ଏବେ ବି ହରିୟାଣାର ହାତୀକୁଣ୍ଡ ବ୍ୟାରେଜରୁ ୧ ଲକ୍ଷ କ୍ୟୁସେସରୁ ଅଧିକ ଜଳ ନିଷ୍କାସିତ ହେଉଥିବା ବେଳେ ଆଗକୁ ଏହା ୨ ଲକ୍ଷ କ୍ୟୁସେସ ଜଳରେ ପହଞ୍ଚିବ। ତେଣୁ ଦିଲ୍ଲୀର ବନ୍ୟା ସ୍ଥିତିକୁ ଏହା ଆହୁରି ସାଂଘାତିକ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ମାଜିଷ୍ଟ୍ରେଟ ଅମୋଲ ଶ୍ରୀବାସ୍ତବଙ୍କ କହିବା କଥା ଯେ ନୋଡାଲ ଅଫିସର ସ୍ଥିତିକୁ ପରିଚାଳନା କରୁଛନ୍ତି। ତଳିଆ ଅଞ୍ଚଳରୁ ୧୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ୧୧ଟି ଡିଭିଜନର ୨୮ଟି ସ୍ଥାନରେ ଚିହ୍ନଟ ହୋଇଥିବା କ୍ୟାମ୍ପରେ ରଖାଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକ ଆଲର୍ଟରେ ରହିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଡାଇଭରସନ ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କୁ ପୁରୁଣା ରେଳବାଇ ବ୍ରିଜ ବ୍ୟବହାର ନ କରିବାକୁ କୁହାଯାଇଛି। ଦିଲ୍ଲୀ ସରକାରଙ୍କ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବିଭାଗର ତଥ୍ୟ ଅନୁସାରେ, ଗତ ୬୩ ବର୍ଷ ମଧ୍ୟରେ ଯମୁନା ୪୩ ଥର ୨୦୫ ମିଟର, ୧୪ ଥର ୨୦୬ ମିଟର ସଙ୍କେତକୁ ପାର କରିଥିଲା। କିନ୍ତୁ ୪ର୍ଥ ଥର ପାଇଁ ଯମୁନା ୨୦୭ ମିଟର ସଙ୍କେତ ପାର କରିଛି। ୨୦୨୩ରେ ଯମୁନା ସର୍ବକାଳୀନ ରେକର୍ଡ ୨୦୮.୬୬ ମିଟର ସଙ୍କେତକୁ ପାର କରିଥିଲା। ହେଲେ ଏବେ ଏହି ରେକର୍ଡକୁ ମଧ୍ୟ ଯମୁନା ପାର କରି ଯାଇଛି।

## ଇସ୍ତଫା ଦେଲେ କେ କବିତା



ନୂଆଦିଲ୍ଲୀ: ତେଲଙ୍ଗାନା ଜାଗୃତି ସଭାପତି କେ କବିତା ଆଜି ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ତେଲଙ୍ଗାନା ବିଧାନସଭାର ବାଚସ୍ପତିଙ୍କୁ ହସ୍ତାନ୍ତର କରିଛି। ଦିନକ ତଳେ କେ କିବତାଙ୍କୁ ତାଙ୍କ ବାପା ତଥା ଭାରତୀୟ ରାଷ୍ଟ୍ରୀୟ ସମିତି(ବିଆରଏସ୍)ର ମୁଖ୍ୟ କେ ଚନ୍ଦ୍ରଶେଖର ରାଓ ଦଳରୁ ନିଲମ୍ବନ କରିଥିଲେ। ନିଲମ୍ବନ ପରେ କେ କବିତା ବିଧାନ ପରିଷଦ ଓ ବିଆରଏସ୍‌ରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପରେ ସେ ତାଙ୍କ ଭାଇ ତଥା ପୂର୍ବତନ ମନ୍ତ୍ରୀ କେଟି ରାମା ରାଓଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ମୁଁ ରାମ ଆନ୍ନାଙ୍କୁ କେସିଆରଙ୍କ ସ୍ୱାସ୍ଥ୍ୟ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ଯତ୍ନ ନେବାକୁ ଅନୁରୋଧ କରୁଛି।

## ପାର୍ବଣ ସ୍ପେଶାଲ ଟ୍ରେନ୍ ଘୋଷଣା



ନୂଆଦିଲ୍ଲୀ: ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଏବଂ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା କରିବା ପାଇଁ, ଭାରତୀୟ ରେଳବାଇ ପକ୍ଷରୁ ସ୍ପେଶାଲ ଟ୍ରେନ୍ ଘୋଷଣା କରିଛି। ଟ୍ରେନ୍ ନମ୍ବର ୦୭୨୨୫/୦୭୨୨୬ ଚେରଲାପାଲି–ଶାଲିମାର–ଚେରଲାପାଲି ସାପ୍ତାହିକ ସ୍ପେଶାଲ। ଚେରଲାପାଲିରୁ: ୧୩ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ସୋମବାର ୦୪:୩୦ ଘଣ୍ଟାରେ ଛାଡିବ। ଶାଲିମାରରୁ: ୧୪ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ୧୦:୦୦ ଘଣ୍ଟାରେ ଛାଡିବ। ସେହିପରି ଟ୍ରେନ୍ ରହଣି କରିବ: କାଜିପେଟ୍, ୱାରାଙ୍ଗଲ୍, ମହବୁବାବାଦ, ଖମାମ୍, ରାୟନାପାଡୁ, ଏଲୁରୁ, ରାଜମଣ୍ଡ୍ରି, ସମଲକୋଟ, ଟୁନି, ଦୁଭଭାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର, ଏବଂ ସାନ୍ତରାଗାଛି। ଅନ୍ୟପକ୍ଷରେ ୨ଟି ଦ୍ୱିତୀୟ ଶ୍ରେଣୀ ଏସି କୋଚ। ୪ ଟି ତୃତୀୟ ଶ୍ରେଣୀ ଏସି କୋଚ୍। ୧୩ ଟି ସ୍ଲିପର ଶ୍ରେଣୀ କୋଚ୍। ୩ ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ଓ ୨ ଟି ଲଗେଜ୍ ଭ୍ୟାନ୍-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍ (ଦିବ୍ୟାଙ୍ଗଜନ-ଅନୁକୂଳ ସୁବିଧା ସହିତ)।

**ଇସ୍ରାଏଲ ଲଞ୍ଚ କଲା ଗୁଇନ୍ଦା ସାଟେଲାଇଟ୍**

## ଶତ୍ରୁ ଉପରେ ରଖିବ ତୀକ୍ଷ୍ଣ ନଜର




ନୂଆଦିଲ୍ଲୀ: ଇସ୍ରାଏଲ ଲଞ୍ଚ କଲା ଗୁଇନ୍ଦା ସାଟେଲାଇଟ୍। 'ଅଫେକ ୧୯'କୁ ମଙ୍ଗଳବାର ବିଳମ୍ବିତ ରାତିରେ ମହାକାଶକୁ ସଫଳତାର ସହ ଲଞ୍ଚ କରିଛି ଇସ୍ରାଏଲ। ସୂଚନା ଅନୁସାରେ, ଏହି ସାଟେଲାଇଟ୍ ଯୋଜନା ଅନୁସାରେ କାମ କରୁଛି। ଏହା ସହାୟତାରେ ଇସ୍ରାଏଲ ଶତ୍ରୁ ଉପରେ ନଜର ରଖିପାରିବ ଓ ପ୍ରତି ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖିବ। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ବୁଧବାର କହିଛନ୍ତି, ଇସ୍ରାଏଲ ପକ୍ଷରୁ ଅର୍ବିଟରେ ଲଞ୍ଚ କରାଯାଇଛି। ଗୁଇନ୍ଦା ସାଟେଲାଇଟ୍ ଏହାର ଶତ୍ରୁଙ୍କ ପାଇଁ ଏକ ଖାସ୍ 'ବାର୍ତ୍ତା' ଦେଇଛି। ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ କାଟଜ୍ ଏକ୍ସରେ ଲେଖିଛନ୍ତି, କାଲି ଅଫେକ୍ ୧୯ ଉପଗ୍ରହର ଉତ୍କ୍ଷେପଣ ସର୍ବୋଚ୍ଚ ବିଶ୍ୱସ୍ତରୀୟ ସଫଳତା। କିଛି ଦେଶ ନିକଟରେ ଏହି କ୍ଷମତା ରହିଛି। ଏହା ଆମର ସବୁ ଶତ୍ରୁଙ୍କ ପାଇଁ ଏକ ବଡ଼ ବାର୍ତ୍ତା। ସେମାନେ ଯେ କେହି ବି ହୋଇଥାନ୍ତୁ, ଆମେ ପ୍ରତି ସମୟ ଓ ପ୍ରତି ସ୍ଥିତି ଉପରେ ନଜର ରଖିଛୁ।' ଏହି ସାଟେଲାଇଟ୍ ଇସ୍ରାଏଲ ଓ ଇରାନ ଭିତରେ ୧୨ ଦିନ ଧରି ଚାଲିଥିବା ଯୁଦ୍ଧକୁ ୨ ମାସ ପରେ ଲଞ୍ଚ କରାଯାଇଛି। ଏହି ସମୟରେ ଇସ୍ରାଏଲ ୧୦୦୦ କିଲୋମିଟରରୁ ଅଧିକ ଦୂରରୁ ଇରାନର ପରମାଣୁ ୟୁନିଟ୍ ଉପରେ ଆକ୍ରମଣ କରିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁସନ୍ଧାନ ଏବଂ ବିକାଶ ନିର୍ଦ୍ଦେଶାଳୟର ମୁଖ୍ୟ ଡାନିୟଲ ଗୋଲ୍ଡଙ୍କ କହିବା ଅନୁସାରେ, ଆକ୍ରମଣକୁ ନିର୍ଦ୍ଦେଶିତ କରିବା ପାଇଁ ଇରାନ କ୍ଷେତ୍ରକୁ ୧୨,୦୦୦ରୁ ଅଧିକ ଉପଗ୍ରହ ଫଟୋ ଏକତ୍ର କରାଯାଇଥିଲା।

# ବାଣିଜ୍ୟ

SAMPRE
Sampre Nutrition Limited

ମୁମ୍ବାଇ: ଏକ ଅଗ୍ରଣୀ କନଫେକ୍ସନାରୀ ଉତ୍ପାଦନକାରୀ ସାମ୍ପ୍ରେ ନ୍ୟୁଟ୍ରିସନ୍ସ ଲିମିଟେଡ ୨୦୨୫ ଅଗଷ୍ଟ ୧୬ ତାରିଖରେ ନାଇଜେରିଆସ୍ଥିତ ତୋଲାରାମ ୱେଲନେସ ଲିମିଟେଡ ସହିତ ଉତ୍ପାଦନ ରାଜିନାମା ସ୍ୱାକ୍ଷର କରିଥିବା ସମ୍ପର୍କରେ ଘୋଷଣା କରିଛି। ଏହି ଚୁକ୍ତି ଅଧୀନରେ ସାମ୍ପ୍ରେ ନ୍ୟୁଟ୍ରିସନ୍ସ ଦୁଇପକ୍ଷ ମଧ୍ୟରେ ସହମତି ଭିତ୍ତିକ ନିର୍ଦ୍ଦିଷ୍ଟତା ଏବଂ ଗୁଣବତ୍ତା ମାନକ ଆଧାରରେ ନ୍ୟୁଟ୍ରାସ୍ୟୁଟିକାଲ ଏବଂ ଖାଦ୍ୟ ଉତ୍ପାଦ ଉତ୍ପାଦନ ଓ ଯୋଗାଣ କରିବ। ଏହି ରାଜିନାମା ଦ୍ୱାରା ବାର୍ଷିକ ୧୦ କୋଟି ଟଙ୍କାର ବ୍ୟବସାୟ ସୃଷ୍ଟି ହେବ ଯାହା ତିନିବର୍ଷରେ ମୋଟ ୩୦ କୋଟି ଟଙ୍କାର ହେବ। ଏହି ରାଜିନାମା ସାମ୍ପ୍ରେର ରାଜସ୍ୱ ଆୟରେ ଅର୍ଥପୂର୍ଣ୍ଣ ଅବଦାନ ରଖିବ ଏବଂ ଏହାର ନ୍ୟୁଟ୍ରାସ୍ୟୁଟିକାଲ ଓ ଖାଦ୍ୟ ଉତ୍ପାଦ ପରିଚାଳନାକୁ ସୁଦୃଢ଼ କରିବ। ଚୁକ୍ତିଭିତ୍ତିକ ଅର୍ଥ ପୈଠ ସର୍ତ୍ତାବଳୀରେ ୫୦% ଅଗ୍ରୀମ ଏବଂ ଅବଶିଷ୍ଟ ଅର୍ଥ ଉତ୍ପାଦ ଯୋଗାଣ ପରବର୍ତ୍ତୀ ସମୟରେ ପୈଠ କରାଯିବା ବ୍ୟବସ୍ଥା ରହିଛି। ପରିବହନ ବାବଦ ଖର୍ଚ୍ଚ ତୋଲାରାମ ୱେଲନେସ ବହନ କରିବ। ଏହି ରାଜିନାମା ସମ୍ପର୍କିତ-ପକ୍ଷ ଦେଣନେଣ ନୁହେଁ, ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ତୋଲାରାମ ୱେଲନେସ ସାମ୍ପ୍ରେ ନ୍ୟୁଟ୍ରିସନ୍ସରେ କୌଣସି ଅଂଶଧାରଣ କରିବ ନାହିଁ।

## ଟାଟା ପାୱାର ବିଦ୍ୟୁତ ବିତରଣରେ ବଡ ପରିବର୍ତ୍ତନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ନେତୃତ୍ୱାଧୀନ ଡିସ୍କମ୍‌ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି, ଗ୍ରାହକ ବିଶ୍ୱାସ ସୃଷ୍ଟି କରି ଏବଂ ସାରା ରାଜ୍ୟରେ ବଡ଼ ଧରଣର ରୂପାନ୍ତରଣ ସହିତ ଭାରତର ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି। ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଚାରି ବିଦ୍ୟୁତ୍ ୟୁଟିଲିଟି ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସ୍ଓଡିଏଲ୍ ଓ ଟିପିଏନ୍ଓଡିଏଲ୍ ଭରସାଯୋଗ୍ୟ ଓ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ସେବାର ଏକ ମଡେଲ୍ ଭାବେ ଉଭା ହୋଇଛନ୍ତି। ଏହି ରୂପାନ୍ତରଣର ମୂଳରେ ରହିଛି ପ୍ରଯୁକ୍ତି। ଓଡ଼ିଶାର ବିଦ୍ୟୁତ୍ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଂଟ ହେଉଛି ବିଦ୍ୟୁତ୍ ବଂଟନ ପ୍ରଯୁକ୍ତିକେନ୍ଦ୍ର (ପିଡିଟିସି) ।ମୋବାଇଲ୍ ଆପ୍, ହ୍ୱାଟସ୍ଆପ୍ ସେବା ଓ ମିସଡ୍‌କଲ୍ ହେଲ୍‌ପ ଲାଇନ୍ ଭଳି ଡିଜିଟାଲ୍ ପ୍ଲାଟଫର୍ମ ଗ୍ରାହକଙ୍କୁ ସୁବିଧାରେ ସେବା ହାସଲ କରିବାକୁ ସକ୍ଷମ କରିଛି। ଏହି ପ୍ରଯୁକ୍ତି ପରିବର୍ତ୍ତନ ସହିତ ପରିଚାଳନା ଉତ୍କର୍ଷତା ଉପରେ ଗୁରୁତ୍ୱ ଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି ହୋଇଛି। ଗତ ତିନିବର୍ଷ ମଧ୍ୟରେ ଏଟି ଆଣ୍ଡ୍ ସି କ୍ଷତି ପ୍ରାୟ ୧୧ ପ୍ରତିଶତ ହ୍ରାସ ହୋଇଥିବା ବେଳେ ଉଭୟ ଆର୍ଥିକ ସ୍ଥାୟିତ୍ୱ ଓ ଦକ୍ଷତାରେ ଉନ୍ନତିହୋଇଛି। ଏହି ରୂପାନ୍ତରିତ ଯାତ୍ରାର କେନ୍ଦ୍ରରେ ରହିଛି ଗ୍ରାହକ ସନ୍ତୁଷ୍ଟି। ବିଦ୍ୟୁତ ଯୋଗାଣ ବାହାରେ ମଧ୍ୟ ସ୍ୱାସ୍ଥ୍ୟ ଶିବିର, ଶିକ୍ଷାଗତ ଅଭିଯାନ, ନିଯୁକ୍ତି କାର୍ଯ୍ୟକ୍ରମ ଓ ଉଦ୍ୟମିତା ବିକାଶ ଭଳି ସିଏସ୍ଆର୍ କାର୍ଯ୍ୟକ୍ରମ ଦ୍ୱାରା ୨୫ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ପ୍ରଯୁକ୍ତି, ବିଶ୍ୱାସ ଓ ରୂପାନ୍ତରଣଉପରେ ସ୍ପଷ୍ଟ ଭାବେ ଗୁରୁତ୍ୱ ଦେଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ କେବଳ ଘର ଓ ବ୍ୟବସାୟକୁ ଆଲୋକିତ କରୁନାହାନ୍ତି ବରଂ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ସକ୍ଷମ କରୁଥିବା ବେଳେ ଭାରତର ସ୍ୱଚ୍ଛଶକ୍ତି ପରିବର୍ତ୍ତନକୁ ସମର୍ଥନ କରୁଛନ୍ତି।

## ଏନ୍‌ଏସ୍‌ଇ ଓ ଇଣ୍ଡିଆ ହାବିଟାଟ ସେଣ୍ଟର ସହବନ୍ଧିତ



ନୂଆଦିଲ୍ଲୀ : ନ୍ୟାଶନାଲ ଷ୍ଟକ ଏକ୍ସଚେ (ଏନଏସଇ) ପକ୍ଷରୁ ଇଣ୍ଡିଆ ହାବିଟାଟ ସେଂଟର (ଆଇଏଚସ) ନୂଆଦିଲ୍ଲୀ, ସହ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି। ଆଇଏଚସି ସହ ଜଡିତ ସମ୍ଭାବ୍ୟ ଓ ବିଦ୍ୟମାନ ନିବେଶକମାନଙ୍କ ପାଇଁ ଏକାଧିକ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିବା ପାଇଁ ଏନଏସଇ ଏହି ସହଭାଗିତା କରିଛି। ଏହି ସହଭାଗିତା ନାଗରିକଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନା ଓ ଦକ୍ଷତା ସହ ସଶକ୍ତ କରିବା, ସେମାନଙ୍କୁ ପୁଁ ବଜାରରେ ସୂଚିତ ନିଷ୍ପତି ନେବା ପାଇଁ ସକ୍ଷମ କରିବା ଲାଗି ଉଭୟ ସଂସ୍ଥାର ଏକ ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳନ କରୁଛି। ଇଣ୍ଡିଆ ହାବିଟାଟ ସେଂଟର, ବାସସ୍ଥାନ-ସମ୍ବନ୍ଧିତ କ୍ଷେତ୍ରରେ କାର୍ଯ୍ୟରତ ବିବିଧ ସଂସ୍ଥାଗୁଡିକ ମଧ୍ୟରେ ସହଭାଗିତା ବିକଶିତ କରିବା ପାଇଁ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଭାବେ ପରିଚିତ, ଯାହା ପେସାଦାର ବ୍ୟକ୍ତି, ନୀତି ନିର୍ମାତା ଏବଂ ସାମାଜିକ, ସାଂସ୍କୃତିକ ଓ ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ନାଗରିକଙ୍କ ପାଇଁ ଏକ କେନ୍ଦ୍ରରେ ପରିଣତ ହୋଇଛି। ଏନଏସଇ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏହି ଅଧିବେଶନଗୁଡିକ ଆର୍ଥିକ ଯୋଜନା, ପୁଞ୍ଜି ବଜାରର ମୌଳିକତା, ମ୍ୟୁଚୁଆଲ ଫଣ୍ଡ, ନିବେଶକଙ୍କ ଅଧିକାର ଓ କର୍ତ୍ତବ୍ୟ, ଠକାମି ପ୍ରତିରୋଧ ଓ ସୁରକ୍ଷିତ ନିବେଶ ଅଭ୍ୟାସ ଆଦି ପ୍ରସଙ୍ଗକୁ କଭର କରିବ। ଏହି କାର୍ଯ୍ୟକ୍ରମଗୁଡିକୁ ସେମିନାର, ୱର୍କସପ ଓ ୱେବିନାର ଭଳି ଏକାଧିକ ଫର୍ମାଟରେ ପରିଚାଳନା କରାଯିବ ଯାହା ବ୍ୟାପକ ପହଂଚଯୋଗ୍ୟତା ନିଶ୍ଚିତ କରିବ। ଏହି ସହଭାଗିତା ସମ୍ପର୍କରେ ଆଇଏଚସିର ନିର୍ଦ୍ଦେଶକ ଡଃ କେ.ଜି. ସୁରେଶ କହିଛନ୍ତି, 'ଇଣ୍ଡିଆ ହାବିଟାଟା ସେଂଟର ସାର୍ଥକ ଆଲୋଚନା, ଶିକ୍ଷା ଓ ସାମାଜିକ ପ୍ରଗତି ପାଇଁ ସ୍ଥାନ ସୃଷ୍ଟି କରିବା ଲାଗି ପ୍ରତିବଦ୍ଧ ରହିଛି। ସଂରଚିତ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଏନଏସଇ ସହ ସହଭାଗିତା, ଆମର ଲକ୍ଷ୍ୟ ସହ ଜଡିତ ରହିଛି। ଆର୍ଥିକ ଉତ୍ପାଦଗୁଡିକର ବଢୁଥିବା ଜଟିଳତା ଓ ଡିଜିଟାଲ ପ୍ଲାଟଫର୍ମଗୁଡିକର ଦ୍ରୁତ ବୃଦ୍ଧି ସହିତ , ଭାରତର ଆର୍ଥିକ ବଜାରରେ ସୁରକ୍ଷିତ ଓ ପ୍ରଭାବୀ ରୂପେ ଅଂଶଗ୍ରହଣ କରିବା ପାଇଁ ଲୋକମାନେ ସଠିକ ସୂଚନା ସହ ଅବଗତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ। ସେହିପରି ଏନଏସଇର ମୁଖ୍ୟ ନିୟାମକ ଅଧିକାରୀ ଅଙ୍କିତ ଶର୍ମା କହିଛନ୍ତି, 'ଏନଏସଇରେ ଆମେ ବିଶ୍ୱାସ କରୁ ଯେ, ଏକ ସଶକ୍ତ ନିବେଶକ ସମୁଦାୟ ଗଠନ କରିବା ଦିଗରେ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା ହେଉଛି ପ୍ରଥମ ପଦକ୍ଷେପ।

**ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ର ଅଭିନବ ଅଭିଜ୍ଞତା**

## ଓଡିଶାର ପ୍ରଥମ ଆନାମୋର୍ଫିକ୍ ୩ଡି ଏଲ୍‌ଇଡି ସ୍କ୍ରିନ୍ ଉନ୍ମୋଚିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସହରର ସବୁଠାରୁ ପ୍ରିୟ ସପିଂ ଏବଂ ଜୀବନଶୈଳୀ ଗନ୍ତବ୍ୟସ୍ଥଳ ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ ଜାତୀୟ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡ, ଅଭିନବ ଅଭିଜ୍ଞତା ଏବଂ ସମ୍ପ୍ରଦାୟ-ପ୍ରଥମ ପଦକ୍ଷେପର ଏକ ଶକ୍ତିଶାଳୀ ମିଶ୍ରଣ ସହିତ ଓଡ଼ିଶାରେ ଆଧୁନିକ ଖୁଚୁରାକୁ ପୁନଃପରିଭାଷିତ କରିଚାଲିଛି। ୨୦୧୮ରେ ଏହାର ଶୁଭାରମ୍ଭ ହେବା ପରଠାରୁ ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ ଭୁବନେଶ୍ୱରର ଖୁଚୁରା ଦୃଶ୍ୟକୁ ପରିବର୍ତ୍ତନ କରିଛି। ଏହା ପ୍ରଥମ ଥର ପାଇଁ ମାର୍କସ୍ ଆଣ୍ଡ ସ୍ପେନସର, ଲାଇଫଷ୍ଟାଇଲ୍ ଏବଂ ଆଇକନିକ୍ ଭଳି ପ୍ରିମିୟମ୍ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡକୁ ପରିଚିତ କରାଇଥିଲା। ଏହା ସହିତ ସିନେପୋଲିସ୍ ମଲ୍ଟିପ୍ଲେକ୍ସ ପରି ମନୋରଞ୍ଜନ ଆଙ୍କର ଏବଂ ଷ୍ଟାରବକ୍ସ, ଚିଲି, କେଏଫ୍‌ସି ଏବଂ ଡୋମିନୋଜ୍ ବିଶିଷ୍ଟ ଏକ ବିଶ୍ୱସ୍ତରୀୟ ଖାଦ୍ୟ କୋର୍ଟ ମଧ୍ୟ ପରିଚିତ ହୋଇଥିଲା। ନବସୃଜନକୁ ଆହୁରି ଆଗକୁ ନେଇ ଆଜି ମଲ୍ ଆନାମୋର୍ଫିକ୍ ୩ଡି ଏଲଇଡି ଡିସପ୍ଲେ ଉନ୍ମୋଚିତ କରିଛି, ଯାହା ଓଡ଼ିଶାରେ ପ୍ରଥମ। ଏହି ଉଚ୍ଚ-ପ୍ରଭାବଶାଳୀ ଡିଜିଟାଲ୍ ସଂସ୍ଥାପନଗୁଡ଼ିକ କ୍ରେତାଙ୍କ ସହଭାଗୀତାକୁ ବୃଦ୍ଧି କରିବ, ବ୍ରାଣ୍ଡ କାହାଣୀ କହିବାକୁ ଉନ୍ନତ କରିବ, ଖୁଚୁରା ନବସୃଜନରେ ନେକ୍ସସ୍ ସିଲେକ୍ଟ ମଲ୍ସର ନେତୃତ୍ୱକୁ ମଜବୁତ କରିବ। ଯାତ୍ରା ବିଷୟରେ ମତ ଦେଇ, ନେକ୍ସସ୍ ସିଲେକ୍ଟ ମଲ୍ସର ଅପରେସନ ସଭାପତି ଜୟେନ ନାଏକ କହିଛନ୍ତି, 'ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ କେବଳ ଏକ ସପିଂ ଗନ୍ତବ୍ୟସ୍ଥଳ ନୁହେଁ, ଏହା ଭୁବନେଶ୍ୱରର ଆକାଂକ୍ଷା ଏବଂ ଅଭିବୃଦ୍ଧିର ପ୍ରତୀକ। ବର୍ଷ ବର୍ଷ ଧରି, ଆମେ ଚ୍ୟାଲେଞ୍ଜ ଏବଂ ଉତ୍ସବ ମାଧ୍ୟମରେ ସମ୍ପ୍ରଦାୟ ସହିତ ସହଭାଗୀ ହୋଇଛୁ ଏବଂ ନିରନ୍ତର ବିଶ୍ୱସ୍ତରୀୟ ଖୁଚୁରା ଏବଂ ଇମର୍ସିଭ୍ ଅଭିଜ୍ଞତା ପ୍ରଦାନ କରିଛୁ। ଆମର ନୂତନ ବ୍ରାଣ୍ଡ ସଂଯୋଜନ, ନେକ୍ସସ୍ଓଏନ୍ ଆପ୍ ଏବଂ ଆନାମୋର୍ଫିକ୍ ୩ଡି ସ୍କ୍ରିନ୍ ଲଞ୍ଚ ସହିତ, ଆମେ ଓଡ଼ିଶାର ଖୁଚୁରା ଅଭିଜ୍ଞତାକୁ ପରବର୍ତ୍ତୀ ସ୍ତରକୁ ନେଇଯିବାକୁ ଉତ୍ସାହିତ। ମଲ୍ ନିରନ୍ତର ଭାବରେ ଆଧୁନିକ ଖୁଚୁରା ସହିତ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ଏକତ୍ର କରିଛି। ରଥଯାତ୍ରା, ରଜ ଉତ୍ସବ, ଉତ୍କଳ ଦିବସ, ଦୁର୍ଗା ପୂଜା, ଦଶହେରା, ଏବଂ ବାଲି ଯାତ୍ରା ଭଳି ସିଗନେଚର ଇଭେଣ୍ଟଗୁଡ଼ିକୁ ମହାନତାର ସହିତ ପାଳନ କରାଯାଏ।

## ଡିଆର୍‌ଏଚ୍‌ପି ଦାଖଲ କଲା ସିଏମ୍‌ଆର୍ ଗ୍ରିନ୍ ଟେକ୍ନୋଲୋଜି

ନୂଆଦିଲ୍ଲୀ: ଅଗ୍ରଣୀ ଅଣ ଫେରସ୍ ଧାତବ ରିସାଇକ୍ଲିଂ ସଂସ୍ଥା ସିଏମ୍ଆର୍ ଗ୍ରିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍‌ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ଇକ୍ୱିଟି ସେୟାର ଜାରି କରି ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। ଅଫର ଫର ସେଲ୍‌ରେ କମ୍ପାନି ପକ୍ଷରୁ ୪୨,୮୯୦,୭୩୫ ଇକ୍ୱିଟି ସେୟାର ବିକ୍ରି କରାଯିବ। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଘରୋଇ ରିସାଇକଲ୍ଡ ଆଲୁମିନିୟମ କ୍ଷେତ୍ରରେ ସିଏମ୍ଆର୍ ଗ୍ରିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ସ୍ଥାପିତ କ୍ଷମତା ଦୃଷ୍ଟିରୁଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଚାରିଗୁଣା ଆଗରେ ରହିଛି। ଏହି ଇସ୍ୟୁର ବୁକ୍‌ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଇକ୍ୱିରସ୍ କ୍ୟାପିଟାଲ୍ ପ୍ରାଇଭେଟ୍ ଲିମିଟେଡ୍, ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ୍ ଓ ମୋତିଲାଲ ଓ ସ୍ୱାଲଇନଭେଷ୍ଟମେଂଟ୍ ଆଡଭାଇଜର୍ସ ଲିମିଟେଡ୍।

## ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସ୍ୱର୍ଣ୍ଣ ସପ୍ତାହ ୨୦୨୫ର ଶୁଭାରମ୍ଭ

AXIS BANK

ନୂଆଦିଲ୍ଲୀ: ଦେଶର ଅନ୍ୟତମ ଅଗ୍ରଣୀ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ପକ୍ଷରୁ ସ୍ୱର୍ଣ୍ଣ ସପ୍ତାହ ୨୦୨୫ ଆରମ୍ଭ ଘୋଷଣା କରାଯାଇଛି। ଏହା ହେଉଛି ବ୍ୟାଙ୍କର ସାରା ଦେଶରେ ଥିବା ୫୮୬୮ ଶାଖା ନେଟୱାର୍କରେ ଥିବା ୧ ଲକ୍ଷରୁ ଅଧିକ କର୍ମଚାରୀ ଗ୍ରାହକଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ଓ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ। ୨୦୨୫ ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟ' ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାରା ଦେଶରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଗ୍ରାହକଙ୍କ ସହ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବେ ଏବଂ ସେବାର ଭାବକୁ ପାଳନ କରିବେ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ରେଜ୍ ଦି ବାର୍' ଯାହା ଗ୍ରାହକ ଅନୁଭୂତି, କର୍ମଚାରୀ ସମ୍ପୃକ୍ତି ଓ ନେତୃତ୍ୱ ଭାବକୁ ପରିବର୍ତ୍ତିତ କରିବ। ତୃତୀୟ ବର୍ଷରେ ପ୍ରବେଶ କରିଥିବା ସ୍ୱର୍ଣ୍ଣ ସପ୍ତାହର ଚାରିଟି ମୂଳ ମନ୍ତ୍ର ରହିଛି ଯାହା ଆକ୍ସିସ୍ ବ୍ୟାଙ୍କର ସଂସ୍କୃତି ଧାର୍ଯ୍ୟ କରୁଛି। ତାହା ହେଉଛି ବ୍ରାଣ୍ଡକୁ ନିଜର କର, ଗ୍ରାହକକୁ ନିଜର କର, ତ୍ୱରିତ କାର୍ଯ୍ୟ କର, ଏବଂ ଶୂନ ବିଳମ୍ବ। ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ, କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ମୁନିଷ ଶାରଦା, ସୁବ୍ରତ ମହାନ୍ତି ଓ ନୀରଜ ଗମ୍ଭୀରଙ୍କ ସମେତ ୪୦ରୁ ଅଧିକ ବରିଷ୍ଠ ଅଧିକାରୀ ୪୦ଟି ସହର ଭ୍ରମଣ କରି ଗ୍ରାହକଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବେ, ସମ୍ମୁଖ ଭାଗ ଟିମ୍‌ର ମେଂଟରିଂ କରିବେ ଏବଂ ବ୍ୟାଙ୍କର ମୂଲ୍ୟବୋଧକୁ ନେଇ ସ୍ୱତନ୍ତ୍ର ଅଧିବେଶନର ନେତୃତ୍ୱ ନେବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ, 'ଆମ ଉଦ୍ୟମର ମୂଳରେ ସ୍ୱର୍ଣ୍ଣକୁ ରଖି ଆମେ ଗ୍ରାହକ ସମ୍ପୃକ୍ତି ଉପରେ ଗଭୀର ଭାବେ ଧ୍ୟାନ ଦେଉଥିବା ବେଳେ ପ୍ରତିଦିନ ଗ୍ରାହକଙ୍କୁ ଉଲ୍ଲସିତ କରିବାକୁ ପ୍ରତିବଦ୍ଧ ରହିଛୁ। ଏହା କେବଳ ଏକ ସପ୍ତାହବ୍ୟାପୀ ଉତ୍ସବ ପାଳନ ନୁହେଁ, ଏହା ହେଉଛି ଆମେ ଗଠନ କରୁଥିବା ସଂସ୍କୃତି ଯେଉଁଠାରେ ପ୍ରତିଟି ଆଲୋଚନା ମୂଲ୍ୟ ସୃଷ୍ଟିର ସୁଯୋଗ ଏବଂ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବାକୁ ମନେ ପକାଇ ଦେଉଛି। ସ୍ୱର୍ଣ୍ଣ ସପ୍ତାହ ୨୦୨୫ରେ ସିବିଲ୍ ପ୍ରୋଫାଇଲ୍ ଆଧାରରେ ୭.୬%ରୁ ଆରମ୍ଭ ହେଉଥିବା ସ୍ୱତନ୍ତ୍ର ଗୃହ ଋଣ ପ୍ରଦାନ କରାଯିବ। ସୁନା ଋଣ, ଚଳନ୍ତୀ ଖାତା, ଆକ୍ସିସ୍ ଡାଇରେକ୍ଟ ଡିମାଟ୍ ଖାତା, ଫୋରେକ୍ସ ଓ ଲକର୍, ପରିବାର ବ୍ୟାଙ୍କିଙ୍ଗ ଓ ସ୍ୱାସ୍ଥ୍ୟ ବୀମାରେ ସ୍ୱତନ୍ତ୍ର ଲାଭ। ଗ୍ରାହକଙ୍କ ସହ ସିଧାସଳଖ ଭାବ ବିନିମୟ ପାଇଁ ୫୮୦୦ରୁ ଅଧିକ ଶାଖାରେ ଲେଟ୍‌ଓ ଲିସନ୍ ଅଧିବେଶନ। କେତେକ ନିର୍ଦ୍ଦିଷ୍ଟ ସହରରେ ଗାଡ଼ି ଚାଳନା ଏବଂ ଋଣ ପ୍ରସ୍ତାବ। କ୍ଷୁଦ୍ର ବ୍ୟବସାୟଠାରୁ ବଡ଼ କର୍ପୋରେଟ୍ ପର୍ଯ୍ୟନ୍ତ ପାଇକାରୀ ବ୍ୟାଙ୍କିଙ୍ଗ ପ୍ରଦାନ କରିବ। ବ୍ୟାଙ୍କର ଗ୍ରାହକ ଆଉଟରିଚ୍ ସମାରୋହ ଜରିଆରେ ଗ୍ରାହକଙ୍କ ସହ ବ୍ୟାଙ୍କର ଟିମ୍ ଯୋଡ଼ି ହେବେ। ଏହି ସପ୍ତାହରେ ଛାତ୍ରଛାତ୍ରୀ, ମହିଳା, ବରିଷ୍ଠ ନାଗରିକ, ଷ୍ଟାର୍ଟଅପ୍, ଏମଏସଏମଇ, କୃଷି ଉଦ୍ୟୋଗୀ, ଏନଆରଆଇ ଏବଂ ଏଲଜିବିଟିକ୍ୟୁ+ ସମୁଦାୟ ପାଇଁ ଶାଖା ଆଧାରିତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱର୍ଣ୍ଣ ସପ୍ତାହ ୨୦୨୫ରେ ୧.୫ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହ ଯୋଡ଼ିହେବାକୁ କମ୍ପାନି ଲକ୍ଷ୍ୟ ରଖିଛି ଯାହା ୨୦୨୪ ସଂସ୍କରଣର ୫୫,୦୦୦ କର୍ମଚାରୀଙ୍କଠାରୁ ତିନି ଗୁଣା ଅଧିକ।

## ଫୋନ୍ ପେ' ପକ୍ଷରୁ 'ଲୋନ୍ସ ଏଗେନ୍ସଷ୍ଟ ମ୍ୟୁଚୁଆଲ ଫଣ୍ଡ'ର ଶୁଭାରମ୍ଭ

PhonePe

ନୂଆଦିଲ୍ଲୀ: ଫୋନ ପେ' ପକ୍ଷରୁ ବୁଧବାର 'ଲୋନ୍ସ ଏଗେନ୍ସଷ୍ଟ ମ୍ୟୁଚୁଆଲ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି । ଡିଏସପି ଫାଇନାନ୍ସ ସହ ରଣନୈତିକ ଭାଗୀଦାରୀ ସହ ଏହା ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ଦେଶୀୟ ଏବଂ ଡିଜିଟାଲ ଅଭିଜ୍ଞତା ପ୍ରଦାନ କରୁଛି । ଉପଭୋକ୍ତାମାନେ ଫୋନ ପେ ଆପ ମାଧ୍ୟମରେ ସିଧାସଳଖ ସେମାନଙ୍କର ମ୍ୟୁଚୁଆଲ ଫଣ୍ଡ ପୋର୍ଟ ଫୋଲିଓ ବିରୋଧରେ ତୁରନ୍ତ ଋଣ ପାଇବା ପାଇଁ ସକ୍ଷମ ହେବେ । ଏହି ନୂତନ ଅଫର ଉପଭୋକ୍ତାମାନଙ୍କୁ ପ୍ରତିଯୋଗିତା ମୂଳକ ସୁଧ ହାରରେ ୧୦ ମିନିଟରୁ କମ ସମୟ ମଧ୍ୟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ସୁରକ୍ଷିତ କ୍ରେଡିଟ ଲିମିଟ ପ୍ରଦାନ କରିବ। ଶୁଭାରମ୍ଭ ଅବସରରେ ଫୋନପେ ଲେଣ୍ଡିଂର ସିଇଓ ହେମନ୍ତ ଗାଲା କହିଛନ୍ତି ଯେ, 'ଫୋନପେର ଦୃଷ୍ଟିକୋଣ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ତାଙ୍କର ଆର୍ଥିକ ଗତିକୁ ତ୍ୱରାନ୍ୱିତ କରିବା ପାଇଁ ସାହାଯ୍ୟ କରିବ, ଯାହା ସହଜ ଭାବେ ବିତୀୟ ସାମଗ୍ରୀ ପ୍ରବେଶକୁ ଖୋଲିଦିଏ । ଡିଏସପି ଫାଇନାନ୍ସ ସହ ସହଭାଗୀଦାରୀରେ 'ଲୋନ୍ସ ଏଗେନ୍ସଷ୍ଟ ମ୍ୟୁଚୁଆଲ ଫଣ୍ଡ'ର ଶୁଭାରମ୍ଭ କରିବା ଏହି ଲକ୍ଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମେ ସୁରକ୍ଷିତ ଋଣ ପ୍ରଦାନ ପ୍ରକ୍ରିୟାକୁ ପୁନର୍ବିନ୍ୟାସ କରୁଛୁ, ଯେଉଁଥିରେ ବ୍ୟବହାରକାରୀମାନେ ତାଙ୍କର ବିନିଯୋଗର ଗୁପ୍ତ ମୂଲ୍ୟକୁ ଉନ୍ମୋଚନ କରିପାରିବେ ।' ଶୁଭାରମ୍ଭ ଅବସରରେ ଡିଏସପି ଫାଇନାନ୍ସର ର ସିଇଓ ଜୟେଶ ମେହତା କହିଛନ୍ତି ଯେ, 'ଫୋନଫେ ସହିତ ଆମର ଏହି ଭାଗୀଦାରୀ , ସୁରକ୍ଷିତ ଋଣ ପ୍ରଦାନରେ ଡିଏସପି ର ଦକ୍ଷତା ଓ ଫୋନଫେର ଅପୂର୍ବ ଡିଜିଟାଲ ପଂହଚରୁ ଏକତ୍ର କରି ଭାରତୀୟ ବିନିଯୋଗକାରୀମାନେ ପାଇଁ ଏକ ଶକ୍ତିଶାଳୀ ସାମାଧାନ ତିଆରି କରିଛି। 'ଲୋନ୍ସ ଏଗେନ୍ସଷ୍ଟ ମ୍ୟୁଚୁଆଲ ଫଣ୍ଡ' ମାଧ୍ୟମରେ ଗ୍ରାହକମାନେ ଏବେ ତାଙ୍କର ବିନିଯୋଗ ଅବ୍ୟାହତ ରଖିଥିବାବେଳେ ତତକ୍ଷଣାତ ଲିକ୍ୟୁଡିଟି ପାଇପାରିବେ ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ମୁମ୍ବାଇ: ୟୁଏଇରେ ଚଳିତ ମାସ ୯ରୁ ଆରମ୍ଭ ହେବାକୁ ଯାଉଥିବା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତା ଲାଗି ୧୫ଜଣିଆ ଭାରତୀୟ ଦଳର ଖେଳାଳିମାନେ ଗୁରୁବାର ଦୁବାଇରେ ଏକାଠି ହେବେ। ଏକାଠି ଯିବା ପରିବର୍ତ୍ତେ ନିଜ ନିଜ ସହରରୁ ପର୍ଯ୍ୟାୟକ୍ରମେ ସେଠାରେ ପହଞ୍ଚିବେ। ଗୁରୁବାର ସଂଧ୍ୟାସୁଦ୍ଧା ଖେଳାଳିମାନେ ପହଞ୍ଚିବା ପରେ ଶୁକ୍ରବାରଠାରୁ ଦୁବାଇସ୍ଥିତ ଆଇସିସି ଏକାଡେମିରେ ଅଭ୍ୟାସ ଆରମ୍ଭ କରିବେ। ୫ଦିନର ଅଭ୍ୟାସ ପରେ ପ୍ରଥମ ମ୍ୟାଚ୍‌ରେ ୧୦ ତାରିଖ ଦିନ ୟୁଏଇକୁ ଭେଟିବେ। ଭାରତୀୟ ଦଳ ତା'ର ଦ୍ୱିତୀୟ ତଥା ପରବର୍ତ୍ତୀ ମ୍ୟାଚ୍ ସେପ୍ଟେମ୍ବର ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌କୁ ନେଇ ଏବେ ବି ସଂଶୟ ଜାରି ରହିଥିଲା ବେଳେ ଭାରତ ସରକାର ଏହାକୁ ବିରୋଧ କରିବେ ନାହିଁ ବୋଲି ସଙ୍କେତ ମିଳିଛି। ଯାହା ବିସିସିଆଇ ପାଇଁ ଆଶ୍ୱସ୍ତିକର ଖବର ହୋଇଛି। ସୁପର-୪ ପର୍ଯ୍ୟାୟ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆ ୧୯ ତାରିଖରେ ନିଜ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଓମାନକୁ ଭେଟିବ। ଏସିଆ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଯଥାକ୍ରମେ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ପାଇଁ ଦଲୀପ ଟ୍ରଫି କ୍ୱାର୍ଟରଫାଇନାଲ୍ ଖେଳିଥିଲେ। ସ୍ପିନର କୁଲଦୀପ ଯାଦବ ମଧ୍ୟ କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିଛନ୍ତି। ଯେହେତୁ କ୍ୱାର୍ଟରଫାଇନାଲ୍ ଶେଷ ହୋଇଯାଇଛି ତେଣୁ ସେମାନଙ୍କର ଦୁବାଇ ପହଞ୍ଚିବା ସୂଚୀ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି। ସେହିଭଳି ସଂରକ୍ଷିତ ଖେଳାଳି ପ୍ରସିଦ୍ଧ କୃଷ୍ଣା କିମ୍ବା ୱାସିଂଟନ୍ ସୁନ୍ଦର ଭାରତୀୟ ଦଳ ସହ ଦୁବାଇ ଗସ୍ତ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଛନ୍ତି।

### ଆଇସିସି ରାଙ୍କିଙ୍ଗ ଘୋଷଣା

## ନମ୍ବର-୧ ଅଲ୍‌ରାଉଣ୍ଡର ହେଲେ ସିକନ୍ଦର ରାଜା




ନୂଆଦିଲ୍ଲୀ: ବୁଧବାର ଦିନ ଆଇସିସି ଦିନିକିଆ ରାଙ୍କିଙ୍ଗ ପ୍ରକାଶ କରିଛି। ଏହି ଦିନିକିଆ ରାଙ୍କିଙ୍ଗରେ ଅଲରାଉଣ୍ଡର'ର ବଡ ପରିବର୍ତ୍ତନ ଘଟିଛି। ଆଫଗାନିସ୍ତାନ ଖେଳାଳି ଆଜମତୁଲ୍ଲା ଉମରଜାଇ ପ୍ରଥମ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଖସି ଥିବାବେଳେ ତାଙ୍କ ସ୍ଥାନରେ ଜିମ୍ବାୱେର ସିକନ୍ଦର ରାଜା ସ୍ଥାନ ପାଇଛନ୍ତି। ଯିଏ ୩୦୨ ରେଟିଂ ସହିତ ଦିନିକିଆରେ ବିଶ୍ୱର ନୂତନ ନମ୍ବର-୧ ଅଲରାଉଣ୍ଡର ହୋଇଛନ୍ତି। ୩୯ ବର୍ଷୀୟ ସିକନ୍ଦର ରାଜା ଗତ ସପ୍ତାହରେ ଶ୍ରୀଲଙ୍କା ବିପକ୍ଷରେ ୨ଟି ଦିନିକିଆରେ ଚମତ୍କାର ବ୍ୟାଟିଂ କରିଥିଲେ। ୨୯ ଅଗଷ୍ଟରେ ଖେଳାଯାଇଥିବା ମ୍ୟାଚରେ ସେ ୯୨ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଯଦିଓ ଏହା ସତ୍ତ୍ୱେ ଜିମ୍ବାୱେ ଜିତିପାରି ନଥିଲା, କିନ୍ତୁ ଦଳ ବିଜୟର ବହୁତ ନିକଟତର ହୋଇଥିଲା। ୨୯୯ ରନର ପିଛା କରି ଜିମ୍ବାୱେ ଲକ୍ଷ୍ୟଠାରୁ ମାତ୍ର ୮ ରନ ପଛରେ ଥିଲା। ଏହା ପରେ, ରାଜା ୩୧ ଅଗଷ୍ଟରେ ଖେଳାଯାଇଥିବା ମ୍ୟାଚରେ ଅପରାଜିତ ୫୯ ରନ କରିଥିଲେ, ଏଥିରେ ମଧ୍ୟ ଶ୍ରୀଲଙ୍କାଠାରୁ ଦଳ ସହଜରେ ଜିତି ପାରି ନଥିଲା। ସିକନ୍ଦର ରାଜା ପୂର୍ବରୁ ଦିନିକିଆ ଅଲରାଉଣ୍ଡର ରାଙ୍କିଙ୍ଗରେ ତୃତୀୟ ସ୍ଥାନରେ ଥିଲେ, କିନ୍ତୁ ଏହି ଦୁଇଟି ଇନିଂସ ତାଙ୍କୁ ଶୀର୍ଷରେ ପହଞ୍ଚାଇଛି। ସେ ଆଫଗାନିସ୍ତାନର ଅଲରାଉଣ୍ଡର ଖେଳାଳି ଆଜମତୁଲ୍ଲା ଉମରଜାଇଙ୍କ ଠାରୁ ଏହି ମୁକୁଟ ଛଡ଼ାଇ ନେଇଛନ୍ତି, ଯିଏ ଏବେ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଆଇସିସି ଏକଦିବସୀୟ ଅଲରାଉଣ୍ଡର ରାଙ୍କିଙ୍ଗରେ ଶ୍ରେଷ୍ଠ-୫ ବ୍ୟାଟସମ୍ୟାନ୍ ହେଲେ - ସିକନ୍ଦର ରାଜା (ଜିମ୍ବାୱେ) - ୩୦୨ ରେଟିଂ, ଆଜାମତୁଲ୍ଲା ଉମରଜାଇ (ଆଫଗାନିସ୍ତାନ) -୨୯୬ ରେଟିଂ, ମହମ୍ମଦ ନବି (ଆଫଗାନିସ୍ତାନ)-୨୯୨ ରେଟିଂ, ମେହଦି ହାସନ ମିରାଜ (ବାଂଲାଦେଶ)-୨୪୯ ରେଟିଂ, ମାଇକେଲ୍ ବ୍ରେସୱେଲ୍ (ନ୍ୟୁଜିଲାଣ୍ଡ)-୨୪୬ ରେଟିଂ, ରବୀନ୍ଦ୍ର ଜାଡେଜା ଟେଷ୍ଟ ଫର୍ମାଟରେ ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ଅଛନ୍ତି ଓ ଏହି ତାଲିକାର ଶୀର୍ଷ-୧୦ରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ। ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ନମ୍ବର-୧ ଟି-୨୦ ଅଲରାଉଣ୍ଡର। ତାଙ୍କର ୨୫୨ ରେଟିଂ ପଏଣ୍ଟ ଅଛି। ତଥାପି, ଆଫଗାନିସ୍ତାନର ମହମ୍ମଦ ନବି ଗୋଟିଏ ପଏଣ୍ଟ ବୃଦ୍ଧି ପାଇଛି, ସେ ଏବେ ଟି୨୦ ଅଲରାଉଣ୍ଡର ରାଙ୍କିଂରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି ଏବଂ ନେପାଳର ଦୀପେନ୍ଦ୍ର ସିଂହ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି।

## ଗୁଜରାଟ ପାଇଁ ଖେଳିବେ ହର୍ଷଲ




ଅହମ୍ମଦାବାଦ: ଦୀର୍ଘ ଦିନ ଧରି ହରିୟାଣା ପାଇଁ ଘରୋଇ କ୍ରିକେଟ ଖେଳ ଆସୁଥିବା ପେସ ବୋଲର ହର୍ଷଲ ପଟେଲ ଏବେ ତାଙ୍କ ରାଜ୍ୟ ଗୁଜରାଟକୁ ଫେରିଛନ୍ତି। ୨୦୨୫-୨୬ ଋତୁରେ ଗୁଜରାଟ ପାଇଁ ୩୪ ବର୍ଷୀୟ ଏହି ସଦସ୍ୟ ଖେଳିବେ। ଏଥିପାଇଁ ସେ ଗୁଜରାଟ କ୍ରିକେଟ ଆସୋସିଏସନ୍ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବରୋଦା, ସୌରାଷ୍ଟ୍ର ଓ ଗୁଜରାଟକୁ ନେଇ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ହର୍ଷଲ ଗୁଜରାଟ ପାଇଁ ଖେଳିବା ଆରମ୍ଭ କରିବେ। ହର୍ଷଲ ଗୁଜରାଟର ମୂଳ ବାସିନ୍ଦା। ତାଙ୍କ ପରିବାର ଏବେ ଗୁଜରାଟରେ ରହୁଛନ୍ତି। ୧୯ ବର୍ଷରୁ କମ୍ କ୍ରିକେଟରେ ଭଲ ପ୍ରଦର୍ଶନ କରିବା ପରେ ସେ ୨୦୦୮-୦୯ ଋତୁରେ ଗୁଜରାଟ ପାଇଁ ଲିଷ୍ଟ-ଏ ପଦାର୍ପଣ କରିଥିଲେ। ତେବେ ୨୦୧୦ରେ ଭାରତ ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ୍ ଖେଳିବା ପରେ ହର୍ଷଲ ହରିୟାଣା ଚାଲି ଯାଇଥିଲେ। ୨୦୧୧-୧୨ରେ ସେ ହରିୟାଣା ପାଇଁ ରଣଜୀ ଟ୍ରଫି ଖେଳିବା ଆରମ୍ଭ କରିଥିଲେ। ଏହା ପରଠାରୁ ହର୍ଷଲ ସମସ୍ତ ଫର୍ମାଟରେ ହରିୟାଣା ଦଳର ପ୍ରମୁଖ ସଦସ୍ୟ ପାଲଟି ଯାଇଥିଲେ। ୭୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ହର୍ଷଲ ୨୪୬ ୱିକେଟ୍ ନେଇଛନ୍ତି। ୧୨ଟି ଇନିଂସରେ ସେ ୫ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ୨୦୨୩-୨୪ରେ ହରିୟାଣା ବିଜୟ ହଜାରେ ଟ୍ରଫି ଜିତିଥିବା ବେଳେ ହର୍ଷଲ ଦଳର ପ୍ରମୁଖ ସଦସ୍ୟ ଥିଲେ। ସେ ଭାରତ ପାଇଁ ୨୫ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୨୭ଟି ୱିକେଟ୍ ନେଇଛନ୍ତି। ଚଳିତବର୍ଷ ହରିୟାଣା ଛାଡ଼ିବାରେ ହର୍ଷଲ ୨ୟ ଅନ୍ତର୍ଜାତୀୟ କ୍ରିକେଟର।

## ଫିଟ୍‌ନେସ୍ ପରୀକ୍ଷା ଦେଲେ ବିରାଟ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ମହାନ ବ୍ୟାଟ୍ସମ୍ୟାନ ବିରାଟ କୋହଲି ପଡ଼ିଆକୁ ଫେରିବା ପାଇଁ ବ୍ୟଗ୍ର ହୋଇ ଉଠିଛନ୍ତି। ସେ ଏଥିନେଇ କଠିନ ଅଭ୍ୟାସ ଜାରି ରଖିଛନ୍ତି। କୋହଲି ବିସିସିଆଇ ସେଂଟର ଅଫ ଏକ୍ସଲେନ୍ସରେ ଫିଟନେସ ଟେଷ୍ଟ ନ ଦେଇ ଇଂଲଣ୍ଡରେ ଦେଇଛନ୍ତି। କୋହଲି ଏଥିରେ ସଫଳ ହୋଇଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସେ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ବିସିସିଆଇଠାରୁ ଅନୁମତି ପାଇବା ପରେ କୋହଲି ଇଂଲଣ୍ଡରେ ଫିଟନେସ ଟେଷ୍ଟ ଦେଇଥିଲେ। କୋହଲି ଏବେ ନିଜ ପରିବାର ସହ ଇଂଲଣ୍ଡରେ ଛୁଟି କାଟୁଛନ୍ତି। ରିପୋର୍ଟ ମୁତାବକ ଦୁଇ ମହାନ ଖେଳାଳି ରୋହିତ ଏବଂ କୋହଲିଙ୍କ ବ୍ୟତୀତ ମହମ୍ମଦ ସିରାଜ, ଶୁଭମନ ଗିଲ, ଜିତେଶ ଶର୍ମା, ପ୍ରସିଦ୍ଧ କୃଷ୍ଣା, ଋତୁରାଜ ଗାଏକ୍‌ୱାଡ୍, ଅଭିଷେକ ଶର୍ମା, ହର୍ଷିତ ରାଣା, ଶ୍ରେୟସ ଆୟାର, ରିଙ୍କୁ ସିଂ, ଅକ୍ଷର ପଟେଲ, ରଜତ ପାଟୀଦାର, ରବି ବିଶ୍ୱୋଇ, ସଞ୍ଜୁ ସାମସନ, ଶିବମ ଦୁବେ, ମହମ୍ମଦ ସାମି, ବରୁଣ ଚକ୍ରବର୍ତ୍ତୀ, ମୁକେଶ କୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ସର୍ଫରାଜ ଖାଁ, ତିଳକ ବର୍ମା, ଅଭିମନ୍ୟୁ ଈଶ୍ୱରନ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଧ୍ରୁବ ଜୁରେଲ, ଶାର୍ଦ୍ଦୁଳ ଠାକୁର, ୱାଶିଂଟନ ସୁନ୍ଦର ଓ ଯଶସ୍ୱୀ ଜୈସୱାଲ ଫିଟନେସ ଟେଷ୍ଟ ସହଜରେ ପାସ କରି ନେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ କେ.ଏଲ. ରାହୁଲ, ଆକାଶ ଦୀପ, ନୀତିଶ କୁମାର ରେଡ୍ଡୀ, ଜାଡେଜା ଓ ପନ୍ତଙ୍କ ପରୀକ୍ଷା ହେବ ବୋଲି ଜଣାପଡ଼ିଛି। କୋହଲି ଏକମାତ୍ର ଖେଳାଳି ଯାହାଙ୍କ ପରୀକ୍ଷା ଦେଶ ବାହାରେ ହୋଇଛି। ବିସିସିଆଇ ଅଧିକାରୀଙ୍କ କହିବା ଅନୁସାରେ, କୋହଲି ଏହି ଅନୁମତି ପାଇଁ ଅନୁରୋଧ କରିଥିଲେ, କିନ୍ତୁ ଅନ୍ୟ ଖେଳାଳିଙ୍କ ପାଇଁ ଏପରି ଛାଡ଼ପତ୍ର ମିଳିପାରିବ କି ନାହିଁ, ତାହା ସ୍ପଷ୍ଟ ନୁହେଁ। ସୂଚନାଯୋଗ୍ୟ ଯେ, ଦଳର ଦୀର୍ଘ ଆଘାତ ତାଲିକାକୁ ଦୃଷ୍ଟିରେ ରଖି ବିସିସିଆଇ ଓ ଦଳ ପରିଚାଳନା ଫିଟନେସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ଦଳ ଚୟନ ପୂର୍ବରୁ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଫିଟନେସ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

## ଭାରତୀୟ ଅଲିମ୍ପିକ ସଂଘକୁ ଫଣ୍ଡ ଦେବ ଆଇଓସି

ନୂଆଦିଲ୍ଲୀ: ଆଭ୍ୟନ୍ତରୀଣ ବିବାଦ ଓ ପ୍ରଶାସନିକ ହସ୍ତକ୍ଷେପ ସମସ୍ୟାକୁ ସମାଧାନ କରିଥିବାରୁ ଭାରତୀୟ ଅଲିମ୍ପିକ ସଂଘକୁ ଆନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଫଣ୍ଡ ଦେବା ଆରମ୍ଭ କରିଛି। ବର୍ଷକ ତଳେ ପାଖାପାଖି ୧୫ କୋଟି ଟଙ୍କାର ବାର୍ଷିକ ଅନୁଦାନ ଆଇଓସି ପକ୍ଷରୁ ରୋକା ଯାଇଥିଲା। ଆଇଓଏ ରଘୁରାମ ଆୟାରଙ୍କ ନିଯୁକ୍ତିକୁ ମଂଜୁରୀ ପ୍ରଦାନ କରି ନ ଥିଲା। ବିବାଦ ସୃଷ୍ଟି ହେବା ପରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡୱିୟଙ୍କ ହସ୍ତକ୍ଷେପ ପରେ ଚଳିତ ବର୍ଷ ୨୪ ଜୁଲାଇରେ ଆଇଓଏ ଅଧ୍ୟକ୍ଷ ପିଟି ଉଷା ଓ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଫଳରେ ଏହି ବିବାଦର ଅନ୍ତ ଘଟିଥିଲା। ଆଇଓସି ଅଧିକାରୀ ଜେମ୍ସ ମ୍ୟାକଲେଓଡ ବିଧିବଦ୍ଧ ଭାବେ ଆଇଓଏ ଅଧ୍ୟକ୍ଷ ପିଟି ଉଷାଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବିବାଦ ଓ ପ୍ରଶାସନିକ ସମସ୍ୟାର ସମାଧାନ ପାଇଁ ଆପଣ ଉଠାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହି ଅବସରରେ ଅୟରଙ୍କ ନିଯୁକ୍ତିକୁ ସେ ବୈଧ ବୋଲି ମଧ୍ୟ କହିଛନ୍ତି। ଆଗକୁ ଆଇଓସି ଆପଣଙ୍କ ବକେୟା ଅର୍ଥ ପର୍ଯ୍ୟାକ୍ରମେ ପୈଠ କରିବ ବୋଲି ମ୍ୟାକଲୟଡ କହିଛନ୍ତି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ସଫଳତାର ସହ ବୈଠକର ଆୟୋଜିତ କରାଯାଇଥିଲା।

### ଚିନ୍ନାସ୍ୱାମୀ ଦଳାଚକଟା ଘଟଣାରେ ମୁହଁ ଖୋଲିଲେ ବିରାଟ

## ଆପଣଙ୍କ କ୍ଷତି ଏବେ ଆମର କାହାଣୀର ଏକ ଅଂଶ




ବେଙ୍ଗାଲୁରୁ: ଆଇପିଏଲ୍-୨୦୨୫ରେ ବିଜୟ ପରେ ଜୁନ ୪ରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପାଳନ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ଏହି ବିଜୟ ଉତ୍ସବ ପାଳନ ଅବସରରେ ଷ୍ଟାଡିୟମର ବାହାରେ ଦଳାଚକଟା ଘଟଣା ଘଟିଥିଲା। ଯେଉଁଥିରେ ୧୧ ଜୀବନ ଯାଇଥିବା ବେଳେ ୫୬ ଜଣ ଗୁରୁତର ଆହତ ହୋଇଥିଲେ। ଆୟୋଜକମାନେ ଇଭେଣ୍ଟକୁ ଠିକ୍ ଭାବରେ ପରିଚାଳନା କରିନଥିବାରୁ ମାମଲା ଆହୁରି ଖରାପ ହୋଇଥିଲା। ଯାହାକୁ ନେଇ ସରକାର ମଧ୍ୟ ଆରସିବି ଉପରେ ସମସ୍ତ ଦୋଷ ଲଦିଥିଲେ। ବିଶେଷ କରି ଦଳର ମୁଖିଆ ବିରାଟ କୋହଲିଙ୍କ ଭିଡିଓ ମେସେଜ ପରେ ଭିଡ ବଢିଥିଲା ବୋଲି ଦାବି ହୋଇଥିଲା। ହେଲେ ସେତେବେଳେ କିଛି କହିନଥିଲେ ବିରାଟ। କିନ୍ତୁ ଏବେ ବାଙ୍ଗାଲୋର ଦଳାଚକଟା ମାମଲାରେ ନୀରବତା ଭାଙ୍ଗିଛନ୍ତି ବିରାଟ କୋହଲି। ପୀଡିତ ପରିବାରକୁ ଏକ ବାର୍ତ୍ତା ମଧ୍ୟ ଦେଇଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସମ୍ପ୍ରତି ଘୋଷଣା କରିଛି ଯେ ସେମାନେ ଆର୍‌ସିବି କେୟର୍ସ ନାମରେ ଏକ ଫାଉଣ୍ଡେସନ ଆରମ୍ଭ କରୁଛନ୍ତି ଏବଂ ଏହା ଦଳଚକଟା ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ପରିବାରକୁ ସାହାଯ୍ୟ କରିବେ। ଏହା ପରେ, ବିରାଟଙ୍କ ବୟାନ ଆର୍‌ସିବିର ସରକାରୀ ୱେବସାଇଟରେ ମଧ୍ୟ ଆସିଛି। ଯେଉଁଥିରେ ବିରାଟ କହିଛନ୍ତି, ଜୁନ୍ ୪ ତାରିଖରେ ଘଟିଥିବା ହୃଦୟବିଦାରକ ଦୁର୍ଘଟଣା ପାଇଁ କେହି ପ୍ରସ୍ତୁତ ନଥିଲେ। ଆମ ଫ୍ରାଞ୍ଚାଇଜିର ସବୁଠାରୁ ଖୁସିର ମୁହୂର୍ତ୍ତ ଯାହା ଥିଲା, ତାହା ଏକ ଦୁଃଖଦ ଘଟଣାରେ ପରିଣତ ହୋଇଥିଲା। ମୁଁ ସେହି ସମସ୍ତ ପରିବାର ବିଷୟରେ ଭାବୁଛି ଏବଂ ପ୍ରାର୍ଥନା କରୁଛି ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି। ଆପଣଙ୍କ କ୍ଷତି ଏବେ ଆମର କାହାଣୀର ଏକ ଅଂଶ। ଏକାଠି ଆମେ ଏବେ ଯତ୍ନ, ସମ୍ମାନ ଏବଂ ଦାୟିତ୍ୱ ସହିତ ଆଗକୁ ବଢ଼ିବୁ। ତେବେ କହିରଖୁଛୁ, ୧୮ ବର୍ଷ ପରେ ଆରସିବି ଆଇପିଏଲ ଜିତିବା ପରେ ଆର୍‌ସିବି ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ହଠାତ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉତ୍ସବ ଘୋଷଣା କଲେ। କିନ୍ତୁ ଏଥିପାଇଁ ଠିକ୍ ଭାବରେ ଯୋଜନା କରାଯାଇ ନଥିଲା ଏବଂ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନଥିଲେ। ଏହା ବ୍ୟତୀତ ଆଇପିଏଲ୍ ବିଜୟକୁ ପାଳନ କରିବା ପାଇଁ ଆଶାଠାରୁ ଅଧିକ ଲୋକ ଏକାଠି ହୋଇଥିଲେ। ଏହି କାରଣରୁ, ଷ୍ଟାଡିୟମ ବାହାରେ ଦଳାଚକଟା ହୋଇଥିଲା ଏବଂ ୧୧ ଜଣଙ୍କ ଜୀବନ ଯାଇଥିଲା। କର୍ଣ୍ଣାଟକ ହାଇକୋର୍ଟ ଏଥିପାଇଁ ଆର୍‌ସିବି, କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ଏବଂ ଇଭେଣ୍ଟ ପରିଚାଳନା କମ୍ପାନୀକୁ ଦାୟୀ କରିଥିଲେ। କର୍ଣ୍ଣାଟକ ସରକାର ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଅସୁରକ୍ଷିତ ଘୋଷଣା କରିଥିଲେ। ଏହି କାରଣରୁ, ମହିଳା ବିଶ୍ୱକପ୍‌ର ମ୍ୟାଚ୍ ବେଙ୍ଗାଲୁରୁରୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ଏବେ ଏହି ମ୍ୟାଚ୍ ଗୁଡ଼ିକ ନବୀ ମୁମ୍ବାଇରେ ହେବାକୁ ଯାଉଛି। କର୍ଣ୍ଣାଟକର ସ୍ଥାନୀୟ କ୍ରିକେଟ୍ ଲିଗ୍ ମହାରାଜା ଟି୨୦ ଲିଗ୍‌ର ମ୍ୟାଚ୍ ମଧ୍ୟ ବେଙ୍ଗାଲୁରୁରୁ ମାଇସୁରକୁ ସ୍ଥାନାନ୍ତରିତ କରାଯାଇଥିଲା। ଅପରପକ୍ଷେ ସରକାର ବେଙ୍ଗାଲୁରୁରେ ଏକ ନୂତନ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି, ଯେଉଁଥିରେ ୬୦ ହଜାର ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା ରହିବ।

## ପାକିସ୍ତାନକୁ ହରାଇଲା ଆଫ୍‌ଗାନିସ୍ତାନ

ନୂଆଦିଲ୍ଲୀ: ତ୍ରିକୋଣୀୟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ପରାଜିତ ହୋଇଛି। ଶାରଜା କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଫଗାନିସ୍ତାନ ପାକିସ୍ତାନକୁ ୧୮ ରନ୍‌ରେ ପରାସ୍ତ କରିଥିଲା। ୧୭୦ ରନ୍‌ର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଥିବାବେଳେ ପାକିସ୍ତାନର ଆରମ୍ଭ ବହୁତ ଖରାପ ହୋଇଥିଲା। ଦଳ ୮ ରନ୍‌ରେ ସାମ ଆୟୁବଙ୍କ ରୂପରେ ପ୍ରଥମ ଉଇକେଟ ହରାଇଥିଲା। ସେ ଖାତା ଖୋଲି ନ ପାରି ଆଉଟ ହୋଇଥିଲେ। ଏହାପରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ିବା ଜାରି ରହିଥିଲା। କ୍ରମାଗତ ଉଇକେଟ ପତନ ଯୋଗୁ ଆବଶ୍ୟକ ରନ ହାର ବଢ଼ିବାରେ ଲାଗିଥିଲା ଏବଂ ପାକିସ୍ତାନ ଉପରେ ଚାପ ବଢ଼ିବାରେ ଲାଗିଲା। ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରିପାରିଲା ଏବଂ ୧୮ ରନ୍‌ରେ ପରାସ୍ତ ହୋଇଥିଲା। ସାହିବଜାଦା ଫରହାନ ୧୮, ଫଖର ଜମାନ ୨୫, ଅଧିନାୟକ ସଲମାନ ଅଲି ଆଗା ୨୦ ରନ କରିବା ପରେ ଆଉଟ ହୋଇଥିଲେ। ହାରିସ ରୌଫ ଶେଷରେ ଆସି ୧୬ ବଲରେ ୩୬ ରନ କରିଥିଲେ। ଆଫଗାନିସ୍ତାନ ୧୬୯ ରନ ରକ୍ଷା ପାଇଁ ସମସ୍ତ ପ୍ରୟାସ କରିଥିଲେ। ଦଳର ଅଭିଜ୍ଞ ବୋଲର ମହମ୍ମଦ ନବି, ରସିଦ ଖାନ, ଫଜଲହକ ଫାରୁକି ଏବଂ ନୁର ଅହମ୍ମଦ ଭଲ ବୋଲିଂ କରିଥିଲେ ଏବଂ ଉଇକେଟ ନେଇଥିଲେ। ରଶିଦ ଖାନ ୪ ଓଭରରେ ୩୦ ରନ ଦେଇ ୨ ଉଇକେଟ, ମହମ୍ମଦ ନବି ୪ ଓଭରରେ ୨୦ ରନ ଦେଇ ୨ ଉଇକେଟ, ନୁର ଅହମ୍ମଦ ୪ ଓଭରରେ ୨୦ ରନ ଦେଇ ୨ ଉଇକେଟ ନେଇଥିଲେ। ଫଜଲହକ ଫାରୁକି ୩ ଓଭରରେ ୨୧ ରନ ଦେଇ ୨ ଉଇକେଟ ନେଇଥିଲେ। ପୂର୍ବରୁ, ଆଫଗାନିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସେଦିକୁଲ୍ଲାହ ଅଟଲଙ୍କ ୬୪ ଏବଂ ଇବ୍ରାହିମ ଜାଦ୍ରାନଙ୍କ ୬୫ ରନ ଯୋଗୁ ଆଫଗାନିସ୍ତାନ ୫ ଉଇକେଟରେ ୧୬୯ ରନ କରିଥିଲା। ଇବ୍ରାହିମ ଏବଂ ସେଦିକୁଲ୍ଲାହ ଦ୍ୱିତୀୟ ୱିକେଟ ପାଇଁ ୧୧୩ ରନର ଭାଗୀଦାରି କରିଥିଲେ। ପାକିସ୍ତାନ ପକ୍ଷରୁ ଫହିମ ଆଶ୍ରଫ ସବୁଠାରୁ ସଫଳ ବୋଲର ଥିଲେ। ଆଶ୍ରଫ ୨ ଓଭରରେ ୨୭ ରନ ଦେଇ ୧ ଉଇକେଟ ନେଇଥିଲେ। ସାମ ଆୟୁବ ୧ ଉଇକେଟ ପାଇଥିଲେ।


### ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

## ଭାଗନେଲେ ୭ ବ୍ଲକ୍‌ର ୪୫୦ ପିଲା



ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସର ମଧ୍ୟରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରିଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ, ଭଲି ବଲ, ଚେସ୍, ବ୍ୟାଡ଼ମିଣ୍ଟନ, ଫୁଟ୍‌ବଲ ଇତ୍ୟାଦି ଖେଳରେ ଜିଲାର ୭ଟି ବ୍ଲକର ୪୫୦ ପିଲା ଭାଗ ନେଇଥିଲେ। ଏହି ଅବସରରେ ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ରନାଥ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ମୁଖ୍ୟବକ୍ତା ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୁଧାଂଶୁ ଶେଖର ମାହୁନ୍ତ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ପିଲାମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ସିଆରଏସ ହାଇସ୍କୁଲ ଶିକ୍ଷୟିତ୍ରୀ ରଶ୍ମିରେଖା ସୂତାର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମାନସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶଶିକାନ୍ତ ବେହେରା ଓ ଜିତେନ୍ଦ୍ର ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ଶିକ୍ଷକ ତପନ ମିଶ୍ର, ଅଶୋକ ପଣ୍ଡା, ମାନସ ନାୟକ, ବିଶ୍ୱରଂଜନ ମଲିକ, ସୁପ୍ରଭା ରାଉତ, ସ୍ୱର୍ଣ୍ଣଲତା ବେହେରା, ଗୀତାଞ୍ଜଳି ରଥ, ଗଂଗାଧର ସେଠୀ, ଶଚିକାନ୍ତ ପଣ୍ଡା, ରାଜକିଶୋର ମଲ୍ଲିକ, ପ୍ରଭାତ କୁମାର ଜେନା, ଜଗନ୍ନାଥ ଦ୍ୱିବେଦୀ, ବିକଶୀ ସାହୁ, ସୁରଜିତ ଭୋଇ, ରଂଜନ ବେହେରା, ତନ୍ମୟ ବେହେରା, ସତ୍ୟପ୍ରକାଶ ଦାସ, ରୀମା ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସିଆରଏସ ହାଇସ୍କୁଲର ଅନ୍ନପୂର୍ଣ୍ଣେଶ୍ୱରୀ ସାହୁ, ହିମାନୀ ନାୟକ, ଅନୁପମା ଗିରି, ପ[illegible]ନନ ଗୋଛାୟତ, ଶ୍ରୀକାନ୍ତ ପାତ୍ର, ଫିଲିପ୍ ବେହେରା, ପ୍ରଫୁଲ୍ଲ ସାହୁ, ଜ୍ୟୋତ୍ସ୍ନା ସାହୁ, ବନଜ୍ୟୋତ୍ସ୍ନା ପରିଡ଼ା, ପୁଷ୍ପଲତା ସାହୁ, ଶଶିରେଖା ଶତପଥି, ରୀତାରାଣୀ ପଣ୍ଡା, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପତି, ଭକ୍ତବନ୍ଧୁ ପତି, ରମେଶ ବେହେରା, ପ୍ରଶାନ୍ତ ମହାନ୍ତି, କୃତିବାସ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଖେଳାଳିଙ୍କ ସଫଳତା




ପାରାଦୀପ (ଭାସ୍କର ନ୍ୟୁଜ୍) : ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ, ଇଣ୍ଡିଆ ଅଲମ୍ପିକ ଆସୋସିଏସନ ଏବଂ ଆମେଚର କିକ୍ ବକ୍ସିଂ ମିଳିତ ସହଯୋଗରେ ଆୟୋଜିତ ଜାତୀୟ କିକ ବକ୍ସିଂ ପ୍ରତିଯୋଗିତା ଅଗଷ୍ଟ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ସ୍ଥିତ ନେତାଜୀ ଇଣ୍ଡୋର ଷ୍ଟାଡିଅମରେ ଆୟୋଜିତ ହୋଇଯାଇଛି। ଏହି ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ଓଡିଶାର ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରି ୪୬ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ରୁ ୨୦୨୧ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ଜଗତସିଂହପୁର ଜିଲ୍ଲାର ଖେଳାଳି ମାନେ ଜାତୀୟ ସ୍ତରରେ ଅନେକ ପ୍ରତିଯୋଗୀ ମାନଙ୍କୁ ପରାସ୍ତ କରି ୨ ଟି ରୋପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଆଣିବାରେ ସକ୍ଷମ ହେବା ସହ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ସୋନାକ୍ଷୀ ସାହୁ ଓ ସୋହନଦୀପ ସିଂହ ରୋପ୍ୟ ଏବଂ ଆକାଂକ୍ଷା ସାହୁ କାଂସ୍ୟ ପଦକ ହାସଲ କରିଛନ୍ତି। ସମସ୍ତ ବିଜୟୀ ପ୍ରତିଯୋଗୀ ମାନଙ୍କୁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କଳିଙ୍ଗ ଷ୍ଟାଡିଅମ ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ରାଜ୍ୟ ଓ ଜଗତସିଂହପୁର ଜିଲ୍ଲାର କ୍ରୀଡ଼ାବିତ ମାନଙ୍କ ପ୍ରଦର୍ଶନ ପାଇଁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରୋଜେକ୍ଟସ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା, ଭାରତ, CIN: L14103OR2000PLC006230, ଫୋନ୍ ନଂ.: +୯୧-୦୬୭୪-୨୬୦୨୭୬୩,
ଇ-ମେଲ: cs@arssgroup.in, ୱେବ୍‌ସାଇଟ୍: www.arssgroup.in

**କମ୍ପାନୀର ଅନୁଷ୍ଠିତ ହେବାକୁ ଥିବା ସଦସ୍ୟମାନଙ୍କର ୨୫ତମ ବାର୍ଷିକ ସାଧାରଣ ବୈଠକର ଭିଡିଓ କନ୍‌ଫରେନ୍ସିଂ (ଭିସି) ଏବଂ ଅନ୍ୟ ଅଡିଓ ଭିଜୁଆଲ (ଓଏଭିଏମ୍)ର ନୋଟିସ୍, ବୁକ୍ କ୍ଲୋଜର ରେକର୍ଡ ତାରିଖ ଏବଂ ରିମୋଟ ଇ-ଭୋଟିଂ ସୂଚନା**

ଏହି ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଛି କି, ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରୋଜେକ୍ଟସ୍ ଲିମିଟେଡ୍ ର ୨୫ତମ ବାର୍ଷିକ ସାଧାରଣ ବୈଠକ ଭିଡିଓ କନ୍‌ଫରେନ୍ସିଂ(ଭିସି)କିମ୍ବା ଅନ୍ୟ ଅଡିଓ ଭିଜୁଆଲ ମାଧ୍ୟମ (ଓଏଭିଏମ୍) ମାଧ୍ୟମରେ **୨୪ ସେପ୍ଟେମ୍ବର ୨୦୨୫ (ବୁଧବାର) ଦିନ ପୂର୍ବାହ୍ନ ୧୧ ଘଟିକାରେ** ଅନୁଷ୍ଠିତ ହେବ। କମ୍ପାନୀଜ୍ ଆକ୍ଟ ୨୦୧୩ ଅନୁଯାୟୀ ଏବଂ ସେଥିରେ ଥିବା ନିୟମ ଅନୁସାରେ ଏବଂ ସେବି (ଲିଷ୍ଟିଙ୍ଗ୍ ଓବ୍ଲିଗେସନ୍ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ ସହିତ ଯୋଗାଯୋଗ ମନ୍ତ୍ରଣାଳୟର ବିଭିନ୍ନ ଜେନେରାଲ ସର୍କୁଲାର ର ସର୍ବଶେଷ ଜେନେରାଲ୍ ସର୍କୁଲାର୍ ନଂ.: ୦୯/୨୦୨୪, ତା.୧୯.୦୯.୨୦୨୪ (ସମୂହ ଭାବେ ଏମ୍‌ସିଏ ସର୍କୁଲାର ଭାବେ ଦର୍ଶିତ) ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ସର୍ବଶେଷ ତା.୦୩.୧୦.୨୦୨୪ର ସର୍କୁଲାର SEBI/HO/CFD/CFD-PoD-2/P/CIR/2024/133 ଏବଂ ଏ ବିଷୟରେ ଜାରି ଅନ୍ୟାନ୍ୟ ପ୍ରଯୁଜ୍ୟ ସର୍କୁଲାର ଯେଉଁଥିରେ କି ୨୫ତମ ବାର୍ଷିକ ସାଧାରଣ ବୈଠକ ତା.୧୧.୦୮.୨୦୨୫ରେ ସ୍ଥିର ବ୍ୟବସାୟିକ କାରବାର ଏକ ସର୍ବସାଧାରଣ ସ୍ଥାନରେ ସଦସ୍ୟମାନଙ୍କ ଶାରିରୀକ ଉପସ୍ଥିତି ବିନା ଅନୁଷ୍ଠିତ ହେବାର ସ୍ଥିର କରାଯାଇଥିଲା। କମ୍ପାନୀର ବାର୍ଷିକ ସାଧାରଣ ବୈଠକର ବିଚାର୍ଯ୍ୟ ବୈଠକ ସ୍ଥାନ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟ ଅଟେ।

ସଦସ୍ୟମାନଙ୍କୁ ଏତଦ୍‌ଦ୍ୱାରା ଅବଗତ କରାଇ ଦିଆଯାଉଛି କି, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ଅନୁପାଳନ କରି ବାର୍ଷିକ ସାଧାରଣ ବୈଠକ ର ନୋଟିସ ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ର ବାର୍ଷିକ ବିବରଣୀ କମ୍ପାନୀ / ରେଜିଷ୍ଟ୍ରାର ଏବଂ ଟ୍ରାନ୍ସଫର ଏଜେଣ୍ଟ / ଡିପୋଜିଟାରି ପାର୍ଟିସିପାଣ୍ଟଙ୍କ ନିକଟରେ ପଞ୍ଜିକୃତ ଇ-ମେଲ ଠିକଣାରେ ସମସ୍ତ ସଦସ୍ୟମାନଙ୍କୁ ତା.୨୯.୦୮.୨୦୨୫ରିଖରେ ଇଲେକ୍ଟ୍ରୋନିକ ମାଧ୍ୟମରେ ପ୍ରେରଣା କରାଯାଇଛି ଏବଂ ୱେବ ଲିଙ୍କ ପ୍ରଦାନ କରାଯାଇଥିବା ଏକ ଚିଠି ଯେଉଁଥିରେ ବାର୍ଷିକ ବିବରଣୀର ସବିଶେଷ ତଥ୍ୟାବଳୀ ସହିତ ସଠିକ ପଥ ସେୟାର ହୋଲଡରମାନଙ୍କୁ ଯେଉଁମାନଙ୍କର ଇ-ମେଲ ଠିକଣା କମ୍ପାନୀ / ରେଜିଷ୍ଟ୍ରାର ଏବଂ ଟ୍ରାନ୍ସଫର ଏଜେଣ୍ଟ / ଡିପୋଜିଟାରି ପାର୍ଟିସିପାଣ୍ଟଙ୍କ ନିକଟରେ ପଞ୍ଜିକୃତ ନାହିଁ। ସେମାନଙ୍କୁ ସେମାନଙ୍କର ପଞ୍ଜିକୃତ ଠିକଣାରେ ତା.୦୧.୦୯.୨୦୨୫ରିଖରେ ଚିଠି ପ୍ରେରଣ କରାଯାଇଛି।

୨୫ତମ ବାର୍ଷିକ ସାଧାରଣ ବୈଠକ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ କମ୍ପାନୀର ୱେବସାଇଟ୍ **http://arssgroup.in/PDF/NoticeofAGM/NOTICE%2025TH%20AGM.pdf** ଏବଂ **http://arssgroup.in/PDF/AnnualReport/Annual%20Report%202024-25.pdf** ଯଥାକ୍ରମେ, NSDLର ଇଭୋଟିଂ ୱେବସାଇଟ **(www.evoting.nsdl.com)** ଏବଂ NSEର ୱେବସାଇଟ **(www.nseindia.com)** BSEର ୱେବସାଇଟ **(www.bseindia.com)** ରେ ଉପଲବ୍ଧ।

**ବାର୍ଷିକ ସାଧାରଣ ବୈଠକରେ ଅଂଶ ଗ୍ରହଣ:**

ସଦସ୍ୟମାନେ NSDL ଦ୍ୱାରା ପ୍ରଦତ୍ତ ସୁବିଧା VC/OAVM ମାଧ୍ୟମରେ **https://evoting.nsdl.com**ରେ ଲଗିଙ୍ଗ୍ କରି ବାର୍ଷିକ ସାଧାରଣ ବୈଠକରେ ଅଂଶଗ୍ରହଣ କରିପାରିବେ। ଦ୍ରଷ୍ଟବ୍ୟ ଏହି କି, କମ୍ପାନୀର ସାଧାରଣ ବୈଠକରେ ବ୍ୟକ୍ତିଗତ ଭାବେ ଯୋଗାଦେବା ଏବଂ ଅଂଶଗ୍ରହଣ କରିବାର କୌଣସି ବ୍ୟବସ୍ଥା ନାହିଁ। ବାର୍ଷିକ ସାଧାରଣ ବୈଠକରେ ଯୋଗଦେବାର ସବିଶେଷ ନିର୍ଦ୍ଦେଶାବଳୀ କମ୍ପାନୀର ୨୫ତମ ସାଧାରଣ ବୈଠକର ନୋଟିସରେ ପ୍ରଦାନ କରାଯାଇଛି। ଇ-ଭୋଟିଙ୍ଗ ମାଧ୍ୟମରେ ଉପଲବ୍ଧ ତଥା ଇମେଲ ଠିକଣା ସଫଳ ଭାବେ ପଞ୍ଜିକୃତ କଲାପରେ ଇ-ମେଲ ମାଧ୍ୟମରେ ମଧ୍ୟ ଏହା ଉପଲବ୍ଧ ହେବ।

**ବାର୍ଷିକ ସାଧାରଣ ବୈଠକ ସମୟରେ ରିମୋଟ ଇ-ଭୋଟିଂ ଏବଂ ଇ-ଭୋଟିଂ ନିର୍ଦ୍ଦେଶାବଳୀ:**

୨୫ତମ ବାର୍ଷିକ ସାଧାରଣ ବୈଠକର ନୋଟିସ୍ ରେ ଥିବା ରିଜୋଲ୍ୟୁସନ୍ ଉପରେ ରିମୋଟ ଇ-ଭୋଟିଂ (ବାର୍ଷିକ ସାଧାରଣ ବୈଠକର ସ୍ଥାନ ବ୍ୟତୀତ ଅନ୍ୟତ୍ର ଭୋଟ୍ କରିବାର ସୁବିଧା ପ୍ରଦାନ କରାଯିବ) କମ୍ପାନୀଜ୍ ଆକ୍ଟ ୨୦୧୩ ର ଧାରା ୧୦୮ ସହିତ କମ୍ପାନୀଜ୍ (ମ୍ୟାନେଜମେଣ୍ଟ ଆଣ୍ଡ ଆଡମିନିଷ୍ଟ୍ରେସନ) ରୁଲ୍ସ ୨୦୧୪ ର ରୁଲ ୨୦ ଏବଂ ସେବି (ଲିଷ୍ଟିଙ୍ଗ୍ ଓବ୍ଲିଗେସନ୍ ଆଣ୍ଡ ଡିସ୍‌କ୍ଲୋଜର ରିକ୍ୟୁଆରମେଣ୍ଟସ୍) ର ନିୟମାବଳୀ ୨୦୧୫ ର ନିୟମ ୪୪ ଅନୁସାରେ ପରିଚାଳିତ କରାଯିବ, ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ଦ୍ୱାରା ଜାରି ସାଧାରଣ ବୈଠକଗୁଡିକର ସେକ୍ରେଟାରିଆଲ ଷ୍ଟାଣ୍ଡାର୍ଡ ସହିତ ଏମ୍‌ସିଏ/ସେବି ଦ୍ୱାରା ସମୟକୁ ସମୟ ପ୍ରତ୍ୟେକ ସଂଶୋଧିତ ଏବଂ ଜାରି କରାଯାଇଥିବା ସର୍କୁଲାର ଅନୁସାରେ ନୋଟିସ୍ ଅନୁଯାୟୀ ବ୍ୟବସାୟିକ କାରବାର ବିଷୟ ବାର୍ଷିକ ସାଧାରଣ ବୈଠକ ଓ ତା ପୂର୍ବରୁ ରିମୋଟ ଇ-ଭୋଟିଙ୍ଗ୍ ସୁବିଧା ସଦସ୍ୟମାନଙ୍କୁ କମ୍ପାନୀ ଦ୍ୱାରା ପ୍ରଦାନ କରାଯିବ। ନ୍ୟାସନାଲ୍ ସିକ୍ୟୁରିଟୀ ଡିପୋଜିଟାରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ) କୁ ଇ-ଭୋଟିଂ ପ୍ଲାଟଫର୍ମ ପ୍ରଦାନ କରିବାକୁ କମ୍ପାନୀ ଦ୍ୱାରା ନିଯୁକ୍ତ କରାଯାଇଛି। ଇ-ଭୋଟିଂ ସୁବିଧା ମଧ୍ୟ ବାର୍ଷିକ ସାଧାରଣ ବୈଠକରେ ଉପଲବ୍ଧ ହେବ ଏବଂ ଯେଉଁ ସଦସ୍ୟମାନେ ରିମୋଟ ଇ-ଭୋଟିଂ ଜରିଆରେ ଭୋଟ୍ ଦାନ କରିନାହାଁନ୍ତି ଏବଂ ସେମାନଙ୍କୁ ଏପରି କରିବାକୁ ବାରଣ କରାଯାଇନାହିଁ, ସେମାନେ ବାର୍ଷିକ ସାଧାରଣ ବୈଠକରେ ଭୋଟ ଦାନ କରିବାକୁ ସକ୍ଷମ ହେବେ।

ଯେଉଁ ସଦସ୍ୟଙ୍କ ନାମ କମ୍ପାନୀର ସଦସ୍ୟ ରେଜିଷ୍ଟର କିମ୍ବା କମ୍ପାନୀର ରେଜିଷ୍ଟରରେ ଡିପୋଜିଟାରୀଙ୍କ ଦ୍ୱାରା ପରିଚାଳିତ ଲାଭାଂଶ ମାଲିକାନା ରେଜିଷ୍ଟର ରେ ବୁଧବାର, **ତା.୧୭ ସେପ୍ଟେମ୍ବର, ୨୦୨୫** ସୁଦ୍ଧା ରେକର୍ଡଭୁକ୍ତ ସେମାନେ ବାର୍ଷିକ ସାଧାରଣ ବୈଠକରେ ରିମୋଟ୍ ଇ-ଭୋଟିଂ କିମ୍ବା ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ଧାର୍ଯ୍ୟ ତାରିଖ ସୁଦ୍ଧା ସଦସ୍ୟ ହୋଇନାହାଁନ୍ତି ବାର୍ଷିକ ସାଧାରଣ ବୈଠକର ବିଜ୍ଞପ୍ତିକୁ କେବଳ ସୂଚନା ରୁପେ ବିବେଚନା କରିପାରିବେ। କୌଣସି ବ୍ୟକ୍ତି ବାର୍ଷିକ ସାଧାରଣ ବୈଠକର ବିଜ୍ଞପ୍ତି ପ୍ରେରଣର ଶେଷ ତାରିଖ ସୁଦ୍ଧା ସଦସ୍ୟ ହୋଇଥିଲେ **evoting@nsdl.co.in** କିମ୍ବା **investor@bigshareonline.comrequesting** କୁ ଅନୁରୋଧ କରି ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ସଂଗ୍ରହ କରିପାରିବେ। ଏନ୍‌ଏସ୍‌ଡିଏଲ୍ ରେ ପଞ୍ଜିକୃତ ସଦସ୍ୟମାନେ ରିମୋଟ ଇ-ଭୋଟିଂ ପାଇଁ ପୂର୍ବ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରିପାରିବେ।

ରିମୋଟ୍ ଇ-ଭୋଟିଂ ସମୟ **ଶନିବାର, ତା.୨୦ ସେପ୍ଟେମ୍ବର, ୨୦୨୫ (ପୂର୍ବାହ୍ନ ୯.୦୦ ଘଟିକା)** ରୁ ଆରମ୍ଭ ହୋଇ **ମଙ୍ଗଳବାର, ତା.୨୩ ସେପ୍ଟେମ୍ବର ୨୦୨୫(ଅପରାହ୍ନ ୫ ଘଟିକା)** ରେ ଶେଷ ହେବ। ଏହାପରେ ରିମୋଟ୍ ଇ-ଭୋଟିଂ ପ୍ରକ୍ରିୟାକୁ ଏନ୍‌ଏସ୍‌ଡିଏଲ୍ ଦ୍ୱାରା ବନ୍ଦ କରିଦିଆଯିବ। ଥରେ ଭୋଟ୍ ଦେଇ ସାରିଥିବା ସଦସ୍ୟଙ୍କୁ ପୁନଶ୍ଚ ଭୋଟ୍ ପରିବର୍ତ୍ତନ କରିବାର ଅନୁମତି ଦିଆଯିବ ନାହିଁ। ଯେଉଁ ସଦସ୍ୟମାନେ ପୂର୍ବରୁ ରିମୋଟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦାନ କରିସାରିଛନ୍ତି ସେମାନେ ବାର୍ଷିକ ସାଧାରଣ ବୈଠକରେ ଯୋଗ ଦେଇପାରିବେ କିନ୍ତୁ ପୁନଶ୍ଚ ଭୋଟ ଦେଇପାରିବେ ନାହିଁ।

**ରିମୋଟ ଇ-ଭୋଟିଂ ସମ୍ବନ୍ଧୀୟ ଯଦି କୌଣସି ଅନୁସନ୍ଧାନ କିମ୍ବା ଅଭିଯୋଗ ଥାଏ ତେବେ ସଦସ୍ୟମାନେ ସେୟାର ହୋଲ୍ଡରମାନଙ୍କ ପାଇଁ ଥିବା Frequently Asked Questions (FAQs) ରେ ଦେଖିପାରିବେ ଏବଂ ରିମୋଟ ଇ-ଭୋଟିଂ ୟୁଜର ମାନୁଆଲରେ ଦେଖିପାରିବେ, ଯାହା ଏନ୍‌ଏସ୍‌ଡିଏଲ୍‌ର ଇ-ଭୋଟିଂ ୱେବ୍‌ସାଇଟ୍‌ର ଡାଉନ୍‌ଲୋଡ ସେକ୍ସନରେ ଉପଲବ୍ଧ କିମ୍ବା ଯୋଗାଯୋଗ କରିପାରିବେ:**

(କ) ଶ୍ରୀ ଅମିତ ବିଶାଲ, ଏଭିପି, ମିସ୍ ପଲ୍ଲବୀ ମହାତ୍ରେ, ବରିଷ୍ଠ ପ୍ରବନ୍ଧକ, ଏନ୍‌ଏସ୍‌ଡିଏଲ୍, ୩ୟ ମହଲା, ନମନ ଚାମ୍ବର, ପ୍ଲଟ୍ ସି-୩୨, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୫୧, ୦୨୨-୨୪୯୯୪୩୬୦ / ୦୨୨-୨୪୯୯୪୫୪୫ କିମ୍ବା ଇ-ମେଲ୍ ଆଇଡି: **evoting@nsdl.co.in**

(ଖ) ଶ୍ରୀ ପ୍ରକାଶ ଛାଜର, କମ୍ପାନୀ ସେକ୍ରେଟାରୀ, ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିମିଟେଡ୍, ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର - ୭୫୧୦୧୦, ଟେଲିଫୋନ ନଂ. ୦୬୭୪-୨୬୦୨୭୬୩ କିମ୍ବା ଇ-ମେଲ: **cs@arssgroup.in**

M/s. Sunita Jyotirmoy & Associates ପ୍ରାକ୍ଟିସିଂ କମ୍ପାନୀ ସେକ୍ରେଟାରିଜ୍, ଭୁବନେଶ୍ୱର ର ଶ୍ରୀ ଜ୍ୟୋତିର୍ମୟ ମିଶ୍ର ଙ୍କୁ (Membership No. FCS -6556 & CP No. 6022), କମ୍ପାନୀ ପକ୍ଷରୁ ବାର୍ଷିକ ସାଧାରଣ ବୈଠକରେ ରିମୋଟ ଇ-ଭୋଟିଂ ପ୍ରକ୍ରିୟା ସହିତ ବାର୍ଷିକ ସାଧାରଣ ବୈଠକରେ ଭୋଟିଂକୁ ସହଜ ସରଳ ଓ ସ୍ୱଚ୍ଛ ପଦ୍ଧତିରେ ସ୍କୁଟିନ୍ କରିବା ପାଇଁ ସ୍କୁଟିନାଇଜର କାର୍ଯ୍ୟ ନିମନ୍ତେ ନିଯୁକ୍ତ କରାଯାଇଛି।

ଭୋଟ୍‌ର ଫଳାଫଳ ୨୫ତମ ବାର୍ଷିକ ସାଧାରଣ ବୈଠକ ସମାପ୍ତ ହେବାର ୪୮ ଘଣ୍ଟା ମଧ୍ୟରେ ଘୋଷଣା କରାଯିବ। ଘୋଷିତ ଫଳାଫଳ ସହିତ ସ୍କୁଟିନାଇଜର ରିପୋର୍ଟ କମ୍ପାନୀର କର୍ପୋରେଟ୍ ୱେବ୍‌ସାଇଟ୍ **www.arssgroup.in** ଏବଂ ଏନ୍‌ଏସ୍‌ଡିଏଲ୍ ର ଇ-ଭୋଟିଂ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ସେହି ଫଳାଫଳ କମ୍ପାନୀଦ୍ୱାରା ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଏବଂ ବିଏସ୍‌ଇ ଲିମିଟେଡ୍ (ବିଏସ୍‌ଇ) କୁ ମଧ୍ୟ ପ୍ରେରଣ କରାଯିବ।

**ଇ-ମେଲ୍ ଆଇଡି, ପ୍ୟାନ୍ ଏବଂ ବ୍ୟାଙ୍କର ବିବରଣୀ ପଞ୍ଜିକରଣ / ଅପ୍‌ଡେଟ୍ କରିବାର ପଦ୍ଧତି:**

(କ) ସେବିର ସର୍କୁଲାର ଅନୁସାରେ ବାର୍ଷିକ ସାଧାରଣ ବୈଠକର ନୋଟିସ ଏବଂ ବାର୍ଷିକ ବିବରଣୀ ର ଫିଜିକାଲ କପିଗୁଡିକ ସଦସ୍ୟମାନଙ୍କ ନିକଟକୁ ପ୍ରେରଣ କରାଯିବ ନାହିଁ, ଯେଉଁ ସଦସ୍ୟମାନେ ଫିଜିକାଲ ମୋଡରେ ସେୟାର ଧରିଛନ୍ତି ଏବଂ ସେମାନେ ଯଦି ସେମାନଙ୍କର ଇ-ମେଲ ଠିକଣା, ପ୍ୟାନ ଏବଂ ବ୍ୟାଙ୍କ ବିବରଣୀ କମ୍ପାନୀରେ ଅପଡେଟ୍ କରିନଥାନ୍ତି ତେବେ ସେମାନଙ୍କୁ ଅନୁରୋଧ କି, ସେମାନେ କମ୍ପାନୀକୁ / RTA କୁ ଲିଖିତ ଭାବେ ଜଣାଇ ଫୋଲିଓ ନମ୍ବରର ସବିଶେଷ ବିବରଣୀ ଏବଂ ପ୍ୟାନ ଓ ଠିକଣା ପ୍ରମାଣ କପିଗୁଡିକୁ ସ୍ୱ ଦସ୍ତଖତ ସହିତ ସେଗୁଡିକୁ **cs@arssgroup.in orinvestor@bigshareonline.com** ରେ ସଂଲଗ୍ନ କରି ଅପଡେଟ୍ କରନ୍ତୁ।

(ଖ) ଡିମ୍ୟାଟେରିଆଲାଇଜଡ୍ ମୋଡରେ ଯେଉଁ ସଦସ୍ୟମାନେ ସେୟାର ଧରିଛନ୍ତି ଏବଂ ସେମାନେ ଯଦି ଇ-ମେଲ, ପ୍ୟାନ, ବ୍ୟାଙ୍କ ବିବରଣୀ ଅପଡେଟ୍ ଡିପୋଜିଟାରି ପାର୍ଟିସିପାଣ୍ଟଙ୍କ ଠାରେ ଅପଡେଟ କରିନାହାଁନ୍ତି, ସେମାନଙ୍କୁ ଅନୁରୋଧ କି ସେମାନେ ସେମାନଙ୍କର ଡିମାଟ ଆକାଉଣ୍ଟ ପରିଚାଳନା କରୁଥିବା ଡିପୋଜିଟାରି ପାର୍ଟିସିପାଣ୍ଟଙ୍କ ଠାରେ ସେ ସବୁକୁ ଅପଡେଟ କରନ୍ତୁ।

**ବୁକ୍ କ୍ଲୋଜର୍**

ଏତଦ୍‌ଦ୍ୱାରା ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, କମ୍ପାନୀଜ୍ ଆକ୍ଟ ୨୦୧୩ର ଧାରା ୯୧ ସହିତ କମ୍ପାନୀଜ୍ (ମ୍ୟାନେଜମେଣ୍ଟ ଆଣ୍ଡ ଆଡମିନିଷ୍ଟ୍ରେସନ) ରୁଲ୍ସ ୨୦୧୪ର ରୁଲ ୧୦ ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) (ଲିଷ୍ଟିଙ୍ଗ୍ ଓବ୍ଲିଗେସନ୍ ଆଣ୍ଡ ଡିସ୍‌କ୍ଲୋଜର ରିକ୍ୟୁଆରମେଣ୍ଟସ୍) ନିୟମାବଳୀ ୨୦୧୫ର ପ୍ରଯୁଜ୍ୟ ନିୟମ ଅନୁସାରେ ମାର୍ଚ୍ଚ ୩୧, ୨୦୨୫ରେ ଆର୍ଥିକ ବର୍ଷ ଶେଷ ନିମନ୍ତେ କମ୍ପାନୀ ସଦସ୍ୟମାନଙ୍କର ୨୫ତମ ବାର୍ଷିକ ସାଧାରଣ ବୈଠକ ଉଦ୍ଦେଶ୍ୟରେ ବୁଧବାର, ତା. ୧୭ ସେପ୍ଟେମ୍ବର, ୨୦୨୫ ଠାରୁ ବୁଧବାର, ତା. ୨୪ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ (ଉଭୟ ଦିନ ଅନ୍ତର୍ଭୁକ୍ତ କରି) କମ୍ପାନୀର ସଦସ୍ୟମାନଙ୍କ ରେଜିଷ୍ଟର ଏବଂ ସେୟାର ଟ୍ରାନ୍ସଫର ବୁକ୍ ବନ୍ଦ ରହିବ।

ସଦସ୍ୟମାନଙ୍କୁ ଅନୁରୋଧ କି ସେମାନେ ବାର୍ଷିକ ସାଧାରଣ ବୈଠକର ସବିଶେଷ ବିବରଣୀ ଏବଂ ସ୍ଥିର କରାଯାଇଥିବା ବିଷୟବସ୍ତୁ, ବୈଠକରେ ଯୋଗ ଦେବାର ନିର୍ଦ୍ଦେଶାବଳୀ, ବାର୍ଷିକ ସାଧାରଣ ବୈଠକ ସମୟରେ ଇ-ଭୋଟିଙ୍ଗ ଏବଂ ରିମୋଟ ଇ-ଭୋଟିଙ୍ଗ ପ୍ରଦାନ କରିବାର ମାଧ୍ୟମ ବିଷୟକୁ ଯତ୍ନର ସହିତ ପଠନ କରନ୍ତୁ।

ଏହି ନୋଟିସ୍‌ଟି କମ୍ପାନୀର ସଦସ୍ୟମାନଙ୍କ ହିତ ଦୃଷ୍ଟିରୁ ଏବଂ ସୂଚନା ପ୍ରଦାନ ପାଇଁ ଜାରି କରାଯାଇଛି ଏବଂ **MCA** ଓ **SEBI** ର ପ୍ରଯୁଜ୍ୟ ସର୍କୁଲାର ଗୁଡିକୁ ଅନୁପାଳନ କରାଯାଇଛି।

ବୋର୍ଡ/ରିସଲ୍ୟୁସନ୍ ପ୍ରଫେସନାଲର ନିର୍ଦ୍ଦେଶକ୍ରମେ
ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିଃ. ନିମନ୍ତେ
ସ୍ୱା/- (ପ୍ରକାଶ ଛାଜର)
(କମ୍ପାନୀ ସେକ୍ରେଟାରୀ ଏବଂ କମ୍ପ୍ଲିଆନ୍ସ ଅଫିସର)
(FCS - 8473)

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୩.୦୯.୨୦୨୫



ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ। କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ। କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ। କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ। ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।



# ଭଗବାନ ବାମନ



ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବାମନ ଜୟନ୍ତୀ ନାମରେ ଖ୍ୟାତ। ଶ୍ରୀମଦ୍ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ରର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ। ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବ୍ୟସ୍ତ କରିଥିଲେ। ବଳୀ ଦାନବୀର ଥିଲେ। ସର୍ବଦା ଧର୍ମ ଆଚରଣ କରୁଥିଲେ। ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଭଗବାନ ବିଷ୍ଣୁ ଦେବତାମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ। ଏହାର କିଛିଦିନ ପରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ। ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ଥିଲେ ଭଗବାନ ବାମନ। ଜନ୍ମ ସମୟରେ ତାଙ୍କର ନୀଳ ନବଘନ କାନ୍ତି ଦେବତା, ମୁନି ଋଷିମାନଙ୍କୁ ଆଚମ୍ବିତ କରିଦେଇଥିଲେ। ସମସ୍ତେ ତାଙ୍କର ସ୍ତୁତିଗାନ କରିବାକୁ ଲାଗିଥିଲେ। ଭଗବାନ ବାମନଙ୍କ ଆଜାନୁ ଲମ୍ବ ଚାରିଭୂଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା। ସେ ପୀତବସ୍ତ୍ର ପରିଧାନ କରିଥିଲେ। କର୍ଣ୍ଣରେ ରକ୍ତ କୁଣ୍ଡଳ ସାଙ୍ଗକୁ ହୃଦୟରେ ଶ୍ରୀବତ୍ସ ଚିହ୍ନ ଶୋଭା ପାଉଥିଲା। ବକ୍ଷରେ ବନମାଳ ଧାରଣ କରିଥିବା ବାମନଙ୍କ ଶିରରେ ମଣିମୁକୁଟ, କଟିରେ ରତ୍ନମେଖଳା, କଣ୍ଠରେ କୌସ୍ତୁଭ ମଣି ଶୋଭାପାଉଥିଲେ। ସେ ବଟୁ ବାମନ ରୂପରେ ଜନ୍ମ ନେଇଥିଲେ। ଜନ୍ମ ଗ୍ରହଣ କରିବା ପରେ ତ୍ରିବିକ୍ରମ ବାମନଙ୍କର ଉପନୟନ ସଂସ୍କାର କରାଯାଇଥିଲା। ସୃଷ୍ଟିକର୍ତ୍ତା ବ୍ରହ୍ମା ଓ ମୁନିମାନେ କଶ୍ୟପ ଆଶ୍ରମରେ ଉପନୟନ ଜାତକର୍ମ କରିଥିଲେ। ସୂର୍ଯ୍ୟଦେବ କର୍ଣ୍ଣରେ ସାବିତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ। ଦେବଗୁରୁ କାନ୍ଧରେ ପଇତା, କଶ୍ୟପ କଟିରେ ମର୍କତ ମେଖଳା, ପୃଥିବୀ କାନ୍ଧରେ କୃଷ୍ଣାଜିନ, ଚନ୍ଦ୍ର ଦଣ୍ଡ, ଅଦିତି ମାତା କଉପୀନ, ଆକାଶ ଛତ୍ର, ମୁନିମାନେ କୁଶ ଓ ବ୍ରହ୍ମ ତେଜ, ବ୍ରହ୍ମା କମଣ୍ଡଳୁ, ସରସ୍ୱତୀ ଅକ୍ଷମାଳା, କୁବେର ଭିକ୍ଷାପାତ୍ର ପ୍ରଦାନ କରିଥିଲେ। ଅମ୍ବିକା ଭିକ୍ଷାଦାନ କରିଥିଲେ। ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ। ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ। ଦୈତ୍ୟ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନା କଲେ। ମାତ୍ର ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ। ଶଙ୍ଖ ବଜାଇ ନପାରିବାରୁ ବାମନ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ। ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା। ଏହାପରେ ଭଗବାନ ତିନିପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ। ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦରେ ସମ୍ପୂର୍ଣ୍ଣ ସ୍ୱର୍ଗରେ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା। ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ। ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ। ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତାଳ ଲୋକରେ ସ୍ଥାପିତ କରିଥିଲେ। ବାମନ ଅବତାରରେ ପ୍ରଭୁ ଶିକ୍ଷା ଦେଇ ଯାଇଛନ୍ତି ଯେ ମନୁଷ୍ୟ ଯେତେ ଦାନୀ ଓ ଧର୍ମାତ୍ମା ହୋଇଥାଉ ପଛେ ଅହଂକାର ମନୁଷ୍ୟ ପାଇଁ ପତନ ଡାକି ଆଣିଥାଏ।


# ଖୁସି ଖବର ଦେଲେ ଗୌହର - ଜୈଦ

ଖୁସି ଖବର ଦେଲେ ଅଭିନେତ୍ରୀ ଗୌହର ଖାନ ଏବଂ ଇନ୍‌ଫ୍ଲୁଏନସର ଜୈଦ ଦରବାର। ପୁଣି ଥରେ ମାତାପିତା ହେଲେ ଗୌହର-ଜୈଦ। ଏହି ଦମ୍ପତି ପୂର୍ବରୁ ଏକ ପୁତ୍ର ସନ୍ତାନର ପିତାମାତା ଥିଲେ ଏବଂ ଏବେ ସେମାନେ ଦ୍ୱିତୀୟ ଥର ପାଇଁ ଶିଶୁପୁତ୍ରର ପିତାମାତା ହୋଇଛନ୍ତି। ଇନଷ୍ଟାଗ୍ରାମରେ ଦୁହେଁ ମିଳିତ ପୋଷ୍ଟ କରି ପ୍ରଶଂସକମାନଙ୍କୁ ଏହି ଖୁସି ଖବର ଦେଇଛନ୍ତି। ଗୌହର ଏବଂ ଜୈଦ ସେପ୍ଟେମ୍ବର ୧ରେ ସେମାନଙ୍କର ଦ୍ୱିତୀୟ ପୁତ୍ରକୁ ସ୍ୱାଗତ କରିଥିଲେ। ଆଜି ଦୁହେଁ ଇନଷ୍ଟା ପୋଷ୍ଟରେ ଏହା ଜଣାଇଛନ୍ତି। ଖୁସି ଖବର ସେୟାର କରି ଦୁହେଁ ଲେଖିଛନ୍ତି, 'ବିସମିଲ୍ଲାହ ହିର ରହମାନ ନୀର ରହିମ ଜେହାନ। ୧ ସେପ୍ଟେମ୍ବର ୨୦୨୫ରେ ଜନ୍ମ ହୋଇଥିବା ଛୋଟଭାଇ ସହିତ ତାଙ୍କ ରାଜ୍ୟ ବାଣ୍ଟିବାକୁ ନେଇ ଜେହାନ ବହୁତ ଖୁସି। ଆମ ପରିବାର ପାଇଁ ସମସ୍ତଙ୍କ ନିରନ୍ତର ଭଲପାଇବା ଏବଂ ଆଶୀର୍ବାଦ କାମନା କରୁଛନ୍ତି।' ଦମ୍ପତିଙ୍କ ଏହି ପୋଷ୍ଟ ପରେ, ପ୍ରଶଂସକ ଓ ଇଣ୍ଡଷ୍ଟ୍ରିରେ ଥିବା ତାଙ୍କ ବନ୍ଧୁମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





# ଶିଳ୍ପାଙ୍କ ରେଷ୍ଟୋରାଁରେ ଝୁଲିଲା ତାଲା



ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ପରିବାର ଏବେ କଠିନ ସମୟ ଦେଇ ଗତି କରୁଛନ୍ତି। ବଲିଉଡ୍ ଅଭିନେତ୍ରୀ ଏବଂ ତାଙ୍କ ବ୍ୟବସାୟୀ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିବାର କିଛି ସପ୍ତାହ ପରେ, ଅଭିନେତ୍ରୀ ଏବେ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ସେ ମୁମ୍ବାଇର ବାନ୍ଦ୍ରାରେ ଥିବା ତାଙ୍କର ପ୍ରତିଷ୍ଠିତ ରେଷ୍ଟୋରାଁ ବାଷ୍ଟିଆନ୍‌କୁ ବନ୍ଦ କରୁଛନ୍ତି। ଇନଷ୍ଟାରେ ଏକ ପୋଷ୍ଟ ସେୟାର କରି ସେ ଏ ବିଷୟରେ ଜଣାଇଛନ୍ତି। ଘୋଷଣା କରିବା ସମୟରେ ଅଭିନେତ୍ରୀ ଭାବପ୍ରବଣ ହୋଇ ପଡ଼ିଥିବା ଦେଖାଯାଇଛି। ଇନଷ୍ଟାରେ ଷ୍ଟାଟସ ଦେଇ ଶିଳ୍ପା ସେଟ୍ଟୀ ଲେଖିଛନ୍ତି, 'ଏହି ଗୁରୁବାର ଏକ ଯୁଗର ଅନ୍ତ ହେବ। ଆମେ ମୁମ୍ବାଇର ସବୁଠାରୁ ପ୍ରତିଷ୍ଠିତ ସ୍ଥାନ ବାଷ୍ଟିଆନ୍ ବାନ୍ଦ୍ରାକୁ ବନ୍ଦ କରିବାକୁ ଯାଉଛୁ। ବାଷ୍ଟିଆନ୍ ଏକ ଏଭଳି ସ୍ଥାନ ଥିଲା ଯାହା ଆମକୁ ଅଗଣିତ ସ୍ମୃତି, ଅବିସ୍ମରଣୀୟ ରାତି ଏବଂ ମୁହୂର୍ତ୍ତ ଦେଇଥିଲା, ଯାହା ସହରର 'ନାଇଟ୍ ଲାଇଫ୍'କୁ ଆକାର ଦେଇଥିଲା। ଏବେ ସେ ବିଦାୟ ନେବାକୁ ଯାଉଛି।' ଶିଳ୍ପା ତାଙ୍କ ନୋଟରେ ଆହୁରି ଲେଖିଛନ୍ତି, 'ଏହି ସ୍ଥାନକୁ ସମ୍ମାନ ଜଣାଇବା ପାଇଁ, ଆମେ ଆମର ନିକଟତମ ବନ୍ଧୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ଧ୍ୟାର ଆୟୋଜନ କରୁଛୁ। ଶେଷ ଥର ପାଇଁ ପୁଣି ଥରେ ସେଇ ଯାଦୁକୁ ଅନୁଭବ କରିବା ପାଇଁ ଏହାର ଆୟୋଜନ ହେଉଛି।' ଉଲ୍ଲେଖଯୋଗ୍ୟ, ୨୦୧୬ରେ ରଞ୍ଜିତ ବିନ୍ଦ୍ରାଙ୍କ ସହ ମିଶି ବାଷ୍ଟିଆନ୍ ରେଷ୍ଟୋରାଁ ଆରମ୍ଭ କରିଥିଲେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଏହି ରେଷ୍ଟୋରାଁ 'ସି' ଫୁଡ୍‌କୁ ନେଇ ବେଶ୍ ପ୍ରସିଦ୍ଧ। ତେବେ କିଛିଦିନ ତଳେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ଋଣ ଏବଂ ନିବେଶ ଚୁକ୍ତି ବାହାନାରେ ମୁମ୍ବାଇର ଜଣେ ବ୍ୟବସାୟୀଙ୍କ ଠାରୁ ୬୦.୪ କୋଟି ଟଙ୍କା ଠକେଇ କରିଥିବା ନେଇ ଏତଲା ରୁଜୁ କରିଥିଲା।



# କେଉଁ ତିଥିରେ କ'ଣ ଖାଇବା ମନା

ପ୍ରତିପଦାରେ ପାଣିକଖାରୁ ଖାଇଲେ ଅର୍ଥହାନି ଦେଖାଦେବ। ଦ୍ୱିତୀୟା ତିଥିରେ ଭେଜିବାଇଗଣେ ଖାଇବା ମନା। କାରଣ ଏହା ହରିବିସ୍ମରଣ ଭାବ ସୃଷ୍ଟି କରିବ। ତୃତୀୟା ତିଥିରେ ପୋଟଳ ଖାଇଲେ ଶତ୍ରୁ ବୃଦ୍ଧି ହେବ। ଚତୁର୍ଥୀରେ ମୂଳା ଖାଇଲେ ଧନହାନି ହେବ। ପଞ୍ଚମୀରେ ବେଲ ଖାଇଲେ ଚରିତ୍ରରେ କଳଙ୍କ ଲାଗିବ। ଷଷ୍ଠୀରେ ନିମ୍ବପତ୍ର ବା କଡ଼ି ଖାଇଲେ ନୀଚକୁଳରେ ଜନ୍ମ ହେବ। ସପ୍ତମୀ ତିଥିରେ ତାଳସଜ ବା ତାଳପିଠା ଖାଇବା ମନା। ତାହା ଖାଇଲେ ଶରୀରର ହାନି ହେବ। ଅଷ୍ଟମୀରେ ନଡ଼ିଆ ଖାଇଲେ ମୂର୍ଖତା ପ୍ରକାଶ ପାଇବ। ଅର୍ଥାତ୍ ପାଠ ମନେ ରହିବ ନାହିଁ। ନବମୀ ତିଥିରେ ଲାଉ ତରକାରୀ ଖାଇବା ଗୋମାଂସ ଭକ୍ଷଣ କରିବା ସହ ସମାନ। ଦଶମୀ ତିଥିରେ କଳମ୍ବୀ (କଳମଶାଗ) ଖାଇବା ଗୋବଧ ସହ ସମାନ। ଏକାଦଶୀ ତିଥିରେ ଶିମ୍ବ ଖାଇବା ମହାପାପ। ଦ୍ୱାଦଶୀରେ ପୋଇ ଖାଇଲେ ବ୍ରହ୍ମଶାପ ଲାଗେ। ତ୍ରୟୋଦଶୀରେ ବାଇଗଣ ଖାଇଲେ ଧନହାନି ହୁଏ। ଚତୁର୍ଦ୍ଦଶୀରେ ବିରି ଖାଇଲେ ମଣିଷ ଚିରରୋଗୀ ହୁଏ। ତିଥ୍ୟନ୍ତେ ଅର୍ଥାତ୍ ଅମାବାସ୍ୟା ବା ପୂର୍ଣ୍ଣିମାରେ ଆମିଷ ଭୋଜନ କଲେ ରୋଗ ହୁଏ।

# ବୟାନକୁ ନେଇ ବିବାଦ ଘେରରେ ମୃଣାଲ

ବଲିଉଡ୍ ଅଭିନେତ୍ରୀ ମୃଣାଲ ଠାକୁର ପୁଣିଥରେ ତାଙ୍କ ବୟାନକୁ ନେଇ ବିବାଦ ଘେରରେ ଅଛନ୍ତି। କିଛିଦିନ ତଳେ ଅଭିନେତ୍ରୀ ବିପାଶାଙ୍କୁ ନେଇ ବୟାନ ଦେଇଥିଲେ। ଯେଉଁଥରେ ସେ ବିପାଶାଙ୍କ ଶାରୀରିକ ଗଠନ ପୁରୁଷଙ୍କ ଭଳି ବୋଲି କହିଥିଲେ। ଯାହା ତାଙ୍କର ପୁରୁଣା ବୟାନ ଥିଲା। ଟ୍ରୋଲ୍ ହେବା ପରେ, ଅଭିନେତ୍ରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ଏବେ ମୃଣାଲ, ଅନୁଷ୍କା ଶର୍ମାଙ୍କ ଉପରେ ମନ୍ତବ୍ୟ ଦେଇ ଫସିଛନ୍ତି। ଏକ ସାକ୍ଷାତକାରରେ ସେ କହିଥିବା କଥାଟି ଅନୁଷ୍କାଙ୍କ ପାଇଁ ଥିଲା ବୋଲି ଲୋକେ ଦାବି କରିବା ସହ ତାଙ୍କୁ ପୁଣି ଥରେ ଟ୍ରୋଲ୍ କରିଛନ୍ତି। ନିକଟରେ ମୃଣାଳ ଏକ ସାକ୍ଷାତକାର ଦେଇଥିଲେ। ଯେଉଁଥିରେ ତାଙ୍କୁ ଏକ ଏଭଳି ସିନେମା ବିଷୟରେ ପଚରାଯାଇଥିଲା ଯାହାକୁ ସେ ନା କରିଥିଲେ, କିନ୍ତୁ ସେହି ସିନେମାଟି ହିଟ୍ ହୋଇଥିଲା। ମୃଣାଳ ଉତ୍ତର ଦେଇ କହିଥିଲେ, 'ଏପରି ଅନେକ ସିନେମା ଅଛି। ଯାହାକୁ ମୁଁ କରିବାକୁ ମନା କରିଥିଲି। କିନ୍ତୁ ସତ କହିବାକୁ ଗଲେ, ମୁଁ ପ୍ରସ୍ତୁତ ନଥିଲି। ଗୋଟିଏ ଫିଲ୍ମ ଥିଲା ତାହା ସୁପରହିଟ୍ ହୋଇଥିଲା ଏବଂ ସେଥିରେ ଥିବା ନାୟିକାଙ୍କୁ ସଫଳତା ମିଳିଥିଲା। କିନ୍ତୁ ମୁଁ ଭାବୁଛି ଯଦି ମୁଁ ସେହି ସିନେମା କରିଥାନ୍ତି ତେବେ ମୁଁ ନିଜର ଅସ୍ତିତ୍ୱ ହରାଇ ଦେଇଥାନ୍ତି। ସେହି ଅଭିନେତ୍ରୀ ଏବେ କାମ କରୁନାହାନ୍ତି। କିନ୍ତୁ ମୁଁ କାମ କରୁଛି। ତା'ହେଲେ ବିଜୟ ମୋର ହୋଇଛି। କାରଣ ମୁଁ ତୁରନ୍ତ ପ୍ରସିଦ୍ଧି ଏବଂ ସ୍ୱୀକୃତି ଚାହେଁ ନାହିଁ। ଯେଉଁ ସଫଳତା ଜଲ୍‌ଦି ମିଳେ ତାହା ଆପଣଙ୍କ ଠାରୁ ଶୀଘ୍ର ଚାଲିଯାଇଥାଏ।" ମୃଣାଲ ଏଠାରେ ଅନୁଷ୍କାଙ୍କ ନାମ ନେଇନଥିଲେ ବି ସେ ତାଙ୍କ କଥା କହିଥିବା ନେଇ ସୋସିଆଲ ମିଡିଆରେ ଦାବି କରିଛନ୍ତି ୟୁଜର୍ସ। କାରଣ ପୁରୁଣା ସାକ୍ଷାତକାରରେ ଦବଙ୍ଗ ଷ୍ଟାର ସଲମାନ ଖାନ୍ କହିଥିଲେ ଯେ, ଫିଲ୍ମ ସୁଲତାନ ପାଇଁ ପ୍ରଥମ ପସନ୍ଦ ଥିଲେ ମୃଣାଲ ଠାକୁର। ହେଲେ ପରେ ଏହା ଅନୁଷ୍କାଙ୍କ ହାତକୁ ଯାଇଥିଲା। କହିବାକୁ ଗଲେ ଅନୁଷ୍କା ମଧ୍ୟ ଏବେ କାମ ନକରି ନିଜ ପରିବାରକୁ ସମୟ ଦେଉଛନ୍ତି। ଏସବୁକୁ ଦେଖି ମୃଣାଲ, ଅନୁଷ୍କାଙ୍କୁ ଅପମାନିତ କରୁଥିବା ନେଇ ଲୋକେ କହିଛନ୍ତି। କିଛି ଲୋକ 'ସଫଳତା ମୃଣାଲଙ୍କ ମୁଣ୍ଡରେ ଚଢ଼ିଯାଇଥିବା' କହିବା ସହ କିଛି ଲୋକ କହିଛନ୍ତି ଯେ, 'ଅନୁଷ୍କାଙ୍କୁ ବହୁତ ଅଫର ମିଳିଛି। ହେଲେ ସେ ପରିବାରକୁ ପ୍ରାଧାନ୍ୟ ଦେଉଥିବାରୁ ଏହାକୁ ହାତଛଡ଼ା କରିଛନ୍ତି। ତାଙ୍କ କ୍ୟାରିୟର ଶେଷ ହୋଇନାହିଁ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଟକୃଷ୍ଣ ସାହାଣୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ କଟକସ୍ଥିତ କେନ୍ଦ୍ରୀୟରେଡ଼କ୍ରସ ରକ୍ତ କେନ୍ଦ୍ର ଟିମ୍‌ର ଡ଼ାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅବିନାଶ ଦାସ, ଏଲ୍.ଟି ସୌମ୍ୟରଞ୍ଜନ ସାହୁ, ଏଲ୍.ଏ ପ୍ରଶାନ୍ତ ବାରିକ, ମୋଟିଭେଟର ପ୍ରମୋଦ ଲେଙ୍କା, ପିତାମ୍ବର ଜେନା, କିର୍ତ୍ତନ ତନ୍ତି ପ୍ରମୁଖ ଉପସ୍ଥିତ ରହି ୩୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଯେତିକି ୟୁନିଟ ରକ୍ତ ସଂଗ୍ରହ କରାଗଲା ସେଥିନେଇ ରକ୍ତ କେନ୍ଦ୍ରର ଡ଼ାକ୍ତର କିଶୋର ଚନ୍ଦ୍ର ବେହେରା ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ଏଥିରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବାକୁ ଆସିଥିବା ବଡ଼ଚଣା ବିଧାୟକ ଅମର କୁମାର ନାୟକ ନିଜେ ଉତ୍ସାହିତ ହୋଇ ରକ୍ତଦାତା ସାଜିଥିଲେ। ପରେ ବାଲିଚନ୍ଦ୍ରପୁର ଥାନା ଆଇ.ଆଇ.ସି ସମରଜିତ୍ ନାୟକ ରକ୍ତଦାନ କରିଥିଲେ। ଅନ୍ୟ ପ୍ରମୁଖ ରକ୍ତାଦାତା ମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତି ସଭ୍ୟ ଅମୀୟ କୁମାର ବିଶ୍ୱାଳ, ମୁଖ୍ୟ ଆୟୋଜକ ଅମୀୟ କୁମାର ସାହାଣୀ, ସମାଜସେବୀ ସୁରେଶ କୁମାର ବେହୁରା, ବିକାଶ ଦାସ, ସନ୍ତୋଷ ସାମଲ ପ୍ରମୁଖ ରକ୍ତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦୀଲ୍ଲିପ କୁମାର ରାଉତରାୟ, ଗୌତମ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବାଲିଚନ୍ଦ୍ରପୁର ସରପଞ୍ଚ ନିରୁପମା ବଳ, ପ୍ରାକ୍ତନ ଜିଲ୍ଲା ଭାଜପା ସଭାପତି ଅଶୋକ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।



# କେନ୍ଦୁଝରେ ଆଇଟିଡିଏ ନୂତନ ପ୍ରଶାସକଙ୍କ କାର୍ଯ୍ୟରେ ଯୋଗଦାନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବା ଆଇଟିଡିଏ, କେନ୍ଦୁଝରର ନୂତନ ପ୍ରକଳ୍ପ ପ୍ରଶାସକ ଭାବରେ ଶିବଶଙ୍କର ମିଶ୍ର ବୁଧବାର ଅପରାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓଡିଶା ପ୍ରଶାସନିକ ସେବାର ଏହି ବରିଷ୍ଠ ଅଧିକାରୀ ଏହା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ପ୍ରଶାସନିକ ଅଧିକାରୀ ଭାବ କାର୍ଯ୍ୟ କରୁଥିଲେ। ନୂତନ ପ୍ରଶାସକଙ୍କୁ କାର୍ଯ୍ୟାଳୟ ତରଫରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରବିନ୍ଦ୍ରନାଥ ନାଏକ, ସହକାରୀ ଯନ୍ତ୍ରୀ ଇଂ ସୁରେନ୍ଦ୍ର କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଇଂ ବିନୟ କୁମାର ପଟେଲ, କୋଷାଧ୍ୟକ୍ଷ ନବକିଶୋର ମହାନ୍ତ, ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେ କାର୍ଯ୍ୟରେ ଯୋଗଦାନ ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଡକାଇଥିଲେ। କେନ୍ଦୁଝର ଆଇଟିଡିଏ ଅଧିନରେ ଥିବା ଆଦିବାସୀମାନଙ୍କର ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନାଗୁଡିକ ସେ ଅଧିକ ଲୋକାଭିମୁଖୀ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଯୋଗଦାନ ପରେ କହିଛନ୍ତି। ଅପରାହ୍ନରେ ସେ ଜିଲ୍ଲାପାଳ ତଥା ଆଇଟିଡିଏ ର ଅଧ୍ୟକ୍ଷ ବିଶାଲ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପ୍ରକାଶ ଥାଉକି, କେନ୍ଦୁଝର ପିଏ ଆଇଟିଡିଏ ପୁନମ ରାଉତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡେପୁଟି ସେକ୍ରେଟାରୀ ଭାବେ ବଦଳି ଆଦେଶ ପରେ ମିଶ୍ରଙ୍କୁ କେନ୍ଦୁଝର ପିଏ ଆଇଟିଡିଏ ଭାବେ ବଦଳି ହୋଇଥିଲେ।

## ଶତ୍ରୁକୁ ଜବାବ ଦେବ ସାଗର କବଚ-୨

# ନୌସେନାର ମିଳିତ ସମରାଭ୍ୟାସ 'ସାଗର କବଚ'



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆଁ ମିଳିତ ସମରାଭ୍ୟାସ 'ସାଗର କବଚ' ବୁଧବାର ସକାଳ ୬ଘଟିକାରୁ ଆରମ୍ଭ ହୋଇଥିଲା। ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ପ୍ରତିବର୍ଷ ଦୁଇଥର ହେଉଥିବା ବେଳେ ବୁଧବାର ଠାରୁ ଦୁଇ ଦିନିଆଁ ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହୋଇଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସର ରଣକୌଶଳ ପଦର୍ଶନ କରିଛନ୍ତି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇ ଗୁରୁବାର ଏହା ସମାପ୍ତି ହେବ। ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ମତ୍ସ୍ୟ ବିଭାଗ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି। ବ୍ଲୁ ଓ ରେଡ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିବ। ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ରହିବେ। ବାହ୍ୟ ଶତ୍ରୁ ଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶିନଯିବେ ସେ ନେଇ ସମସ୍ତ ବିଭାଗ କୁ ସଚେତନ କରିବା ଏହି ସମରାଭ୍ୟାସର ମୂଳ ଲକ୍ଷ୍ୟ। ଏହି ସମରାଭ୍ୟାସ କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଏସ୍ପି ସଚିନ ପଟେଲ ଅସ୍ତରଙ୍ଗ ଅଞ୍ଚଳର କାଳିଆକଣ, ନୂଆଗଡ, ସହନ ସମେତ ବିଭିନ୍ନ ସ୍ଥାନ ବୁଧବାର ପ୍ରତ୍ୟୁଷ ରୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଅସ୍ତରଙ୍ଗ ଅଞ୍ଚଳ ପରିଦର୍ଶନ କରିଥିବା ବେଳେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ, ନୂଆଗଡ ଥାନା ଏ ଏସ ଆଇ ଯୁଧିଷ୍ଠିର ସାହୁଙ୍କ ସମେତ ସୁମିତ ଡୁମୁଡୁମ୍, କାର୍ଜି ପାଙ୍ଗୁଆଁ, ସାଗର ମିତ୍ର ହାପି ମାଝୀ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ଆମ୍ବୁଲାନ୍ସ ନମିଳିବାରୁ ବୃଦ୍ଧଙ୍କ ମୃତ୍ୟୁ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆମ୍ବୁଲାନ୍ସ ନ ମିଳିବାରୁ ଜଣେ ବୃଦ୍ଧଙ୍କର ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ୍ମୀପୁର ଥାନା ପିପଳପଦର ପଞ୍ଚାୟତ ସଦରର ଲାଲୁ ମାଣ୍ଡିଙ୍ଗା। ଲାଲୁଙ୍କୁ ମଙ୍ଗଳବାର ଦିନ କେହି ମରଣାନ୍ତକ ଆକ୍ରମଣ କରି ରାସ୍ତା କଡରେ ଫିଙ୍ଗି ଚାଲି ଯାଇଥିଲେ। ସେଠାରୁ ତାଙ୍କୁ ପରିବାର ବର୍ଗ ଅଚେତ ଅବସ୍ଥାରେ ଉଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ତାଙ୍କ ଅବସ୍ଥା ସଂକଟାପନ ଦେଖି ଚିକିତ୍ସା କରୁଥିବା ଡାକ୍ତର ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ସୁଧା ୧୦୮ ଆମ୍ବୁଲାନ୍ସ ସେବା ନମିଳିବାରୁ ବୃଦ୍ଧଙ୍କର ମୃତ୍ୟୁ ଘଟିଥିଲା। ଅପରାହ୍ନ ଚାରିଟାରୁ ରାତି ନଅଟା ପର୍ଯ୍ୟନ୍ତ ଲାଲୁଙ୍କ ଦୁଇ ପୁଅ, ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମାନେ ମଧ୍ୟ ବାର ବାର ୧୦୮ ଟୋଲ ଫ୍ରି ନମ୍ବରକୁ ଗଣ ଲଗାଇଥିଲେ ହେଲେ କୌଣସି ଗୋଟିଏ ହେଲେ ଆମ୍ବୁଲାନ୍ସ ଆସି ନଥିଲା। ଶେଷରେ ବୃଦ୍ଧ ଜଣକ ମୃତ୍ୟୁବରଣ କରିଥିବା ବେଳେ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପିପଳ ପଦର ଗ୍ରାମର ଜୟ ମାଣ୍ଡିଙ୍ଗା ନାମକ ବ୍ୟକ୍ତି ଲାଲୁଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କାଟିଥିବା ସନ୍ଦେହ କରି ଲକ୍ଷ୍ମୀପୁର ଥାନାରେ ତାଙ୍କ ପୁଅ ଲିଖିତ ଅଭିଯୋଗ କରିଥିଲେ। ରାତି ଅନେକ ହେବାରୁ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ପୋଲିସ ତାର ତଦନ୍ତ ଜାରିରଖିଛି। ଅପର ପଟେ ଆମ୍ବୁଲାନ୍ସ ନମିଳିବାରୁ ଜଣେ ନିରୀହ ଜୀବନ ଚାଲି ଜାଇଥିବାରୁ ଏଥିପ୍ରତି ଯିଏ ଦାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ନକ୍ସା ଅଙ୍କନକାରୀ ନ ଥିବାରୁ ହୋଇପାରୁନି ନୂତନ ରାଜସ୍ୱ ଗ୍ରାମ କାର୍ଯ୍ୟ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ତହସିଲ ଅଧୀନ କୁବେରା ଗ୍ରାମ ପଞ୍ଚାୟତ ସ୍ଥିତ କୁବେରା ମୌଜାର ଇଟାଗଡି ଏକ ନୂତନ ମୌଜା ଭାବେ ଓଡ଼ିଶା ସରକାରଙ୍କର ରାଜସ୍ୱ ପରିଷଦ, କଟକଙ୍କ ଚିଠି ନଂ.୨୦୩୬ତା ୧୭-୫-୧୯ ଅନୁଯାୟୀ ଘୋଷଣା କରାଯାଇ ଜିଲ୍ଲାପାଳଙ୍କୁ ଚିଠି ହୋଇଥିଲା। ମାତ୍ର କିଛିବର୍ଷ ବିତିଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୂତନ ମୌଜା ଇଟାଗଡି ଗ୍ରାମର ନକ୍ସା ପ୍ରସ୍ତୁତ ହୋଇପାରୁ ନାହିଁ। ଫଳରେ କୁବେରା ଓ ଇଟାଗଡି ଗ୍ରାମର ଗ୍ରାମବାସୀ ମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜମି କିଣା ବିକା ହୋଇ ପାରୁ ନାହିଁ କି ଖତିୟାନ ସଂଶୋଧନ ହୋଇପାରୁ ନାହିଁ। ବାରମ୍ବାର ତିହିଡି ତହସିଲଦାରଙ୍କୁ ଜଣାଯାଇଥିଲେ ମଧ୍ୟ ଏହାର ପ୍ରତିକାର ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ। ନକ୍ସା ଅଙ୍କନକାରୀ ନିଯୁକ୍ତ ହେଉନଥିବାରୁ ରାଜସ୍ୱ ଗ୍ରାମ କାର୍ଯ୍ୟ ହୋଇ ପାରୁନାହିଁ। ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରିବା ପାଇଁ ସରକାର ଘୋଷଣ କରୁଛନ୍ତି, ମାତ୍ର ତାହା କାର୍ଯ୍ୟରେ ପରିଣତ କରିବାକୁ ଉପଯୁକ୍ତ ପଦକ୍ଷେପ ନେବାକୁ ତତ୍ପର ହେଉ ନାହାନ୍ତି। ତେବେ ତୁରନ୍ତ ନକ୍ସା ଅଙ୍କନକାରୀ ନିଯୁକ୍ତି ଦେଇ ନୂତନ ରାଜସ୍ୱ ଗ୍ରାମ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଗ୍ରାମବାସୀମାନେ ରାଜସ୍ୱମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାଯାଇଛି। ଏଥି ସହିତ ତିହିଡ଼ି ତହସିଲ ଅଧୀନରେ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ଆହୁରି କେତେକ ଗ୍ରାମର କାର୍ଯ୍ୟ ହୋଇପାରୁନଥିବା ଜଣାଯାଇଛି।

## ଓଡିଶା ଗ୍ରାମୀଣ ବ୍ୟାଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସ୍ଥିତ ଓଡିଶା ଗ୍ରାମୀଣ ବ୍ୟାଙ୍କ ଆଳି ଶାଖା ତରଫରୁ ବୁଧବାର ପୂର୍ବାହ୍ନ ୧୦ ଘଟିକା ସମୟରେ ନିଆଳ ପଞ୍ଚାୟତ ଅଫିସ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଳି ଶାଖାର ଶାଖା ପରିଚାଳକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରାପଡା ପ୍ରମୁଖ ଜିଲ୍ଲା ପରିଚାଳକ ରମାକାନ୍ତ ମାଝୀ, ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରମୁଖ ଜିଲ୍ଲା ଅଧିକାରୀ, କେନ୍ଦ୍ରାପଡ଼ା ଆର୍ଥିକ ସ୍ୱାକ୍ଷରତା ପରାମର୍ଶଦାତା ମୋହନ ଚରଣ ବେଶ୍ରା, ନିଆଳ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଜନସୁରକ୍ଷା ଯୋଜନା ଅଧୀନରେ ଓଡିଶାର ସମସ୍ତ ଜିଲ୍ଲାରେ ଗ୍ରାମପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ଅଭିଯାନ, ଯାହା ଚଳିତ ମାସ ୧ତାରିଖରୁ ଆରମ୍ଭ ହୋଇ ଏହି ସଚେତନତା କାର୍ଯ୍ୟକ୍ରମ ଏକମାସ ଧରି ଚାଲିବା ପରେ ଏହି ମାସ ସେପ୍ଟେମ୍ବର ୩୦ତାରିଖରେ ଶେଷ ହେବ। ପ୍ରଧାନମନ୍ତ୍ରୀ ବୀମା ଯୋଜନା, ବ୍ୟାଙ୍କ ଆକାଉଣ୍ଟ ଇକେୟାଇସି, ଡିଜିଟାଲ ଫ୍ରଡ଼ ଆଦି ବିଷୟରେ ଆର୍ଥିକ ସ୍ୱାକ୍ଷରତା ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବୁଝାଇ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ବିଷଧର ସାପ କାମୁଡ଼ିବା ଦ୍ୱାରା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଜାମରୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମଧୋଡ଼ି ଗ୍ରାମରେ। ସୂଚନା ଅନୁଯାୟୀ ନବିତା ଗଣ୍ଡ ବୟସ ୨୩ ବର୍ଷ ଗତ କାଲି ରାତି ଖାଇସାରି ଶୋଇଥିବା ବେଳେ ରାତ୍ରି ପ୍ରାୟ ୯:୦୦ ଘଣ୍ଟିକା ସମୟରେ ଏକ ଚିତ୍ତି ସାପ ନବିତାଙ୍କ ବାମ ହାତରେ କାମୁଡ଼ିଥିଲା। ସାପ କାମୁଡ଼ିଥିବା ଜାଣିପାରି ପରିବାର ଲୋକ ତାଙ୍କୁ ତୁରନ୍ତ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ନବିତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କିଛି ସୁଧାର ନ ହେବାରୁ ଡାକ୍ତର ତାଙ୍କୁ ତୁରନ୍ତ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି। ଉକ୍ତ ଘଟଣା ପରେ ଜାମଧୋଡ଼ି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ୪୬ ଜୁଆଙ୍ଗ ପରିବାର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ମୁଣ୍ଡ ଉପରେ ପ୍ରଧାନମନ୍ତ୍ରୀ ଆବସ ଛାତ ରହିବ, କେହି କଚ୍ଚା ଘରେ ରହିବେ ନାହିଁ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ଏହି ଯୋଜନାର ବ୍ୟତିକ୍ରମ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କୁଣ୍ଡେଇ ଗାଁରେ। ସଦରମହକୁମା ଠାରୁ ମାତ୍ର ୧୮କିଲୋମିଟର ଦୂରରେ ରହିଛି କୁଣ୍ଡେଇ ଗାଁ। ତେବେ ୪୬ ଜୁଆଙ୍ଗ ପରିବାର ଅତି ଦୟନୀୟ କଚା ଘରେ ରହୁଛନ୍ତି। ଏଠାରେ ବସବାସ କରୁଥିବା ପଞ୍ଚୁ ଜୁଆଙ୍ଗ ସ୍ତ୍ରୀ କାଶିଦି ଓ ତିନିଝିଅଙ୍କୁ ଧରି ବିପଦ ସଙ୍କୁଳ ଭଙ୍ଗା ଛପର ଘରେ ଜରି ଘୋଡଡାଇ ପରିବାର ସହିତ ରହୁଛନ୍ତି। ଉଭୟ ଦମ୍ପତି ଙ୍କ ଦିନ ମଜୁରୀରେ ଘର ଚଳୁଛି। ଆର୍ଥିକ ଅନଟନ ଯୋଗୁଁ ପକ୍କାଘର ଟିଏ ନିର୍ମାଣ କରିବାକୁ ଅସମର୍ଥ। ସେହିପରି କାହାର ଚାଳ ଓ କାନ୍ଥ ଭାଙ୍ଗି ଯାଇଥିବାବେଳେ କବାଟ ନାହିଁ। ଅନ୍ୟସାହି ଓ ଗାଁରେ ଘରେ ଘରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପହଞ୍ଚିଥିବାବେଳେ କୁଣ୍ଡେଇରେ ବିକାଶ ଅପହଞ୍ଚ ହୋଇ ପଡିଛି। କୁଣ୍ଡେଇ ଗାଁ ସଦର ନିର୍ବାଚନ ମଣ୍ଡଳୀରେ ରହିଥିବା ବେଳେ ବ୍ଲକ ଉନ୍ନୟନ ଅଧିକାରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ, ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଏଠାରେ ଥରୁଟିଏ ବି ପଡିନଥିବା ଲୋକେ ଅଭିଯୋଗ କରିଛନ୍ତି। ବିଗତ ବର୍ଷ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସି ବିଭିନ୍ନ ବିକାଶ ପ୍ରତିଶୃତି ଦେଇ ଚାଲି ଯାଇଥିଲେ। ନେତା ନିର୍ବାଚନ ସମୟରେ ଭୋଟ ମାଗିବାକୁ ଆସୁଛନ୍ତି। କେତେ କ'ଣ ସ୍ୱପ୍ନ ଦେଖାଇ ଦେଇଥାନ୍ତି। ହେଲେ ଲୋକଙ୍କୁ ସୁବିଧା ସୁଯୋଗ ସହଯୋରେ ମିଳୁନି। ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି। ପଞ୍ଚୁ ଜୁଆଙ୍ଗ ଅନେକ ଥର ଘର ଆବେଦନ କରି ନିରାଶ ହୋଇଛନ୍ତି। ଗାଁର ବେଲ ଜୁଆଙ୍ଗ, ରଞ୍ଜିତ ଜୁଆଙ୍ଗ,ବିରୁ ଜୁଆଙ୍ଗ, କ୍ଷିରୋଦ ଜୁଆଙ୍ଗ, ଚନ୍ଦ୍ରଭାନୁ ଜୁଆଙ୍ଗ, ଦଳଗୋବିନ୍ଦ ଜୁଆଙ୍ଗ, ଲତା ଜୁଆଙ୍ଗ, ଡାକ୍ତର ଜୁଆଙ୍ଗ, ଶିବାନନ୍ଦ ଜୁଆଙ୍ଗ, କରୁଣାକର ଜୁଆଙ୍ଗ, ଜୟକ୍ରିଷ୍ଣ ଜୁଆଙ୍ଗ, ବୁଦ୍ଧିଆ ଜୁଆଙ୍ଗ, ଟିର ଜୁଆଙ୍ଗ, ହରି ଜୁଆଙ୍ଗ, ତରଣୀସେନ ଜୁଆଙ୍ଗ, ବିଦ୍ୟାଧର ଜୁଆଙ୍ଗ, ମହେଶ୍ୱର ଜୁଆଙ୍ଗ, ପ୍ରକାଶ ଜୁଆଙ୍ଗ, ମଙ୍ଗିଳି ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ସନୁ ଜୁଆଙ୍ଗ,ବ୍ରହ୍ମା ଜୁଆଙ୍ଗ, ଅଭିମନ୍ୟୁ ଜୁଆଙ୍ଗ, ଅମିନ ଜୁଆଙ୍ଗ, ଶଙ୍କୁରୁ ଜୁଆଙ୍ଗ, ବସନ୍ତ ଜୁଆଙ୍ଗ, ନଗର ଜୁଆଙ୍ଗ, ସୁନଦି ଜୁଆଙ୍ଗ, ସୁକାନ୍ତି ଜୁଆଙ୍ଗ, ପଦ୍ମିନୀ ଜୁଆଙ୍ଗ, ସବିତା ଜୁଆଙ୍ଗ, ଚାନ୍ଦିନୀ ଜୁଆଙ୍ଗ, ଗୀତାଞ୍ଜଳି ଜୁଆଙ୍ଗ, ଦୟମନ୍ତୀ ଜୁଆଙ୍ଗ, ଅଙ୍କିତା ଜୁଆଙ୍ଗ, ରାଧିକା ଜୁଆଙ୍ଗ, କଳିକା ଜୁଆଙ୍ଗ, ବୈଶାଖି ଜୁଆଙ୍ଗ, ରଜନୀ ଜୁଆଙ୍ଗ, ସୁମିତ୍ରା ଜୁଆଙ୍ଗ, ସବିତା ଜୁଆଙ୍ଗ, ଗୁଲଣି ଜୁଆଙ୍ଗ, ପ୍ରମିଳା ଜୁଆଙ୍ଗ, ଫୁଲମଣି ଜୁଆଙ୍ଗ, ନବତି ଜୁଆଙ୍ଗ, ରମା ଜୁଆଙ୍ଗ ୪୬ ପରିବାର ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହୋଇଛନ୍ତି। କେନ୍ଦୁଝର ଜିଲାପାଳ ତୁରନ୍ତ ତଦନ୍ତ କରି ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ସାମିଲ କରିବା ସହ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି।

## କତାମେଟା(କେନ୍ଦୁପତ୍ର)ବନାଞ୍ଚଳ ଆନୁକୂଲ୍ୟରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ

ମାଥିଲି, (ଭାସ୍କର ନ୍ୟୁଜ୍): ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ.ଉମା ମହେଶଙ୍କ ତତ୍ତ୍ୱାବଧାନରେ କତାମେଟା କେନ୍ଦୁପତ୍ର ବନାଞ୍ଚଳ ଅନୁକୂଲ୍ୟରେ ପେଦାବେଡ଼ା ପଞ୍ଚାୟତ ଡଙ୍ଗରଗୁଡ଼ା ଗ୍ରାମରେ ଏକ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି ଉକ୍ତ ସ୍ୱାସ୍ଥ୍ୟଶିବିରରେ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଔଷଧ ମଧ୍ୟ ନେଇଥିଲେ ଏହି ଶିବିରରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ର ଡାକ୍ତର ଅଭିଷେକ ମିଶ୍ର ଫାର୍ମାସିଷ୍ଟ ଗାୟତ୍ରୀ ମିଶ୍ର,ରାହୁଲ ବିଶ୍ୱାସ ପ୍ରମୁଖ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବା ବେଳେ ବନାଞ୍ଚଳ ଅଧିକାରୀ ବେତାଳ ଜୟରାମ, ବନପାଳ ଧିରେନ ସଥପତି, ବିବେକାନନ୍ଦ ସାନ୍ତରା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଗୁଆଳି ମାଇନର କେନାଲ ରାସ୍ତା ଅବସ୍ଥା ଶୋଚନୀୟ

# ତୁରନ୍ତ ମରାମତି କରିବାକୁ ଦାବି



ଫୁଲନଖରା, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ପ୍ରାଚୀ ଡିଭିଜନ - ପ୍ରତାପ ନଗରୀ ଜଳ ସମ୍ପଦ ଉପନିର୍ବାହୀ ଅଧିକାରୀ ଓ ମହିଧରପଡା ଜଳସେଚନ ସେକ୍ସନ ଅଫିସ ଅଧିନରେ ଗୁଆଳି ମାଇନର କେନାଲ। ଏହି ମାଇନର କେନାଲଟି ତ୍ରିନାଥ ବଜାର-ଓଲଟପୁର ମାଇନର କେନାଲ ଜଗନ୍ନାଥପୁର ଠାରୁ ବାହାରି ଗୁଆଳି ଗ୍ରାମକୁ ଯାଇଅଛି। ପ୍ରାୟ ୧ କି.ମିରୁ ଉର୍ଦ୍ଧ୍ୱ ହେବ ଏହି ମାଇନର କେନାଲ। ଏହି କେନାଲ ବନ୍ଧ ରାସ୍ତା ଦେଇ ଗୁଆଳି, ମହାନ୍ତିପାଟଣା ଓ ଜଗନ୍ନାଥପୁର ଗ୍ରାମର ଶହ ଶହ ଲୋକ, ସ୍କୁଲ ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଯାତାୟାତ କରିଥାନ୍ତି। ଦୁଇବର୍ଷ ତଳେ ଏହି ବନ୍ଧ ରାସ୍ତାଟି ପିଚୁ କାର୍ଯ୍ୟ କରାଯାଇଥିଲେ ମଧ୍ୟ ସେହି କାର୍ଯ୍ୟ ଠିକାଦାର ଠିକ୍ ଭାବେ କରି ନଥିବାରୁ ବା ଯନ୍ତ୍ରୀମାନେ କାର୍ଯ୍ୟ ସମୟରେ ଉପସ୍ଥିତ ରହି ଠିକ୍ ତଦାରଖ କରିନଥିବାରୁ ରାସ୍ତା ଉପରୁ ବ୍ଲାକ ମେଟାଲ ତାଡି ହୋଇ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଗୁଆଳି ଗ୍ରାମର ସୁରେନ୍ଦ୍ର ଛୋଟରାୟ, ହୃଷୀକେଶ ଛୋଟରାୟ, ଘନଶ୍ୟାମ ପାତ୍ର, ଧୀରେନ୍ଦ୍ର ଛୋଟରାୟ, ସୁନିଲ ଘଡ଼େଇ, ଚନ୍ଦନ ଭଗତ, ଜଗନ୍ନାଥପୁର ଗ୍ରାମର ବଙ୍ଗାଳୀ ଚରଣ ପରିଜା, ହେମନ୍ତ ମଲ୍ଲିକ, ବାବୁଲି ଭୋଇ, ମହାନ୍ତି ପାଟଣା ଗ୍ରାମର ରବିନ୍ଦ୍ର ସାହୁ, ଚଗଲି ଆଚାର୍ଯ୍ୟ ପ୍ରମୁଖ ଦାବି କରିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ, ବେଫିକର ବନବିଭାଗ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକସନ କର୍ଣ୍ଣପୁର ବିଟ ଅନ୍ତର୍ଗତ ନୂଆଗାଁ ଗ୍ରାମର ସଂସାରି ଗଡନାୟକ (୬୬) ସୋମବାର ରାତିରେ ଏକ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟବରଣ କରିଛନ୍ତି। ସୂଚନାଥାଏ କି ଗ୍ରାମର ପିଲାମାନେ ଗଣେଶ ପୂଜା ଭଷାଣି କରୁଥିବାରୁ ସେ ଗ୍ରାମର ଦୋଳ ମଣ୍ଡପରେ ଅନ୍ୟ ଦୁଇଜଣଙ୍କ ସହ ବସି ଭଷାଣି ଦେଖିବାକୁ ଅପେକ୍ଷାରତ ଥିବା ସମୟରେ ଦନ୍ତାହାତୀକୁ ଦେଖି ହାତୀ ହାତୀ ପାଟିକରି ଦୁଇଜଣ ଘଟଣା ସ୍ଥଳରୁ ଜୀବନ ବିକଳରେ ଦୌଡି ପଳାଇଥିଲେ ମଧ୍ୟ ସଂସାରି ହାତୀ ଆକ୍ରମଣରୁ ବର୍ତ୍ତି ନଥିଲେ। ଘଟଣାସ୍ଥଳରୁ ଗୁରୁତର ଭାବେ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ଅନୁଗୁଳ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେ ଗୁରୁତରଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା ମାତ୍ର ପହଞ୍ଚିବା ପୂର୍ବରୁ ବାଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଖବରପାଇ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲୀ ସ୍ଥିତ ଏମସ ହସପିଟାଲରୁ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଓ ଡିଏଫଓ ସୁମିତ କରଙ୍କ ସହ ବିଷଦ ଭାବେ ଆଲୋଚନା କରି ମୃତକ ପରିବାରକୁ ତୁରନ୍ତ ସନସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇବା ସହ ହାତୀ ଗମାନାଗମନ କରୁଥିବା ନିକଟସ୍ଥ ଜନବସତି ଅଞ୍ଚଳରେ ଲାଇଟ ବ୍ୟବସ୍ଥା ଓ ବିଭାଗିୟ କର୍ମଚାରୀ ମାନଙ୍କ ଦ୍ୱାରା ହାତୀ ଅବସ୍ଥିତିକୁ ଅନଧାନ କରି ଅଧିକ ପେଟ୍ରୋଲିଂ ଏବଂ ଜନଜାଗରଣ କରାଇବାକୁ ପରାମର୍ଶ ଦେଇଥିଲେ ମାତ୍ର ହାତୀ ଆକ୍ରମଣରେ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଥିବା ସମୟରେ ସ୍ଥାନିୟ ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ହାତୀ ଆକ୍ରମଣ କରୁଥିବା ଦିନ ସୋଲାର ହେବ, ହାତୀ କରିଡର ହେବ, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି ଦେଇ ହାତୀ ଆକ୍ରମଣକୁ ରୋକାଯିବ ପ୍ରତିଶୃତି ଦିଆଯାଇ ଜନ ଆନ୍ଦୋଳନକୁ ଏଡାଇ ଦିଆଯାଉଥିବା ସମୟରେ ପରେ ଏଭଳି ପ୍ରତିଶୃତି ପାଣି ଫୋଟକା ଭଳି କେବଳ ମଉଳି ସାନ୍ତ୍ୱନାରେ ରହିଯାଉଥିବା ସମୟରେ ବନ ବିଭାଗ କ୍ଷତିପୁରଣ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଯାଉଛି। ଫଳରେ ଦିନକୁଦିନ ଗୋଟିଏ ଗୋଠ ଛଡା ଦନ୍ତା ହାତୀ ଆକ୍ରମଣରେ ଗୋଟିଏ ପରେ ଗୋଟିଏ ନିରିହ ଜୀବନ ଯାଉଛି। ସରକାର ଏଥିପ୍ରତି ଦୃଷ୍ଟି ପୂର୍ବକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଦୂର୍ଗା ପୂଜା ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ

ଉମରକୋଟ, (ଭାସ୍କର ନ୍ୟୁଜ୍): ଆଜି ଉମରକୋଟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ନୂତନ ବସ ଷ୍ଟାଣ୍ଡ ଠାରେ ଦୁର୍ଗା ପୂଜା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇ ଥିଲା। ଜୟଗୁରୁ ବସର ମାଲିକ ପ୍ରକାଶ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନେଇଥିବା ବେଳେ ପୂଜକ ତ୍ରିନାଥ ମିଶ୍ର ଉପସ୍ଥିତି ରହି ପୁଜା କାର୍ଯ୍ୟ କରିଥିଲେ। ଏହି ଅବସରରେ ସଭାପତି ଅଶୋକ କୁମାର ବିଶ୍ୱାଳ, ସମ୍ପାଦକ ଶିବରାମ ଶତପଥୀ, ଉପ ସଭାପତି ରଶ୍ମି କାନ୍ତ ମହାନ୍ତି, ନୁନୁ



ବିଷୋୟୀ, ସନ୍ତୋଷ ନାୟକ, ଖଲି ବାଗ, ବୈରାଗୀ ସୁନା, ବିନୋଦ ନାୟକ, ଅମିତ ଓ ରାଜେଶ ହରିଜନ, ବିକି ବାଗ ଓ ଠାକୁର ପ୍ରମୁଖ ବସ ମାଲିକ ସଂଘର କର୍ମ କର୍ତ୍ତା ପ୍ରମୁଖ ଉପସ୍ଥିତି ଥିଲେ।

# ଆବେଦନ କରି ନିରାଶ ହେଲେ ତିଳ, ମିଳୁନାହିଁ ଭତ୍ତା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଜଣେ ଦିବ୍ୟାଙ୍ଗ ଭତ୍ତା ନପାଇ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ ଅଣସରପୁର ଗ୍ରାମର ଦଳିତ ତିଳମଲିକ ଜଣେ ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତି ଅଟନ୍ତି। ଗତ ୨୦୧୨ ମସିହାରେ ଟ୍ରଲି ଚାଳନା କରୁଥିଲା ବେଳେ ତିଳ ଏକ ଦୁର୍ଘଟଣାର ଶୀକାର ହୋଇଥିଲେ। ଫଳରେ ତାଙ୍କର ବାମ ଗୋଡର ଅଧାଅଂଶ କଟିଯିବା ସହ ବାମ ହାତର ଦୁଇଟି ଆଙ୍ଗୁଠି ହରାଇଥିଲେ। ତାଙ୍କ ପରିବାର ଜମିବାଡି ଓ ଘରେ ଥିବା ଆସବାପତ୍ର ବିକ୍ରୟ କରି ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତିଳଙ୍କୁ ସମ୍ପୂର୍ଣ୍ଣ ଭଲ କରିପାରିନଥିଲେ। ଫଳରେ ତିଳ ଦିବ୍ୟାଙ୍ଗ ପାଲଟିଯାଇଥିଲେ। ଆର୍ଥୀକ ସଙ୍କଟ ହେତୁ ତିଳଙ୍କର ଗୋଡ ଅଧା କଟାହୋଇ ବଙ୍କାହୋଇ ଯାଇଥିଲା। ଫଳରେ ସେ ଠିକ୍ ଭାବେ ଚଳ ପ୍ରଚଳ କରିପାରୁ ନାହାନ୍ତି। ତିଳଙ୍କର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀୟ ହୋଇଥିଲା ବେଳେ ପରିବାର ପ୍ରତିପୋଷଣ ନିମନ୍ତେ ତାଙ୍କ ପାଇଁ କାଠିକର ପାଠ ହୋଇପଡିଥିଲା। ତିଳଙ୍କ ପାଖରେ ୩ଟି ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ମଧ୍ୟ ସେ ଏପର୍ଯ୍ୟନ୍ତ ଦିବ୍ୟାଙ୍ଗ ଭତ୍ତା ପାଇପାରୁନଥିବାର ଅଭିଯୋଗ ହୋଇଛି। ଗତ ୨୦୧୨ ମସିହାରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଅଫଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ତିଳ ପାଇଥିଲେ। ଭତ୍ତା ପାଇଁ ଆବେଦନ କରିଥବଲେ। ମାତ୍ର ପ୍ରଶାସନର ଦାୟୀତ୍ୱ ହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ସେ ଭତ୍ତା ପାଇବାରୁ ବଂଚିତ ହୋଇଥିଲେ। ଦୀର୍ଘ ବର୍ଷ ଅପେକ୍ଷା କରିବା ପରେ ମଧ୍ୟ ଭତ୍ତା ମିଳିଲା ନାହିଁ। କିନ୍ତୁ ଅଫଲାଇନରେ ସିଡିଏମଓଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ଭିନ୍ନକ୍ଷମ ପ୍ରମାଣପତ୍ରକୁ ମାନ୍ୟତା ଦିଆଗଲା ନାହିଁ। ବାଧ୍ୟ ହୋଇ ତିଳ ପୁନର୍ବାର ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ହୋଇଥିବା ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇ ଅନଲାଇନରେ ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ଆସିଥିଲା କିନ୍ତୁ ତାହା ଅସ୍ଥାୟୀ ପ୍ରମାଣପତ୍ର ଥିଲା। ଯାହାର ଅବଧିମାତ୍ର ୩ ବର୍ଷ ନିମନ୍ତେ ରହିଥିଲା। ୩ ବର୍ଷ ପରେ ପୁନର୍ବାର ୨୦୨୪ ମସିହାରେ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ ହୋଇଥିବା ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇ ତିଳ ପୁନର୍ବାର ଦିବ୍ୟାଙ୍ଗ ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିଲେ। ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିଲା। ଏହି ଦିବ୍ୟାଙ୍ଗ ପ୍ରମାଣପତ୍ରକୁ ନେଇ ତିଳ ଦିବ୍ୟାଙ୍ଗ ଭତ୍ତା ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ତାଙ୍କର ଆବେଦନ ପ୍ରଶାସନର ନାଲି ଫାଇଲ ତଳେ ଚାପି ରହିଯାଇଛି। ଫଳରେ ତିଳ ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ତିଳ ଏବେ ଦଦରା ଗୋଡରେ ପରିବାର ପ୍ରତିପୋଷଣ ନିମନ୍ତେ ବାଧ୍ୟ ହୋଇ ଟ୍ରଲି ଚାଳନା କରୁଛନ୍ତି। ତାଙ୍କର ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ଘରଟିଏ ନାହିଁ। ଏପରିସ୍ଥଳେ ଭତ୍ତା ଟଙ୍କା ମିଳିବାରେ ମଧ୍ୟ ପାତର ଅନ୍ତର କରାଯାଉଛି। ଏପରିସ୍ଥଳେ ତିଳ ଭଗବାନଙ୍କୁ ଭରସା କରି ନିଜର କର୍ତ୍ତବ୍ୟ ସମ୍ପାଦାନ ନିମନ୍ତେ ଚେଷ୍ଟା ଜାରି ରଖିଛନ୍ତି। ପ୍ରଶାସନ ତରଫରୁ ତାଙ୍କୁ କେବେ ଭତ୍ତା ପ୍ରଦାନ କରାଯିବ ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୂଚନା ଥାଉକି ଏହି ବ୍ଲକର ୪୧ଟି ଗ୍ରାମ ପଂଚାୟତରେ ବହୁ ଥିଲା ବାଲା ଜାଲିଆତି ଓ ଚଞ୍ଚକତା କରି ଭତ୍ତା ହାତେଇଥିବାର ନଜିର ଥିଲା ବେଳେ ଜଣେ ଦଳିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନରୁ ବଞ୍ଚିତ କରାଯିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## କଂଗ୍ରେସର ଜିଲ୍ଲା ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ପଦ ପାଇଁ ମନୋନୟନ ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ସରଳା ଦେବୀ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସିର ପର୍ଯ୍ୟବେକ୍ଷକ ଏମ ଲିଜୁ ଉପସ୍ଥିତ ରହି ସଂଗଠନ ଶ୍ରୀଜନ ଅଭିଯାନ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖର୍ଡଗେ ଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ସଂଗଠନ ଶ୍ରୀଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ମନୋନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ଓ ମୁନିସିପାଲିଟି ଅଧକ୍ଷ, ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ଜିଲ୍ଲା କଂଗ୍ରେସ ଓ ବିଭିନ୍ନ ସାମ୍ମୁଖ୍ୟର ବର୍ତ୍ତମାନ ଓ ପୂର୍ବତନ କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ସାମାଜିକ ସଂଗଠନର ପ୍ରତିନିଧି, ସିଭିଲ ସୋସାଇଟିର ପ୍ରତିନିଧି,ପଞ୍ଚାୟତ ପ୍ରତିନିଧି, ବରିଷ୍ଠ ଓ ତୃଣମୂଳ ସ୍ତରର କର୍ମୀ ମାନଙ୍କର ମତାମତକୁ ନିଆଯାଇ ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ କରାଯିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ମତବ୍ୟକ୍ତ କରିଥିଲେ। ସଭାପତି ମନୋନୟନ ପ୍ରକ୍ରିୟା ଓ ତାହାର ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ବୁଧବାର ଠାରୁ ଆରମ୍ଭ ହୋଇଥିବା ସଂଗଠନ ଶ୍ରୀଜନ ଅଭିଯାନ ପ୍ରକ୍ରିୟା ଆସନ୍ତା ୧୬/୦୯/୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ଏଆଇସିସି ପର୍ଯ୍ୟବେକ୍ଷକ ଜିଲ୍ଲାର ଚାରୋଟି ଯାକ ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଗ୍ରସ୍ତ କରି କର୍ମୀ ମାନଙ୍କ ସହିତ ସଭାପତି ପଦ ପାଇଁ ଆଲୋଚନା କରିବେ। ଜିଲ୍ଲା ସଭାପତି ପଦ ପାଇଁ କୌଣସି ବୟସ ସୀମା ଲାଗୁ ହେବନାହିଁ। ଦଳର ତୃଣମୂଳ ସ୍ତରରେ ଅତି କମରେ ୫ବର୍ଷ ଧରି କାମ କରିଥିବେ, ତେବେ ଦଳ ପ୍ରତି ଆନୁଗତ୍ୟ ଥିବା, ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତି ମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଦଳ ଭିତରେ ଥାଇ ଦଳ ବିରୋଧୀ କାମ କରିଥିବା ନେତା ଓ କର୍ମୀ ମାନଙ୍କ କଥାକୁ ବିଚାରକୁ ନିଆ ଯିବ ନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅପରାଧିକ କାର୍ଯ୍ୟକଳାପରେ ଜଡିତ ଥିବା କର୍ମୀ ଓ ନେତାଙ୍କ ନାମକୁ ଜିଲ୍ଲା ସଭାପତି ପଦ ପାଇଁ ବିଚାରକୁ ନିଆ ଯିବ ନାହିଁ। ଜିଲ୍ଲା ସଂଯୋଜକ ନଟବର ବାରିକଙ୍କ ସଂଯୋଜନାରେ ଆୟୋଜିତ ଜିଲ୍ଲା କଂଗ୍ରେସ କର୍ମୀ ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ,ପିସିସି ଉପ ସଭାପତି ଡ଼ା ଲଲାଟେନ୍ଦୁ ମହାପାତ୍ର, ଏରସମା ବାଲିକୁଦା ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରତିମା ମଲ୍ଲିକ, ରାଜ୍ୟ କିସାନ କଂଗ୍ରେସ ସଭାପତି ଅଭୟ ସାହୁ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ ଓ ଯୁବ ଆଇଏନଟିଉସିର ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତୀୟ ଜିମ୍ନାଷ୍ଟିକ୍ସରବର୍ଦ୍ଧିତଶକ୍ତିର ପ୍ରଦର୍ଶନ ସ୍ୱରୂପ, ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୪ ଜଣ ଜିମ୍ନାଷ୍ଟିକ୍‌ଙ୍କୁ ଫ୍ରାନ୍ସର ପ୍ୟାରିସ ଏବଂ ହଙ୍ଗେରୀରସମ୍ବୋଥେଲିଠାରେ ଆୟୋଜିତ ହେବାକୁ ଥିବା ସମ୍ମାନଜନକ ଏଫ୍ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ କରାଯାଇଛି । ଜୁଲାଇ ୨୨ରୁ ଅଗଷ୍ଟ ୩୦, ୨୦୨୫ ପର୍ଯ୍ୟନ୍ତ ଓଡ଼ିଶା ଏଏମ୍/ଏନ୍ଏସ୍ ଜିମ୍ନାଷ୍ଟିକ୍ ଏଚପିସିରେ ଆୟୋଜିତ ଜାତୀୟ ଶିବିରରେ ୪ ଜଣ ଜିମ୍ନାଷ୍ଟ ତପେଶ୍ୱରନାଥ ଦାସ, ତପନ ମହାନ୍ତି, ପ୍ରଣତୀ ନାୟକ ଓ ତନୁ ମନୋନୀତ ହୋଇଥିଲେ, ଯେଉଁଥିରେ ମୋଟ ୧୧ ଜଣ ଜିମ୍ନାଷ୍ଟଙ୍କୁ ଜାତୀୟ ସ୍ତରରେ ଚୟନ କରାଯାଇଥିଲା ।

# ଉଦ୍ୟମତା ପ୍ରୋତ୍ସାହନ ସମ୍ମିଳନୀ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ



କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ସ୍ୱଦେଶୀ ଜାଗରଣ ମଞ୍ଚର ସହଯୋଗରେ ଉଦ୍ୟମତା ପ୍ରୋତ୍ସାହନ ସମ୍ମିଳନୀ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟିକୁ ଦ୍ଘାଟନ କରିଥିଲେ କଟକ ସଦରର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ସନ ଆରମୋଟିକସର ନିର୍ଦ୍ଦେଶକ ପ୍ରବୋଧ ବଡପଣ୍ଡା, ସମ୍ମାନିତ ଅତିଥି ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ଶ୍ରୀନିବାସ ରାଓ, କଟକ ଜିଲ୍ଲା ସଂଯୋଜକ ଇଂ. ସତ୍ୟରନ ଦାଶ । ମୁଖ୍ୟ ଅତିଥି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଛାତ୍ରଛାତ୍ରୀମାନଙ୍କୁ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେବା ସହିତ ଆଗାମୀ ଦିନରେ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନକୁ ସଫଳ କରିବାକୁ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ପ୍ରବୋଧ ବଡପଣ୍ଡା ନିଜେ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ କହିଥିଲେ । ସମ୍ମାନିତ ଅତିଥି ଶ୍ରୀନିବାସ ରାଓ ଛାତ୍ରଛାତ୍ରୀଙ୍କୁ ଜାଗ୍ରତ ହେବାକୁ କହିବା ଅବସରରେ ବିଭିନ୍ନ ସଫଳ ଉଦ୍ୟୋଗୀମାନଙ୍କ ଉଦାହରଣ ଦେଇଥିଲେ । ଅଧ୍ୟକ୍ଷ ଶ୍ରୀ ଚନ୍ଦ୍ରମୋହନ ସ୍ୱାଇଁ ସ୍ୱଦେଶୀର ଆଭିମୁଖ୍ୟ ବିଷୟରେ କହିଥିଲେ । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଅଧାପିକା ଚନ୍ଦନା ମହାନ୍ତି, ପରିଚାଳନାରେ ସହଯୋଗ କରିଥିଲେ ସ୍ମୃତି ରନ ସ୍ୱାଇଁ । ଧନ୍ୟବାଦ ଦେଇଥିଲେ ଅଧାପିକା ଲକ୍ଷ୍ମୀ ବାରିକ ।

## ରାଜ୍ୟ ପ୍ରଭାରୀ ବିଜୟପାଳଙ୍କୁ ସାକ୍ଷାତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ପ୍ରଭାରୀ ବିଜୟପାଳ ସିଂହ ତୋମାରଙ୍କୁ ସାକ୍ଷାତ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଫଟୋ ସେୟାର କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀ ଗସ୍ତ ଅବସରରେ ମାନ୍ୟବର ରାଜ୍ୟ ପ୍ରଭାରୀ ବିଜୟପାଳ ସିଂହ ତୋମାରଙ୍କୁ ବାସଭବନ ଠାରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନୂଆଁଖାଇ ଜୁହାର ଜଣାଇବା ସହ ବିଭିନ୍ନ ବିଷୟରେ ଅଲୋଚନା କରିଛି ।



ଓଡ଼ିଶାରେ ପହଞ୍ଚିଛନ୍ତି ଉତ୍ତର ପ୍ରଦେଶର ଶ୍ରମ ଏବଂ ନିଯୁକ୍ତି , ସମନ୍ୱୟ ମନ୍ତ୍ରୀ ଅନୀଲ ରାଜଭର

# ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର (୦୪.୧୦.୨୦୨୫) ରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟର୍ଡ଼ ପୋଷ୍ଟ/ ସ୍ପିଡ଼ ପୋଷ୍ଟ / ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ । ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୩ ରିଖରୁ ୩୧.୧୨.୨୦୨୩ ରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ସେହିପରି ଭାବେ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୪ ରୁ ୩୧.୧୨.୨୦୨୪ ରିଖ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ/ ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ/ଲେଖିକାମାନେ ଆବେଦନ କରିବା ସହିତ ବୁକ୍ /ମନଗ୍ରାଫ ଦଶ ଖଣ୍ଡ ନକଲ ତା ୪.୧୦.୨୦୨୫ ରିଖ ସୁଦ୍ଧା ରେଜିଷ୍ଟ୍ରର୍ଡ଼ ପୋଷ୍ଟ/ ସ୍ପିଡ଼ ପୋଷ୍ଟ / ପାର୍ସଲ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ । ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟରେ ଉପଲବ୍ଧ କରାଯାଇଛି ।

## ୮୦ ହଜାର ଟଙ୍କା ମୂଲ୍ୟର ଧଳାଜହର ଜବତ, ୧ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମିନାରାୟଣ ସାହୁ ମହାବିଦ୍ୟାଳୟ ସମୁଖ ଜାତୀୟରାଜପଥ ଗଳି ପୋଲ ତଳୁ ବେଆଇନ ନିଶାକାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ ଗ୍ରାମ୍ ଓଜନର ବ୍ରାଉନ ସୁଗାର ପୋଲିସ ଜବତ କରିଛି । ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ପୁଲିସ ଠାରୁ ପ୍ରକାଶ । ଗିରଫ ଅଭିଯୁକ୍ତ ହେଲେ କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ ତେଲେଙ୍ଗାପେଣ୍ଠ ଅଞ୍ଚଳର ବବୁଲ ବାରିକ(୨୬) । ସୂଚନା ମୁତାବକ ବୁଧବାର ପୂର୍ବାହ୍ନ ସମୟରେ ଜଗତପୁର ଗୋଲେଇ ଛକ ନିକଟ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ସମ୍ମୁଖ ଗଳି ପୋଲ ତଳେ ଜଣେ ବ୍ୟକ୍ତି ସନ୍ଦେହ ଜନକ ଭାବେ ଠିଆ ହୋଇଥିଲା । ଏ ସଂପର୍କରେ ଖବରପାଇ ଜଗତପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଦନ୍ତା ସମେଶ୍ୱର ରାଓଙ୍କ ସହଏଏସଆଇ ତ୍ରିଲୋଚନ ନାୟକ ଘଟଣା ସ୍ଥଳରେ ପହଞ୍ଚି କୌଶଳ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଏଥିସହିତ ତା ନିକଟରୁ ୧୨ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ । ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଥିବା ଜଗତପୁର ଥାନା ଅଧିକାର ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି ।

## ମହାନଦୀରେ ବୁଡ଼ି ଛାତ୍ର ନିଖୋଜ

କଟକ(ଭାସ୍କର ନ୍ୟୁଜ୍): ମହାନଦୀରେ ନିଖୋଜ ସ୍କୁଲ ଛାତ୍ର ମୃତଦେହ ଠାବ କରାଯାଇଛି । କଟକ ଶିଖରପୁର କାଳୀ ମନ୍ଦିର ନିକଟରେ ବୁଡ଼ି ଛାତ୍ର ନିଖୋଜ ହୋଇଯାଇଥିଲେ । ନିଖୋଜ ଛାତ୍ର ଜଣକ ହେଲେ ଶିଖରପୁର ଗଉଡ଼ ସାହିର ପ୍ରଭୁଦ ସେନାପତି । ମଙ୍ଗଳବାର ବିଳମ୍ବିତ ରାତି ନଦୀରେ ଗୋଡ଼ ଧୋଇବାକୁ ଯାଇଥିବା ବେଳେ ଛାତ୍ରଙ୍କର ଗୋଡ଼ ଖସିଯାଇଥିବା ନେଇ ସନ୍ଦେହ କରାଯାଉଛି । ଖବର ପାଇ ଚାଉଳିଆଗ ଥାନା ପୁଲିସ ଓ ଦମକଳ ବାହିନୀ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ । ହେଲେ ଛାତ୍ରଙ୍କ କୌଣସି ଖବର ମିଳିପାରିନାହିଁ । ଛାତ୍ର ଜଣକ ଗୁରୁ ନାନକ ପବ୍ଲିକ ସ୍କୁଲର ଛାତ୍ର ବୋଲି ଜଣାପଡ଼ିଛି । ବୁଧବାର ପୂର୍ବାହ୍ନରେ କନ୍ହେଇପୁର ଭଦିମୂଳ ନଦୀପଠାରେ ଜଣେ ଯୁବକର ଶବ ଲାଗିଥିବା ଦେଖିବାକୁ ମିଳିଥିଲା । ମିଳିଥିବା ଶବ ଜଣ ନିଖୋଜ ଛାତ୍ରର ହୋଇଥିବା ଅନୁମାନ କରାଯାଉଛି । ପୋଲିସ ଜବତ ଶବକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇ ଅନୁସଂଧାନ ଜାରି ରଖିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତିର ମହତ୍ୱ ସମ୍ପର୍କରେ ସଚେତନା ବୃଦ୍ଧି କରିବା ପାଇଁ ଡାବର ଚ୍ୟବନପ୍ରାଶ ପକ୍ଷରୁ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି । ଡାବର ଚ୍ୟବନପ୍ରାଶର ମୁଖ୍ୟ ଉପାଦାନ ହେଉଛି ଅଁଳା (ଇଣ୍ଡିଆନ ଗୁସ୍‌ବେରୀ) ଯାହା ଏହାର ରୋଗ ପ୍ରତିରୋଧକ ଶକ୍ତି ନିର୍ମାଣକାରୀ ଗୁଣ ପାଇଁ ସୁପରିଚିତ ଅଟେ । ଅନ୍ୟ ସାମଗ୍ରୀଗୁଡିକ ମଧ୍ୟରେ ଗୁଡୁଚି, ପିପ୍ପଳୀ, କଣ୍ଟାକାରି, କାକଡାସିଙ୍ଗୀ, ଭୁମ୍ୟାମାଲାକି, ବାସାକା, ପୁଷ୍କରମୂଳ, ପ୍ରିସ୍‌ନିପାରନି, ଶାଲପାରନି ଇତ୍ୟାଦି, ଯାହା ସାଧାରଣ ସଂକ୍ରମଣ ଓ ଶ୍ୱାସନଳୀର ଆଲର୍ଜିକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏହି ସାମଗ୍ରୀଗୁଡିକର ଏକ ମିଶ୍ରଣ ଚ୍ୟବନପ୍ରାଶକୁ ମୌସୁମୀ ଋତୁରେ ଉତମ ସ୍ୱାସ୍ଥ୍ୟ ପାଇଁ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରିବା ଲାଗି ଜଡିବୁଟିଗୁଡିକର ଏକ ଉପଯୁକ୍ତ ମିଶ୍ରଣ କରିଥାଏ । ଏସମ୍ପର୍କରେ ଡକ୍ଟର ପ୍ରସନଜିତ କହିଛନ୍ତି, 'ଚ୍ୟବନପ୍ରାଶ ଏକ ସୁପରିଚିତ ଆୟୁର୍ବେଦିକ ପଦ୍ଧତି ଅଟେ, ଯାହାକୁ ଅନେକ ଦଶନ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଓ ସଂକ୍ରମଣ ବିରୋଧରେ ପ୍ରତିରୋଧ ପ୍ରଦାନ କରିବା ପାଇଁ ବ୍ୟବହାର କରାଯାଇଆସୁଛି । ଏକ ପ୍ରାଚୀନ ପଦ୍ଧତି ଉପରେ ଆଧାରିତ ଡାବର ଚ୍ୟବନପ୍ରାଶ ହେଉଛି ଏକ ଆୟୁର୍ବେଦିକ ସପ୍ଲିମେଣ୍ଟ, ଯାହାକୁ ବିଭିନ୍ନ ହର୍ବ ଓ ମିନେରାଲ ସହିତ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା କହିଛନ୍ତି, 'ଚ୍ୟବନପ୍ରାଶ ତ୍ରିଦୋଷ 'ବାତ, ପିତ ଓ କଫ'କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ, ଯାହା ପ୍ରାଚୀନ ଆୟୁର୍ବେଦିକ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି । ତେଣୁ ଏହାକୁ ଦୈନନ୍ଦିନ ଆହାରରେ ସାମିଲ କରିବା ଆବଶ୍ୟକ । ଏସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥ ସପ୍ଲିମେଂଟ୍‌ସ ବିଭାଗର ମାର୍କେଟିଂ ହେଡ ଅମିତ ଗର୍ଗ କହିଛନ୍ତି, 'ଆୟୁର୍ବେଦର ସମୃଦ୍ଧ ଐତିହ୍ୟ ଓ ପ୍ରକୃତିର ଗଭୀର ଜ୍ଞାନ ସହିତ ଡାବର ସବୁବେଳେ ପ୍ରମାଣିତ ଆୟୁର୍ବେଦ ପୁସ୍ତକ/ଗ୍ରନ୍ଥ ମାଧ୍ୟମରେ ସମସ୍ତଙ୍କ ପାଇଁ ସୁରକ୍ଷିତ, ମୂଲ୍ୟ ସାପେକ୍ଷ ଓ ପ୍ରଭାବୀ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱ ଦେଇଆସୁଛି ।

## ସେପ୍ଟେମ୍ବର ୨୦ ସୁଦ୍ଧା ସରିବ ସବୁ ରାସ୍ତା ମରାମତି କାମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂଜା ପୂର୍ବରୁ ସରିବ ରାସ୍ତାଘାଟ ମରାମତି କାମ । ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଆସନ୍ତା ୬ ତାରିଖରେ ବଡ଼ ବୈଠକ ବସିବ । କଟକ, ଭୁବନେଶ୍ୱରର ସମସ୍ତ ବିଧାୟକ, ମେୟର, କମିଶନରଙ୍କ ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ । ସେପ୍ଟେମ୍ବର ୨୦ ସୁଦ୍ଧା ସବୁ ରାସ୍ତାର ମରାମତି କାମ ସରିବ । ଏ ନେଇ ୬ ତାରିଖ ବୈଠକରେ ରୋଡ ମ୍ୟାପ ପ୍ରସ୍ତୁତ ହେବ ।

## ମୋବାଇଲ୍ ଆପ୍ ବ୍ୟବହାର କରି ବାୟୋମେଟ୍ରିକ୍ ଉପସ୍ଥାନ ଦେବେ କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଣିକି ମୋବାଇଲ୍ ଆପ୍ ବ୍ୟବହାର କରି ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ ହେବ । ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତିକରଣ ବିଭାଗ ଏଭଳି ନିର୍ଦ୍ଦେଶନାମା ଜାରି କରିଛି । ୧ ସେପ୍ଟେମ୍ବର ଠାରୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ମୋବାଇଲ ଆପ ମାଧରେ ଉପସ୍ଥାପନା ଦେବେ । ଆପ୍ ରୁ ପ୍ରାପ୍ତ ଅନୁପସ୍ଥିତ ବିବରଣୀ ଆଧାରରେ ପରବର୍ତ୍ତୀ ମାସର ଦରମା ପ୍ରଦାନ କରାଯିବ । ଲଗ୍ ଇନ୍ କିମ୍ବା ଲଗ୍ ଆଉଟ୍ ସମୟରେ ଯେକୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିୟୋଜିତ କର୍ମଚାରୀଙ୍କୁ ରିପୋର୍ଟ କରିବାକୁ ହେବ । ଅଫିସରେ କର୍ମଚାରୀଙ୍କ ଉପସ୍ଥାପନାରେ ସ୍ୱଚ୍ଛତା ପାଇଁ ଆପ ବ୍ୟବହାର କରିବ ବିଭାଗ ।

## କଂଗ୍ରେସ ନେତୃତ୍ୱ ବିରୋଧରେ ପ୍ରଭାତୀ ପରିଡ଼ାଙ୍କ ଭିତ୍ତିହୀନ ଅପପ୍ରଚାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯେଉଁଭଳି ଭିତ୍ତିହୀନ ଓ ଅଯୌକ୍ତିକ ମନ୍ତବ୍ୟ କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ପ୍ରତି ରଖିଛନ୍ତି, ଏହାର ପ୍ରତିବାଦରେ ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଓଡିଶା ପିସିସି ମୁଖପାତ୍ର ସୋନାଲି ସାହୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ କଡ଼ା ପ୍ରତିବାଦ ଜଣାଇଛନ୍ତି । ଶ୍ରୀମତୀ ପରିଡ଼ା ଏକ ଭିତ୍ତିହୀନ କଥାକୁ ଆଳ କରି ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ହେବାକୁ ଅପଚେଷ୍ଟା ଚଳାଇଛନ୍ତି । ବିହାର ନିର୍ବାଚନରେ ପରାଜୟର ଆଶଙ୍କା ଓ ଭୟ ବିଜେପିକୁ ଘାରୁଛି । ଭାରତରେ ବିଜେପି ଭୋଟ ଚୋରି କରି ସତ୍ତାକୁ ଆସିଛି । ଏହା ସହିତ ବିହାରରେ କଂଗ୍ରେସ ପ୍ରତି ଲୋକଙ୍କ ଅକୁଣ୍ଠ ସମର୍ଥନ ଦେଖି ବିଜେପି ଦଳ ଏବଂ ତାର ତଥାକଥିତ ପ୍ରଚାରକ ମାନେ ଭୟରେ କଂଗ୍ରେସର ଅପପ୍ରଚାର କରୁଛନ୍ତି । କଂଗ୍ରେସ ନୀତି ଆଦର୍ଶର ଦଳ, କଂଗ୍ରେସ ସବୁବେଳେ ମା'ମାତୃକାକୁ ସମ୍ମାନ ଦେଇ ଆସିଛି । ମିଛ ପ୍ରଚାର କରି କଂଗ୍ରେସକୁ କିମ୍ବା କଂଗ୍ରେସ ନେତୃବୃନ୍ଦଙ୍କୁ ଦୋଷୀ କରି ପାରିବେନି । ଇତିହାସ ସାକ୍ଷୀ ଅଛି, ବିଗତ ଦିନରେ ବିଜେପି ଏବଂ ଦେଶର ପ୍ରଧାନ ସେବକ ବୋଲାଉଥିବା ପ୍ରଧାନମନ୍ତ୍ରୀ କିଭଳି କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଗୋରୀ ଚମଡ଼ି, ବାର୍ ଡ୍ୟାନ୍ସର କହି ସମାଲୋଚନା କରିଥିଲେ । ଏପରିକି ରାହୁଲ ଗାନ୍ଧୀଙ୍କୁ ହାଇବ୍ରିଡ଼ ବାଛୁରୀ ବୋଲି ବିଦ୍ରୁପ କରିଥିଲେ ।

## ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୫.୮୨ ଲକ୍ଷ ବରିଷ୍ଠ ନାଗରିକ ସାମିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆୟୁଷ୍ମାନ ବୟୋବନ୍ଦନା ଯୋଜନା ବରିଷ୍ଠ ନାଗରିକମାନଙ୍କ ପାଇଁ ବୃଦ୍ଧ କାଳର ସାହାରା ସାଜିଛି । ବଡ଼ ବଡ଼ ହସ୍ପିଟାଲମାନଙ୍କରେ ଖର୍ଚ୍ଚ ବହୁଳ ଚିକିତ୍ସା ସେମାନଙ୍କ ପାଇଁ ଏବେ ଦେୟମୁକ୍ତ ଭାବେ ସହଜଲବ୍ଧ ହୋଇଛି । ସହରରୁ ଗ୍ରାମାଞ୍ଚଳ, ଉପକୂଳରୁ ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ସମସ୍ତ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ମନରେ ଏ ଯୋଜନା ନୂଆ ବିଶ୍ୱାଶ ଓ ଭରଷା ଆଣିଛି । ଓଡ଼ିଶାରେ ଚଳିତ ବର୍ଷ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନାର ଲୋକପ୍ରିୟତା ଦୃତ ଗତିରେ ବଢ଼ିବାକୁ ଲାଗିଛି । ୫ ମାସରୁ କମ୍ ଅବଧି ମଧ୍ୟରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଜ୍ୟର ସବୁ ଅଞ୍ଚଳରୁ ପ୍ରାୟ ୫.୮୨ ଲକ୍ଷ ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଓଡ଼ିଶା ଓ ବାହାର ରାଜ୍ୟସ୍ଥିତ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଓଡ଼ିଶାର ୧୦୧୪୬ ଜଣ ବରିଷ୍ଠ ନାଗରିକ ବିଭିନ୍ନ ପ୍ରକାର ଜଟିଳ ରୋଗର ଦେୟମୁକ୍ତ ଚିକିତ୍ସା ଲାଭ କରିଛନ୍ତି । ସେମାନଙ୍କ ଚିକିତ୍ସା ବାବଦରେ ୩୧୬୦.୭୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସରକାର ବୟୋବନ୍ଦନା କାର୍ଡ ମାଧ୍ୟମରେ ଯୋଗାଇ ଦେଇଛନ୍ତି । ଏହିପରି ଜଣେ ବରିଷ୍ଠ ନାଗରିକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କାମଥାନା ଗ୍ରାମ ନିବାସୀ ୭୨ ବର୍ଷୀୟ ମହିଳା ଟି. ଲକ୍ଷ୍ମୀ । ଜୁଲାଇ ମାସ ୫ ତାରିଖ ଦିନ ନିଜ ଘରେ ଥିବା ବେଳେ ହଠାତ୍ ସେ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଭବାନୀପାଟଣା ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା । ପ୍ରାଥମିକ ପରୀକ୍ଷାରୁ ଟି. ଲକ୍ଷ୍ମୀ ଗୁରୁତର ହୃଦ୍ରୋଗରେ ପିଡ଼ୀତ ଥିବା ଡାକ୍ତର ଜାଣିପାରିଥିଲେ । ଭବାନୀପାଟଣା ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ଓ ଯତ୍ନ ପରେ ତାଙ୍କର ଅବସ୍ଥା ସାମୟିକଭାବେ ସ୍ଥିର ହେଲା, ଏବଂ ଡାକ୍ତର ତାଙ୍କୁ ତୁରନ୍ତ ଉଚ୍ଚତର ହୃଦ୍ରୋଗ ଚିକିତ୍ସା ପାଇଁ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ୍ ଯିବାକୁ ପରାମର୍ଶ ଦେଲେ ।

### ନାବାଳିକା ଯୌନ ନିର୍ଯାତନା ମାମଲା

## ଆସାମୀଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ଖୁଣ୍ଟୁଣି ଅଞ୍ଚଳରେ ହୋଇଥିବା ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ ସେସନ୍ ଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ-୧) ଆସାମୀ ବିଭୂତି ଓରଫ ନିରନ ବେହେରାକୁ ୪ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି । ସେହିପରି କୋର୍ଟ ଆସାମୀଙ୍କୁ ୫ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ଦାଖଲ ନ କରିପାରିଲେ ଆସାମୀଙ୍କୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରଯିତଛନ୍ତ । ଏଥିସହିତ କୋର୍ଟ ପିଡିତାକୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ଆସାମୀ ଖୁଣ୍ଟୁଣି ଥାନା ଅଧିନସ୍ଥ ଦଳୁଆସାହିର ବିଭୂତି ଓରଫ ନିରଞ୍ଜନ ବେହେରା (୩୨) ୨୦୧୯ ମସିହା ସେପ୍ଟେମ୍ବର ୨ ତାରିଖରେ ଜଣେ ନାବାଳିକାକୁ ଛୁରି ଦେଖାଇ ଭୟଭୀତ କରିବା ସହିତ ଯୌନ ନିର୍ଯାତନା ଦେଇଥିଲା ଏ ନେଇ ପିଡିତାର ପରିବାର ପକ୍ଷରୁ ସେପ୍ଟେମ୍ବର ୬ ତାରିଖରେ ଏତଲା ରୁଜୁ କରାଯାଇଥିଲା । ପୁଲିସ୍ ମାମଲାର ତଦନ୍ତ କରି ଆସାମୀକୁ ଗିରଫ କରିବା ସହ ତା ବିରୋଧରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ସୂଚନା କମିଶନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡାଙ୍କ ନେତୃତ୍ୱରେ ବୁଧବାର ରାଜ୍ୟ ସୂଚନା କମିଶନର ବୃନ୍ଦ ମାନ୍ୟବର ରାଜ୍ୟପାଳଙ୍କୁ ରାଜଭବନରେ ଭେଟିଥିଲେ । କମିଶନରମାନେ ବିଭିନ୍ନ କାର୍ଯ୍ୟକଳାପ ଏବଂ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ କମିଶନର ସାମ୍ପ୍ରତିକ ପଦକ୍ଷେପସମୂହ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଅନ୍ୟ ରାଜ୍ୟର ସୂଚନା କମିଶନଙ୍କ ଦ୍ୱାରା ପ୍ରବର୍ତ୍ତିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ପ୍ରଚଳନ ପାଇଁ କମିଶନଙ୍କୁ ପ୍ରଶଂସା କରିଥିଲେ । ରାଜ୍ୟପାଳ କମିଶନଙ୍କୁ ଅଧିକ ତ୍ୱରାନ୍ୱିତ ସମାଧାନ ଏବଂ ବିଚାରାଧୀନ ମାମଲାଗୁଡ଼ିକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବାକୁ ରାଜ୍ୟପାଳ କମିଶନଙ୍କୁ ପରାମର୍ଶ ଦେଇଥିଲେ । କମିଶନର ସୁଶାନ୍ତ କୁମାର ମହାନ୍ତି, ଜଗନ୍ନାଥ ରଥ, ପ୍ରଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକ ପ୍ରମୁଖ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ ଏବଂ କମିଶନର କାର୍ଯ୍ୟକଳାପ ବିଷୟରେ ଅବଗତ କରିବା ପାଇଁ ସୁଯୋଗ ଦେଇଥିବା ନିମନ୍ତେ ରାଜ୍ୟପାଳଙ୍କୁ ସେମାନେ ଧନ୍ୟବାଦ ଜଣାଇଛନ୍ତି ।

### ଦୁର୍ଗାପୂଜା ପାଳନ ସମ୍ପର୍କରେ ଏସ୍‌ଓପି ଜାରି

# ଲେଜର ଲାଇଟ ବ୍ୟବହାର ନିଷେଧ

କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ନିରାପଦ ଏବଂ ସୁଗମ ଭାବେ ଦୁର୍ଗାପୂଜା ପାଳନ ସୁନିଶ୍ଚିତ କରିବା ପାଇଁ ସାଂସ୍କୃତିକ ପରମ୍ପରା, ସୁରକ୍ଷା ନିୟମ ଏବଂ ଟ୍ରାଫିକ୍ ପରିଚାଳନାକୁ ବିଚାରକୁ ନେଇ ଜିଲ୍ଲାପାଳଙ୍କ ମାନକ କାର୍ଯ୍ୟ ପଦ୍ଧତି କରାଯାଇଛି । ଏହା କଟକ ସହରରେ ଦୁର୍ଗାପୂଜା ଉତ୍ସବ ସହିତ ଜଡିତ ସମସ୍ତ ପୂଜା କମିଟି, ଅଂଶୀଦାର ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ପ୍ରଯୁଜ୍ୟ । ପୂଜା ମଣ୍ଡପ ଏବଂ ତୋରଣର ଆକାର ଏବଂ ନିର୍ମାଣ ବୃଦ୍ଧି ଯୋଗୁଁ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ସମ୍ପର୍କରେ ହାଇକୋର୍ଟଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ ପାଇଁ ଓଡିଶା ହାଇକୋର୍ଟଙ୍କ ୨୦୨୦ର ରିଟ ପିଟିସନ ନିର୍ଦ୍ଦେଶାବଳୀ ସହରର ସମସ୍ତ ପୂଜା କମିଟି ବାଧ୍ୟତାମୂଳକ ଭାବେ ପାଳନ କରିବାକୁ କୁହାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, କଟକ ପୂଜା କମିଟିଗୁଡ଼ିକ ସହିତ ବୈଠକ କରି ଉକ୍ତ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବେ । ତଦନୁସାରେ, କଟକ ସହରରେ ଦୁର୍ଗାପୂଜା ଉତ୍ସବର ଦୃଢ ଏବଂ ସୁଗମ ପରିଚାଳନା ପାଇଁ ଦୁଇଟି ବୈଠକ କରାଯାଇଥିଲା । ଏଥିରେ ପୂଜା ପେଣ୍ଡାଲରେ ଦୈନିକ ଆରତୀ ଏବଂ ଶୋଭାଯାତ୍ରା ସମୟରେ ଡିଜେ ସାଉଣ୍ଡ ସିଷ୍ଟମ୍ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଅନୁମୋଦିତ ସୀମା ଅତିକ୍ରମ କରୁଥିବା ଶବ୍ଦ ଡେସିବେଲ୍ ସ୍ତର ମଧ୍ୟ ନିଷେଧ କରାଯାଇଛି । ଫାୟାର ଗନ ଏବଂ ବାଣର ବ୍ୟବହାର କଡ଼ାକଡ଼ି ନିଷେଧ କରାଯାଇଛି । ଆଖରେ ଜ୍ୱଳନ ବା ସମସ୍ୟା ସୃଷ୍ଟି କରୁଥିବା ଲେଜର ଲାଇଟ ମଧ୍ୟ ନିଷେଧ କରାଯାଇଛି । ପୂଜା କମିଟିଗୁଡ଼ିକ ପ୍ରଚଳିତ ନିୟମ ଏବଂ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି । ଦୁର୍ଗାପୂଜାର ସୁଗମ ପରିଚାଳନା ଓ ନିୟମାବଳୀ ପାଳନ ତଦାରଖ କରିବା ପାଇଁ ଜିଲ୍ଲା ପ୍ରଶାସନ ବୈଠକ ଆହୁତ କରିବେ । କଟକ ସହରରେ ଦୁର୍ଗାପୂଜା ଉତ୍ସବ ଏବଂ ବିସର୍ଜନ ସମୟରେ ଶବ୍ଦ ଡେସିବେଲ ସ୍ତରର ତଦାରଖ ଏବଂ ନିୟନ୍ତ୍ରଣ କରିବା ପାଇଁ ଯନ୍ତ୍ର ସ୍ଥାପନ କରିବା ଓ ଟ୍ରାଫିକ ନିୟମ ପାଳନ ଏବଂ ଯାନବାହାନର ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୋଲିସକୁ ଦାୟିତ୍ୱ ଦିଆଯାଇଛି । ପ୍ରତ୍ୟେକ ପୂଜା କମିଟି ଦ୍ୱାରା ଆବଶ୍ୟକୀୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଳନ ସୁନିଶ୍ଚିତ କରିବା ନିମନ୍ତେ ଅଗ୍ନିଶମ ବିଭାଗକୁ କୁହାଯାଇଛି । ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ ସଂଯୋଗ ଏବଂ ଉପଯୁକ୍ତ ଇନସୁଲେସନ ଏବଂ ବୈଦ୍ୟୁତିକ ଗେଟଗୁଡ଼ିକର କୁହାଯାଇଛି । ସେପଟ୍ଟେମ୍ବର ୧୨, ସୁଦ୍ଧା ପୋଲିସ, ପୂର୍ତ୍ତ ଏବଂ ଭୂମି ଅଧିକାର ବିଭାଗ ଦ୍ୱାରା ସର୍ତ୍ତ ସହିତ ଅସ୍ଥାୟୀ ଏନଓସି ପ୍ରଦାନ କରାଯିବ । ଖାଦ୍ୟ ସୁରକ୍ଷା ଏବଂ ନିୟମିତ ଯାଞ୍ଚ ସୁନିଶ୍ଚିତ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ସଂଖ୍ୟକ ଦଳ ନିୟୋଜିତ କରିବା ସୁନିଶ୍ଚିତ କରାଯିବ । ପେଣ୍ଡାଲ ଏବଂ ଶୋଭାଯାତ୍ରା ରାସ୍ତାରେ ତାର/କେବୁଲର କୌଣସି ବାଧା ଯେପରି ସୃଷ୍ଟି ନ ହୁଏ କିମ୍ବା ତାର ଝୁଲି ନ ପଡେ ତାହା ସୁନିଶ୍ଚିତ କରିବାକୁ ସମସ୍ତ କେବୁଲ ଅପରେଟରମାନଙ୍କୁ କୁହାଯାଇଛି । ସୁରକ୍ଷା ଦୃଷ୍ଟିରୁ ପ୍ରତିଃ-୭ଟି ପୂଜା ମଣ୍ଡପକୁ ଅନୁମତି/ଏନଓସି ପାଇଁ ମାର୍ଗଦର୍ଶନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ମଚାରୀ ନିୟୋଜିତ କରାଯିବ ଏବଂ ବଡ଼ ମଣ୍ଡପଗୁଡ଼ିକ ଯାଞ୍ଚ କରିବା ପାଇଁ ଦୁଇଟି ଦଳ ନିୟୋଜିତ କରାଯିବ । ପ୍ରତି ୨୫-୩୦ ପୂଜା ମଣ୍ଡପର ସମସ୍ୟା ସମାଧାନ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ।





ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦା ପୌରପାଳିକା ତରଫରୁ ତା ୩୧-୦୮-୨୦୨୫ ରିଖ ଠାରୁ ୩ ଦିନ ଧାରି ପାଳନ ହୋଇ ଆସୁଥିବା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ -୨୦୨୫ ର ଉଦଯାପନୀ ଦିବସ ସମାରୋହ ଗତକାଲି ବାରିପଦା ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା ସରକାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମମତା ମହାନ୍ତ, ମାନ୍ୟବର ସାଂସଦ (ରାଜ୍ୟସଭା), ନବଚରଣ ମାଝୀ, ମାନ୍ୟବର ସାଂସଦ ଲୋକସଭା, ମୟୂରଭଞ୍ଜ ଓ ପ୍ରକାଶ ସୋରେନ, ମାନ୍ୟବର ବିଧାୟକ, ବାରିପଦା, ଉପନଗରପାଳିକା ସୀମା ଦାସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସହରର ବୟୋଜ୍ୟଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡ଼. ବିଜୟ କୁମାର ଅଗ୍ରୱାଲ, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବୁଟୁଡେଇ, ବହୁବାର ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇଥିବା ସମାଜସେବୀ ଅମର ସେଠୀ, ଶବ ବାହକ ଗାଡିର ଚାଳକ ପ୍ରମୋଦ କୁମାର ବେହେରାଙ୍କୁ ତାଙ୍କର ମହତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବାରିପଦା ପୌରପାଳିକା ସ୍ୱଚ୍ଛତା ପାଇଁ ବିଭିନ୍ନ ଉଇଙ୍ଗସରେ କାର୍ଯ୍ୟ କରୁଥିବା ଯଥା ମୋ ଖତ, ଏମ ସି ସି ପ୍ଲାଣ୍ଟ, ଶୁଖିଲା ବର୍ଜ୍ୟ ବସ୍ତୁର ପୃଥକିକରଣ କେନ୍ଦ୍ର, ମଳ ବିଶୋଧନ କେନ୍ଦ୍ର ଇତ୍ୟାଦିର କର୍ମଚାରୀ ମାନଙ୍କୁ ସେମାନଙ୍କ ମହତ ଅବଦାନ ପାଇଁ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା କାନ୍ଦ୍ରା ସୋରେନଙ୍କ ସମେତ ବିଜେପିର ଅନ୍ୟାନ୍ୟ ନେତୃବୃନ୍ଦ,ରଜନୀକାନ୍ତ ବିଶ୍ୱାଳ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ



ଆସିକା(ଭାସ୍କର ନ୍ୟୁଜ): ଅଞ୍ଚଳର ସାମୁହିକ ସମସ୍ୟାକୁ ବୁଝି ଲୋକଙ୍କ ପାଇଁ ଲଢ଼ିଲେ କଂଗ୍ରେସର ସଂଗଠନ ବଢ଼ିବା ସହ ଜନସାଧାରଣଙ୍କ ଭଲପାଇବା ମିଳିବ । ଗାଁରୁ ସହର ସମସ୍ତଙ୍କ ମତ ନିଆଯିବ ଓ ଏକ ସୁଦୃଢ଼ କଂଗ୍ରେସ ସେନା ଗଠନ କରାଯିବ ବୋଲି କହିଥିଲେ ଆସିକା ସାଂସଦ ପାର୍ଥି ଦେବକାନ୍ତ ଶର୍ମା। ଅଖିଳ ଭାରତୀୟ କଂଗ୍ରେସ କମିଟି ଆଗାମୀ ଦିନରେ ସବୁ ରାଜ୍ୟରେ ସଂଗଠନ ସୃଜନ କାର୍ଯ୍ୟକ୍ରମ ଜାରି ରଖିଛି । ଗଞ୍ଜାମ ଜିଲ୍ଲାରେ କଂଗ୍ରେସର ଜିଲ୍ଲାସ୍ତରୀୟ କମିଟି ବାଛିବା ପକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ମୁଖ୍ୟ ଅତିଥି ତଥା ପର୍ଯ୍ୟବେକ୍ଷକ ସଚିନ ରେଡ଼ି। ସଂଗଠନ ଓ କର୍ମକର୍ତ୍ତା ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କଲେ କଂଗ୍ରେସ ଆଗାମୀ ଦିନରେ ସବୁଠାରୁ ଶକ୍ତିଶାଳୀ ଦଳ ଭାବେ ପୁଣିଥରେ ଜନସାଧାରଣଙ୍କ ସେବା କରିପାରିବ ବୋଲି ଉପସ୍ଥିତ ବହୁ କଂଗ୍ରେସ ନେତୃତ୍ୱ ମତ ଉପସ୍ଥାପନ କରିଥିଲେ। ସଂଗଠନ ସୃଜନ ପକ୍ରିୟା ସମ୍ପୂର୍ଣ୍ଣ ଭାବେ ତୃଣମୂଳସ୍ତରରୁ ସଚ୍ଚା କଂଗ୍ରେସ ପ୍ରେମୀଙ୍କୁ ନେଇ କରାଯିବ। ଏଥିରେ କାହାର ଚାପ କିମ୍ବା ସୁପାରିଶ କାମ କରିବ ନାହିଁ ବୋଲି କହିଥିଲେ ପର୍ଯ୍ୟବେକ୍ଷକ ସଚିନ ରେଡ୍ଡୀ। ରାହୁଲଙ୍କ ନେତୃତ୍ୱ ଓ ଦେଶପ୍ରତି ଥିବା ସମ୍ମାନବୋଧ ଆଗାମୀ ଦିନରେ କଂଗ୍ରେସକୁ ସୁଦୃଢ଼ କରିପାରିବ ବୋଲି କହିଥିଲେ ସ୍ଥାନୀୟ କିଛି କର୍ମକର୍ତ୍ତା ଓ ଉପସ୍ଥିତ ନେତୃବୃନ୍ଦ। ଗଞ୍ଜାମ ଜିଲ୍ଲାର କଂଗ୍ରେସ ବିଧାୟକ ପାର୍ଥ ହରିକୃଷ୍ଣ ରଥ, ଚିତ୍ରସେନ ବେହେରା, ରଜନୀ ମଣ୍ଡଳ, ସୁଶାନ୍ତ ମଣ୍ଡଳ, ପ୍ରଶାନ୍ତ ବିଷୋୟୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିବା ବେଳେ ଆସିକା କଂଗ୍ରେସ ପକ୍ଷରୁ ରବୀନ୍ଦ୍ର ନାଥ ଶର୍ମା, ଦେବକାନ୍ତ ଶର୍ମା, ସୁରଭି ବିଶୋଇ, ସୁଦୀପ୍ତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁଦୀପ୍ତା ଦାଶ, ଭ୍ୱାନୀ ଦାଶ, ଧବଳ ନାହାକ, ପବିତ୍ର, ଉମା ବରଡା, ଭଗବାନ ସାହୁ, କରଣ ବେହେରା, ଶ୍ରୀନୁ ପାତ୍ର, ଦିପକ ଭୂଇଁ, ଶିବରାମ ନାହାକ, ପ୍ରିୟାଶିଷ୍ ପରିଡ଼ା, ଅଜିତ ମୁନୀ, ପରମେଶ୍ୱର ପାତ୍ର, କାହ୍ନଚରଣ ବେହେରା, ପପୁ,ଗୋପାଳ ପ୍ରମୁଖ ଉପସ୍ଥିତ କରିଥିଲେ।

# ରାସ୍ତା ଅବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଯବାନ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ନିଉ କଲୋନୀରେ ଘର କରି ରହିଥିବା ଜଣେ କାଶ୍ମୀର ସୀମାରେ କାର୍ଯ୍ୟରତ ସିଆରପିଏଫ ଯବାନ ଶୁଭମ ସାହୁଙ୍କ ପରିବାରର ନାହିଁ ନଥିବା ରାସ୍ତା ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି ସେ। ସୂଚନା ଅନୁସାରେ ତାଙ୍କ ଘରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସେ ବାରମ୍ବାର ତିଆରି କରୁଥିବା ବେଳେ ସେହି ରାସ୍ତାରେ ଥିବା ଦେଶୀ ମଦ ଭାଟିକୁ ଯିବା ଆସିବା କରୁଥିବା ଭରିଯାନ ରାସ୍ତାକୁ ଦୟନୀୟ କରି ପକାଉଛି। ଏହି ରାସ୍ତାର ଖରାପ ହେବାର କାରଣ ହେଉଛି ସରକାରଙ୍କ ଦ୍ୱାରା ଦିଆଯାଇଥିବା ମହୁଆ ଦାରୁ ମଦ ଭାଟି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ରାସ୍ତା ସମସ୍ୟା ସମ୍ପର୍କରେ ଏକ ସମୟରେ ବିଡିଓ କାର୍ଯ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ରାସ୍ତାରେ ମୋରମ ପକାଇ ନିର୍ମାଣ କରୁଥିଲେ ମଧ୍ୟ ମଦ ଭାଟି ମାଲିକ ପୁଣି ଗାଡ଼ି ଏବଂ ମଦ ସାମଗ୍ରୀ ନେଇ ରାସ୍ତାକୁ ନଷ୍ଟ କରିଦେଉଛି। ଏହି ଘରେ ଯବାନଙ୍କ ବୃଦ୍ଧ ଦିବ୍ୟାଙ୍ଗ ବାପା, ଅସୁସ୍ଥ ବୃଦ୍ଧା ମାଆ, ସ୍ତ୍ରୀ ରହୁଥିବା ବେଳେ ଏବଂ ତାଙ୍କ ଘର ପାଖରେ ରହୁଥିବା ଲୋକେ ବର୍ଷା ଋତୁରେ ବହୁ କଷ୍ଟରେ ରହିବାକୁ ବାଧ ହେଉଛନ୍ତି। ଏ ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟାର ସମାଧାନ ସମୟ ମଧ୍ୟରେ କରିବାକୁ ସିଆରପିଏଫ ସୈନିକ ଶୁଭମ ସାହୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଘରେ ରହୁଥିବା ପରିବାର ପାଇଁ ଚିନ୍ତାରେ ରହୁଥିବାବେଳେ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଆଶା ବାନ୍ଧି ବସିଛନ୍ତି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଫୁଲନଖରା(ଭାସ୍କର ନ୍ୟୁଜ୍):ବଣିଆଟାଙ୍ଗୀସ୍ଥିତ ଆଇନଷ୍ଟାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବି - ଟେକ୍ ଏମବିଏ ଏବଂ ଏମସିଏ ବିଭାଗର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସୁବ୍ରତ ପାଣିଗ୍ରାହୀ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ, ଆଇ.କ୍ୟୁ. ଇ.ଏମ.ଏସ ,ଶ୍ରୀଯୁକ୍ତ ଦାମୋଦର ପାତ୍ର , ଓ.ଏଫ୍.ଏସ(ଏସ.ଜି), ଯୁକ୍ତା ଆୟୁକ୍ତ ଅଧିକାରୀ (ଏସ.ଟି ଓ ଜି.ଏସ.ଟି) ଓ ସଞ୍ଜୀବ କୁମାର ହୋତା, ଜୋନ୍ ମୁଖ୍ୟ ଇଣ୍ଡସଲ୍ୟାଣ୍ଡ ବ୍ୟାଙ୍କ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇନଷ୍ଟାଇନ ଶିକ୍ଷା ସମୂହର ଅଧକ୍ଷ ବସନ୍ତ କୁମାର ବିଷୋୟୀ,ସମୂହର ନିର୍ଦ୍ଦେଶକ ଡ. ରତିରଞ୍ଜନ ସାବତ ଏବଂ ଆଇନଷ୍ଟାଇନ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଅଜିତ ସେନାପତି ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ସମ୍ବର୍ଦ୍ଧିତ କରିବାସହ ଜଣେ ଛାତ୍ର ନିଜେ ନିଜର ଅଧ୍ୟବସାୟ ବଳରେ ଜଣେ ସୁପ୍ରତିଷ୍ଠିତ ମଣିଷ ହୋଇ ସମାଜରେ ନିଜକୁ ପ୍ରତିପାଦିତ କରିପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥଲେ।



# ଦୁର୍ଘଟଣାରେ ୪ ଗୁରୁତର



ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥ ଝିଟୁକୁଗୁଡା ବୁଲାଣି ନିକଟରେ ଆଜି ସକାଳେ ଦୁଇ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଉଭୟ କାର ମଧ୍ୟରେ ଥିବା ଲୋକ ଗୁରୁତର ଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପାପଡାହାଣ୍ଡି ମେଡ଼ିକାଲ ପଠାଇଥିଲେ ଓ ପରବର୍ତ୍ତୀ ସମୟରେ ଅଧିକ ଗୁରୁତର ହେବାରୁ ନବରଙ୍ଗପୁର ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ରହିଛି ।ସୂଚନା ପ୍ରକାରେ ମନରଞ୍ଜନ ବିଶ୍ୱାଳ ବ୍ୟକ୍ତି ସେମିଳିଗୁଡା ଠାରୁ କଳାହାଣ୍ଡି ଜୟପାଟଣା ଯାଉଥିବା ସମୟରେ ବିପରୀତ ଦିଗରୁ କଳାହାଣ୍ଡି ଆଡୁ ଆଉ କାରରେ ତିନି ଜଣ ନବରଙ୍ଗପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ୪ ଜଣ ଗୁରୁତର ହେବାରୁ ସ୍ଥାନୀୟ ଲୋକ ପାପଡାହାଣ୍ଡି ମେଡିକାଲ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ନବରଙ୍ଗପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁଇ କାରକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଥାଉକି ଏହି ଘଟଣା ସ୍ଥାନରେ ଆଗରୁ ଅନେକ ଥର ଦୁର୍ଘଟଣା ଘଟିଛି ପ୍ରଶାସନ ଏହି ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରିବାକୁ ସାଧାରଣ ରେ ଦାବି ହୋଇଛି ।

# ମେଗା ରକ୍ତଦାନ ଶିବିର

ରାଉରକେଲା (ଭାସ୍କର ନ୍ୟୁଜ୍): ୟୁଜିଆଇଇ ଆଲୁମିନୀ ଆସୋସିଏସନ ଓ ରାଉରକେଲା ସରକାରୀ ଡାକ୍ତର ଖାନାର ରକ୍ତଦାନ ୟୁନିଟର ସହଯୋଗ ରେ ଏକ ରକ୍ତଦାନ ଶିବିର ୟୁଜିଆଇଇ ଅଡିଟୋରିୟମରେ ଅନୁଷ୍ଠିତ ହେଇଯାଇଛି। ଏହି ରକ୍ତଦାନ ଶିବିର ର ଉଦଘାଟକ ଭାବେ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତି ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ଇଂ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ରୂପେ ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ରାଉରକେଲା ଇସ୍ପାତ କାରଖାନା ପି କେ ସାହୁ ଓ ୟୁଜିଆଇର ଅଧକ୍ଷା ପ୍ରଗତି ଦାସ ଯୋଗ ଦେଇ ଏହି ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଧାୟକ ଦୁର୍ଗା ଚରଣ ତନ୍ତି ଏହିପରି ମହତ ଉଦ୍ଦେଶ୍ୟ କୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ




୧୦୦୧ ୟୁନିଟ ରକ୍ତ ସଂଗ୍ରହ କରିବା ନେଇ ସଂକଳ୍ପ ନେଇ ବିଭିନ୍ନ କଲେଜରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହି ରକ୍ତଦାନ ଶିବିର ଅପେରସନ ସିନ୍ଦୁର ଯବାନଙ୍କ ପ୍ରତି ସମର୍ପିତ କରାଯାଇଛି। ଆଲୁମିନି ସଦସ୍ୟ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ ରକ୍ତଦାନ କରିବାରେ ଆମ ୟୁଜିଆଇଇ ସବୁବେଳେ ଆଗୁଆ ରୁହେ ଓ ଏହିପରି ମହତ କାମକୁ ପ୍ରଶଂସା କରିଥିଲେ । ଏହି ଶିବିରକୁ ଅନୁଷ୍ଠାନର ସଭାପତି ଇଂ ଆଦିତ୍ୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଇଂ ଶୁଭେନ୍ଦୁ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଓ କାର୍ଯ୍ୟକାରୀ ସଭାପତି ଇଂ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ବୈଲୋଚନ ସାମଲ, ଇଂ ବସନ୍ତ ସେନାପତି, ଇଂ ଲଳିତେନ୍ଦୁ ମିଶ୍ର, ଇଂ ପ୍ରତାପ କୁମାର ସ୍ୱାଇଁ, ଇଂ ତାପସ ଜେନା, ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ, ଇଂ ମନୋଜ ମହନ୍ତ, ଇଂ ପ୍ରଶାନ୍ତ ପାଣିଗ୍ରାହୀ, ଇଂ ଅନାଦି ଚରଣ ବିଶ୍ୱାଳ, ଇଂ ହିମାଂଶୁ ପ୍ରଧାନ, ଇଂ ସଂଜୀବ ମିଶ୍ର, ଇଂ ଅମର ସାହୁ, ଶୁଭେନ୍ଦୁ ମାଝୀ ଏବଂ ତାଙ୍କ ଟିମ ଓ ଏଂବ ୟୁଜିଆଇ ପଢୁଥିବା ଛାତ୍ରଙ୍କ ସହାୟତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ପୋଡା ପଇସା ଗଣୁଛନ୍ତି ୮୦ ବର୍ଷର ବୃଦ୍ଧ
## ଦାଉ ସାଜିଲା ଦଇବ ନିଆଁ



ଚାନ୍ଦବାଲି(ଭାସ୍କର ନ୍ୟୁଜ୍): ଚାନ୍ଦବାଲି ବ୍ଲକ ଉତୁକୁଡା ଗାଁରେ ଘଟିଛି ଦୁଃଖଦ ଘଟଣା। ଅସହାୟ ବୃଦ୍ଧଙ୍କର କେହି ସାହା ଭରସା ନ ଥିବା ବେଳେ, ମୁଣ୍ଡ ଗୁଞ୍ଜିବା ପାଇଁ ଏକମାତ୍ର ସାହା ଥିବା କୁଡ଼ିଆ ଘରଟିଏ ଉପରେ ଦାଉ ସାଜିଛି ଦଇବ। ଗତକାଲି ବିଳମ୍ବିତ ରାତ୍ରିରେ ବୃଦ୍ଧ ଅମୂଲ୍ୟ ବଳ ଘରେ ଶୋଇଥିବା ବେଳେ ଇଲେକ୍ଟ୍ରି ସର୍ଟ ସର୍କିଟରେ ନିଆଁ ଲାଗି କୁଡ଼ିଆ ଘରଟି ସମ୍ପୂର୍ଣ୍ଣ ଜଳିଯିବା ସହ ଘରର ସମସ୍ତ ନିତ୍ୟ ଉପକରଣ, ଚାଉଳ, ବସ୍ତ୍ର ଓ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ବୃଦ୍ଧ ଅମୂଲ୍ୟ ମଧ୍ୟ ଆହତ ହୋଇ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ବୃଦ୍ଧ ଅମୂଲ୍ୟଙ୍କ ଆଖିକୁ ଠିକ ଭାବେ ଦୃଶ୍ୟମାନ ହେଉନଥିବା ବେଳେ କାନକୁ ମଧ୍ୟ ଶୁଭୁନି। ଏପଟେ ନିଆଁରେ ଆହତ ହେବା ପରେ ଏବେ ଅସୁସ୍ଥ ହୋଇ ମୁଣ୍ଡରେ ହାତ ଦେଇ ବସିପଡିଛନ୍ତି। ଆଉ ପୋଡ଼ିଯାଇଥିବା ଭତ୍ତା ଟଙ୍କାକୁ ହାତରେ ଧରି କଇଁ କଇଁ ହୋଇ କାନ୍ଦୁଛନ୍ତି। ନିଆଁ ଲାଗିଯିବା ପରେ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁ କିଛି ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମବାସୀ ଓ ପଡୋଶୀ ଅସହାୟ ବୃଦ୍ଧଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।

# ଅତିରିକ୍ତ ଦାୟିତ୍ୱରେ ଚାଲିଛି ବିଭାଗ, ବହୁ ପଦବୀ ଖାଲି




ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ପଂଚାୟତ ସମିତିରେ ଅଫିସର ଓ କର୍ମଚାରୀଙ୍କ ଅଭାବ ଦେଖିବାକୁ ମିଳିଛି । ଫଳରେ ପ୍ରାୟ ସମସ୍ତ ବିଭାଗ ଅଚଳ ହୋଇ ପଡିଛି । ବିଭିନ୍ନ ବିଭାଗର ପଦ ପଦବୀ ଗୁଡିକ ଅତିରିକ୍ତ ଦାୟିତ୍ୱରେ ଚାଲିଛି । ସମିତି ର ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ, ମନରେଗା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ମୁଖ୍ୟ କିରାଣୀ ଓ କୋଷାଧକ୍ଷ ପଦବୀ ଗୁଡିକ ଖାଲି ପଡିଥିବା ବେଳେ ଅତିରିକ୍ତ ଦାୟିତ୍ୱରେ ଚାଲିଛି । ମୁଖ୍ୟ କିରାଣୀ ମଇଉଦ୍ଦିନ ଗାଉସ ଙ୍କ ବଦଳି ପରେ ଦୀର୍ଘ ଦିନ ଧରି ସେହି ସ୍ଥାନ ଖାଲି ପଡିଥିବା ବେଳେ ବର୍ତ୍ତମାନ ବରିଷ୍ଠ ରାଜସ୍ୱ କିରାଣୀ ରବିନ୍ଦ୍ର ପାତ୍ରଙ୍କୁ ଅତିରିକ୍ତ ଦାୟୀତ୍ୱ ଭାବେ ମୁଖ୍ୟ କିରାଣୀ ଦାୟିତ୍ୱ ଦିଆଯାଇଛି । ସେହିପରି କୋଷାଧକ୍ଷଙ୍କ ସ୍ଥାନରୁ ଅଜିତ ପାତ୍ରଙ୍କ ଖଇରପୁଟ ତହସିଲକୁ ବଦଳି ପରେ ସେହି ସ୍ଥାନ ମଧ୍ୟ ଖାଲି ରହିଛି । ବର୍ତ୍ତମାନ ସେଠାରେ ଏଷ୍ଟାବ୍ଲିସମେଂଟ ଦାୟୀତ୍ୱ ରେ ଥିବା ବରିଷ୍ଠ କିରାଣୀ ମୁନା ପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆ ଯାଇଛି । ସେହିପରି ଉନ୍ନୟନ କିରାଣୀ ସ୍ଥାନ ଖାଲିଥିବାରୁ ସେଠାରେ କନିଷ୍ଠ କିରାଣୀ ପ୍ରଦ୍ୟୁମ୍ନ ପରିଡାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ଶଙ୍କର୍ଶନ ଖଣ୍ଡୁଆଳଙ୍କ ପ୍ରମୋସନ ପରେ ବଦଳି କରି ସେହି ଖାଲିସ୍ଥାନକୁ ପୂରଣ କରିବା ନିମନ୍ତେ ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ବିଷ୍ଣୁ ଚରଣ ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ଯାହାଙ୍କର ଉଡୁପା ଗ୍ରାମ ପଂଚାୟତ ଓ ପେଡାକୋଣ୍ଡା ଗ୍ରାମ ପଂଚାୟତ ଦୁଇଟି ଦାୟିତ୍ୱ । ଶ୍ରୀ ତ୍ରିପାଠୀ ଯଦି ସମିତି ର ସମ୍ପ୍ରସାରଣ କଥା ବୁଝିବେ ତାହେଲେ ଦୁଇ ଦୁଇଟି ପଂଚାୟତ କଥା ବୁଝିବ କିଏ ଏହା ଏକ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଅଫିସର ଅଭାବ ତାହେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକ ପାର୍ଶ୍ୱବର୍ତ୍ତି ପଂଚାୟତ ର ନିର୍ବାହୀ ଅଧିକାରୀ ଙ୍କୁ ଦାୟୀତ୍ୱ ଦେଇ ପାରିଥାନ୍ତେ ନଚେତ୍ ପଂଚାୟତ ସମିତି ର କାର୍ଯ୍ୟରତ ଅଫିସର ଙ୍କୁ ଦାୟୀତ୍ୱ ଦେଇ ପାରିଥାନ୍ତେ ବୋଲି ସ୍ଥାନୀୟ ସାଧାରଣଙ୍କ ମନରେ ଉଙ୍କି ମାରୁଛି । ଏହି ବ୍ଲକରେ ୧୯ଗୋଟି ଗ୍ରାମ ପଂଚାୟତ ଥିବା ବେଳେ ମାତ୍ର ୧୦ ଜଣ ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ରହିଛନ୍ତି । ଏ ସମ୍ପର୍କରେ ମାଲକାନଗିରି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କସମସ ତିର୍କିଙ୍କୁ ପଚାରିବାରୁ ଖୁବ ଶୀଘ୍ର ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ଉଦ୍‌ଘାଟିତ




ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ କୋର୍ଟ ପରିସର ମଧ୍ୟରେ ଓଡ଼ିଶା ମାନ୍ୟବର ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଖଡିଆଳ ଠାରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କୋର୍ଟ ଉଦଘାଟନ ହୋଇଯାଇଛି। ଏଥିରେ ପ୍ରୋଟୋକଲ ଜଜ୍ ମୃଗାଙ୍କ ଶେଖର ସାହୁ, ଜିଲ୍ଲା ଦୌରା ଜଜ ନିରଞ୍ଜନ ପଣ୍ଡା ରେଜିଷ୍ଟ୍ରାର ସୌଭାଗ୍ୟ ରଂଜନ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଆଧିରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇ ନ୍ୟାୟକି ବ୍ୟବସ୍ଥାରେ ଖଡ଼ିଆଳ ତଥା ଉପାନ୍ତ ଅଞ୍ଚଳ ବୋଡ଼େନ, ସିନାପାଲି ଅଂଚଳ ର ଜନସାଧାରଣ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାସ, ଓଡ଼ିଶା ବାର କାଉନସିଲ ସଦସ୍ୟ ମାନସ ଚାନ୍ଦ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକ, ଜିଲ୍ଲା ସିଭିଲ ବାର ସଭାପତି ବିଶ୍ୱମଣି ପାଣିଗ୍ରାହୀ, ଯୋଗ ଦେଇଥିବା ବେଳେ ଖଡିଆଳ ଓକିଲ ସଂଘ ସଭାପତି ଅଧ୍ୟକ୍ଷତା କରିଥିଲେ। ଜୁଡିସିଆଲ ବାର ସଭାପତି ବିବରଣୀ ପାଠ କରିଥିଲେ। ଜୁଡିସିଆଲ ବାର ସମ୍ପାଦକ ଅତିଥି ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଏଡିଜେ କୋର୍ଟ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନୂଆପଡା, କୋମନା, ଖଡ଼ିଆଳ, ବୋଡ଼େନ ଓ ସିନାପାଲି ଅଞ୍ଚଳରୁ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ। ଏହି ଜିଲ୍ଲା ଓ ଦୌରା ଜର୍ଜ କୋର୍ଟ ଖଡ଼ିଆଳ ଠାରେ ସ୍ଥାପନ କରିବା ପାଇଁ ଦୀର୍ଘ ବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସିଥିବା ବେଳେ ସେପ୍ଟେମ୍ବର ୨ ତାରିଖରେ ଔପଚାରିକ ଭାବରେ ଉଦଘାଟନ ହୋଇଥିଲା। ଖଡ଼ିଆଳ, ବୋଡ଼େନ ଓ ସିନାପାଲି ଅଞ୍ଚଳର ଜନସାଧାରଣ ଉପକୃତ ହୋଇ ପାରିବେ।

# ନାବାଳକକୁ ମଦ ପିଆଇ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ



ଏରସମ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର କଙ୍କରଦିଆ ଗ୍ରାମର ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ମନୋରଞ୍ଜନ ସାମନ୍ତରାୟ (ମାନୁରୀ) ଓ ପାରପରା ଗ୍ରାମର ବାଲିତୁଠ ପଞ୍ଚାୟତର ବନାପାଟରେ ରହୁଥିବା ସୁଶାନ୍ତ ଦାସ (କୁନା ଟେଲର) ଏହି ଦୁଇଜଣ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ବନାପାଟ ଗ୍ରାମର ଜଗବନ୍ଧୁ ସ୍ୱାଇଁଙ୍କ ନାବାଳକ ପୁତ୍ର ଓମ୍ ସ୍ୱାଇଁ ( ବୟସ ୧୧ ) ଙ୍କୁ ଜୋର ଜବରଦସ୍ତ ମଦ ପିଆଇ ମାଡ଼ ମାରି ତାର ଭିଡିଓକୁ ଭାଇରାଲ୍ କରାଯାଇଥିବା ଜଣାପଡିଛି । ନାବାଳକ ଜଣଙ୍କ ବାପା ଏହି ଦୁଇଜଣଙ୍କ ବିରୁଦ୍ଧରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରୁ କୁଜଙ୍ଗ ପୋଲିସ୍ ଏକ ମାମଲା ରୁଜୁ କରି ବିଳମ୍ବିତ ରାତିରେ ଜଣେ ଅଭିଯୁକ୍ତ ମନୋରଞ୍ଜନ ସାମନ୍ତରାୟ (ମାନୁରୀ)ଙ୍କୁ ଗିରଫ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ମାନୁରୀ ନନାଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟରେ ଜାମିନ ନା ମଞ୍ଜୁରୀ ହେବାରୁ ଅଭିଯୁକ୍ତଙ୍କୁ ସମାଗଳ ଉପକାରଗାରକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଅନ୍ୟତମ ଆଶାମୀ ସୁଶାନ୍ତ ଦାସ (କୁନା ଟେଲରକୁ ) ଧରିବାକୁ କୁଜଙ୍ଗ ପୋଲିସ ଛାନ୍ ବିନ୍ ଚଢାଉ ଜାରିରଖିଛି ।

# ସରକାରୀ ଯୋଜନାରୁ ବଞ୍ଚିତ ଏକାଧିକ ବୃଦ୍ଧା ଓ ବିଧବା



କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ଶୁକୃଳି ବ୍ଲକ ଅନ୍ତର୍ଗତ ହଳଦିଆ ପଞ୍ଚାୟତର ସିଙ୍ଗଡା ଗ୍ରାମରେ ଯୋଜନାର ଲାଭ ପାଉନଥିବା ଅଭିଯୋଗ ଆସିଛି। ଦୁର୍ଗମ ଅଞ୍ଚଳ ହେଉ ବା ଉପାନ୍ତ ଅଞ୍ଚଳ ଲୋକମାନଙ୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ ଯୋଜନା କରିଛନ୍ତି, କିଭଳି ଲୋକେ ମାନେ ଉପକୃତ ହୋଇପାରିବେ , ହେଲେ କେତେକାଂଶରେ ସରକାରୀ ବାବୁ ମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ ବହୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚି ପାରୁ ନାହିଁ। ଯେପରି ସିଙ୍ଗଡ଼ା ଗ୍ରାମ ର ଏକାଧିକ ବିଧବା ଓ ବୃଦ୍ଧା ମହିଳା ଆଜି ବି ସରକାର ଦେଉ ଥିବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଦୀର୍ଘ ବର୍ଷ ଧରି ଭତ୍ତା ପାଇଁ ଦରଖାସ୍ତ ଦାଖଲ କରି ଥିଲେ ମଧ୍ୟ ଆଜି ଯାଏଁ ତାଙ୍କୁ ଭତ୍ତା ମିଳିପାରିଲା ନାହିଁ। ଶେଷରେ ନିଜର ଭାଗ୍ୟ କୁ ଆଦରି ପଡ଼ି ରହିଛନ୍ତି। ସିଙ୍ଗଡ଼ା ଗ୍ରାମର ମେଞ୍ଚାରି ସିଦୁ ସ୍ୱାମୀ ମରିବାର ଦୀର୍ଘ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ଯାଏଁ ପାଇ ପାରିଲେ ନାହିଁ ବିଧବା ଭତ୍ତା। ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ତରଫରୁ ମିଳୁଥିବା କେତେ କେଜି ଚାଉଳ ହିଁ ସାହା ଭରଷା। ବୟସ ଅଧିକ ହେତୁ ମୂଲ ଲାଗିବା ସମ୍ଭବ ନୁହେଁ। ଠିକ୍ ସେହିପରି ସେହି ଗାଁ ର ଅନ୍ୟ ଜଣେ ବିଧବା ମହିଳା ନାନିକା ଗାଗରାଇ ମଧ୍ୟ ସ୍ୱାମୀ ମରିଯିବାର ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ଦରଖାସ୍ତ ଦାଖଲ କରି ଚାଲିଛନ୍ତି ଭତ୍ତା ଟିକକ ପାଇଁ। ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ସାରିଲେଣି। ଏପରି ଗାଁ ରେ ଏକାଧିକ ବିଧବା ମହିଳା ଓ ବୃଦ୍ଧା ଅଛନ୍ତି ଯେଉଁ ମାନେ ଆଜି ଯାଏଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଏହିପରି ଗାଁ ରେ ଏମିତି ଏକାଧିକ ପରିବାର ଅଛି ଯେଉଁ ମାନେ ଆଜି ଯାଏ ଆବାସ ଯୋଜନାରେ ସାମିଲ ହୋଇ ଘର ଖଣ୍ଡିଏ ପାଇ ପାରିଲେ ନାହିଁ, କେବଳ ମିଳିଛି ପ୍ରତିଶ୍ରୁତି।

# ଦୁର୍ଘଟଣାରେ ତିନି ଆହତ

କୋରାପୁଟ (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବଜାରରେ ଏକାଥରେ ଗାଡ଼ି ଦୁର୍ଘଟଣାରେ ତିନିଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଉକ୍ତ ଗାଡ଼ି ବୁର୍ଜା ଗ୍ରାମର ଗଙ୍ଗା ଖରାଙ୍କ ହୋଇଥିବାବେଳେ ତାଙ୍କ ସାଙ୍ଗ ଦୋଲିଆମ୍ବା ଗ୍ରାମର ଚିତ ବାଘ ଚଳାଉଥିବା ସମୟରେ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।ଏନେଇ ଗୁରୁତର ମାନଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରିଥିବା ଜଣାପଡିଛି।

# ମହିଧରପଡ଼ା-ଗୋବିନ୍ଦପୁର ରାସ୍ତା ଉପରେ ପୂର୍ତ୍ତ ବିଭାଗର ଦୃଷ୍ଟି ପଡ଼ିବ କେବେ ?



ବ୍ରାହ୍ମଣଝରିଲୋ(ଭାସ୍କର ନ୍ୟୁଜ୍): କଟକ ଓ.ଏମ.ପି ଛକ ସ୍ଥିତ ଥିବା ପୂର୍ତ୍ତ ବିଭାଗର ମହିଧରପଡ଼ା - ଗୋବିନ୍ଦପୁର ରାସ୍ତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ (ଓସ୍କୋ)ତରଫରୁ ଦାବି ହେଉଛି । ଖବରରୁ ଜଣାଯାଏ ଯେ ମହିଧରପଡା ତ୍ରିନାଥ ବଜାର ଠାରୁ ଗବବସ୍ତ, ହରିଅନ୍ତା , ନାହାଳପୁର ଦେଇ ୧୪ କି.ମି ରାସ୍ତା ଗୋବିନ୍ଦପୁର ଯାଇଅଛି । ଏହି ରାସ୍ତା ଆରମ୍ଭରୁ ଦୀର୍ଘ ୮୦ ବର୍ଷ ଧରି କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଥିଲା । ସମସ୍ତ କାର୍ଯ୍ୟ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତ୍ୱରାନ୍ୱିତ କରାଯାଉଥିଲା । ରାସ୍ତାଟି ଅଧିକ ଲମ୍ବ ଓ ପ୍ରସ୍ଥ ଥିବାରୁ ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ୧ ବର୍ଷ ପାଖାପାଖି ହେବ କଟକ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ମାତ୍ର ପୂର୍ତ୍ତ ବିଭାଗ ବର୍ଷକ ମଧ୍ୟରେ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ନ କରିବା ଫଳରେ ରାସ୍ତାଟି ଶୋଚନୀୟ ହୋଇପଡିଛି । ବିଶେଷ କରି ମହିଧରପଡ଼ା ମେଡିକାଲ ବଜାର ଛକଠାରୁ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତା ଉପରେ ପାଣି ଜମି ରହୁଛି । ଫଳରେ ଶହ ଶହ ରୋଗୀ ଯିବା ଆସିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଚମାର ସାହି ପୋଲ ନିକଟରେ ପିଚୁ ତାଡି ହୋଇ ରାସ୍ତା ଉପରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ରାସ୍ତା ପାଣି ଜମି ରହୁଛି । ମହିଧରପଡ଼ା ହାଇସ୍କୁଲ ବଜାରଠାରେ ଅସରାଏ ବର୍ଷା ହେଲା ମାତ୍ରକେ ରାସ୍ତା ଉପରେ ପାଣି ଜମୁଛି , ଫଳରେ ଶହ ଶହ ଛାତ୍ରଛାତ୍ରୀ ସ୍କୁଲକୁ ଯିବା ଆସିବା ସମୟରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଏହି ରାସ୍ତା ଉପରେ ଦେଇ ଗଲାବେଳେ ପାଣି ଛିଟିକି ପଥଚାରୀ ଓଦା ହୋଇଯାଉଛନ୍ତି। ତୁରନ୍ତ ପୂର୍ତ୍ତ ବିଭାଗ କଟକ ଅଧିକ୍ଷଣ ଯନ୍ତ୍ରୀ,ଗୋପାଳପୁର ଉପନିର୍ବାହୀ ଯନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ଲଳିତ କୁମାର ଦାଶ, ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସଂପାଦକ ଅମିତ କୁମାର ପରିଜା, ଇଂ ସୁଶାନ୍ତ କୁମାର ତ୍ରିପାଠୀ, ଶୋଭନ ମହାପାତ୍ର,ଅଶୋକ କୁମାର ରଥ, ନଳିନୀକାନ୍ତ ପଟ୍ଟନାୟକ, ପ୍ରଣବ ପଟ୍ଟନାୟକ,ସୁରେନ୍ଦ୍ରନାଥ ଛୋଟରାୟ, ଶଶିଭୂଷଣ ଦାଶ,ଧୀରେନ୍ଦ୍ର ସାହୁ, ଧରଣୀଧର ବେହେରା, ଦେବରଞ୍ଜନ ବୈଠାଳୁ , ପ୍ରଦ୍ୟୁମ୍ନ ପତି, ଚନ୍ଦ୍ରମଣି ପ୍ରଧାନ, ସମରେନ୍ଦ୍ର ହାତୀ, ସୁଭାଷିନୀ ସେଠୀ, ଚନ୍ଦ୍ରକାନ୍ତ ରାଉତ, ଚତୁର୍ଭୁଜ ମହାପାତ୍ର, ଗୁଣ୍ଡିଚି ଚରଣ ସାହୁ,ଅଜୟ କୁମାର ବେଉରା, ହୃଷୀକେଶ ଛୋଟରାୟ , ଆଶିଷ ରଞ୍ଜନ ସ୍ୱାଇଁ, ଛିନ୍ଦ୍ର ବେହେରା , କନକଲତା ମିଶ୍ର, ମନୋରଞ୍ଜନ ସ୍ୱାଇଁ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ଜ୍ୟୋତିର୍ମୟ ବେଉରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଉପଦେଷ୍ଟା ପ୍ରମୁଖ ଦାବି କରିଛନ୍ତି ।

# ଜାତୀୟ ଜୀବନବୀମା ଦିବସ ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଭାରତୀୟ ଜୀବନବୀମା କାର୍ଯ୍ୟାଳୟ ପରିସରରେ ସମସ୍ତ ଅଧିକାରୀ, କର୍ମଚାରୀ, ବିମାଧାରକ ଓ ଅଭିକର୍ତ୍ତାଙ୍କ ଗହଣରେ ୬୯ତମ ଜାତୀୟ ଜୀବନବୀମା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଶାଖା ପରିଚାଳକ ଶ୍ରୀ ଶକ୍ତି ପ୍ରସାଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦୁଝର ଶାଖାର ପୂର୍ବତନ ବିକାଶ ଅଧିକାରୀ ଶ୍ରୀନିବାଶ ବ୍ରହ୍ମ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ଜୀବନବୀମାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ସଚେତନ କରାଇଥିଲେ। ୧୯୫୬ ମସିହା ସେପ୍ଟେମ୍ବର ଏକ ତାରିଖରେ ଭାରତ ସରକାର ଭାରତୀୟ ଜୀବନବୀମା ନିଗମକୁ ରାଷ୍ଟ୍ରାୟତ ଘୋଷଣା କରିବା ସହ ଏହି ଅନୁଷ୍ଠାନରେ ଜମାରାଶିର ଶତ ପ୍ରତିଶତ ସୋଭେରାଇନ ଗ୍ୟାରେଣ୍ଟି ପ୍ରଦାନ କରିଥିଲେ। ସେହି ଦିନ ଠାରୁ ପ୍ରତିବର୍ଷ ସେପ୍ଟେମ୍ବର ଏକ ତାରିଖକୁ ଜାତୀୟ ଜୀବନବୀମା ଦିବସ ଭାବେ ଭାରତର ପ୍ରତ୍ୟେକ ଜୀବନବୀମା ଶାଖାରେ ପାଳନ କରାଯାଇ ଆସୁଅଛି। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରବନ୍ଧକ ଶ୍ରୀ ଶରତ ବେହେରା, ଶୁଭବ୍ରତ ନାଏକ, ସମସ୍ତ ବିକାଶ ଅଧିକାରୀ , ଶାଖା ଅଧିକାରୀ ଲକ୍ଷ୍ମୀଧର ନାଏକ, ଗୋପାଳ ନାଏକ,ପ୍ରାଣବନ୍ଧୁ ନାଏକ, ଭାସ୍କର ପରିଡା, ପ୍ରଫୁଲ୍ଲ ନାଏକ ପ୍ରମୁଖ ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଶାଖା କର୍ମଚାରୀ ସଂଘର ଅଜୟ କୁମାର ଚାଟାର, ଖଗେଶ୍ୱର ବେହେରା, ସତ୍ୟ ନାଏକ, ଚନ୍ଦନ ପାଲେୟା, ମାୟାଧର ନାଏକ, କୋଦଣ୍ଡଧର ସାହୁ, ଶୁଭସ୍ମିତା ତ୍ରିପାଠୀ, ରଞ୍ଜିତା ବେହେରା, ଇତିଶ୍ରୀ ସାହୁ, ଧନନ୍ତ୍ୱରି ନାଏକ,ରମେଶ ପାତ୍ର, ଇନ୍ଦ୍ରମଣି ନାଏକ, ଆକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୬୯ ତମ ଜୀବନବୀମା ଦିବସ ପାଳନରେ ସହାୟତା କରିଥିଲେ।



# ଆମ କଳାହାଣ୍ଡି







## ଶେଷ ହେଲା ନୂଆଖାଇ ପର୍ବ

# ମାଆ ମାଣିକେଶ୍ୱରୀଙ୍କ ପ୍ରସାଦ ନେଇ ନୂଆଖାଇଲେ ଭବାନୀପାଟଣା ସହରବାସୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇ ଯାଇଛି। କାହିଁ କେଉଁଦିନ ଠାରୁ ଚାଲି ଆସିଥିବା ଏହି ଗଣପର୍ବ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଇଥାଏ। ବିଭିନ୍ନ ସ୍ଥାନରେ ଥିବା ଇଷ୍ଟଦେବୀ ଦେବତାଙ୍କୁ ନିଜ ଫସଲର ପ୍ରଥମ ଶସ୍ୟ ପ୍ରସ୍ତୁତ ଅନ୍ନକୁ ନୀତିକାନ୍ତି ଅନୁସାରେ ଅର୍ପଣ କରି ପରିବାରର ସବୁ ସଦସ୍ୟ ଏକତ୍ରିତ ହୋଇ ପ୍ରସାଦ ଭକ୍ଷଣକୁ 'ନୂଆଖାଇ' ଆଖ୍ୟା ଦିଆଯାଇଛି। ଏହି ପର୍ବ ଭାଇଚାରାର ପର୍ବ। ପରିବାରର ସବୁ ସୁଖଦୁଃଖରେ ଆପଣାର ହୋଇ ଚଳିବା ପାଇଁ ଏକତାର ମନ୍ତ୍ର ପାଠ କରିବାର ନିଆରା ପରମ୍ପରା ହେଉଛି ନୂଆଖାଇ। ତେବେ ବିଭିନ୍ନ ସ୍ଥାନର ଦେବୀ ଦେବତାଙ୍କୁ ନେଇ ପୂର୍ବ କାଳରୁ ଚଳି ଆସିଥିବା ପରମ୍ପରା ଅନୁସାରେ ଶୁକ୍ଳ ପଞ୍ଚମୀକୁ ଛାଡି ଶୁକ୍ଳ ଦଶମୀ ଏମିତିକି ସେମିତି କୌଣସି ବିଶେଷ ଅସୁବିଧା ଥିଲେ ଦଶହରାରେ ମଧ୍ୟ କିଛି ଲୋକ ନୂଆଖାଇ ଥାଆନ୍ତି। ଗତ ୨୮ ତାରିଖ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କଳାହାଣ୍ଡି ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ନୂଆଖାଇ ଉତ୍ସବ ପାଳନ ଶେଷ ହୋଇଥିଲାବେଳେ ୨ ତାରିଖ ମଙ୍ଗଳବାର ଦିନ ଭବାନୀପାଟଣା ସହର ସହିତ ଜିଲ୍ଲାର



ଜୟପାଟଣା, ଲାଞ୍ଜିଗଡ, ଥୁଆମୂଳ ରାମପୁର ଓ କଳମପୁର ଆଦି ତଥାକଥିତ ଗଡ଼ଜାତ ଅଞ୍ଚଳଭାବେ ପରିଚିତ ସ୍ଥାନ ମାନ ଙ୍କର ଜନସାଧାରଣ ଆନନ୍ଦଉଲ୍ଲାସ ମଧ୍ୟରେ ସମସ୍ତେ ପାରମ୍ପରିକ ପ୍ରଥାନୁଯାୟୀ ନବାନ୍ନ ଭକ୍ଷଣ କରିଥିଲେ। ଭବାନୀପାଟଣାରେ ଇଷ୍ଟଦେବୀ ମାଆ ମାଣିକେଶ୍ୱରୀଙ୍କ ଲଗ୍ନ ଅନୁସାରେ ନବାନ୍ନ ଲାଗିହେବା ପରେ ତାଙ୍କ ଠାରୁ ନବାନ୍ନ ପ୍ରସାଦ ନେଇ ଘରର ଠାକୁରଙ୍କୁ ଅର୍ପଣ ପରେ ପରିବାର ସହ ନୂଆ ଖାଇଥିଲେ। ଏହି ପର୍ବ ପାଳନ ପାଇଁ ଭବାନୀପାଟଣା ସହରର ମାଆ ମାଣିକେଶ୍ୱରୀଙ୍କ ମନ୍ଦିରରେ ବେଶ ଭିଡ ପରିଲକ୍ଷିତ ହୋଇଥିଲା ବେଳ ଅନ୍ୟାନ୍ୟ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ପ୍ରକାରର ପିଠା, ମିଠା, ଅନ୍ନ ବ୍ୟଞ୍ଜନର ମନମୋହକ ବାସ୍ନାରେ ସହର ଓ ଗାଆଁ ମାଟି ସୁରଭିତ ହେଲାବେଳେ ଘରର ଇଷ୍ଟ ଦେବୀଦେବତାଙ୍କ ନିକଟରେ ନୂଆ ଧାନର ଚୂଡ଼ା, କ୍ଷୀରି, ପିଠା ଭୋଗକୁ ପରିବାରର ସବୁ ସଦସ୍ୟ ଏକାଠି ବସି ଘରର ବୟୋଜ୍ୟେଷ୍ଠଙ୍କ ହାତରୁ ପ୍ରସାଦ ଗ୍ରହଣ କରିଥିଲେ। ନୂଆ ଖାଇସରିବା ପରେ ପରମ୍ପରା ଅନୁସାରେ ବଡମାନଙ୍କୁ ସାନମାନେ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ 'ନୂଆଖାଇ ଜୁହାର' ନାମରେ ବେଶ୍ ପରିଚିତ। ସଂଧ୍ୟାରେ ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆଖାଇ ଭେଟଘାଟ ଉତ୍ସବ ପାଳିତ ହେଉଥିବା ଦେଖିବାକୁ ମିଳିଥିଲା।

## ବିକଶିତ ସହର ଭାବେ ଗଢି ତୋଳିବାକୁ ପ୍ରୟାସ



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସର ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ ଜାତୀୟ ପତାକା ଉତ୍ତୋଳନ କରି ସମସ୍ତଙ୍କୁ ଅଭିବାଦନ ପ୍ରଦାନ କରିଥିଲେ। ପ୍ରତ୍ୟୁଷରୁ ଏନ୍ଏସି ଅଧ୍ୟକ୍ଷା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ ଏବଂ ଏନ୍ଏସିର ସମସ୍ତ କର୍ମଚାରୀ ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ ଉପସ୍ଥିତ ରହି ସହରବାସୀଙ୍କୁ ଶୁଭେଚ୍ଛା ପ୍ରଦାନ କରି ଜୁନାଗଡ଼ ସହରକୁ ଏକ ଆଦର୍ଶ ଓ ବିକଶିତ ସହର ଭାବେ ଗଢି ତୋଳିବାକୁ ପ୍ରୟାସ କରାଯିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପାଳ ଚନ୍ଦନ, ସଚିନ ଅନଦାନୀ, ହିମାଦ୍ରୀ ସିନ୍ଧୁର, ପୁଷ୍ପାଞ୍ଜଳି ଦଣ୍ଡସେନା, କାଁହୁ ବୈଠାରୁ, ମାଧବୀ ବାଗ, ମଞ୍ଜୁଲତା ସେଠି, କୁନି ଶବର, ଭୂପେନ୍ଦ୍ର ଦଣ୍ଡସେନା, ମିନତୀ ମାଝୀ, ଚକ୍ର ବାଗ ପ୍ରମୁଖ ପାରିଷଦ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ କନ୍ଦର୍ପ ଗୁରୁ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ବୀର ସିଂ ବିରୋଲି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ସହରବାସୀ ଉପସ୍ଥିତ ରହିଥିଲେ।

## କେମିଷ୍ଟ ସଂଘ ପୁନଃ ଗଠିତ




ଜୟପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପିଆର ପ୍ୟାଲେସ ଠାରେ ଜୟପାଟଣା ବ୍ଲକ ପୋଲିସ ଷ୍ଟେସନ କେମିଷ୍ଟ ୟୁନିୟନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଯାଇଛି। କେସିଡିଏ ତରଫରୁ ପର୍ଯ୍ୟବେକ୍ଷକ ଭାବରେ ମାନସ ମହାନ୍ତି, ବିଜୟ ଜୈନ ଏବଂ ସୁଶାନ୍ତ ପଟ୍ଟଯୋଷୀ ନିର୍ବାଚନୀ ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ୨୦୨୫-୨୮ ସାଂଗଠନିକ ବର୍ଷ ନିମନ୍ତେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହିଥିବା ବରିଷ୍ଠ ସଭ୍ୟ ପ୍ରାଣ ରଞ୍ଜନ ବେହେରା ଏବଂ ସମୀର ମୁଣ୍ଡ ଉଭୟଙ୍କୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସାଂଗଠନିକ ବୈଠକ ସମାପ୍ତ ହେଲାପରେ ନୂତନ ଭାବରେ 'ଜୟପାଟଣା ସଦର ଔଷଧ ବ୍ୟବସାୟୀ ସଂଘ' ମଧ୍ୟ ଉକ୍ତ ଦିନ ଗଠନ ହୋଇଯାଇଛି। ସର୍ବସମ୍ମତିକ୍ରମେ ବାହାନ ସିଂ, ପ୍ରଭାତ ବେହେରା ଏବଂ ମନୀଷ ଅଗ୍ରୱାଲଙ୍କୁ ଯଥାକ୍ରମେ ସଭାପତି, ସଂପାଦକ ଏବଂ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା କମିଟିରେ ବିରଞ୍ଚି ମୁଣ୍ଡ, ପ୍ରଦୀପ ପଣ୍ଡା, ରିତେଶ ଜୈନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ସାମୁହିକ ସେବା ପ୍ରଦାନ କରିଥିବା ବରିଷ୍ଠ ସଦସ୍ୟ ବିରଞ୍ଚି ନାରାୟଣ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଟିଏ ଦିନରେ ଜୟପାଟଣା ଏନ୍ଏସି ଘୋଷଣା ଏବଂ ନୂଆ ସଂଘର ଗଠନ ଐତିହାସିକ ମୁହୂର୍ତ୍ତ ବୋଲି ବୈଠକରେ ମତପ୍ରକାଶ ପାଇଛି।

# ଅନୈତିକ ପୂଜାର୍ଚ୍ଚନା ଘଟଣା: ଦେବୀ ପୀଠରେ ଗ୍ରାମବାସୀଙ୍କ ଧାରଣା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସାଧାରଣ ଭାବେ କୌଣସି ସମସ୍ୟା ବା ଦାବି ନେଇ ସରକାର, ପ୍ରଶାସନ କାର୍ଯ୍ୟାଳୟରେ ଲୋକେ ଧାରଣା ଦେବା ଶୁଣାଯାଏ। ହେଲେ ଦେବୀପୀଠରେ ଗ୍ରାମବାସୀ ଧାରଣା ଦେବା ଏକ ବିରଳ ଘଟଣା ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମ ଦେବୀ ଭଣ୍ଡାର ଘରୁଆଣିଙ୍କ ପୀଠରେ ଗ୍ରାମବାସୀ ଧାରଣା ଦେବା ଭଳି ଘଟଣା ଏବେ ଚର୍ଚ୍ଚା ପରିସରକୁ ଆସିଛି। ସୂଚନା ଯେ ଗାଁ କିଛି ଦୂରରେ ଥିବା ଦେବୀ ଭଣ୍ଡାର ଘଟୁଆଣିଙ୍କ ପୀଠରେ କେଉଁ ଏକ ଦୁର୍ବୃତ୍ତ ଅନୈତିକ ଭାବେ ପୂଜାର୍ଚ୍ଚନା କରିଥିବା ଓ ଛେଳି ବଳି ଦେଇଥିବା ଦେଖିବାକୁ ମିଳିଛି। ଯାହା ଗ୍ରାମର ନୀତି ନିୟମ ବିରୋଧ ହୋଇଥିବା ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ହୋଇଥିବା ଦେଖି ଗ୍ରାମବାସୀଙ୍କ ଭିତରେ ଗତ ସୋମବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁର୍ବୃତ୍ତଙ୍କୁ ଚିହ୍ନଟ ଓ କୋଉ ପରିସ୍ଥିତି ରେ ଅନୈତିକତା ଭାବେ ପୂଜାର୍ଚ୍ଚନା କରାଯାଇଛି ଆଲୋଚନା ହୋଇଥିଲା। ଶେଷରେ ଦେବୀଙ୍କ ଉପରେ ଆସ୍ଥା ବିଶ୍ୱାସ ରଖି ପୀଠରେ ଧାରଣା ଦେବା ଭଳି ନିଷ୍ପତ୍ତି ନିଆଯାଇଥିଲା। ତେବେ ଦୁର୍ବୃତ୍ତ ଜଣକ ଗୁଣି ଗାରେଡି କରିବା ପାଇଁ ଦେବୀ ପୀଠରେ ପୂଜାର୍ଚ୍ଚନା କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଦେବୀଙ୍କ ନିକଟରେ ବିଶ୍ୱାସ ଓ ଭରସା ଅଛି -ନିହାତି ଭାବେ ଅନୀତି ଭାବେ ପୂଜାର୍ଚ୍ଚନା କରିଥିବା ଦୁର୍ବୃତ୍ତ ଚିହ୍ନଟ ହୋଇ ପାରିବ ଓ ଦେବୀ ଦଣ୍ଡ ଦେବେ ବୋଲି ଗ୍ରାମବାସୀ ଆସ୍ଥା ପ୍ରକଟ କରିଛନ୍ତି। ସୂଚନା ଯେ ବର୍ଷକୁ ଥରେ ଦଶହରା ସମୟରେ ଦେବୀ ପୀଠରେ ପୂଜାର୍ଚ୍ଚନା କରିବା ନିୟମ ରହିଛି। କେବଳ ଦେବୀଙ୍କ ପୁଝାରି ପୂଜାର୍ଚ୍ଚନା କରିବା ନିୟମ ଥିବା ବେଳେ ଦୁର୍ବୃତ୍ତ ଜଣକ ନିୟମକୁ ଉଲଘଂନ କରିଥିବା ଯୋଗୁଁ ଗାଁରେ କୌଣସି ପ୍ରକାର ବିପଦ ଆସିବା ଆଶଙ୍କା ଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଗ୍ରାମ ଦେବୀ ସେହି ଦୁର୍ବୃତ୍ତକୁ ଚିହ୍ନଟ କରିବା ଓ ଦଣ୍ଡ ଦେବା ନେଇ ଦେବୀଙ୍କ ଠାରେ ଧାରଣାରେ ବସିଛନ୍ତି ବୋଲି କରିଥିବା ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଶିକ୍ଷକ ସନ୍ତୋଷାନନ୍ଦ



ନର୍ଲା, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକରେ ଥିବା ତୁଳାପଡ଼ା ଗ୍ରାମର ଦାମୋଦର ସରକାରୀ ଉଚ୍ଚ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ସନ୍ତୋଷାନନ୍ଦ ନାୟକ ମନୋନୀତ ହୋଇଥିବା ଜଣାପଡିଛି । କ୍ରୀଡ଼ା ଶିକ୍ଷକ ଶ୍ରୀ ନାୟକ କ୍ରୀଡା କ୍ଷେତ୍ରରେ ଅନେକ ସୁନାମ ଅର୍ଜନ କରିଥିବା ବେଳେ ଜାତୀୟସ୍ତର କ୍ରୀଡାର ପରିଚାଳନା କରି ଅତୀତରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଖବର ଜଣା ପଡ଼ିବା ପରେ ତାଙ୍କୁ ବିଭିନ୍ନ ବର୍ଗର ଲୋକେ ଶୁଭେଚ୍ଛା ଜଣାଇଛନ୍ତି। ତୁଳାପଡ଼ା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାପୀଠ ତରଫରୁ ତାଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକଗଣ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ମାଁ ପାଟରାଣୀ ସାଂସ୍କୃତିକ ଅନୁଷ୍ଠାନ, ମହାକାଲ୍ ଟିମ୍ ତୁଳାପଡା,ବିଭିନ୍ନ କ୍ରୀଡା ସଂଗଠନ ତରଫରୁ ମଧ୍ୟ ଶୁଭେଚ୍ଛା ଜଣାଯାଇଛି। ଆସନ୍ତା ସେପଟ୍ମେର ୫ ତାରିଖ ଗୁରୁ ଦିବସରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ଜନଶୁଣାଣୀ ଶିବିରରେ ୧୫ ଅଭିଯୋଗର ତୁରନ୍ତ ସମାଧାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ୧୧୨ ବ୍ୟକ୍ତିଗତ ଓ ୧୮ ସାମୂହିକ ମଧ୍ୟରୁ ୧୫ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାସନ କାର୍ଡ,



ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଉପ ଜିଲ୍ଲାପାଳ ଧର୍ମଗଡ଼, ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ କେସିଙ୍ଗାର ଅରଫାନ ଖାଁନଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଅତ୍ୟାଧୁନିକ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ସରକାରୀ ସହାୟତା ଅପେକ୍ଷାରେ ପଦ୍ମଲୋଚନ ଓ ସେବତୀ

କେସିଙ୍ଗା,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ କନ୍ତେଶିର ଗ୍ରାମ ପଞ୍ଚାୟତର ଗେଠିପଦର ନିବାସୀ ପଦ୍ମଲୋଚନ ରଣା(୬୫)ଓ ତାଙ୍କ ସ୍ତ୍ରୀ ସେବତୀ ରଣା(୬୩)ଦୀର୍ଘ ୩୦ବର୍ଷ ହେଲାଣି ଝାଟି ମାଟି ଘରେ ଜୀବନ ବିତାଇ ଆସୁଛନ୍ତି। କନ୍ତେଶିର ଗ୍ରାମର ବସ୍ତିରେ ରହୁଥିବା ବେଳେ ଘର ଭାଙ୍ଗି ଯିବାରୁ ଗେଠିପଡାକୁ ସ୍ଥାନାନ୍ତରିତ ହୋଇଥିଲେ। ଝାଟିମାଟି ଘର ତିଆରି କରି ରହୁଥିଲେ। ବର୍ଷା ଋତୁରେ ପାଣି ଗଳୁଥିବା ଯୋଗୁଁ ଘର ଭିତରେ ଓଦା ହୋଇ ଯାଉଛି, ପାଲ ଢାଙ୍କି ରହୁଛନ୍ତି। ଘର ଖଣ୍ଡିଏ ପାଇବା ପାଇଁ ଅନେକ ଥର ବ୍ଲକ କାର୍ଯ୍ୟାଳୟ, ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ନିରାଶ ହୋଇ ପଡିଛନ୍ତି। ପଦ୍ମଲୋଚନ ଗୋଟିଏ ପୁଅକୁ ବିବାହ କରିଦେବା ପରେ ଅଲଗା ରହୁଛନ୍ତି ଏହା ସହିତ ଗୋଟିଏ ଝିଅକୁ ମଧ୍ୟ ବାହା ଦେଇସାରିଛନ୍ତି। କୁଲି ମଜୁରୀ କରି ସ୍ୱାମୀ ସ୍ତ୍ରୀ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ପଦ୍ମଲୋଚନ ଓ ତାଙ୍କ ସ୍ତ୍ରୀ ଭତ୍ତା ପାଇଁ ମଧ୍ୟ ବହୁତ ଥର ଗ୍ରାମ ପଞ୍ଚାୟତ ଓ ବ୍ଲକରେ ଆବେଦନ କରିଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ କନ୍ତେଶିର ଗ୍ରାମ ପଞ୍ଚାୟତର ସରପଞ୍ଚ ମମତା ନାଗଙ୍କୁ ପଚାରିବାରୁ ଘର ଓ ଭତ୍ତା ପାଇଁ ଅନଲାଇନରେ ଆବେଦନ କରାଯାଇଛି ବୋଲି ପ୍ରକାଶ କରିଥିଲେ।

# ତ୍ରୁଟିପୂର୍ଣ୍ଣ ପୁରୁଣା ସର୍ଭେର କୁଫଳ ଭୋଗୁଛନ୍ତି ଲକ୍ଷଲକ୍ଷ ଲୋକେ

- ଜି. ରାମଚନ୍ଦ୍ରପୁରକୁ ଦିଆଯାଉ ପୂର୍ଣ୍ଣାଙ୍ଗ ରେଳଷ୍ଟେସନ ମାନ୍ୟତା
- ଏକ୍ସପ୍ରେସ ଟ୍ରେନ ସହିତ ଅନ୍ୟ ସମସ୍ତ ଟ୍ରେନ ରହଣୀ ଦାବି ତେଜିଲା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ରାଜ୍ୟରେ ରେଳ ବିକାଶ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ଥିବା କୁହାଯାଏ। ଏଥିପାଇଁ ବେଶ ରାଜନୀତି ହୁଏ, ଶ୍ରେୟ ନେବା ପାଇଁ ତୁମ୍ଭିତୋଫାନ ବି ହୁଏ କିନ୍ତୁ ସେଇ ତମାମ ହୋହଲ୍ଲା ମଧ୍ୟରେ ରେଳସେବାକୁ ନେଇ ଥିବା ଲୋକଙ୍କ ମୌଳିକ ସମସ୍ୟା ନଜର ଅନ୍ଦାଜ କରିଦିଆଯାଏ। ଆଉ ଏସବୁର ପ୍ରକୃଷ୍ଟ ଉଦାହରଣ ଯଦି କେଉଁଠି ସବୁଠୁ ଅଧିକ ଦେଖିବାକୁ ମିଳେ ସେଇଟା ହେଉଛି କଳାହାଣ୍ଡି ଜିଲ୍ଲା। ଜିଲ୍ଲାରେ ସ୍ୱାଧୀନତା ପୂର୍ବରୁ ଏପରିକି ଇଂରେଜଙ୍କ ଦ୍ୱାରା ପ୍ରଥମେ ପ୍ରଥମେ ରେଳ ଚଳାଚଳ ସୁବିଧା ମିଳିଥିଲା। ଜିଲ୍ଲାର କେସିଙ୍ଗାରୁ ଲାଞ୍ଜିଗଡ଼ ରୋଡ଼ ରେଳ ଷ୍ଟେସନ ଦେଇ ରେଳ ଯାତାୟତ ହୋଇଥିଲା। ତାର ପ୍ରାୟ ଦେଢ଼ଶହ ବର୍ଷ ପରେ ଲାଞ୍ଜିଗଡ଼ ରୋଡ଼ରୁ ଜୁନାଗଡ଼କୁ ରେଳପଥ ନିର୍ମାଣ ହୋଇଥିଲା। ତାର ବେଶ କିଛି ବର୍ଷ ପରେ ଏହି ରେଳପଥରେ ଆରମ୍ଭ ହୋଇଥିଲା ରେଳ ଚଳାଚଳ। ଜିଲ୍ଲାର ମୁଖ୍ୟାଳୟ ରେଳପଥରେ ଯୋଡ଼ିହେବା ପରେ ଜିଲ୍ଲାବାସୀ ଖୁସି ହେଲେ, ରାଜନେତାଏ ନିଜ ନିଜ ଶ୍ରେୟ ନେଲେ। ଗୋଟିଏ ଟ୍ରେନ ବଦଳରେ ଜିଲ୍ଲାକୁ ତିନୋଟି ଏବେ ଆଉ ଗୋଟିଏ ମିଶାଇ ସମୁଦାୟ ଚାରିଗୋଟି ଟ୍ରେନ ଚଳାଚଳ କରୁଛି। କିନ୍ତୁ ସବୁଠୁ ଦୁଃଖ ଓ କ୍ଷୋଭର ବିଷୟ ହେଲା, ଦୀର୍ଘ ଚାଳିଶ ବର୍ଷ ତଳେ ହୋଇଥିବା ସର୍ଭେ ଅନୁସାରେ ନିର୍ମାଣ ହେଲା ରେଳପଥ, ସ୍ଥାପନ ହେଲା ରେଳ ଷ୍ଟେସନ। ସେଇ ସମୟର ଭୌଗୋଳିକ ସ୍ଥିତି, ଜନସଂଖ୍ୟା ଅନୁସାରେ ଏସବୁ ସର୍ଭେ ହୋଇଥିବାବେଳେ ଏବେ ଚାଳିଶ ବର୍ଷ ପରେ ଜିଲ୍ଲାର ଭୌଗୋଳିକ ସ୍ଥିତି ବି ବଦଳିଛି ଓ ବହୁମାତ୍ରାରେ ବଢ଼ିଛି ଜନସଂଖ୍ୟା। ସେଇ ଅନୁସାରେ ଲୋକଙ୍କ ଯୋଗାଯୋଗ ମାଧ୍ୟମ ଓ ଯାତାୟତ ଆବଶ୍ୟକତା ବି ବୃଦ୍ଧି ପାଇଛି। କିନ୍ତୁ ସେତେବେଳର ସ୍ଥିତି ଅନୁସାରେ ଲାଞ୍ଜିଗଡ଼ ରୋଡ଼ରୁ ଜୁନାଗଡ଼ ରେଳପଥ ମଧ୍ୟରେ ଲାଞ୍ଜିଗଡ଼ ରୋଡ଼, ଭବାନୀପାଟଣା ଓ ଜୁନାଗଡ଼କୁ ମିଳିଛି ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନର ମାନ୍ୟତା। କିନ୍ତୁ ଜିଲ୍ଲାର ଲକ୍ଷଲକ୍ଷ ଲୋକେ ନିର୍ଭର କରୁଥିବା ସତ୍ତ୍ୱେ ଚାଳିଶ ବର୍ଷର ପୁରୁଣା ସର୍ଭେ ଅନୁସାରେ ଭବାନୀପାଟଣା ଓ ଜୁନାଗଡ଼ ପରେ ଜିଲ୍ଲାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାମଚନ୍ଦ୍ରପୁର ଷ୍ଟେସନ ନହୋଇ ପାସେଞ୍ଜର ହଲଟ ହୋଇରହିଛି। ଏହି ପାସେଞ୍ଜର ହଲଟ ଉପରେ ଲାଞ୍ଜିଗଡ଼ ବ୍ଲକ, ନର୍ଲା, ମ. ରାମପୁର, କର୍ଲାମୁଣ୍ଡା ବ୍ଲକର ହଜାର ହଜାର ଲୋକେ ନିର୍ଭର କରନ୍ତି। କାରଣ ଏହିସବୁ ବ୍ଲକ ଅଞ୍ଚଳ ପାଇଁ ରାମଚନ୍ଦ୍ରପୁର ସବୁଠୁ ଅଧିକ ଉପଯୋଗୀ ରେଳଷ୍ଟେସନ ଭାବେ ଉଭା ହୋଇଥିଲା। କୋଭିଡ - ୧୯ କଟକଣା ପୂର୍ବରୁ ଏହି ପାସେଞ୍ଜର ହଲଟରେ ଜୁନାଗଡ଼ - ଭୁବନେଶ୍ୱର- ଜୁନାଗଡ଼ ଏକ୍ସପ୍ରେସ ଟ୍ରେନ ସମେତ ଜୁନାଗଡ଼- ରାୟପୁର -ଜୁନାଗଡ଼, ଜୁନାଗଡ଼- ସମ୍ବଲପୁର - ଜୁନାଗଡ଼ ଓ ପରବର୍ତ୍ତୀ ସମୟରେ ଜୁନାଗଡ଼- ବିଶାଖାପାଟଣା - ଜୁନାଗଡ଼ ପାସେଞ୍ଜର ଟ୍ରେନ ରହଣୀ କରୁଥିଲା। ଉପରୋକ୍ତ ଅଞ୍ଚଳର ହଜାର ହଜାର ଲୋକେ ବିଶେଷ କରି ଚାକିରିଆ, ଛାତ୍ରଛାତ୍ରୀ ଓ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ରାମଚନ୍ଦ୍ରପୁରରୁ ରାଜଧାନୀ ଭୁବନେଶ୍ୱର, ବିଶାଖାପାଟଣା, ରାୟପୁର ଓ ସମ୍ବଲପୁର ଯିବା ପାଇଁ ଏହି ପାସେଞ୍ଜର ହଲଟ ଉପରେ ନିର୍ଭର କରୁଥିଲେ। କିନ୍ତୁ କୋଭିଡ କଟକଣା ଲାଗୁ ହେବା ପରଠାରୁ ଏହି ପାସେଞ୍ଜର ହଲଟରେ ଜୁନାଗଡ଼- ଭୁବନେଶ୍ୱର, ଜୁନାଗଡ଼- ରାୟପୁର ଆଦି ଟ୍ରେନ ରହଣୀକୁ ବନ୍ଦ କରି ଦିଆଗଲା। କେବଳ ଜୁନାଗଡ଼ - ସମ୍ବଲପୁର ଓ ଜୁନାଗଡ଼- ବିଶାଖାପାଟଣା ପାସେଞ୍ଜର ଟ୍ରେନକୁ ଛାଡିଦେଲେ ଅନ୍ୟ ଟ୍ରେନ ସବୁ ଏଠାରେ ରହଣୀ କରୁନାହିଁ। ଫଳରେ ଅଞ୍ଚଳର ଲୋକଙ୍କ ପାଇଁ ଏବେ ଟ୍ରେନ ଟିକେଟଠାରୁ ଦଶଗୁଣ ମହଙ୍ଗା ହୋଇଯାଇଛି ଟ୍ରେନ ଧରିବାକୁ ଷ୍ଟେସନକୁ ଯିବା ଖର୍ଚ୍ଚ। ଯାହାକୁ ନେଇ ଅଞ୍ଚଳରେ ଧିରେ ଧିରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୀର୍ଘ ଚାଳିଶ ବର୍ଷ ତଳର ତ୍ରୁଟିପୂର୍ଣ୍ଣ ପୁରୁଣା ସର୍ଭେ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ରେଳ ବିଭାଗର ଅବହେଳାର ଫଳ ଭୋଗୁଛନ୍ତି କଳାହାଣ୍ଡି ଜିଲ୍ଲାର ଚାରିଗୋଟି ବ୍ଲକର ପ୍ରାୟ ପାଞ୍ଚ ଲକ୍ଷ ଲୋକେ। ଟ୍ରେନ ଯାତ୍ରା ସେମାନଙ୍କ ପାଇଁ ଆଜି ବି ଦିବାସ୍ୱପ୍ନ ହୋଇ ରହିଛି। ଏଣୁ ଲକ୍ଷ ଲକ୍ଷ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା, ଏଠାରେ ଜୁନାଗଡ଼ -ଭୁବନେଶ୍ୱର- ଜୁନାଗଡ଼ ଏକ୍ସପ୍ରେସ ଟ୍ରେନ ସମେତ ଜୁନାଗଡ଼- ରାୟପୁର-ଜୁନାଗଡ଼ ପାସେଞ୍ଜର ଟ୍ରେନର ରହଣୀ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି। ସେହିପରି ଓଡିଶାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଅଶ୍ୱିନୀ ବୈଷ୍ଣବଙ୍କ ସହିତ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ପ୍ରମୁଖ ଏନେଇ ସ୍ୱର ଉତ୍ତୋଳନ କରିବାକୁ ଦାବି ହେଉଛି। ଏପରିକି ଲାଞ୍ଜିଗଡ଼ ରୋଡ଼ - ଜୁନାଗଡ଼ ରେଳପଥର ଗୁରୁତ୍ୱପୂର୍ଣ୍ଣ ପାସେଞ୍ଜର ହଲଟ ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନରେ ପରିଣତ କରିବା ସହିତ ଏଠାରେ ସମସ୍ତ ଟ୍ରେନର ରହଣୀ, ଟିକେଟ ବୁକିଂ କାଉଣ୍ଟର ଖୋଲାଯିବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ତଥା ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ। ଏହାର ପ୍ରତିଲିପି ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦଙ୍କୁ ମଧ୍ୟ ସେ ପ୍ରେରଣ କରିଥିବା ଜଣାପଡିଛି।

# ଏଣିକି କାଦୁଅ ନୁହଁ ପିଚୁ ରାସ୍ତା ଦେଇ ଚାଲିବେ ଗ୍ରାମବାସୀ

**ଓଡ଼ିଶା ଭାସ୍କରର ପ୍ରଭାବ**


ଧର୍ମଗଡ (ଭାସ୍କର ନ୍ୟୁଜ୍) : ଗତ ୧ତାରିଖ ଦିନ ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରଇନଗୁଡା ଗ୍ରାମର ମୁଖ୍ୟ ସମସ୍ୟା ରାସ୍ତା ଖବର ଓଡ଼ିଶା ଭାସ୍କରରେ ପ୍ରସାରଣ ହୋଇଥିଲା। ଖବରପ୍ରସାରଣର ମହାପ୍ରଭାବରେ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଗାଁକୁ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସ୍ୱାଧୀନତାର ୭୯ବର୍ଷ ପୂର୍ତ୍ତି ହୋଇଥିଲେ ହିଁ ଗାଁକୁ ଆଜି ଯାଏ ପକ୍କା ରାସ୍ତା ଖଣ୍ଡିକ ନାହିଁ। ଲୋକେ ନାହିଁ ନ ଥିବା ସ୍ଥିତିରେ କାଦୁଅ ଓ ଆଣ୍ଠୁଏ ପାଣି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଏପରିକି ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ବିପନ୍ନ ଭାବେ ଯାତାୟାତ କରୁଥିବା ନଜର ରହିଛି। ଜୟନ୍ତପୁର-ବେହେରା ମୁଖ୍ୟ ରାସ୍ତା ଠାରୁ ମାତ୍ର ୧କିମି ଦୂର ପଶ୍ଚିମରେ ଗାଁ ଅବସ୍ଥିତ ରହିଛି। ରାସ୍ତା ଖଣ୍ଡକ ପାଇଁ ପ୍ରଶାସନ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ଠାରେ କଥା ଯାଇ ଥିଲେ ହିଁ ଆଜି ଯାଏ କୌଣସି ବ୍ୟବସ୍ଥା ହୋଇ ପାରିନି। ଏହି ଖବର ଓଡ଼ିଶା ଭାସ୍କରରେ ପ୍ରସାରଣ ପରେ ଖୁଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ୟା ପରଖିବାକୁ ଆସି ଗାଁ ଲୋକଙ୍କ ସହ ଆଲୋଚନା କରି ଶେଷରେ ପ୍ରତିଶ୍ରୁତି ଦେଇଛନ୍ତି। ଗାଁ ଲୋକଙ୍କ କହିବା ମତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ -ଆସନ୍ତା ବର୍ଷ ବ୍ୟୟ ବରାଦରେ ରାସ୍ତା କାମ ଆରମ୍ଭ ହେବ-ଏଣିକି କାଦୁଅ ନୁହଁ ବରଂ ପିଚୁ ରାସ୍ତାରେ ଗ୍ରାମବାସୀ ଯାତାୟାତ କରିବେ ବୋଲି ଭରପୁର ପ୍ରତିଶ୍ରୁତି ଦେଇଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ଦେଖା ଦେଇଛି। ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣକ ଦକ୍ଷ ପ୍ରଶାସନ ହୋଇଥିବା ଓ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ତ୍ୱରାନ୍ୱିତ ଭାବେ ସମାଧାନ କରୁଥିବା ନଜର ରହିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ରଇନଗୁଡ଼ା ରାସ୍ତା ପ୍ରତି ପଡିଥିବା ଓ ଜଣେ କର୍ତ୍ତବ୍ୟ ନିଷ୍ଠା ଅଧିକାରୀ ହୋଇଥିବା ଯୋଗୁଁ ତାଙ୍କ ପ୍ରତିଶ୍ରୁତି ନିହାତି ସାକାର ହେବ ବୋଲି ଗ୍ରାମର ଜୟରାମ ଦୁରିଆ, ବୈଷ୍ଣବ ନାଏକ, ଲୋହିତ ଦୁରିଆ, ଶ୍ୱେତ ରାମ ନାଏକ, ମହେନ୍ଦ୍ର ଦୁର୍ଗା ପ୍ରମୁଖ ପ୍ରକାଶ କରିଛନ୍ତି।

## ରାଶିଫଳ


ଗୁରୁବାର, ୦୪ ସେପ୍ଟେମ୍ବର ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।




**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।




**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ଜ୍ୟୋତିଷ ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯